# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୩୧/୨୦୨୦ (୧୬ ପୃଷ୍ଠା) | Bhubaneswar, Thursday, December 31/2020 | ★★★★★★

୪୭ଶ ଭାଗ ୩୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଘାଇଲା କରୁଛି ଦିଶାଙ୍କ ଫଟୋ**

ଅଭିନେତ୍ରୀ ଦିଶା ପଟାନୀଙ୍କ ଏକ ଫଟୋକୁ ଇନ୍‌ଷ୍ଟାଗ୍ରାମରେ ଦର୍ଶକ ବେଶ୍ ପସନ୍ଦ କରିଛନ୍ତି। ଫଟୋରେ ସେ ହଳଦିଆ ବିକିନି ପିନ୍ଧି ଏକ ସର୍ଫବୋର୍ଡ ଉପରେ ଠିଆ ହୋଇଥିବା ଦେଖାଯାଇଛି। ୧୪

୧୧ **ଥାଇଲାଣ୍ଡ ବ୍ୟାଡ୍‌ମିଣ୍ଟନରେ ସିନ୍ଧୁ ଖେଳିବେ**

କୋଭିଡ-୧୯ ଜନିତ ବ୍ରେକ୍ ପରେ ବିଶ୍ୱ ଚାମ୍ପିୟନ ପି.ଭି. ସିନ୍ଧୁ ଥାଇଲାଣ୍ଡ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି।



# ଅଫେରା ରାଇଜରେ ଶାନ୍ତନୁ

**ତାଙ୍କ ନିର୍ଦ୍ଦେଶିତ ସଙ୍ଗୀତ ହିଁ ତାଙ୍କୁ ଅମର କରି ରଖିବ: ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୩୦।୧୨(ବ୍ୟୁରୋ)

ବିଶିଷ୍ଟ ଓଡ଼ିଆ ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ରଙ୍କର ମଙ୍ଗଳବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ତାଙ୍କୁ ୮୪ ବର୍ଷ ହୋଇଥିଲା। ନିମୋନିଆରେ ଆକ୍ରାନ୍ତ ହୋଇ ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେ ଆଖି ବୁଜିଥିବା ପୁଅ କୌଶିକ ମହାପାତ୍ର ସୂଚନା ଦେଇଛନ୍ତି। ବୁଧବାର ହସ୍ପିଟାଲରୁ ତାଙ୍କ ପାର୍ଥିବ ଶରୀରକୁ ଭୁବନେଶ୍ୱର ପଳାସପଲ୍ଲୀସ୍ଥିତ ବାସଭବନକୁ ନିଆଯାଇଥିଲା। ସେଠାରେ ବନ୍ଧୁ ପରିଜନ ଓ ଶୁଭେଚ୍ଛୁମାନେ ଶେଷ ଦର୍ଶନ କରିଥିଲେ। ଏହାପରେ ସତ୍ୟନଗର ଶ୍ମଶାନରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ମହାପାତ୍ରଙ୍କ ବିୟୋଗରେ ସଙ୍ଗୀତ ଓ ଚଳଚ୍ଚିତ୍ର ଜଗତରେ ଶୋକର ଛାୟା ଖେଳିଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି। ତାଙ୍କ ନିର୍ଦ୍ଦେଶିତ ସଙ୍ଗୀତ ହିଁ ତାଙ୍କୁ ଅମର କରି ରଖିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଓଡ଼ିଶାର ସଙ୍ଗୀତ କ୍ଷେତ୍ରରେ ଜଣେ ବର୍ଷିଆନ ବ୍ୟକ୍ତିତ୍ୱଭାବେ ପରିଚିତ ଶାନ୍ତନୁ ଜୀବନ ତମାମ ସଙ୍ଗୀତ ସାଧନାରେ ବ୍ରତୀ ଥିଲେ। ୧୯୩୬ ନଭେମ୍ବରରେ ମୟୂରଭଞ୍ଜ ଜିଲା ବାରିପଦାଠାରେ ସେ ଜନ୍ମ ହୋଇଥିଲେ। ଆଇଆଇଟି ଖଡ଼ଗପୁରରୁ ଆପ୍ଲାଏଡ୍ ☞ପୃଷ୍ଠା-୪


ଶାନ୍ତନୁ ମହାପାତ୍ର

# ଖାଦ୍ୟ ନାଁରେ ବିଷ ବେପାର

ଭୁବନେଶ୍ୱର,୩୦।୧୨(ବ୍ୟୁରୋ)

ଖାଦ୍ୟ ନାଁରେ ବିଷ ବେପାର ଚାଲିଛି। ଅଧିକ ମୁନାଫା କମାଇବା ଆଶାରେ ଅସାଧୁ ବ୍ୟବସାୟୀମାନେ ଜନସ୍ୱାସ୍ଥ୍ୟ ସହ ଭୟଙ୍କର ଖେଳ ଖେଳୁଛନ୍ତି। ଖାଦ୍ୟସାମଗ୍ରୀ ଅପମିଶ୍ରଣ ଜନସ୍ୱାସ୍ଥ୍ୟ ପ୍ରତି ବଡ଼ ବିପଦ ଭାବେ ଦେଖାଦେଇଛି। ତେଲ, ଘିଅ, ସସ୍ ଓ ବିଭିନ୍ନ ପ୍ରକାର ମସଲାଗୁଣ୍ଡରେ ଅପମିଶ୍ରଣ ବଢ଼ି ଚାଲିଥିବାବେଳେ ଏବେ ସିନ୍ଥେଟିକ୍ ପନିର ଜନସାଧାରଣଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି। ଦୋକାନ ବଜାରରେ ମିଳୁଥିବା ସାମଗ୍ରୀକୁ ଗ୍ରାହକମାନେ ଆଖିବୁଜି କ୍ରୟ କରୁଛନ୍ତି। ତେବେ ପ୍ୟାକେଟ୍‌ରେ ଥିବା ଖାଦ୍ୟସାମଗ୍ରୀ କେତେ ସୁରକ୍ଷିତ ତାହା ସମସ୍ତଙ୍କୁ ଅଜଣା। କଟକଠାରୁ ଆରମ୍ଭ କରି ବାଲେଶ୍ୱର ଏବଂ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ଖାଦ୍ୟ ଅପମିଶ୍ରଣର ଚୋରା ବେପାର ବଢ଼ିଚାଲିଛି। ଏସବୁ ଉପରେ ଲଗାମ ଲଗାଇବାରେ ପୋଲିସ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏକ ପ୍ରକାର ବିଫଳ ହୋଇଛି। ଖାଦ୍ୟସାମଗ୍ରୀର ନିୟମିତ ଯାଞ୍ଚ ହେଉ ନ ଥିବାରୁ ପରିସ୍ଥିତି ବେଳକୁ ବେଳ ଅସମ୍ଭାଳ ହେବାରେ ଲାଗିଛି।

ଖାଦ୍ୟସାମଗ୍ରୀ ଭେଜାଲ ରୋକିବାକୁ ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ୍ସ ଅଥରିଟି ଅଫ୍ ଇଣ୍ଡିଆ (ଏଫ୍‌ଏସ୍‌ଏସ୍‌ଏଆଇ)ଗାଇଡ୍‌ଲାଇନ ଜାରି କରିଛନ୍ତି। ନିୟମିତ ଖାଦ୍ୟ ନମୁନା ସଂଗ୍ରହ କରି ସେଗୁଡ଼ିକୁ ଲାବରେଟୋରିରେ ପରୀକ୍ଷା କରିବା ପାଇଁ ବ୍ୟବସ୍ଥା ରହିଛି। ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରୁ ନମୁନା ସଂଗ୍ରହ କରିବା ସହ ନକଲି ଖାଦ୍ୟସାମଗ୍ରୀ ପ୍ରତି ଜନସଚେତନତା ସୃଷ୍ଟି କରିବାକୁ ଏଫ୍‌ଏସ୍‌ଏସ୍‌ଏଆଇ ମୋବାଇଲ ଲାବରେଟୋରି ବ୍ୟବସ୍ଥା କରିଛନ୍ତି। ଅନ୍ୟ ରାଜ୍ୟ ସମେତ ଓଡ଼ିଶାକୁ ମଧ୍ୟ ଖାଦ୍ୟ ନମୁନା ଯାଞ୍ଚ କରିବାକୁ ମୋବାଇଲ ଲାବରେଟୋରି ଯୋଗାଇ ଦିଆଯାଇଛି। ୨୦୧୮ରୁ ମୋବାଇଲ ଭ୍ୟାନ୍ ଜରିଆରେ ଖାଦ୍ୟ ନମୁନା ସଂଗ୍ରହ ପରୀକ୍ଷା ପାଇଁ ବ୍ୟବସ୍ଥା ହୋଇଛି। ଏତେସବୁ ବ୍ୟବସ୍ଥା ସତ୍ତ୍ୱେ ରାଜ୍ୟରେ ଭେଜାଲ ଖାଦ୍ୟସାମଗ୍ରୀ କାରଖାନା ହୁ ହୁ ବଢ଼ିଚାଲିଛି। ମିଳିଥିବା ସୂଚନା ଅନୁଯାୟୀ ୨୦୧୮-୧୯ରେ ୧୯୨୬ଟି ଖାଦ୍ୟସାମଗ୍ରୀ ନମୁନା ସଂଗ୍ରହ କରାଯାଇଥିବା ବେଳେ ୨୦୧୯-୨୦ ବର୍ଷରେ ଏହା ୨୯୦୨କୁ ବୃଦ୍ଧି ପାଇଛି । ଏହି ୨୯୦୨ ଖାଦ୍ୟ ନମୁନା ମଧ୍ୟରୁ ୫୯୬ ଅପମିଶ୍ରିତ ବା ଭେଜାଲ ଜଣାପଡ଼ିଛି। ସରକାରୀ ଭାବେ ଏହା କୁହାଯାଉଥିବା ବେଳେ ଗତ ୪ ବର୍ଷ ☞ପୃଷ୍ଠା-୪


କଟକ ଓଏମ୍‌ପି ଛକରୁ ଜବତ ହୋଇଥିବା ଅପମିଶ୍ରିତ ପନିର।

## ୧ କୁଇଣ୍ଟାଲ ସିନ୍ଥେଟିକ୍ ପନିର ଜବତ

କଟକ ଅଫିସ,୩୦।୧୨

କଟକ ସହରରେ ନକଲି ଘିଅ, ସସ୍, ମସଲା ଓ ଗୁଟ୍‌ଖା କାରଖାନା ଠାବ ପରେ ଏବେ ଅପମିଶ୍ରିତ ପନିର ଜବତ କରାଯାଇଛି। ବୁଧବାର ଓଏମ୍‌ପି ଛକ ନିକଟରେ ଏକ ଘରୋଇ ବସ୍‌ରୁ ଚାଉଳିଆଗଞ୍ଜ ପୋଲିସ ଏକ କୁଇଣ୍ଟାଲ ଭେଜାଲ ତଥା ସିନ୍ଥେଟିକ ପନିର ଜବତ କରିଛି। ଏହି ଘଟଣାରେ ଜଣଙ୍କୁ ଅଟକ ରଖାଯାଇଛି। ତାଙ୍କ ନାମ ଶୁକଦେବ ସାହୁ। ସେ କୋଲକାତାରୁ ଏହି ସିନ୍ଥେଟିକ ପନିର ଆଣି କଟକ ଓ ଆଖପାଖ ଅଞ୍ଚଳରେ ବିକ୍ରି କରୁଥିଲେ ବୋଲି ସ୍ୱୀକାର କରିଥିବା ପୋଲିସ କହିଛି।

ସୂଚନା ଅନୁଯାୟୀ, ଦୀର୍ଘଦିନ ହେଲା କୋଲକାତାରୁ ଭେଜାଲ ପନିର ବିକ୍ରି ଲାଗି କଟକ ଅଣାଯାଉଥିଲା। ତେବେ ବୁଧବାର ପୋଲିସକୁ ଏ ସମ୍ପର୍କରେ ସୂଚନା ମିଳିଥିଲା। କଟକ ଏସିପି ଜୋନ୍-୧ ଅମରେନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଚାଉଳିଆଗଞ୍ଜ ଥାନା ପୋଲିସ ଏବଂ ସ୍ୱାସ୍ଥ୍ୟ ବିଭାଗର ☞ପୃଷ୍ଠା-୪

## ୪୮୩୭ କୋଟିର ବ୍ୟାଙ୍କ ଠକେଇ

ହାଇଦ୍ରାବାଦ,୩୦।୧୨

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ପକ୍ଷରୁ ହାଇଦ୍ରାବାଦ ଭିତ୍ତିକ ଫାର୍ମ ଆଇଭିଆର୍‌ସିଏଲ୍ ବିରୋଧରେ ୪,୮୩୭ କୋଟି ଟଙ୍କାର ଠକେଇ ମାମଲା ରୁଜୁ ହୋଇଛି। ସିବିଆଇ ଏହି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଇ.ସୁଧୀର ରେଡ୍ଡିଙ୍କ ବାସଭବନ ଉପରେ ବୁଧବାର ଚଢ଼ାଉ କରିଛି। କମ୍ପାନୀର ଉପ ପରିଚାଳନା ନିର୍ଦ୍ଦେଶକ ଆର୍.ବାଲାରମଣୀ ରେଡ୍ଡିଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଏମାନେ କନ୍‌ସୋର୍ଟିୟମ ବ୍ୟାଙ୍କକୁ ଠକେଇ କରିଛନ୍ତି। ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)ର ଅଭିଯୋଗ ପରେ ଏଜେନ୍ସି ଏହି ମାମଲାର ତଦନ୍ତ ଲାଗି ହାତକୁ ନେଇଛି। ଠକେଇ ହୋଇଥିବା ଅନ୍ୟ ବ୍ୟାଙ୍କ ମଧ୍ୟରେ ଆଇଡିବିଆଇ ବ୍ୟାଙ୍କ, କାନାରା, ଆନ୍ଧ୍ରା ବ୍ୟାଙ୍କ, କର୍ପୋରେଶନ ବ୍ୟାଙ୍କ, ଏକ୍ସିମ ବ୍ୟାଙ୍କ, ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କ ଏବଂ ୟୁନିୟନ ବ୍ୟାଙ୍କ ରହିଛନ୍ତି।


**ବ୍ରେକ୍‌ଜିଟ୍ ଟ୍ରେଡ୍ ଡିଲ୍‌କୁ ବ୍ରିଟେନ ଏମ୍‌ପିଙ୍କ ମଞ୍ଜୁରୀ**

**ଜାନୁୟାରୀ ୩୧ ଯାଏ ଅନ୍ତର୍ଜାତୀୟ ବିମାନ ସେବା ବନ୍ଦ**

୪


## ଆଇଟିଆର୍ ଫାଇଲିଂ ଅବଧି ୧୦ ଯାଏ ବୃଦ୍ଧି

ନୂଆଦିଲ୍ଲୀ,୩୦।୧୨

ଆୟକରଦାତାଙ୍କୁ ଆଶ୍ୱସ୍ତି। ଆୟକର ରିଟର୍ନ (ଆଇଟିଆର୍) ଫାଇଲିଂ ଅବଧିକୁ ସରକାର ଜାନୁୟାରୀ ୧୦ ଯାଏ ବୃଦ୍ଧି କରିଛନ୍ତି। ଏହି ସମୟ ସୀମା ଡିସେମ୍ବର ୩୧ ରହିଥିବା ବେଳେ ଟିକସଦାତାଙ୍କ ସୁବିଧାକୁ ଧ୍ୟାନରେ ରଖି ସମୟ ସୀମାରେ ଏଭଳି କୋହଳ କରାଯାଇଛି। କୋଭିଡ୍-୧୯ ଯୋଗୁ ଲୋକମାନେ ବିଭିନ୍ନ ସମସ୍ୟାକୁ ସାମ୍ନା କରୁଛନ୍ତି। ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**ପ୍ରାଣୀମାନଙ୍କ ଅଦ୍ଭୁତ ବୁଦ୍ଧି**


# ଖୋଲିବ ସିନେମା ହଲ୍

ଭୁବନେଶ୍ୱର,୩୦।୧୨(ବ୍ୟୁରୋ)

କୋଭିଡ୍-୧୯ କଟକଣା ଜାରି ହେବା ପରଠାରୁ ୧୦ ମାସ ହେବ ସିନେମା ହଲ୍, ଥିଏଟର ଆଦି ବନ୍ଦ ରହିଥିଲା। ତେବେ ୨୦୨୧ ଜାନୁୟାରୀ ପହିଲାରୁ ଏସବୁ ଖୋଲିବାକୁ ଅନୁମତି ଦିଆଯାଇଛି। ବୁଧବାର ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ଜାନୁୟାରୀ ପାଇଁ ଗାଇଡ୍‌ଲାଇନ ଜାରି କରାଯାଇଛି। ଜାନୁୟାରୀ ପହିଲାରୁ ସିନେମା ହଲ୍, ଥିଏଟରଗୁଡ଼ିକ ସମୁଦାୟ ବସିବା ସିଟ୍‌ର ୫୦ ପ୍ରତିଶତରେ ଖୋଲିବ। ତେବେ ଯାତ୍ରା ପାଇଁ ସ୍ଥାନୀୟ ପ୍ରଶାସନିକ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନେବାକୁ ହେବ। ଏଥିସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର(ଏସ୍‌ଓପି)କୁ ଅନୁସରଣ କରିବାକୁ ହେବ। ଥର୍ମାଲ ସ୍କାନିଂ, ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ରକ୍ଷା କରିବାକୁ ବାଧ୍ୟତାମୂଳକ କରାଯାଇଛି। ହେଲେ ଜାନୁୟାରୀରେ ସ୍କୁଲ ଖୋଲିବା ନେଇ ସରକାର କୌଣସି ନିଷ୍ପତ୍ତି ନେଇନାହାନ୍ତି। ନବମରୁ ଦ୍ୱାଦଶ ଶ୍ରେଣୀ ଯାଏ ସ୍କୁଲ ଖୋଲିବା ନିଷ୍ପତ୍ତି ସ୍କୁଲ ଓ ଗଣଶିକ୍ଷା ବିଭାଗ ଉପରେ ନ୍ୟସ୍ତ କରାଯାଇଛି। ବିଭିନ୍ନ ଷ୍ଟେକ୍ ହୋଲ୍‌ଡରଙ୍କ ସହ ☞ପୃଷ୍ଠା-୪



**ଜାନୁୟାରୀ ଗାଇଡ୍‌ଲାଇନ୍**
- ଝୁଲିଲା ସ୍କୁଲ ଖୋଲିବା ନିଷ୍ପତ୍ତି
- ଯାତ୍ରା ପାଇଁ ସ୍ଥାନୀୟ ପ୍ରଶାସନ ଦେବ ଅନୁମତି
- ରାଜ୍ୟରେ ଜିରୋ ନାଇଟ୍ ପାଳନକୁ ନା
- ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରହିବ
- ଶୁଦ୍ଧିକ୍ରିୟାରେ ୧୦୦, ବିବାହ ଉତ୍ସବରେ ସର୍ବାଧିକ ୨୦୦ ଜଣଙ୍କୁ ଅନୁମତି

## ୭୫% କର୍ମଚାରୀରେ ଚାଲିବ ଭୁବନେଶ୍ୱର, କଟକ ସରକାରୀ ଅଫିସ

ଭୁବନେଶ୍ୱର,୩୦।୧୨(ବ୍ୟୁରୋ)

ଜାନୁୟାରୀରେ ଭୁବନେଶ୍ୱର ଏବଂ କଟକରେ ଥିବା ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ଏବଂ କାର୍ଯ୍ୟାଳୟଗୁଡ଼ିକ ୭୫% କର୍ମଚାରୀରେ କାମ କରିବ। ଏହି ୭୫% କର୍ମଚାରୀଙ୍କ ଭିତରେ ଗ୍ରୁପ୍-ଏ ଅଧିକାରୀମାନେ ମଧ୍ୟ ସାମିଲ। ହେଲେ ଏହାଦ୍ୱାରା ଯେପରି କୌଣସି କାର୍ଯ୍ୟ ବାଧାପ୍ରାପ୍ତ ନ ହେବ ସେଥିପ୍ରତି ଧ୍ୟାନଦେବା ଲାଗି କୁହାଯାଇଛି। ଅନ୍ୟପଟେ ରାଜ୍ୟର ସବୁ ସରକାରୀ କାର୍ଯ୍ୟାଳୟ ଶନିବାର ବନ୍ଦ ରହିବ ବୋଲି ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ହେଲେ ଜରୁରିକାଳୀନ ବିଭାଗଭାବେ ଗଣତି ହେଉଥିବା ଏସ୍‌ଆର୍‌ସି, ଓଏସ୍‌ଡିଏମ୍‌ଏ, ☞ପୃଷ୍ଠା-୪

# ପାରାଦୀପ ବନ୍ଦର ହେବ ବିଶ୍ୱସ୍ତରୀୟ

**ସ୍ଥାପନ ହେବ ୱେଷ୍ଟର୍ନ ଡକ୍**
- ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ
- ୩ ହଜାର କୋଟି ନିବେଶ ଯୋଜନା
- ସୃଷ୍ଟି ହେବ ୧ ହଜାର ନିଯୁକ୍ତି



ନୂଆଦିଲ୍ଲୀ,୩୦।୧୨

ପାରାଦୀପ ବନ୍ଦରରେ ୱେଷ୍ଟର୍ନ ଡକ୍(ପୋତାଶ୍ରୟ) ପ୍ରକଳ୍ପ ସ୍ଥାପନ କରାଯିବ। ଏହି ପ୍ରକଳ୍ପ ସମେତ ବନ୍ଦର ମଧ୍ୟରେ ଆଭ୍ୟନ୍ତରୀଣ ସୁବିଧାକୁ ବଢ଼ାଇବା ନେଇ ମଧ୍ୟ ଯୋଜନା ଧାର୍ଯ୍ୟ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ଏ ସଂକ୍ରାନ୍ତ ପ୍ରସ୍ତାବକୁ ବୁଧବାର ମଞ୍ଜୁରୀ ମିଳିଛି। ଉକ୍ତ ପ୍ରକଳ୍ପ ଲାଗି ମୋଟ ୩ ହଜାର ୪ କୋଟି ଟଙ୍କା ବ୍ୟୟ କରାଯିବ। ପ୍ରକଳ୍ପ ସରକାରୀ ବେସରକାରୀ ସହଯୋଗ(ପିପିପି) ଭିତ୍ତିରେ ହେବ ବୋଲି ସୂଚନା ମିଳିଛି।

ପୂର୍ବୋଦୟ ମିଶନରେ ପୂର୍ବ ଭାରତର ବିକାଶକୁ ନଜରରେ ରଖି ଏଭଳି ପଦକ୍ଷେପ ନିଆଯାଇଥିବା କେନ୍ଦ୍ର ସରକାର କହିଛନ୍ତି। ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇବା ଦିଗରେ ମଧ୍ୟ ଏହା ଯୋଗଦାନ ରଖିବ। ପ୍ରସ୍ତାବିତ ପ୍ରକଳ୍ପର ମୋଟ ୧ ହଜାର ଲୋକ ପ୍ରତ୍ୟକ୍ଷ ନିଯୁକ୍ତି ପାଇବେ ବୋଲି ଆକଳନ କରାଯାଇଛି। ଆସନ୍ତା ୫ ବର୍ଷ ମଧ୍ୟରେ ବନ୍ଦର ମାଧ୍ୟମରେ ବାର୍ଷିକ କାରବାର ୧୭୦ ନିୟୁତ ଟନ୍ ଅତିକ୍ରମ କରିବା ନେଇ ଆଶା କରାଯାଉଛି। ନୂଆ ପ୍ରକଳ୍ପ ମାଧ୍ୟମରେ ବନ୍ଦରର ପାରିପାର୍ଶ୍ୱିକ କ୍ଷେତ୍ରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବାର୍ଷିକ ୨୫ ନିୟୁତ ଟନ୍ କ୍ଷମତା ସୃଷ୍ଟି କରିବାକୁ ଯୋଜନା ରଖାଯାଇଛି। ଦେଶର ପ୍ରମୁଖ ବନ୍ଦରଗୁଡ଼ିକରେ ବଡ ଜାହାଜ ପରିଚାଳନା ଲାଗି ପର୍ଯ୍ୟାପ୍ତ ଭିତ୍ତିଭୂମିର ଅଭାବ ରହିଛି। କମ୍ ସମୟ ମଧ୍ୟରେ ବଡ ଜାହାଜର ଆବଶ୍ୟକତା ରହିଥିବା ବେଳେ ଏହି ବର୍ଗର ଜାହାଜ ପାରାଦୀପ ବନ୍ଦରରେ ଲାଗିବାରେ ସମସ୍ୟା ଉପୁଜୁଛି। ☞ପୃଷ୍ଠା-୪




# ଅଚଳାବସ୍ଥା ଦୂର ହେଲାନି

**୪ରେ ପୁଣି କେନ୍ଦ୍ର-କୃଷକ ଆଲୋଚନା**

ନୂଆଦିଲ୍ଲୀ,୩୦।୧୨(ପି.ଟି.)

କୃଷକ ସଂଗଠନ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ବୁଧବାର ଅନୁଷ୍ଠିତ ଷଷ୍ଠ ପର୍ଯ୍ୟାୟ ଆଲୋଚନା ଅଚଳାବସ୍ଥା ଦୂର କରିବାରେ ବିଫଳ ହୋଇଛି। ବିଦ୍ୟୁତ୍ ଆଇନ ଏବଂ ନଡ଼ା ପୋଡ଼ି ପାଇଁ ଜରିମାନା ଅଧ୍ୟାଦେଶ ପ୍ରସଙ୍ଗରେ ଉଭୟ ପକ୍ଷ ସହମତ ହୋଇଛନ୍ତି। ଚାଷୀଙ୍କୁ ପୂର୍ବଭଳି ବିଦ୍ୟୁତ୍ ଦେୟରେ ସବ୍‌ସିଡି ଦେବାକୁ ସରକାର ରାଜି ହୋଇଛନ୍ତି। ସେହିପରି ନଡ଼ାପୋଡ଼ି ଅଧ୍ୟାଦେଶରେ ଥିବା ଜରିମାନା ବ୍ୟବସ୍ଥା ଉଠାଇନେବା ଦାବିକୁ ମଧ୍ୟ କେନ୍ଦ୍ର ଗ୍ରହଣ କରିଛି। ତେବେ ଚାଷୀଙ୍କ ମୁଖ୍ୟ ଦାବି ୩ କୃଷି ଆଇନ ପ୍ରତ୍ୟାହାର ଏବଂ ଏମ୍‌ଏସ୍‌ପି (ସର୍ବନିମ୍ନ ସହାୟକ ମୂଲ୍ୟ) ଉପରେ ଆଇନଗତ ଗ୍ୟାରେଣ୍ଟିକୁ ନେଇ ସମାଧାନର ସୂତ୍ର ବାହାରିପାରି ନାହିଁ। ଫଳରେ ଜାନୁୟାରୀ ୪ରେ ପୁଣିଥରେ ଆଲୋଚନା କରିବାକୁ ସ୍ଥିର ହୋଇଛି।

ଆନ୍ଦୋଳନରତ କୃଷକ ସଂଗଠନର ୪୧ ଜଣ ପ୍ରତିନିଧି ଓ ୩ କେନ୍ଦ୍ରମନ୍ତ୍ରୀଙ୍କ ମଧ୍ୟରେ ବିଜ୍ଞାନ ଭବନରେ ଦୀର୍ଘ ୫ ଘଣ୍ଟା ଧରି ଆଲୋଚନା ଚାଲିଥିଲା। କାର୍ଯ୍ୟସୂଚୀରେ ଥିବା ୪ ପ୍ରସଙ୍ଗରୁ ୨ଟିରେ ସହମତି ହୋଇଥିବାବେଳେ ଅନ୍ୟ ଦୁଇଟି ଉପରେ ଜାନୁୟାରୀ ୪ରେ ଆଲୋଚନା ଜାରି ରହିବ ବୋଲି କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଛନ୍ତି। ☞ପୃଷ୍ଠା-୪

## ୬ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର

ଭୁବନେଶ୍ୱର,୩୦।୧୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁର୍ନୀତି ପ୍ରତି ଶୂନ ସହନଶୀଳତା ନୀତି ଅବଲମ୍ବନ କରିଆସିଛନ୍ତି। ଏହି କ୍ରମରେ ରାଜ୍ୟ ସରକାର ବୁଧବାର ଦୁର୍ନୀତି ଓ କର୍ତ୍ତବ୍ୟ ପାଳନରେ ଅବହେଳା କରି ଚାକିରିରୁ ବହୁ ବାର ନିଲମ୍ବିତ ହୋଇଥିବା ୬ ଜଣ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି। କେନ୍ଦୁଝର ପୂର୍ତ୍ତ ଡିଭିଜନର ଡେପୁଟି ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଅଜିତ କୁମାର ଦେବତାଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା, କଟକ ଆର୍ ଆଣ୍ଡ ବି ଡିଭିଜନର ସହକାରୀ ☞ପୃଷ୍ଠା-୪

## ଟିକା ନେଇ ନର୍ସ ସଂକ୍ରମିତ

କାଲିଫର୍ନିଆର ନର୍ସ ମାଥ୍ୟୁ ଡବ୍ଲ୍ୟୁ(୪୫) ଫାଇଜର ଟିକା ନେବା ପରେ କରୋନାରେ ସଂକ୍ରମିତ ହୋଇଛନ୍ତି। ପ୍ରାୟ ସପ୍ତାହେ ପୂର୍ବରୁ ସେ ଏହି ଭାକ୍ସିନ ନେଇଥିଲେ। ଜ୍ୱର ସହ ମାଂସପେଶୀ ବ୍ୟଥା ଯୋଗୁ ସେ ଟେଷ୍ଟ କରାଇବା ପରେ ରିପୋର୍ଟ ପଜିଟିଭ୍ ଆସିଛି।

## ସଂକ୍ଷେପରେ

### ଆର୍ଜେଣ୍ଟିନାରେ ଗର୍ଭପାତକୁ ଅନୁମତି



**ବୁଏନ୍ସ ଏରିସ୍, ୩୦।୧୨:** ପ୍ରସବ ପାଇଁ ଇଚ୍ଛା କରୁ ନ ଥିବା ମହିଳା ଗର୍ଭପାତ କରାଇଲେ ତାହା ଆଇନସମ୍ମତ। ଏ ସଂକ୍ରାନ୍ତ ବିଲ୍ ଆର୍ଜେଣ୍ଟିନା ସିନେଟ୍‌ରେ ଅନୁମୋଦିତ ହୋଇଛି। ଦଶନ୍ଧି ଧରି ମହିଳାଙ୍କ ଏହି ଅଧିକାର ପାଇଁ ଦାବି ରଖି ଆସୁଥିବା ସଙ୍ଗଠନଗୁଡ଼ିକ ପକ୍ଷରୁ ଉତ୍ସବ ପାଳନ କରାଯାଇଛି। ଗର୍ଭଧାରଣର ୧୪ ସପ୍ତାହ ପର୍ଯ୍ୟନ୍ତ ଗର୍ଭପାତ କରାଯାଇପାରିବ। ବଳାତ୍କାର ପୀଡ଼ିତା କିମ୍ବା ପ୍ରସବ ପରେ ମା'ଙ୍କ ଜୀବନ ପ୍ରତି ବିପଦ ଥିବା ମାମଲାରେ ମଧ୍ୟ ଆବର୍ସନକୁ ଅନୁମତି ମିଳିଛି। ଏହି ବିଲ୍ ପୂର୍ବରୁ ଆର୍ଜେଣ୍ଟିନା ଚାମ୍ବର ଅଫ୍ ଡେପୁଟି ଦ୍ୱାରା ଅନୁମୋଦିତ ହୋଇଛି। ରାଷ୍ଟ୍ରପତି ଆଲବର୍ଟ ଫର୍ନାଣ୍ଡିଜ୍ ଏହାକୁ ସମର୍ଥନ କରିଛନ୍ତି।

### ମଡର୍ନା ନେଲେ କମଳା ହାରିସ୍

**ୱାଶିଂଟନ୍, ୩୦।୧୨:** ଆମେରିକାର ନବନିର୍ବାଚିତ ଉପରାଷ୍ଟ୍ରପତି କମଳା ହାରିସ୍ ବୁଧବାର କୋଭିଡ୍ ଟିକା ମଡର୍ନାର ପ୍ରଥମ ଡୋଜ ନେଇଛନ୍ତି। ଟିକାର ବିଶ୍ୱସନୀୟତା ଏବଂ ଲୋକଙ୍କ ମଧ୍ୟରେ ଉତ୍ସାହ ବଢ଼ାଇବା ପାଇଁ କମଳା ଭାକ୍ସିନ ନେବା ଦୃଶ୍ୟର ସିଧାପ୍ରସାରଣ କରାଯାଇଥିଲା। ହାରିସ୍‌ଙ୍କ ସହ ତାଙ୍କ ସ୍ୱାମୀ ଡଗ୍ ଏମହଫ୍ ମଧ ମଡର୍ନା ଟିକା ନେଇଛନ୍ତି। ଗତ ୨୧ ତାରିଖରେ ନବ ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ତାଙ୍କ ପତ୍ନୀ ଫାଇଜର ଟିକାର ପ୍ରଥମ ଡୋଜ୍ ନେଇଥିଲେ।

### ଶତାଧିକ ମହିଳାଙ୍କୁ ବ୍ଲାକମେଲ୍

**ନୂଆଦିଲ୍ଲୀ, ୩୦।୧୨:** ଶତାଧିକ ମହିଳାଙ୍କ ନଗ୍ନ ଫଟୋ ବ୍ୟବହାର କରି ବ୍ଲାକ୍‌ମେଲ କରୁଥିବା ଜଣେ ୨୬ ବର୍ଷୀୟ ଯୁବକଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଛି। ନୋଇଡାରେ ରହୁଥିବା ସୁମିତ ଝା ମହିଳାମାନଙ୍କ ଅଶ୍ଳୀଳ ଫଟୋ ସୋସିଆଲ ମିଡିଆରେ ଛାଡ଼ିବାର ଧମକ ଦେଇ ସେମାନଙ୍କଠାରୁ ଟଙ୍କା ଦାବି କରୁଥିଲେ। ଦିଲ୍ଲୀର ଜଣେ ଯୁବତୀ ଟ୍ରାପ୍‌ରେ ପଡିବା ପରେ ସୁମିତ ସମାନ ଢଙ୍ଗରେ ତାଙ୍କୁ ମଧ ଟଙ୍କା ମାଗିଥିଲେ। ଏ ନେଇ ସଂପୃକ୍ତା ଯୁବତୀ ଥାନାରେ ଅଭିଯୋଗ କରିଥିଲେ। ସୁମିତ ପ୍ରଥମେ ସୋସିଆଲ ମିଡିଆ ଆକାଉଣ୍ଟରୁ ଝିଅମାନଙ୍କ ଫଟୋ ସଂଗ୍ରହ କରି ଏହାକୁ ଏଡିଟ୍ କରୁଥିଲେ। ପରେ ସେହି ଏଡିଟିଂ ହୋଇଥିବା ନଗ୍ନ ଫେକ୍ ଫଟୋକୁ ମହିଳାଙ୍କ ପାଖକୁ ପଠାଉଥିଲେ। ଏହା ବଦଳରେ ସେ ଅର୍ଥ ଦାବି କରୁଥିଲେ। ଏଭଳି ଶହେରୁ ଅଧିକ ଯୁବତୀଙ୍କୁ ସେ ଲୁଟିଥିବା ଜଣାପଡିଛି। ଛତିଶଗଡରେ ମଧ ଏହିପରି ଘଟଣାରେ ତାଙ୍କ ନାମରେ ମାମଲା ରହିଛି।

### କୋଭିଡ୍‌ରେ ୟୁଏସ୍ କଂଗ୍ରେସ ସଦସ୍ୟଙ୍କ ମୃତ୍ୟୁ



**ବାଟୋନ ରଜ୍, ୩୦।୧୨:** ଲୁଇସିଆନାରୁ ଆମେରିକା କଂଗ୍ରେସକୁ ନିର୍ବାଚିତ ହୋଇଥିବା ରିପବ୍ଲିକାନ୍ ସଦସ୍ୟ ଲ୍ୟୁକ ଲେଟ୍‌ଲୋ(୪୧)ଙ୍କ କରୋନାରେ ମୃତ୍ୟୁ ଘଟିଛି। ଜାନୁୟାରୀରେ ସେ ନୂତନ ଦାୟିତ୍ୱ ପାଇଁ ଶପଥ ଗ୍ରହଣ କରିଥାନ୍ତେ। ଗତ ୧୯ ତାରିଖରେ କରୋନା ଟେଷ୍ଟ ରିପୋର୍ଟ ପଜିଟିଭ ଆସିବା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

### ୩ ଆତଙ୍କବାଦୀ ନିହତ

**ଶ୍ରୀନଗର, ୩୦।୧୨:** ଜମ୍ମୁ-କଶ୍ମୀର ପାରିମ୍ପୋରା ଅଞ୍ଚଳରେ ସୀମା ସୁରକ୍ଷା ବାହିନୀଙ୍କ ଗୁଳି ମାଡ଼ରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ମଙ୍ଗଳବାର ରାତିରେ ସର୍ଚ୍ଚ ଅପରେଶନ ଚାଲିଥିବାବେଳେ ଆତଙ୍କବାଦୀମାନେ ସେନା ଉପରକୁ ଗୁଳିଚାଳନା କରିଥିଲେ। ସୁରକ୍ଷାକର୍ମୀଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ପ୍ରଥମେ ୨ ଜଣଙ୍କ ଓ ବୁଧବାର ସକାଳେ ଆଉ ଜଣେ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଛି।

## ଲିଭ୍ ଇନ୍‌ରେ ରହିପାରିବେ ପ୍ରେମୀଯୁଗଳ

**ଚଣ୍ଡୀଗଡ, ୩୦।୧୨:** ବିବାହ ବୟସ ହୋଇ ନ ଥିଲେ ବି ଯୁବତୀଯୁବକ ଏକାଠି ଲିଭ୍ ଇନ୍ ରିଲେଶନଶିପ୍‌ରେ ରହିପାରିବେ ବୋଲି କହିଛନ୍ତି ପଞ୍ଜାବ ହରିୟାଣା ହାଇକୋର୍ଟ। ଏକ ମାମଲାର ଶୁଣାଣି କରି କୋର୍ଟ କହିଛନ୍ତି, ଜଣେ ବ୍ୟକ୍ତି କିପରି ଜୀବନଶୈଳୀରେ ବଞ୍ଚିବେ ତାହା ସମାଜ ସ୍ଥିର କରିପାରିବନି। ଆଇନର ସୀମା ଭିତରେ ରହି ନିଜ ଇଚ୍ଛା ମୁତାବକ ଜୀବନ ଜିଇବାର ସ୍ୱାଧୀନତା ସମସ୍ତଙ୍କର ରହିଛି। ଝିଅ ସାବାଳିକା ହେବା ପରେ ନିଜ ପାଇଁ ନିଷ୍ପତ୍ତି ନେଇପାରିବ। ବାପା ମା' ମଧ ଏଥିରେ ସେମାନଙ୍କୁ ବାଧା ଦେଇପାରିବେ ନାହିଁ କିମ୍ବା ସେମାନଙ୍କ ନିଷ୍ପତ୍ତି ଅନୁସାରେ ପିଲାମାନେ ଚାଲିବାକୁ ବାଧ କରିପାରିବେ ନାହିଁ ବୋଲି ଜଷ୍ଟିସ୍ ଅଲକା ସାରିନ୍‌ଙ୍କ ଖଣ୍ଡପୀଠ କହିଛନ୍ତି। ଜଣେ ୧୯ ବର୍ଷୀୟା ଯୁବତୀ ଏବଂ ୨୧ ବର୍ଷୀୟ ଯୁବକଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଓ



ଏକାଠି ରହିବାକୁ ପରିବାର ବିରୋଧ କରିଥିଲା। ଯୁବତୀଙ୍କ ଘରଲୋକଙ୍କଠାରୁ ସୁରକ୍ଷା ପାଇଁ ସମ୍ପୃକ୍ତ ପ୍ରେମୀଯୁଗଳ କୋର୍ଟର ଦ୍ୱାରସ୍ଥ ହୋଇଥିଲେ।

## ବନ୍ଦ ହେବ ମାଡାମ୍ ଟୁସେଡ୍

**ନୂଆଦିଲ୍ଲୀ, ୩୦।୧୨:** ମର୍ଲିନ୍ ଏଣ୍ଟରଟେନ୍‌ମେଣ୍ଟ କମ୍ପାନୀର ଦିଲ୍ଲୀସ୍ଥିତ ଆଇକନିକ୍ ମାଡାମ୍ ଟୁସେଡ୍ ମହମ ସଂଗ୍ରହାଳୟ କାର୍ଯ୍ୟାଳୟକୁ ବନ୍ଦ କରିଦିଆଯିବ। ଅଫିସ୍ ବନ୍ଦ କରିବା ସହ ଭାରତ ଛାଡ଼ିବାକୁ ଏହି କମ୍ପାନୀ ନିଷ୍ପତ୍ତି ନେଇଥିବା ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ମର୍ଲିନ୍ ଏଣ୍ଟରଟେନ୍‌ମେଣ୍ଟର ଜେନେରାଲ୍ ମ୍ୟାନେଜର ତଥା ନିର୍ଦ୍ଦେଶକ ଅଂଶୁ ଜୈନ ଏ ନେଇ ସ୍ପଷ୍ଟ କରିଛନ୍ତି। କୋଭିଡ୍ ଯୋଗୁ ସଂଗ୍ରହାଳୟର ବ୍ୟାପକ କ୍ଷତି ହୋଇଛି। ମହମ କାରୁକାର୍ଯ୍ୟର ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକ ତାପମାତ୍ରା ଓ ଅନ୍ୟାନ୍ୟ କାର୍ଯ୍ୟ କଷ୍ଟକର ହୋଇପଡ଼ିଛି। ୨୦୧୭ ନଭେମ୍ବରରେ ଏହି ସଂଗ୍ରହାଳୟ ଏକ ଐତିହାସିକ ବିଲ୍ଡିଂରେ ଖୋଲାଯାଇଥିଲା। ଏଥିରେ ବଲିଉଡ୍ ବିଗ୍ ବି ଅମିତାଭ ବଚ୍ଚନ, ମାଧୁରୀ ଦୀକ୍ଷିତ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାରତୀୟ କ୍ରିକେଟ୍ ଅଧିନାୟକ ବିରାଟ କୋହଲି, ଅଭିନେତା ସଲମାନ ଖାନ, କ୍ୟାଟ୍ରିନା କୈଫଙ୍କ ସମେତ ବହୁ ପ୍ରତିଭାବାନ ବ୍ୟକ୍ତିତ୍ୱଙ୍କ ମହମ ପ୍ରତିମୂର୍ତ୍ତି ରହିଛି।



ମାଧୁରୀଙ୍କ ମହମ ପ୍ରତିମୂର୍ତ୍ତି

# ନୂଆ ଷ୍ଟ୍ରେନ୍ କବଳରେ କୋଡ଼ିଏ

**ନୂଆଦିଲ୍ଲୀ, ୩୦।୧୨(ପି.ଟି.)**

ଭାରତରେ ବୁଧବାର ସୁଦ୍ଧା ୨୦ ଜଣଙ୍କଠାରେ କରୋନାର ନୂଆ ଷ୍ଟ୍ରେନ୍ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେମାନେ ନିକଟରେ ବ୍ରିଟେନରୁ ଫେରିଥିଲେ। ନ୍ୟାଶନାଲ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ (ଏନ୍‌ସିଡିସି)ରେ ୮ ନମୁନାରେ ବ୍ରିଟେନ ଷ୍ଟ୍ରେନ୍ ଜଣାପଡ଼ିଥିବାବେଳେ କଲ୍ୟାଣୀଠାରେ ଥିବା ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବାୟୋମେଡିକାଲ୍ ଜିନୋମିକ୍ସରେ ଜଣେ, ପୁଣେର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଭାଇରୋଲୋଜିରେ ଜଣେ, ବେଙ୍ଗାଲୁରୁର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଣ୍ଟାଲ ହେଲ୍‌ଥ ଆଣ୍ଡ ନ୍ୟୁରୋ ସାଇନ୍ସ ହସ୍ପିଟାଲରେ ୭ ଜଣ, ହାଇଦ୍ରାବାଦର ସେଣ୍ଟର ଫର୍ ସେଲୁଲାର ଆଣ୍ଡ ମଲିକ୍ୟୁଲାର ବାୟୋଲୋଜିରେ ୨ ଏବଂ ଦିଲ୍ଲୀର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଜିନୋମିକ୍ସ ଆଣ୍ଡ ଇଣ୍ଟିଗ୍ରେଟିଭ୍ ବାୟୋଲୋଜିରେ ଜଣେ ଚିହ୍ନଟ ହୋଇଛନ୍ତି। ନୂଆ ଷ୍ଟ୍ରେନ୍ ଥିବା ସଂକ୍ରମିତଙ୍କୁ ସିଙ୍ଗଲ୍ ରୁମ୍ ଆଇସୋଲେଶନରେ ରଖାଯିବା ସହ ସେମାନଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ଅନ୍ୟ କେଉଁମାନେ ସେମାନଙ୍କ ସହ ବିମାନରେ ଆସିଥିଲେ ବା ସଂସ୍ପର୍ଶରେ ଆସିଥିଲେ, ତାହା ଜାଣିବା ପାଇଁ ଉଦ୍ୟମ ଜାରି ରହିଛି। ଅନ୍ୟ ବିଦେଶୀ ଯାତ୍ରୀମାନଙ୍କୁ ନମୁନାର ଜିନୋମ୍ ସିକ୍ୱେନ୍ସିଂ କରାଯାଉଛି।



### ମାସକରେ ବ୍ରିଟେନରୁ ଫେରିଛନ୍ତି ୩୩ ହଜାର

ଡିସେମ୍ବର ୨୩ରୁ ଭାରତ ସରକାର ବ୍ରିଟେନକୁ ବିମାନ ଚଳାଚଳ ବନ୍ଦ କରିଛନ୍ତି। ତେବେ ନଭେମ୍ବର ୨୪ରୁ ଡିସେମ୍ବର୨୩ ମଧ୍ୟରେ ସେଠାରୁ ପାଖାପାଖି ୩୩,୦୦୦ ଲୋକ ଭାରତ ଆସିଥିବାରୁ ନୂଆ ଷ୍ଟ୍ରେନ୍ ଆକ୍ରାନ୍ତଙ୍କ ସଂଖ୍ୟା ବହୁତ ବଢ଼ିବା ଆଶଙ୍କା କରାଯାଉଛି। ସେମାନଙ୍କର ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ୧୨୦ ବ୍ରିଟେନ ଫେରନ୍ତାଙ୍କଠାରେ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ସେଥିରୁ ୨୦ ଜଣଙ୍କ ଠାରେ ନୂଆ ଷ୍ଟ୍ରେନ୍ ଥିବା ପରୀକ୍ଷାରୁ ଜଣାପଡ଼ିଲାଣି।

### କୋଭିଶିଲ୍ଡକୁ ଅନୁମତି ଖୁବ୍‌ଶୀଘ୍ର

**ନୂଆଦିଲ୍ଲୀ, ୩୦।୧୨**

ସେରମ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ ଏବଂ ଅଷ୍ଟ୍ରାଜେନିକା ଦ୍ୱାରା ପ୍ରସ୍ତୁତ କରୋନା ଟିକା 'କୋଭିଶିଲ୍ଡ'କୁ ଭାରତ ସରକାର ଖୁବ୍‌ଶୀଘ୍ର ଅନୁମୋଦନ କରିପାରନ୍ତି। ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବା ପାଇଁ ବୁଧବାର କେନ୍ଦ୍ରୀୟ ଔଷଧ ମାନ ନିୟନ୍ତ୍ରଣ ସଂଗଠନର ସବ୍‌ଜେକ୍ଟ ଏକ୍ସପର୍ଟ କମିଟି (ଏସ୍‌ଇସି) ବୈଠକ ବସିଥିଲା।

## ଅକ୍ସଫୋର୍ଡ ଟିକାକୁ ବ୍ରିଟେନର ମଞ୍ଜୁରୀ

**ଲଣ୍ଡନ, ୩୦।୧୨ (ପି.ଟି.)**

ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ବିକଶିତ ତଥା ଅଷ୍ଟ୍ରାଜେନିକା କମ୍ପାନୀ ପ୍ରସ୍ତୁତ କୋଭିଡ୍ ଟିକାର ଜରୁରୀ ବ୍ୟବହାର ଲାଗି ବ୍ରିଟେନ ବୁଧବାର ମଞ୍ଜୁରୀ ପ୍ରଦାନ କରିଛି। ବ୍ରିଟେନରେ ବ୍ୟବହାରିକ ମଞ୍ଜୁରୀ ପାଇବାରେ ଫାଇଜର ପରେ ଅକ୍ସଫୋର୍ଡ ଦ୍ୱିତୀୟ ଟିକା। ଜାନୁୟାରୀ ୪ରୁ ସେଠାରେ ଅକ୍ସଫୋର୍ଡ ଟିକାଦାନ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଏହି ଟିକାକୁ ଗଚ୍ଛିତ କରି ରଖିବା ସହଜ ହୋଇଥିବାବେଳେ ଅନ୍ୟ ଟିକା ତୁଳନାରେ ଶସ୍ତା। ଭାରତର ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ମଧ ଉକ୍ତ ଟିକା ପ୍ରସ୍ତୁତ କରୁଛି। ବ୍ରିଟେନ୍‌ର ମେଡିସିନ୍ସ ଆଣ୍ଡ ହେଲ୍‌ଥକେୟାର ପ୍ରଡକ୍ଟସ୍ ରେଗୁଲେଟୋରି ଏଜେନ୍ସି (ଏମ୍‌ଏଚ୍‌ଆର୍‌ଏ) ଉକ୍ତ ଟିକାର ମୂଲ୍ୟାୟନ କରିଛି।

ବ୍ରିଟେନରେ ଏବେ କରୋନାରେ ନୂଆ ଷ୍ଟ୍ରେନ୍ ଦ୍ରୁତ ବେଗରେ ବ୍ୟାପିଚାଲିଥିବାରୁ ଚିନ୍ତାର କାରଣ ହୋଇଛି। ମଙ୍ଗଳବାର ସେଠାରେ ସର୍ବାଧିକ ୫୩,୧୩୫ ଜଣଙ୍କଠାରେ ଏହି ନୂଆ ଷ୍ଟ୍ରେନ୍ ଚିହ୍ନଟ ହୋଇଛି। ବ୍ରିନେଟରେ ବର୍ତ୍ତମାନ ସୁଦ୍ଧା କରୋନାଜନିତ ମୃତ୍ୟୁସଂଖ୍ୟା ୭୧,୦୦୦ ଟପିଛି। ସରକାର ୧୦ କୋଟି ଡୋଜ୍ ପାଇଁ ଅର୍ଡର କରିଥିବାବେଳେ ମାର୍ଚ୍ଚ ଶେଷ ସୁଦ୍ଧା ୪ କୋଟି ମିଳିଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଅକ୍ସଫୋର୍ଡ ଟିକାକୁ ବ୍ୟବହାରିକ ମଞ୍ଜୁରୀ ପାଇଁ ଅଷ୍ଟ୍ରାଜେନିକା ପକ୍ଷରୁ ଗତ ୨୩ ତାରିଖରେ ଆବେଦନ କରାଯାଇଥିଲା। ପ୍ରଥମ ରାଷ୍ଟ୍ର ଭାବେ ବ୍ରିଟେନ୍ ଡିସେମ୍ବର ୨ରେ ଫାଇଜର-ବାୟୋଏନ୍‌ଟେକ୍ ଟିକାକୁ ଅନୁମୋଦନ କରିଥିଲା। ବର୍ତ୍ତମାନ ସୁଦ୍ଧା ସେଠାରେ ୮ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏହି ଟିକାର ପ୍ରଥମ ଡୋଜ୍ ନେଇସାରିଲେଣି।



## ଡିଜାଇନର ପିୟରେ କାର୍ଡିନ୍‌ଙ୍କ ପରଲୋକ



**ପ୍ୟାରିସ୍, ୩୦।୧୨**

ଫ୍ରାନ୍ସର ଖ୍ୟାତନାମା ଡିଜାଇନର ପିୟରେ କାର୍ଡିନ୍‌ଙ୍କର ୯୮ ବର୍ଷ ବୟସରେ ମଙ୍ଗଳବାର ପରଲୋକ ହୋଇଯାଇଛି। ଏହି ଡିଜାଇନରଙ୍କ ନାଁ ବ୍ରାଣ୍ଡରେ ପରିଣତ ହୋଇଥିଲା। ହାତଘଡ଼ିଠାରୁ ଆରମ୍ଭ କରି ବେଡ୍‌ଶିଟ୍ ସବୁଥିରେ ତାଙ୍କର ସ୍ୱତନ୍ତ୍ର ସ୍ପେସ୍ ଏଜ୍ ଷ୍ଟାଇଲ୍ ୬୦ ଦଶକରେ ତାଙ୍କୁ ଫେଶନର ସର୍ବୋଚ୍ଚ ସ୍ତରକୁ ନେଇଯାଇଥିଲା। ହଜାର ହଜାର ଉତ୍ପାଦରେ କାର୍ଡିନ୍‌ଙ୍କ ନାଁ କ୍ରମେ ବ୍ରାଣ୍ଡରେ ପରିଣତ ହୋଇଯାଇଥିଲା ଏବଂ ୭୦ ଓ ୮୦ ଦଶକରେ ଲୋକପ୍ରିୟତାର ଶୀର୍ଷ ଛୁଇଁଥିଲା। ତାଙ୍କ ସ୍ୱାକ୍ଷର ଥିବା ଉତ୍ପାଦଗୁଡ଼ିକ ବିଶ୍ୱବ୍ୟାପୀ ଲକ୍ଷାଧିକ ଆଉଟଲେଟ୍‌ରେ ବିକ୍ରି ହେଉଥିଲା। ୧୯୫୦ରେ ସେ ନିଜର ଫେଶନ ହାଉସ୍ ପ୍ରତିଷ୍ଠା କରି ୧୯୫୪ରେ 'ବବଲ୍ ଡ୍ରେସ୍' ଆରମ୍ଭ କରିଥିଲେ। ୧୯୯୧ରେ ୟୁନେସ୍କୋ ଏବଂ ୨୦୦୯ରେ ଜାତିସଂଘ ଏଫ୍‌ଏଓ ତାଙ୍କୁ ଗୁଡ୍‌ୱିଲ୍ ଆମ୍ବାସଡର ନିଯୁକ୍ତ କରିଥିଲେ।



କୃଷି ଆଇନ ବିରୋଧରେ ଦିଲ୍ଲୀର ଗାଜିପୁର ସୀମାରେ ଚାଲିଥିବା ଚାଷୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି ବୌଦ୍ଧ ସନ୍ନ୍ୟାସୀ।

## ଭାଜପାରେ ଯୋଗଦେବା ପରେ କପିଳ ଗୁର୍ଜାର ବହିଷ୍କୃତ

**ନୂଆଦିଲ୍ଲୀ,୩୦।୧୨**

କପିଳ ଗୁର୍ଜାର ଭାଜପାରେ ଯୋଗଦେବାର କିଛି ସମୟ ପରେ ଦଳ ତାଙ୍କୁ ବହିଷ୍କାର କରିଛି। ଗତ ଫେବୃୟାରୀରେ ଦିଲ୍ଲୀର ଶାହିନବାଗରେ ନାଗରିକ ସଂଶୋଧନ ଆଇନ (ସିଏଏ) ବିରୋଧରେ ଆନ୍ଦୋଳନ ଚାଲିଥିବାବେଳେ କପିଳ ଗୁଳି ଚଳାଇଥିଲେ। ଦିଲ୍ଲୀ ପୋଲିସ ତାଙ୍କୁ ଗିରଫ କରିଥିଲା। ପରେ ସେ ଜାମିନରେ ବାହାରିଥିଲେ। ବୁଧବାର ଗାଜିଆବାଦର ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ କପିଳ ଭାଜପାରେ ଯୋଗଦେଇଥିଲେ। ଏହି ଖବର ବରିଷ୍ଠ ନେତୃବୃନ୍ଦଙ୍କ ପାଖରେ ପହଞ୍ଚିବା ପରେ ତାଙ୍କୁ ତୁରନ୍ତ ବହିଷ୍କାର କରାଯାଇଛି।

## ହରିୟାଣାରେ ଭାଜପାକୁ ଝଟକା

### ୩ ପୌର ନିଗମରୁ ୨ଟିରେ ପରାଜିତ

**ଚଣ୍ଡିଗଡ଼,୩୦।୧୨**

କୃଷକ ଆନ୍ଦୋଳନର ମାସେ ପରେ ହରିୟାଣାର ୩ ମହାନଗରୀ ଓ ୪ ସହରରେ ଅନୁଷ୍ଠିତ ପୌର ନିର୍ବାଚନରେ ଶାସକ ଭାଜପା-ଜେଜେପି ମେଣ୍ଟକୁ ବଡ଼ ଝଟ୍‌କା ଲାଗିଛି। ଅମ୍ବାଲା ଓ ସୋନେପତ୍ ମେୟର ଆସନ ଭାଜପା ମେଣ୍ଟ ହରାଇଥିବାବେଳେ ରୋହତକ୍‌ର ଉକ୍‌ଲାନା ଓ ସାମ୍ପଲାରେ ମଧ ପରାଜିତ ହୋଇଛି। ଜାଟ ବହୁଳ ସୋନେପତ୍ ମ୍ୟୁନିସିପାଲ ନିଗମ କଂଗ୍ରେସ ଦଖଲକୁ ଯାଇଛି। ସେହିପରି ଅମ୍ବାଲା ମେୟର ଆସନ ପୂର୍ବତନ କଂଗ୍ରେସ ନେତା ତଥା କେନ୍ଦ୍ରମନ୍ତ୍ରୀ ବିନୋଦ ଶର୍ମାଙ୍କ ଜନଚେତନା ପାର୍ଟି ହାତକୁ ଯାଇଛି। ୮୦୦୦ ଭୋଟରେ ଜିତିଥିବା ତାଙ୍କ ସ୍ତ୍ରୀ ଶକ୍ତିରାଣୀ ଶର୍ମା ମେୟର ହେବାକୁ ଯାଉଛନ୍ତି। କେବଳ ପଞ୍ଚକୁଲା ମ୍ୟୁନିସିପାଲ କର୍ପୋରେଶନ ଜିତିବାରେ ଶାସକ ମେଣ୍ଟ ସଫଳ ହୋଇଛି। ରବିବାର ଅନୁଷ୍ଠିତ ନିର୍ବାଚନରେ ୭.୭୮ ଲକ୍ଷ ଭୋଟରଙ୍କ ମଧ୍ୟରୁ ୪.୬୫ ଲକ୍ଷ ମତାଧିକାର ସାବ୍ୟସ୍ତ କରିଥିଲେ।

ସେହିପରି ରେୱାରି ପୌର ପରିଷଦ ଅଧ୍ୟକ୍ଷ ଓ ସଦସ୍ୟ ନିର୍ବାଚନ ସାଙ୍ଗକୁ ଧରୁହେରା, ଉକ୍‌ଲାନା ଏବଂ ସାମ୍ପଲାରେ ମ୍ୟୁନିସିପାଲ କମିଟି ପାଇଁ ଭୋଟ ହୋଇଥିଲା। ହରିୟାଣାରେ ପ୍ରଥମ ଥର ଲାଗି ମେୟର ଓ ପୌରାଧ୍ୟକ୍ଷ ପଦ ଲାଗି ସିଧାସଳଖ ନିର୍ବାଚନ ହୋଇଛି।

## ରାମମନ୍ଦିର ଚାନ୍ଦା ଆଦାୟରୁ ଉତ୍ତେଜନା

### ମସ୍‌ଜିଦ ଉପରେ ଆକ୍ରମଣ

**ଭୋପାଳ,୩୦।୧୨**

ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ଲାଗି ମଧ୍ୟପ୍ରଦେଶରେ ଚାନ୍ଦା ଆଦାୟ ବେଳେ ଦୁଇଟି ସ୍ଥାନରେ ଉତ୍ତେଜନା ଦେଖାଦେବା ସହ ସଂଘର୍ଷ ହୋଇଛି। ମଙ୍ଗଳବାର ମନ୍ଦସୌର ଜିଲାର ଦୋରାନା ଗ୍ରାମରେ ଏକ ମସ୍‌ଜିଦ ଭାଙ୍ଗିବାକୁ ଗୋଟିଏ ଗୋଷ୍ଠୀ ଉଦ୍ୟମ କରିଥିଲେ। ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ ଗିରଫ କରାଯାଇଛି। ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ଶତାଧିକ ସଦସ୍ୟ ରାମମନ୍ଦିର ଲାଗି ପାଣ୍ଠି ସଂଗ୍ରହ ନିମନ୍ତେ ଉକ୍ତ ଗ୍ରାମରେ ରାଲି କରିଥିଲେ। ଏହାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ସେହିପରି ଇନ୍ଦୋରରେ ପାଣ୍ଠି ସଂଗ୍ରହ ପାଇଁ ଅନ୍ୟ ଏକ ରାଲି ବେଳେ ସାମ୍ପ୍ରଦାୟିକ ଉତ୍ତେଜନା ପ୍ରକାଶ ପାଇଛି। ରାଲିରେ ଭାଗନେଇଥିବା ଲୋକମାନେ ମସ୍‌ଜିଦ ଭାଙ୍ଗିବାକୁ ଉଦ୍ୟମ କରିବା ସହ ଏହାର ପରିସରରେ ହନୁମାନ ଚାଳିଶା ପଢ଼ିଥିବା ଅଭିଯୋଗ ହୋଇଛି। ଢେଲାମାଡ଼ରେ କେତେଜଣ ଆହତ ହୋଇଛନ୍ତି। ପୋଲିସ ୪ଟି ଏତଲା ଦାଏର କରିବା ସହ ୨୭ ଜଣଙ୍କୁ ଡାକି ପଚରାଉଚରା କରୁଛି।

ରାମମନ୍ଦିର ଚାନ୍ଦା ସଂଗ୍ରହ ଲାଗି ମଧ୍ୟପ୍ରଦେଶରେ ଅନେକ ରାଲି ଚାଲିଥିବାବେଳେ କେବଳ ମାଲୱା ଅଞ୍ଚଳରେ ସାମ୍ପ୍ରଦାୟିକ ଉତ୍ତେଜନା ଦେଖାଦେଇଛି। ପ୍ରଶାସନିକ ଅନୁମତି ନ ନେଇ କୋଭିଡ୍ କଟକଣା ଉଲ୍ଲଂଘନ କରାଯାଇ କେତେକ ସ୍ଥାନରେ ରାଲି ହୋଇଛି। ଲିଖିତ ଅନୁମତି ନ ଥିଲେ ରାଲି କରାଯାଇପାରିବ ନାହିଁ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି।

# ବିଦେଶକୁ ରପ୍ତାନି ହେବ 'ଆକାଶ'

**ନୂଆଦିଲ୍ଲୀ, ୩୦।୧୨(ଆଇଏଏନ୍‌ଏସ୍)**

ଭାରତର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଆକାଶ ମିସାଇଲ୍ ସିଷ୍ଟମ୍ ବିଦେଶକୁ ରପ୍ତାନି ହେବ। ବୁଧବାର କେନ୍ଦ୍ର କ୍ୟାବିନେଟ ଏହି ପ୍ରସ୍ତାବକୁ ଅନୁମୋଦନ କରିଥିବା ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ୨୫ କିଲୋମିଟର ଲକ୍ଷ୍ୟଭେଦ କ୍ଷମତା ବିଶିଷ୍ଟ ଭୂପୃଷ୍ଠରୁ ଆକାଶକୁ ନିକ୍ଷେପ କରାଯାଇପାରୁଥିବା ଏହି କ୍ଷେପଣାସ୍ତ୍ର ଡିଆର୍‌ଡିଓ ପ୍ରସ୍ତୁତ କରିଛି। ଭାରତର ପ୍ରଥମ ସ୍ୱଦେଶୀ ଡିଜାଇନରେ ନିର୍ମିତ ଏହି ମିସାଇଲ୍ ସିଷ୍ଟମ ଯୁଦ୍ଧବିମାନ, କ୍ରୁଜ୍ କ୍ଷେପଣାସ୍ତ୍ର, ଡ୍ରୋନ୍ ଓ ଆକାଶମାର୍ଗର ଅନ୍ୟ ଯାନକୁ ଟାର୍ଗେଟ କରିପାରିବ। ୨୦୧୪ରେ ଏହା ଭାରତୀୟ ବାୟୁସେନା ଏବଂ ୨୦୧୫ରେ ସ୍ଥଳସେନାରେ ନିୟୋଜିତ ହୋଇଥିଲା।

ଆତ୍ମନିର୍ଭର ଭାରତରେ ଦେଶର ପ୍ରତିରକ୍ଷା ଉତ୍ପାଦନ ସାମର୍ଥ୍ୟ ବୃଦ୍ଧି ପାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଭାରତ କେବଳ ପ୍ରତିରକ୍ଷା ସରଞ୍ଜାମର କେତେକ ଯନ୍ତ୍ରାଂଶ ରପ୍ତାନି କରୁଥିଲା। ଏବେ ମିସାଇଲ ସିଷ୍ଟମ୍ ରପ୍ତାନି ନିଷ୍ପତ୍ତି ଦେଶର ପ୍ରତିରକ୍ଷା ଉପକରଣ ବିକାଶରେ ସହାୟକ ହେବା ସହ ଏହାକୁ ବିଶ୍ୱସ୍ତରରେ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ କରିପାରିବ ବୋଲି ରାଜନାଥ କହିଛନ୍ତି। ପ୍ରତିରକ୍ଷା ରପ୍ତାନିରୁ ଅଧିକ ରାଜସ୍ୱ ସଂଗ୍ରହ ହେବ। ଆକାଶ



### କ୍ୟାବିନେଟ୍ ଅନୁମୋଦନ

କ୍ଷେପଣାସ୍ତ୍ର କିଣିବା ପାଇଁ କେତେକ ବନ୍ଧୁ ରାଷ୍ଟ୍ର ଡିଫେନ୍ସ ଏକ୍ସପୋ ଏବଂ ଏରୋ ଇଣ୍ଡିଆ ଶୋ' ବେଳେ ଆଗ୍ରହ ପ୍ରକାଶ କରିଥିଲେ। ରପ୍ତାନି ହେବାକୁ ଥିବା ଆକାଶ ଭାରତୀୟ ସେନାରେ ନିୟୋଜିତ କ୍ଷେପଣାସ୍ତ୍ରଠାରୁ ଭିନ୍ନ ହେବ। ଭାରତରୁ ଉପକୂଳ ସର୍ଭିଲାନ୍ସ ସିଷ୍ଟମ, ରାଡାର ଓ ଏୟାର ପ୍ଲାଟଫର୍ମ କିଣିବା ପାଇଁ ମଧ କେତେକ ରାଷ୍ଟ୍ର ଆଗ୍ରହୀ ଅଛନ୍ତି। ଏସବୁର ତ୍ୱରିତ୍ ଅନୁମୋଦନ ଲାଗି ପ୍ରତିରକ୍ଷା ମନ୍ତ୍ରୀ, ବହିର୍ବ୍ୟାପାର ମନ୍ତ୍ରୀ ଓ ଜାତୀୟ ସୁରକ୍ଷା ଉପଦେଷ୍ଟାଙ୍କୁ ନେଇ ଏକ କମିଟି ଗଢ଼ାଯାଇଛି। ୫ ବିଲିୟନ ଡଲାର ମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ ରପ୍ତାନି ସାଙ୍ଗକୁ ବନ୍ଧୁ ରାଷ୍ଟ୍ରଗୁଡ଼ିକ ସହ ରଣନୀତିକ ସମ୍ପର୍କ ବୃଦ୍ଧି ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୮,୨୬,୪୭,୪୮୬ | ୧୮,୦୩,୫୨୧ | ୫,୮୫,୭୯,୬୬୨ |
| ଭାରତ | ୧,୦୨,୬୦,୬୧୮ | ୧,୪୮,୬୬୦ | ୯୮,୫୦,୩୯୪ |
| ଓଡ଼ିଶା | ୩,୨୯,୩୦୬ | ୧୮୭୧(+୫୩) | ୩,୨୫,୧୦୩ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ବିଦ୍ୟୁତ୍ ଖୁମ୍ବରେ ପିଟିହେଲା ବାଇକ୍: ଶଳା, ଭିଣୋଇ ମୃତ

**ବଡ଼ଗାଁ, ୩୦।୧୨ (ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ବୁଦନା ଗାଁରେ ବୁଧବାର ଏକ ଦୁର୍ଘଟଣା ଘଟିଛି। ବିଦ୍ୟୁତ୍ ଖୁମ୍ବରେ ବାଇକ ପିଟି ହୋଇ ଶଳା, ଭିଣୋଇଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜାଙ୍ଗଲି ଗ୍ରାମର ସୁବାସ ପାନ (୨୬) ଓ ଭିଣୋଇ ବାମରା ରାଉତବାହାଲ ଗ୍ରାମର ସୁଶିଲ ରାଜହଂସ (୨୯)। ରାସଯାତ୍ରା ଦେଖିବାକୁ ସୁଶିଲ ସ୍ତ୍ରୀ ଓ ପିଲାଙ୍କ ସହିତ ଶ୍ୱଶୁର ଘର ଆସିଥିଲେ। ଶଳା, ଭିଣୋଇ କୌଣସି କାମରେ ବୁଦନା ଗାଁକୁ ଯାଇ ଫେରୁଥିବା ବେଳେ ଖୁମ୍ବରେ ପିଟି ହୋଇଥିଲେ।

### ସିରିଜ୍ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଯବାନ ଗୁରୁତର

**ମାଲକାନଗିରି,୩୦।୧୨(ଡି.ଏନ୍.ଏ.):** ଛତିଶଗଡ଼ର ବିଜାପୁର ଜିଲାରେ ଲାଲବାହିନୀ ଘଟାଇଛି ହିଂସା। ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲାରେ ମାଓବାଦୀଙ୍କ ସିରିଜ୍ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଜଣେ ଯବାନ ଗୁରୁତର ହୋଇଛନ୍ତି। ଯବାନଙ୍କ ତାଙ୍କ ପରିଚୟ ମିଳିପାରିନାହିଁ। ଖବରରୁ ଜଣାପଡ଼ିଛି ମଙ୍ଗଳବାର ଦନ୍ତେୱାଡ଼ା ଜିଲାରେ ମାଓବାଦୀ ଏବଂ ଯବାନମାନଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୨ ଜଣ ମହିଳା ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ମାଓବାଦୀମାନେ ରକ୍ତମୁଖା ହୋଇ ସୁରକ୍ଷା କର୍ମୀଙ୍କ ଉଦ୍ଦେଶ୍ୟରେ ରାସ୍ତାରେ ଲ୍ୟାଣ୍ଡମାଇନ ବିଛାଇଥିଲେ। ବୁଧବାର ବିଜାପୁର ଜିଲା ଗାଙ୍ଗୁଲୁର ଥାନା ବୁରଜି-ପୁସନାର ମଧବର୍ତ୍ତୀ ଅଞ୍ଚଳରେ ଡିଆର୍‌ଜି ଓ ବିଏସ୍ଏଫ୍ ଯବାନମାନେ କୋମ୍ବିଂ ଅପରେଶନ ଚଳାଇଥିବା ବେଳେ ସିରିଜ ଲ୍ୟାଣ୍ଡମାଇନ ବିସ୍ଫୋରଣ ଘଟିଥିଲା।

# ମହିଳା, ଶିଶୁ ଅପରାଧ ରୋକିବାକୁ ହେବ ସ୍ୱତନ୍ତ୍ର ଶାଖା

**ଭୁବନେଶ୍ୱର,୩୦।୧୨(ବ୍ୟୁରୋ)**

ମହିଳା ଓ ଶିଶୁଙ୍କ କ୍ଷେତ୍ରରେ ଘଟୁଥିବା ଅପରାଧ ରୋକିବା ଦିଗରେ ଆହୁରି ପଦକ୍ଷେପ ନିଆଯିବ। ଏଥିପାଇଁ ଓଡ଼ିଶା ପୋଲିସର ଏକ ସ୍ୱତନ୍ତ୍ର ଶାଖା ଗଠନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ବୁଧବାର ରାଜ୍ୟ ପୋଲିସ ମୁଖ୍ୟାଳୟରେ ୬୨ତମ ବରିଷ୍ଠ ପୋଲିସ ଅଧିକାରୀ ସମ୍ମିଳନୀର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି। ଏଥିସହିତ ରାଜ୍ୟରେ ସାଇବର ଓ ଅର୍ଥନୈତିକ ଅପରାଧଜନିତ ଆହ୍ୱାନର ମୁକାବିଲା ନିମନ୍ତେ ୩୪ ନୂଆ ସାଇବର ଥାନା ଓ ଅର୍ଥନୈତିକ ଅପରାଧ ଥାନା ଖୋଲାଯିବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ ରାଜ୍ୟର ୬ ନୂଆ ଥାନାକୁ ଉଦ୍‌ଘାଟନ କରିଛନ୍ତି। ଏହି ନୂଆ ଥାନାଗୁଡ଼ିକ ହେଲା ଅନୁଗୋଳ ଜିଲାର ଅନୁଗୋଳ ସଦର ଥାନା, ଭୁବନେଶ୍ୱର ସହରାଞ୍ଚଳ ଜିଲାର ଭରତପୁର ଥାନା, ଝାରସୁଗୁଡା ଜିଲାର ସଦର ଥାନା, ଗଞ୍ଜାମ ଜିଲାର ବେଲଗୁଣ୍ଠା ଥାନା, ଭଦ୍ରକ ଜିଲାର ସାବରଙ୍ଗ ଓ ପୀରହାଟ ଥାନା। ସେହିଭଳି ମୁଖ୍ୟମନ୍ତ୍ରୀ ଆଧୁନିକ ଫରେନ୍‌ସିକ କୌଶଳକୁ ଉପଯୋଗ ସହ ରାଜ୍ୟରେ ଦୋଷୀ ସାବ୍ୟସ୍ତ ହାରରେ ବୃଦ୍ଧି ଘଟାଇବା, ସଡ଼କ ସୁରକ୍ଷା କ୍ଷେତ୍ରରେ ଉନ୍ନତ କାର୍ଯ୍ୟ କରିବା ଏବଂ ଅପରାଧରେ ଶିକାର ହୋଇଥିବା ବ୍ୟକ୍ତି ଓ ତାଙ୍କ ପରିବାର ପ୍ରତି ସମ୍ବେଦନଶୀଳ ହେବା ସହ ଉଚିତ ନ୍ୟାୟ ପ୍ରଦାନ ପାଇଁ ଉପସ୍ଥିତ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଓଡ଼ିଶା ପୋଲିସର ଆଇନ ଶୃଙ୍ଖଳା ପରିଚାଳନା, କରୋନା ମହାମାରୀ ସମୟରେ ଲକ୍‌ଡାଉନ ନିୟମ ପ୍ରବର୍ତ୍ତନ, ମାଓବାଦୀ କାର୍ଯ୍ୟକଳାପର ମୁକାବିଲା, ଅପରାଧ ଦମନ ଆଦି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଗୁରୁତର କୋଭିଡ୍ ରୋଗୀଙ୍କୁ ପ୍ଲାଜ୍‌ମା ଦାନ କରି ଜୀବନ ବଞ୍ଚାଇଥିବା ୯୩୦ଜଣ ପୋଲିସ କର୍ମଚାରୀଙ୍କୁ ସେ ପ୍ରଶଂସା କରିବା ସହ କାର୍ଯ୍ୟକ୍ଷେତ୍ରରେ ଶହୀଦ ହୋଇଥିବା ୪୮ଜଣ ପୋଲିସଙ୍କୁ ମୁଖ୍ୟମନ୍ତ୍ରୀ କରୋନା ଯୋଦ୍ଧା ଓ ମାଓବାଦୀ ଦମନବେଳେ ଶହୀଦ ହୋଇଥିବା ୨ଜଣ ଯବାନଙ୍କ ପାଇଁ ଶୋକବ୍ୟକ୍ତ କରିଥିଲେ। ମାଓବାଦୀ ଦମନ କ୍ଷେତ୍ରରେ ବିଶେଷ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ମାଲକାନଗିରି ଓ କନ୍ଧମାଳ ଆରକ୍ଷୀ ଅଧୀକ୍ଷକ ଏବଂ ଉତ୍ତମ ଶିକ୍ଷାୟନ ବାତାବରଣ ସୃଷ୍ଟି ପାଇଁ ଅନୁଗୋଳ ଓ କେନ୍ଦୁଝର ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ମଧ୍ୟ ପ୍ରଶଂସା କରିଥିଲେ।

ସମ୍ମିଳନୀରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଗୃହ ବିଭାଗ ଓ ଅର୍ଥବିଭାଗର ପ୍ରମୁଖ ସଚିବମାନେ ଅଂଶଗ୍ରହଣ କରି ରାଜ୍ୟ ପୋଲିସର ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ସମ୍ମିଳନୀର ପ୍ରଥମ ପର୍ଯ୍ୟାୟରେ ପୋଲିସ ବିଭାଗରେ ମାନସିକ ଚାପ ପରିଚାଳନା ଓ ୫-ଟି ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା।




୬୨ତମ ବରିଷ୍ଠ ପୋଲିସ ଅଧିକାରୀ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସରେ ଉଦ୍‌ବୋଧନ ଦେଉଛନ୍ତି। ପାଖରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

### ୬ ଥାନା ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

- ଖୋଲାଯିବ ୩୪ ସାଇବର, ଅର୍ଥନୈତିକ ଅପରାଧ ଥାନା
- ପୀଡ଼ିତ ଓ ତାଙ୍କ ପରିବାର ପ୍ରତି ସମ୍ବେଦନଶୀଳ ହେବାକୁ ପରାମର୍ଶ
- ଆଇନ ଶୃଙ୍ଖଳା ପରିଚାଳନା ନେଇ ପୋଲିସକୁ ପ୍ରଶଂସା
- ୬୨ତମ ବରିଷ୍ଠ ପୋଲିସ ଅଧିକାରୀ ସମ୍ମିଳନୀ ଉଦ୍‌ଯାପିତ

# ବାବୁଲିଙ୍କ ପଲିଗ୍ରାଫ୍ ଟେଷ୍ଟ ପାଇଁ ମିସ୍ କେସ୍

### ହାଇକୋର୍ଟରେ ପରୀ ହତ୍ୟା ମାମଲା

**କଟକ ଅଫିସ୍/ନୟାଗଡ଼ ଅଫିସ,୩୦।୧୨:** ବହୁଚର୍ଚ୍ଚିତ ପରୀ ହତ୍ୟା ମାମଲାରେ ହାଇକୋର୍ଟରେ ବୁଧବାର ସାନି ଏକ ମିସ୍ କେସ୍ ଦାୟର ହୋଇଛି।ଭାରତୀୟ ବିକାଶ ପରିଷଦ ପକ୍ଷରୁ ଦାୟର ହୋଇଥିବା ଏହି ମାମଲାରେ ଏଫ୍‌ଆଇଆରରେ ନାମ ଉଲ୍ଲେଖ ଥିବା ବାବୁଲି ନାୟକଙ୍କ ସମେତ ଅନ୍ୟମାନଙ୍କ ପଲିଗ୍ରାଫ୍ ଟେଷ୍ଟ ସହ ସେମାନଙ୍କୁ ତଦନ୍ତ ପରିସର ଭୁକ୍ତ କରିବାକୁ ଅନୁରୋଧ କରାଯାଇଛି। ମାମଲାର ବିବରଣୀ ଅନୁଯାୟୀ, ପରୀ ହତ୍ୟା ଘଟଣାରେ ତଦନ୍ତ ପ୍ରକ୍ରିୟାକୁ ନେଇ ଭାରତୀୟ ବିକାଶ ପରିଷଦ ପ୍ରଶ୍ନ ଉଠାଇଛି।ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ବୁଧବାର ହାଇକୋର୍ଟରେ ସାନି ମିସ୍ କେସ୍ ଦାଖଲ କରିଛନ୍ତି।ବାବୁଲି ନାୟକ ଓ ଅନ୍ୟମାନେ ହତ୍ୟାକାଣ୍ଡରେ ସମ୍ପୃକ୍ତ ରହିଥିବା ପରୀଙ୍କ ମା'ପୋଲିସ ଓ ଏସ୍‌ଆଇଟି ନିକଟରେ ଅଭିଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ସେମାନଙ୍କ ଭୂମିକାକୁ ନେଇ ତଦନ୍ତ କରାଯାଉ।ସେହିପରି ଏସ୍‌ଆଇଟି ଜଣେ ନାବାଳକ ଛାତ୍ରଙ୍କୁ ହତ୍ୟା ପରେ ବଳାତ୍କାର କରିଥିବା ସନ୍ଦେହରେ ଗିରଫ କରିଛି।ତେବେ ଫରେନ୍‌ସିକ୍ ରିପୋର୍ଟରେ ଉକ୍ତ ଛାତ୍ର ଯେ ହତ୍ୟାକାରୀ କିଛି ସ୍ପଷ୍ଟ ହୋଇ ପାରୁନି।ଏଥିରୁ ବୁଝାପଡୁଛି ଛାତ୍ରଙ୍କୁ ଶାସକ ଦଳର ଚାପରେ ଫସାଇ ଦିଆଯାଇଛି।ଏଣୁ ପରୀଙ୍କ ପ୍ରକୃତ ହତ୍ୟାକାରୀଙ୍କୁ ଲୋକଲୋଚନକୁ ଆଣି ଦଣ୍ଡ ଦେବା ପାଇଁ ତଦନ୍ତ ଦାୟିତ୍ୱ ସିବିଆଇକୁ ଦିଆଯାଉ ବୋଲି ଅନୁରୋଧ କରାଯାଇଛି।




# ଉତ୍କଳ ବିଶ୍ୱବିଦ୍ୟାଳୟ ବିଏଡ୍ ପରୀକ୍ଷା ଅନ୍‌ଲାଇନ୍‌ରେ ହେବ

**ଭୁବନେଶ୍ୱର,୩୦।୧୨(ବ୍ୟୁରୋ)**




ଉତ୍କଳ ବିଶ୍ୱବିଦ୍ୟାଳୟରେ ବିଏଡ୍ ପରୀକ୍ଷା ଅନ୍‌ଲାଇନ୍‌ରେ ହେବ। ଏନେଇ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ। ପୂର୍ବ ନିର୍ଦ୍ଧାରିତ ଦିନରେ ହିଁ ପରୀକ୍ଷା ହେବ ବୋଲି ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର କହିଛନ୍ତି। ଅଫ୍‌ଲାଇନରେ ବିଏଡ୍ ପରୀକ୍ଷାକୁ ବିରୋଧ କରି ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନେ ବୁଧବାର ବିଶ୍ୱବିଦ୍ୟାଳୟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ପରୀକ୍ଷାକୁ ଅନ୍‌ଲାଇନ୍‌ରେ କରିବା ପାଇଁ ଦାବି କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦାବିକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମାନି ନେଇଥିଲେ। ପରୀକ୍ଷାକୁ ଅନ୍‌ଲାଇନ୍‌ରେ କରାଯିବ ବୋଲି କହିବା ପରେ ଛାତ୍ରୀଛାତ୍ରମାନେ ଆନ୍ଦୋଳନରୁ ଓହରିଥିଲେ। ସୂଚନାଯୋଗ୍ୟ, ଏହି ପରୀକ୍ଷା ଜୁନ୍‌ରେ ହେବାର ଥିଲା। କିନ୍ତୁ କରୋନା ପାଇଁ ଏହାକୁ ଘୁଞ୍ଚାଇ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ପରୀକ୍ଷାକୁ ଜାନୁୟାରୀ ୭ରେ ଅଫ୍‌ଲାଇନ୍‌ରେ କରିବା ପାଇଁ ନିଷ୍ପତ୍ତି ନିଆଯିବାରୁ ଛାତ୍ରୀଛାତ୍ରମାନେ ବିରୋଧ କରି ଆନ୍ଦୋଳନକୁ ଓହ୍ଲାଇଥିଲେ।

# ଭରତପୁର ଜଙ୍ଗଲରେ ହାତୀଛୁଆ ଜନ୍ମ



ଜନ୍ମ ହୋଇଥିବା ହାତୀ ଶାବକ।

**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)**

### ଜଗିଛନ୍ତି ମା' ସହ ୧୪ ହାତୀ ଥିବା ପଲ

ଭୁବନେଶ୍ୱରରେ ଚନ୍ଦକା ବନଖଣ୍ଡ ଅନ୍ତର୍ଗତ ଭରତପୁର ସଂରକ୍ଷିତ ଜଙ୍ଗଲରେ ଏକ ହାତୀ ଛୁଆ ଜନ୍ମ ନେଇଛି। ମା' ହାତୀ ସହ ୧୪ ଟିକିଆ ହାତୀ ପଲ ତାକୁ ସୁରକ୍ଷା ଯୋଗାଉଥିବା ଦେଖିବାକୁ ମିଳୁଛି। ମା' ହାତୀଟି ୩ରୁ ୪ ମାସ ଭିତରେ ଏହି ଛୁଆଟିକୁ ଜନ୍ମ ଦେଇଥିବା ଅନୁମାନ କରାଯାଉଛି। ଏ ସମ୍ପର୍କରେ ଏବେ ଜଣାପଡିବା ପରେ ଚନ୍ଦକା ବନଖଣ୍ଡ ଓ ଭୁବନେଶ୍ୱର ରେଞ୍ଜ କର୍ମଚାରୀମାନେ ପାଟ୍ରୋଲିଂ ବଢ଼େଇ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଆଗରୁ ଭରତପୁର ଜଙ୍ଗଲକୁ ଚନ୍ଦକା ହାତୀଙ୍କ ମାମୁଘର ବୋଲି କୁହାଯାଉଥିଲା। କାରଣ ଚନ୍ଦକାରେ ମାଈ ହାତୀ ଟିଏ ଗର୍ଭ ଧାରଣ କରିବା ପରେ ଛୁଆ ଜନ୍ମ କରିବା ପାଇଁ ଭରତପୁର ଜଙ୍ଗଲକୁ ଆସୁଥିଲେ। ମାନବ ସମାଜରେ ଆଗରୁ ପିଲା ଜନ୍ମ ପାଇଁ ଝିଅମାନେ ବାପଘରକୁ ଯାଉଥିଲେ, ଅର୍ଥାତ୍ ଛୁଆମାନେ ନିଜର ମାମୁଘରେ ହିଁ ଜନ୍ମ ହେଉଥିଲେ। ତେବେ ଭୁବନେଶ୍ୱରର କ୍ରମବର୍ଦ୍ଧିଷ୍ଣୁ ସହରୀକରଣ ଏହି ହାତୀଙ୍କ କ୍ରମବିକାଶ ଓ ସଂଖ୍ୟାବୃଦ୍ଧିକୁ ଗୁରୁତର ପ୍ରଭାବିତ କରିଆସୁଛି। ଫଳରେ ହାତୀ ମାମୁଘର ଭରତପୁର ଜଙ୍ଗଲକୁ ନେଇ ଲୋକଙ୍କ ସନ୍ଦେହ ବଢ଼ିବା ସହ ବିଭିନ୍ନ ସମୟରେ ନାନା ପ୍ରଶ୍ନ ଉଠୁଥିଲା। ହେଲେ ଏବେ କୌତୁକିଆ ହାତୀ ଛୁଆ ମା' ସହ ଖେଳ ପୁଣିଥରେ ଇତିହାସକୁ ଦୋହରାଇଛି। ଗର୍ଭିଣୀ ହାତୀ ମଧ୍ୟ ଭରତପୁରକୁ ସବୁଠୁ ସୁରକ୍ଷିତ ସ୍ଥାନ ଭାବେ ବାଛି ନିଜର ପ୍ରସବ ସମ୍ପାଦନ କରିଛି। ପୁଣିଥରେ ଭରତପୁର ଜଙ୍ଗଲ ଚନ୍ଦକା ହାତୀଙ୍କ ମାମୁଘର ପରିଚୟ ପାଇଛି ବୋଲି ଚର୍ଚ୍ଚା ହେଉଛି।

# ନନ୍ଦନକାନନ ଆସିବ ଉଦ୍ଧାର ଛୁଆହାତୀ

**ଟିକିଟି,୩୦।୧୨(ଡି.ଏନ.ଏ.)**

ଗଞ୍ଜାମ ଜିଲା ଟିକିଟି ବ୍ଲକ ଅଞ୍ଚଳରେ ମଙ୍ଗଳବାର ମା'ଠାରୁ ଅଲଗା ହୋଇଥିବା ଛୁଆହାତୀକୁ ନନ୍ଦନକାନନ ପଠାଯିବ ବୋଲି ସୂଚନା ମିଳିଛି। ଛୁଆହାତୀଟିକୁ ଏବେ ଟାମଣାସ୍ଥିତ ବିଟ୍ ହାଉସ୍ ପରିସରରେ ରଖାଯାଇଛି। କୁକୁଡାଖଣ୍ଡି ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ତାହାର ସ୍ୱାସ୍ଥ୍ୟପ୍ରତି ନଜର ରଖିଛନ୍ତି।

ଦକ୍ଷିଣ ଘୁମୁସର ଅଞ୍ଚଳରୁ ଆସିଥିବା ହାତୀପଲ ଗତ ପ୍ରାୟ ୧୫ ଦିନ ହେଲା ଟିକିଟି ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଆତଙ୍କ ସୃଷ୍ଟି କରି ମଙ୍ଗଳବାର ସୋରଳ ଗ୍ରାମ ନିକଟ ହ୍ରଦରେ ମାଛଘେରି ନଷ୍ଟ କରିଥିଲେ। ମତ୍ସ୍ୟଜୀବୀ ଓ ଗ୍ରାମବାସୀ ମିଶି ସେମାନଙ୍କୁ ଘଉଡ଼ାଇଥିଲେ ମଧ୍ୟ ଗୋଟିଏ ଛୁଆହାତୀ ପଙ୍କରେ ଫସି ରହିଥିଲା। ପ୍ରାୟ ୩ ମାସର ଏହି ଛୁଆହାତୀକୁ ଲୋକେ ଉଦ୍ଧାର କରି ବନବିଭାଗକୁ ଖବର ଦେଇଥିଲେ। ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଅମ୍ଲାନ ନାୟକଙ୍କ ନେତୃତ୍ୱରେ ୪୦ରୁ ଊର୍ଦ୍ଧ୍ୱ ବନକର୍ମଚାରୀ ପହଞ୍ଚି ହାତୀପଲ ଗତିବିଧି ଅନୁଧ୍ୟାନ କରିଥିଲେ। ଉଦ୍ଧାର ଛୁଆହାତୀକୁ ସେମାନେ ପଲରେ ମିଶାଇବାକୁ ସନ୍ଧ୍ୟା ପର୍ଯ୍ୟନ୍ତ ଚେଷ୍ଟା କରିଥିଲେ। ହେଲେ ମଣିଷ ସଂସ୍ପର୍ଶରେ ଆସିଥିବାରୁ ମା' ହାତୀଟି ଛୁଆକୁ ଗ୍ରହଣ ନ କରି ଶୁଣ୍ଢରେ ପିଟି ଦେଇଥିଲା। ଫଳରେ ତାହାର ମୁଣ୍ଡ ଓ ଗୋଡ଼ରେ ଆଘାତ ଲାଗିଥିଲା। ମଙ୍ଗଳବାର ରାତିରେ ହିଁ ଉକ୍ତ ଛୁଆ ହାତୀକୁ ବନ କର୍ମଚାରୀ ଟାମଣାସ୍ଥିତ ବିଟ୍ ହାଉସ୍‌କୁ ନେଇଯାଇଥିଲେ। ଏ ସମ୍ପର୍କରେ ବନଖଣ୍ଡ ଅଧିକାରୀ ନାୟକ କହିଛନ୍ତି, ଛୁଆହାତୀଟିର ସ୍ୱାସ୍ଥ୍ୟାବସ୍ଥା ଠିକ୍ ଅଛି। ଗୁରୁବାର ତାକୁ ନନ୍ଦନକାନନ ପଠାଯିବା ବ୍ୟବସ୍ଥା କରାଯିବ। ଅନ୍ୟପକ୍ଷରେ ହାତୀପଲ ଉପରେ ନଜର ରଖାଯାଇଛି। ସେମାନେ ଏବେ ଗତିପଥ ବଦଳାଇ କୃଷ୍ଣନଗର ଗ୍ରାମ ନିକଟସ୍ଥ ଜଙ୍ଗଲରେ ରହିଥିବା ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।



ଉଦ୍ଧାର ଛୁଆ ହାତୀ।



**ଆଜିର ମନ୍ତବ୍ୟ**

"ରଜନୀକାନ୍ତଙ୍କ ଭଳି କମଲ ହାସନ ମଧ୍ୟ ରାଜନୀତିରୁ ଓହରିଯିବା ଉଚିତ୍।"
-ସେଲୁର କେ ରାଜୁ, ତାମିଲନାଡୁ ମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ସସ୍ମିତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜାନୁୟାରୀ ୩୧ ଯାଏ ଅନ୍ତର୍ଜାତୀୟ ବିମାନ ସେବା ବନ୍ଦ

**ନୂଆଦିଲ୍ଲୀ, ୩୦।୧୨**

ଅନ୍ତର୍ଜାତୀୟ ବିମାନ ସେବା ଜାନୁୟାରୀ ୩୧ ପର୍ଯ୍ୟନ୍ତ ବନ୍ଦ ରହିବ। ଏଥିପାଇଁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ବୁଧବାର ପୂର୍ବ ନିର୍ଦ୍ଦେଶନାମାରେ ସଂଶୋଧନ କରିଛି। ସେହିପରି କରୋନାର ନୂଆ ଷ୍ଟ୍ରେନ୍ ଦେଖାଦେଇଥିବା ବ୍ରିଟେନକୁ ବିମାନ ଚଳାଚଳ ଜାନୁୟାରୀ ୭ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଏଥିପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ସୁପାରିସ କରିଥିଲା। କରୋନା ବ୍ୟାପିବା ପରେ ମାର୍ଚ୍ଚ ୨୩ରୁ ଭାରତ ଅନ୍ତର୍ଜାତୀୟ ବିମାନ ସେବା ବନ୍ଦ ରଖିଥିଲା। ଜୁଲାଇରୁ ଅଳ୍ପ କେତେକ ଦେଶକୁ ସ୍ୱତନ୍ତ୍ର ବିମାନ ସେବା ଆରମ୍ଭ ହୋଇଛି। ଅନ୍ତର୍ଜାତୀୟ ବିମାନ ସେବା ବନ୍ଦ ସମୟସୀମା ଜାନୁୟାରୀ ୩୧ ପର୍ଯ୍ୟନ୍ତ ବୃଦ୍ଧି ହୋଇଥିଲେ ହେଁ ଅନ୍ତର୍ଜାତୀୟ କାର୍ଗୋ ବିମାନ ସେବାକୁ ସେଥିରୁ ବାଦ୍ ଦିଆଯାଇଛି। ସେହିପରି ଡିଜିସିଏ ଦ୍ୱାରା ସ୍ୱତନ୍ତ୍ରଭାବେ ଅନୁମୋଦିତ ଫ୍ଲାଇଟ୍ ପାଇଁ ମଧ୍ୟ ବନ୍ଦ ଲାଗୁ ହେବନାହିଁ।

# ବ୍ରେକ୍‌ଜିଟ୍ ଟ୍ରେଡ୍ ଡିଲ୍‌କୁ ବ୍ରିଟେନ ଏମ୍‌ପିଙ୍କ ମଞ୍ଜୁରୀ

**ଲଣ୍ଡନ,୩୦।୧୨**

ବ୍ରେକ୍‌ଜିଟ୍ ଟ୍ରେଡ୍ ଡିଲ୍‌କୁ ବୁଧବାର ବ୍ରିଟେନର ପାର୍ଲାମେଣ୍ଟ ସଦସ୍ୟମାନେ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଡିଲ୍ ସପକ୍ଷରେ ୫୨୧ ଓ ବିପକ୍ଷରେ ୭୩ ଭୋଟ ପଡ଼ିଥିଲା। ଖ୍ରୀଷ୍ଟମାସ ଛୁଟି ସତ୍ତ୍ୱେ ୟୁରୋପୀୟ ସଂଘ ସହ ବ୍ରିଟେନର ବେକ୍‌ଜିଟ୍ ମୁକ୍ତ ବାଣିଜ୍ୟ ରାଜିନାମା (ଏଫ୍‌ଟିଏ)କୁ ଅନୁମୋଦନ ଲାଗି ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ପାର୍ଲାମେଣ୍ଟ ଅଧିବେଶନ ଡାକିଥିଲେ। ଡିସେମ୍ବର ୩୧ ଡେଡ୍‌ଲାଇନ ପୂର୍ବରୁ ଏହା ହାଉସ୍ ଅଫ୍ କମନ୍ସର ଅନୁମୋଦନ ଲାଭ କରି ହାଉସ୍ ଅଫ୍ ଲର୍ଡ୍ସକୁ ପଠାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଆଇଟିଆର୍ ଫାଇଲିଂ ...

ଏହାକୁ ବିଚାର କରି ୨୦୧୯-୨୦ ଲାଗି ଆଇଟିଆର୍ ଫାଇଲିଂ ଅବଧିକୁ ବଢ଼ାଯାଇଥିବା ଆୟକର ବିଭାଗ ବୁଧବାର ଟୁଇଟ୍ ଯୋଗେ ସୂଚନା ଦେଇଛି। କମ୍ପାନୀ ଦେଉଥିବା ଆଇଟିଆର୍ ଅବଧି ଜାନୁୟାରୀ ୩୧ ରହିଥିବାବେଳେ ତାହା ଫେବୃୟାରୀ ୧୫କୁ ବଢ଼ିଛି। 'ବିବାଦ ସେ ବିଶ୍ୱାସ ସ୍କିମ'ର ଘୋଷଣା ଫାଇଲିଂ ସମୟ ସୀମାକୁ ମଧ୍ୟ ମାସେ ଯାଏ ବଢାଯାଇଛି। ଲୋକମାନେ ଏଥିରେ ଜାନୁୟାରୀ ୩୧ ଯାଏ ଫାଇଲିଂ କରିବାକୁ ସୁବିଧା ପାଇବେ। ଅପରପକ୍ଷରେ ୨୦୧୯-୨୦ ଲାଗି ଜିଏସ୍‌ଟି ବାର୍ଷିକ ରିଟର୍ନ ଫାଇଲ କରିବା ଲାଗି ଧାର୍ଯ୍ୟ ସମୟକୁ ୨ ମାସ ବଢାଯାଇଛି। ଏବେ ଟିକସଦାତା ଫେବୃୟାରୀ ୨୮ ଯାଏ ଜିଏସ୍‌ଟି ବାର୍ଷିକ ରିଟର୍ନ ଫାଇଲ କରିପାରିବେ।

## ପ୍ରଥମ ପୃଷ୍ଠାରୁ...

### ଖାଦ୍ୟ ନାଁରେ ...

ମଧ୍ୟରେ ଖାଦ୍ୟ ଅପମିଶ୍ରଣକାରୀଙ୍କ ବିରୋଧରେ ମାତ୍ର ୫୮ ଫୌଜଦାରି ଏବଂ ୧୬୫ ଦେୱାନୀ ମକଦ୍ଦମା କରାଯାଇଛି । ଜରିମାନା ବାବଦରେ ୪.୨୪ ଲକ୍ଷ ଟଙ୍କା ଆଦାୟ କରାଯାଇଛି । ଗୋଟିଏପଟେ ରାଜ୍ୟରେ ଖାଦ୍ୟସାମଗ୍ରୀ ଅପମିଶ୍ରଣ ବୃଦ୍ଧି ପାଉଥିବା ବେଳେ ଅନ୍ୟପକ୍ଷରେ ଜାତୀୟ ନିରାପଦ ଖାଦ୍ୟ ସୂଚକାଙ୍କ( ଫୁଡ୍ ସେଫ୍ଟି ଇଣ୍ଡେକ୍ସ )ରେ ଓଡ଼ିଶା ୨୦୧୯-୨୦ରେ ୧୩ ସ୍ଥାନ ଉପରକୁ ଉଠିଛି । ୨୦୧୮-୧୯ ସୂଚକାଙ୍କରେ ଓଡ଼ିଶାର ସ୍ଥାନ ୨୬ ଥିବାବେଳେ ୨୦୧୯-୨୦ରେ ରାଜ୍ୟ ଏବେ ୧୩ ତମ ସ୍ଥାନକୁ ଉନ୍ନୀତ ହୋଇଛି । ବିଭିନ୍ନ ସହର, ଶିଳ୍ପାଞ୍ଚଳ ଏବଂ ଅର୍ଥନୈତିକ କାର୍ଯ୍ୟକଳାପ କେନ୍ଦ୍ରଗୁଡ଼ିକରେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଦୃଷ୍ଟିରୁ ନିରାପଦ ଖାଦ୍ୟ ସାଧାରଣ ସ୍ୱାସ୍ଥ୍ୟ ନିମନ୍ତେ ଅଧିକ ଗୁରୁତ୍ୱପୂର୍ଣ୍ଣ । ଖାଦ୍ୟ ଅପମିଶ୍ରଣ ବିରୁଦ୍ଧ କାର୍ଯ୍ୟକ୍ରମକୁ ଏକ ମୁଖ୍ୟ କାର୍ଯ୍ୟ ଭାବେ ବିଚାର କରିବାକୁ ପୋଲିସ ବିଭାଗକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । କ୍ଷେତ୍ରସ୍ତରୀୟ ଯାଞ୍ଚ ଏବଂ ପରିଦର୍ଶନ କାର୍ଯ୍ୟକୁ ଅଧିକ ବ୍ୟାପକ କରିବା ନିମନ୍ତେ ମଧ୍ୟ ଖାଦ୍ୟ ନିରାପତ୍ତା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନିରାପଦ ଖାଦ୍ୟ ସମ୍ବନ୍ଧିତ ବିଷୟକୁ ପାଠ୍ୟ ଖସଡ଼ାରେ ସାମିଲ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଫଳରେ ପିଲାମାନେ ଖାଦ୍ୟ ଅପମିଶ୍ରଣ ବିଷୟରେ ସଚେତନ ହୋଇପାରିବେ। ଏଥିସହିତ କୃଷି ଓ କୃଷକ ସଶକ୍ତୀକରଣ, ଜଳ ସମ୍ପଦ ବିଭାଗ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଥିବା ପରୀକ୍ଷାଗାରରେ ଖାଦ୍ୟ ନମୁନା ପରୀକ୍ଷା ବ୍ୟବସ୍ଥା କରାଯିବ। ଏକ ବୈଷୟିକ କମିଟି ମାଧ୍ୟମରେ ଆବଶ୍ୟକ ସରଞ୍ଜାମ ଓ ଆନୁଷଙ୍ଗିକ ବ୍ୟବସ୍ଥାର ଅନୁଧ୍ୟାନ କରିବା ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଇତିମଧ୍ୟରେ ରାଜ୍ୟର ଖାଦ୍ୟ ଯାଞ୍ଚ ପରୀକ୍ଷାଗାର ଭାରତୀୟ ଫୁଡ୍ ସେଫ୍ଟି ଷ୍ଟାଣ୍ଡାର୍ଡ କର୍ତ୍ତୃପକ୍ଷଙ୍କ ସ୍ୱୀକୃତି ହାସଲ କରିଛି । ଖାଦ୍ୟ ବ୍ୟବସାୟୀମାନଙ୍କର ପଞ୍ଜୀକରଣ ଏବଂ ଲାଇସେନ୍ସ ବ୍ୟବସ୍ଥାକୁ ଅନ୍‌ଲାଇନ୍ କରାଯାଇଛି। ଏହା ଫଳରେ ଉଭୟ ପଞ୍ଜୀକରଣ ସଂଖ୍ୟା ଓ ରାଜସ୍ୱ ସଂଗ୍ରହରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି । ରାଜ୍ୟରେ ମାସକୁ ୨୦୦ରୁ ୩୦୦ ନମୁନା ସଂଗ୍ରହ କରାଯାଇ ସେଗୁଡ଼ିକୁ ପରୀକ୍ଷା କରାଯାଉଛି। ବର୍ଷକୁ ୩ରୁ ୪ ହଜାର ନମୁନା ସଂଗ୍ରହ କରାଯାଉଛି। ଯାଞ୍ଚ ପ୍ରକ୍ରିୟାକୁ ଆହୁରି କଡ଼ାକଡ଼ି କରାଯିବା ସହ ନମୁନା ସଂଗ୍ରହକୁ ଆହୁରି ତ୍ୱରାନ୍ୱିତ କରାଯିବ ବୋଲି ଓଡ଼ିଶା ଫୁଡ୍ ସେଫ୍ଟି କମିଶନରଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

### ୧ କୁଇଣ୍ଟାଲ ସିନ୍ଥେଟିକ୍ ...

ଅଧିକାରୀମାନେ ଓଏମ୍‌ପି ଛକରେ ଛକି ରହିଥିଲେ। କୋଲକାତାରୁ ଆସୁଥିବା ଏକ ଘରୋଇ ବସ୍‌କୁ ଅଟକାଇ ଲଗେଜ ଡିକିକୁ ଯାଞ୍ଚ କରାଯିବାରୁ ୧ କୁଇଣ୍ଟାଲରୁ ଅଧିକ ଭେଜାଲ ପନିର ମିଳିଥିଲା। ଏହି ପନିର ଆଣୁଥିବା ଶୁକଦେବଙ୍କୁ ଥାନାରେ ଅଟକ ରଖାଯାଇଛି। ଏ ସମ୍ପର୍କରେ ଶୁକଦେବ କହିଥିଲେ, ବର୍ତ୍ତମାନ ବାହାଘର ସିଜିନ। ତେଣୁ ଉଭୟ ମିଠା ଓ ତରକାରୀ ପାଇଁ ଅଧିକ ପନିର ଆବଶ୍ୟକ ପଡୁଛି। ଫଳରେ ବ୍ୟବସାୟ ସହଜ ହେଉଛି। ଏହି ପନିର କିଲୋ ପିଛା ମାତ୍ର ୭୦ ଟଙ୍କାରେ କିଣି ଏଠାରେ ୨୨୦ରେ ବିକ୍ରି କରୁଥିବା ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଚାଉଳିଆଗଞ୍ଜ ଥାନା ଅଧିକାରୀ ତାପସ ପ୍ରଧାନ କହିଛନ୍ତି ଯେ, ଏହି ସିନ୍ଥେଟିକ ପନିରକୁ ନମୁନା ପରୀକ୍ଷା ନିମନ୍ତେ ପଠାଯାଇଛି। ଏ ନେଇ ତଦନ୍ତ ଜାରି ରହିଛି। ଏହି କାରବାରର ମୂଳ ଉତ୍ସ କୋଲକାତାର ସମ୍ପୃକ୍ତ ଥାନା ସହ ସମ୍ପର୍କ କରାଯାଇ ଅନୁସନ୍ଧାନ କରାଯିବ। ସେହିପରି ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି ଯେ, ଜବତ ପନିରରେ ସଲଫରିକ୍ ଏସିଡ୍, ବାୟୋ କାର୍ବୋନାଇଟ୍, ପାରସ୍ ପାଉଡର୍ ଆଦି ରାସାୟନିକ ଦ୍ରବ୍ୟ ମିଶାଯାଇଥିବା ଜଣାପଡିଛି। ତେବେ ଲ୍ୟାବ୍ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଉଲ୍ଲେଖ ଥାଉ କି, ଗତ ୩ମାସ ମଧ୍ୟରେ ୬ଟି ଥାନା ପକ୍ଷରୁ ଚଢଉ କରାଯାଇ ପ୍ରାୟ ୩୦ କୋଟି ଟଙ୍କା ମୂଲ୍ୟର ନକଲି ସାମଗ୍ରୀ ଜବତ କରାଯାଇ ୨୨ଟି ମାମଲା ରୁଜୁ କରାଯାଇଛି।

### ଅଫେରା ରାଇଜରେ ...

ଜିଓଲୋଜି ଆଣ୍ଡ୍ ଜିଓଫିଜିକ୍ସରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ସେ ୧୯୫୭ରେ ରାଜ୍ୟ ସରକାରଙ୍କ ଡାଇରେକ୍ଟୋରେଟ୍ ଅଫ୍ ମାଇନିଙ୍ଗ୍ ଆଣ୍ଡ୍ ଜିଓଲୋଜିରେ ଜଣେ ଭୂତତ୍ତ୍ୱବିତ୍ ଭାବେ ଯୋଗଦେଇ ୧୯୯୪ରେ ଏହାର ନିର୍ଦ୍ଦେଶକ ଭାବେ ଅବସର ଗ୍ରହଣ କରିଥିଲେ। ଏକାଧାରରେ ସେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ବୃତ୍ତିଗତ ଜୀବନ ଭିତରେ ସଙ୍ଗୀତ ତାଙ୍କ ଜୀବନର ପ୍ରମୁଖ ଧାରା ଥିଲା। ଗୁରୁ ବାଞ୍ଛାନିଧି ପଣ୍ଡାଙ୍କଠାରୁ ସଙ୍ଗୀତ ଶିକ୍ଷା କରିବା ପରେ ଜଣେ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ଭାବେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରଥମ ଓଡ଼ିଆ ସଙ୍ଗୀତ ନିର୍ଦ୍ଦେଶକ ଭାବେ ଓଡ଼ିଆ, ହିନ୍ଦୀ, ବଙ୍ଗଳା, ଅହମୀୟା ଓ ତେଲୁଗୁ ଆଦି ୫ ଭାଷାରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଶାନ୍ତନୁ। ପ୍ରଥମ ଓଡ଼ିଆ ସଙ୍ଗୀତ ନିର୍ଦ୍ଦେଶକ ଭାବେ ତାଙ୍କ ନିର୍ଦ୍ଦେଶନାରେ ଲତା ମଙ୍ଗେସକର ଓ ମହମ୍ମଦ ରଫି ଓଡ଼ିଆ ଚଳଚ୍ଚିତ୍ରରେ ଗୀତ ଗାଇଛନ୍ତି। ମହମ୍ମଦ ରଫି ଗାଇଥିବା ଓଡ଼ିଆ ଚଳଚ୍ଚିତ୍ର 'ଅରୁନ୍ଧତୀ'ର ଗୀତ 'ମୟୂରୀଗୋ ତୁମ ଆକାଶେ ମୁଁ ଦିନେ ମହ୍ଲାରେ ମେଘ ସାଜିଲି' ଶାନ୍ତନୁଙ୍କୁ ଘରେ ଘରେ ପରିଚିତ କରାଇଥିଲା। ସେହିଭଳି ତାଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ସୁରେଶ ୱାଡେକର, ଅଭିଜିତ, ଅନୁରାଧା ପୋଡ୍‌ୱାଲ, କବିତା କୃଷ୍ଣମୂର୍ତ୍ତି ମଧ୍ୟ ଗୀତ ଗାଇଛନ୍ତି।

୧୯୬୩ରେ ସୂର୍ଯ୍ୟମୁଖୀ ଚଳଚ୍ଚିତ୍ରରୁ ସଙ୍ଗୀତକାର ଜୀବନ ଆରମ୍ଭ କରିଥିବା ଶାନ୍ତନୁ ପାଖାପାଖି ୨ ହଜାର ଗୀତର ନିର୍ଦ୍ଦେଶନା ଦେଇଛନ୍ତି। ଏହାସହ ୧୦ରୁ ଊର୍ଦ୍ଧ୍ୱ ଯାତ୍ରା, ୬୦ ନାଟକ ଓ ୧୦ ଡ୍ୟାନ୍ସ ଡ୍ରାମାରେ ସଙ୍ଗୀତ ସଂଯୋଜନା କରିଛନ୍ତି। 'ଅରୁନ୍ଧତୀ', 'ସୂର୍ଯ୍ୟମୁଖୀ', 'ମେଘମୁକ୍ତି', 'ପ୍ରିୟତମା' 'ଅଗ୍ନିପରୀକ୍ଷା', 'ଡୋରା', 'ଜଗାବଳିଆ', 'ଗୋଲାମଗିରି', 'ରଣଭୂମି', 'ପଥର ଖସୁଛି ବଡ଼ ଦେଉଳୁ' ଭଳି ଲୋକପ୍ରିୟ ଓଡ଼ିଆ ଚଳଚ୍ଚିତ୍ରରେ ସେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଦୀର୍ଘ ୬୦ବର୍ଷରୁ ଊର୍ଦ୍ଧ୍ୱ ସମୟ ସେ ଓଡ଼ିଆ ସଙ୍ଗୀତ ଜଗତ ସହ ଜଡ଼ିତ ଥିଲେ। ଏହା ଭିତରେ ୩୦ ବର୍ଷରୁ ଅଧିକ କାଳ ଧରି ଆକାଶବାଣୀ ଓ ଦୂରଦର୍ଶନରେ ଜଣେ ଶୀର୍ଷସ୍ତରୀୟ ସ୍ୱର ସଂଯୋଜକ ଭାବେ ଶତାଧିକ ଆଧୁନିକ ଓଡ଼ିଆ ଗୀତ ସୃଷ୍ଟି କରିଥିଲେ ଶାନ୍ତନୁ। ସଙ୍ଗୀତ ନିମନ୍ତେ ତାଙ୍କୁ ୨୦୦୪ରେ ଓଡ଼ିଶା ଲଳିତ କଳା ଏକାଡେମୀ ପୁରସ୍କାର ଏବଂ ୧୯୯୫ରେ ଓଡ଼ିଶା ଫିଲ୍ମ କ୍ରିଟିକ୍ ସମ୍ମାନ ସହ ଅନେକ ପୁରସ୍କାର ଓ ସମ୍ମାନ ମିଳିଥିଲା।

### ୭୫% କର୍ମଚାରୀରେ ଚାଲିବ ...

ପୋଲିସ, ଅଗ୍ନିଶମ, ସ୍ୱାସ୍ଥ୍ୟ, ମ୍ୟୁନିସିପାଲ ବିଭାଗ ୧୦୦ପ୍ରତିଶତ କର୍ମଚାରୀଙ୍କୁ ନେଇ କାମ କରିବ। ସବୁ ବିଭାଗକୁ କୋଭିଡ୍ ଗାଇଡ୍‌ଲାଇନ ସମ୍ପୂର୍ଣ୍ଣ ଅନୁପାଳନ ଲାଗି କୁହାଯାଇଛି। କୌଣସି ବିଭାଗରେ ଯଦି କୋଭିଡ୍ ସଂକ୍ରମିତ ଜଣାପଡ଼ନ୍ତି, କାର୍ଯ୍ୟାଳୟ ପକ୍ଷରୁ ସମ୍ପୂର୍ଣ୍ଣ ପ୍ରୋଟୋକଲ ପାଳନ ଲାଗି ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନଙ୍କୁ ରୋଷ୍ଟର ଡ୍ୟୁଟି ନ ମିଳିବ ସେମାନେ ୱାର୍କ ଫ୍ରମ୍ ହୋମ୍ କରିବେ।

### ଖୋଲିବ ସିନେମା ...

ଆଲୋଚନା କରିବା ସହ ଏନେଇ ଆବଶ୍ୟକ ଗାଇଡ୍‌ଲାଇନ ଜାରି କରି ସ୍କୁଲ ଖୋଲିବାକୁ କୁହାଯାଇଛି। ସେହିପରି କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲିବା ନେଇ ଉଚ୍ଚଶିକ୍ଷା ବିଭାଗ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନ ଖୋଲିବା ନେଇ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ନିଷ୍ପତ୍ତି ନେବ। ପରୀକ୍ଷା ପରିଚାଳନା, ଖାତାଦେଖା, ଅନ୍‌ଲାଇନ ଶିକ୍ଷାଦାନ, ଦୂରଶିକ୍ଷା ଆଦି ପୂର୍ବଭଳି ଜାରି ରହିବ। ସ୍କୁଲ, କଲେଜ ଶିକ୍ଷକମାନେ ଅନ୍‌ଲାଇନ ଜରିଆରେ ଶିକ୍ଷାଦାନ ଜାରି ରଖିବାକୁ କୁହାଯାଇଛି। ବିଜ୍ଞାନ ଓ ବୈଷୟିକ ବିଭାଗର ସମସ୍ତ ପିଏଚ.ଡି. ଏବଂ ପୋଷ୍ଟ ଗ୍ରାଜୁଏଟ ଛାତ୍ରୀଛାତ୍ରଙ୍କୁ ଗବେଷଣା ପାଇଁ ଉଚ୍ଚଶିକ୍ଷା ବିଭାଗ ଅନୁମତି ଦେଇ ପାରିବ। ଆସନ୍ତା ଜାନୁୟାରୀ ୩୧ ଯାଏ ସମସ୍ତ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରହିବ। ପିଲାମାନଙ୍କୁ ଖାଦ୍ୟସାମଗ୍ରୀ ପୂର୍ବଭଳି ସେମାନଙ୍କ ଘରେ ଯୋଗାଇ ଦିଆଯିବ। ବିବାହ ପାଇଁ ସର୍ବାଧିକ ୨୦୦ ଏବଂ ଶୁଦ୍ଧିକ୍ରିୟା ଲାଗି ୧୦୦ ଜଣଙ୍କୁ ଅନୁମତି ଦିଆଯାଇଛି। ଏଥିସହିତ ଜିରୋନାଇଟ ସେଲିବ୍ରେଶନକୁ ବାରଣ କରାଯାଇଛି। କୋଭିଡ୍-୧୯ ସଂକ୍ରମଣକୁ ଦେଖି ସ୍ଥାନୀୟ ପ୍ରଶାସନ ଧାର୍ମିକ କାର୍ଯ୍ୟକଳାପ ପାଇଁ ଅନୁମତି ଦେଇପାରିବେ। ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ସୁଇମିଂପୁଲ୍ କ୍ରୀଡ଼ାବିତ୍‌ଙ୍କ ପ୍ରଶିକ୍ଷଣ ପାଇଁ ଖୋଲାରହିବ। ଅନ୍ୟ ସୁଇମିଂପୁଲ୍‌ଗୁଡ଼ିକ ପୂର୍ବଭଳି ବନ୍ଦ ରହିବ। ସଂକ୍ରମିତ ଅଞ୍ଚଳ ବ୍ୟତୀତ କୌଣସି କର୍ତ୍ତୃପକ୍ଷ ଜିଲା, ସବ୍‌ଡିଭିଜନ କିମ୍ବା ସହରକୁ ଲକ୍‌ଡାଉନ ଘୋଷଣା କରିପାରିବେ ନାହିଁ। ଯଦି ଆବଶ୍ୟକ ହେବ ତେବେ ସମ୍ପୃକ୍ତ ଅଞ୍ଚଳର ପ୍ରଶାସନିକ ଅଧିକାରୀ କେନ୍ଦ୍ର ସରକାରଙ୍କ ଅନୁମୋଦନ କ୍ରମେ ଏସ୍‌ଆର୍‌ସିଙ୍କ ଠାରୁ ଅନୁମତି ନେବାକୁ ହେବ। ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ କୋଭିଡ୍-୧୯ ସଂକ୍ରମଣ ପ୍ରତିରୋଧ ପାଇଁ ଜାରି କରାଯାଇଥିବା ଏସ୍‌ଓପିକୁ ପାଳନ କରିବାକୁ କୁହାଯାଇଛି। ସଂକ୍ରମିତ ଅଞ୍ଚଳରେ ଟେଷ୍ଟିଂ ସହିତ ଅତ୍ୟାବଶ୍ୟକ ସେବା ଜାରି ରହିବ। ସାମାଜିକ, ସାଂସ୍କୃତିକ, ଧାର୍ମିକ, କ୍ରୀଡ଼ା, ଆମୋଦପ୍ରମୋଦ ପାଇଁ ସର୍ବାଧିକ ୨୦୦ ଲୋକଙ୍କ ସମାଗମକୁ ଅନୁମତି ଦିଆଯାଇଛି।

### ପାରାଦୀପ ବନ୍ଦର ...

ବଡ ଜାହାଜ ପାଇଁ ଭାରତକୁ ବଡ ବନ୍ଦର ଏବଂ ଡକ୍‌ର ଆବଶ୍ୟକତା ରହିଛି। ବର୍ତ୍ତମାନର ପ୍ରସ୍ତାବିତ ୱେଷ୍ଟର୍ନ ଡକ୍ କାର୍ଯ୍ୟକ୍ଷମ ହେଲେ ପାରାଦୀପ ବନ୍ଦରରେ ବଡ ଜାହାଜ ଲାଗିବାରେ ସୁବିଧା ହେବ। ଏହି ପ୍ରକଳ୍ପ କାମ ଶୀଘ୍ର ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଫଳରେ ବଡ଼ ଜାହାଜ ଆସିବା ନେଇ ଯେଉଁ ସମସ୍ୟା ଉପୁଜୁଥିଲା ତାହା ଦୂର ହୋଇପାରିବ। ସୂଚନାଯୋଗ୍ୟ, ପାରାଦୀପ ବନ୍ଦରର ବାଣିଜ୍ୟିକ କାରବାର ଏବେ ୧୧୨ ନିୟୁତ ମେଟ୍ରିକ ଟନ୍‌ରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀ ମୋଦି ଏବଂ ଜାହାଜ ଚଳାଚଳ ମନ୍ତ୍ରୀ ମନସୁଖ ମାଣ୍ଡଭିୟଙ୍କୁ ଧନ୍ୟବାଦ ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ପାରାଦୀପ ବନ୍ଦରର ଆଧୁନିକୀକରଣ ଏବଂ ବିଶ୍ୱସ୍ତରୀୟ ବନ୍ଦର ସ୍ଥାପନ ଯୋଜନା ଲାଗି କେନ୍ଦ୍ର ସରକାର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ପୂର୍ବୋଦୟ ଭାରତ ବିକାଶ ଦିଗରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ସେହିଭଳି ଦେଶର ପ୍ରଥମ ଜେନେରେଶନ ଇଥାନଲ ଉତ୍ପାଦନ ବୃଦ୍ଧି କରାଯିବା ନେଇ ସଂଶୋଧିତ ଯୋଜନାକୁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ଦେଇଥିବା ପ୍ରଧାନ ସ୍ପଷ୍ଟ କରିଛନ୍ତି।

### ଅଚଳାବସ୍ଥା ଦୂର ...

ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଆଲୋଚନା ଆରମ୍ଭ ହୋଇଥିଲା। ପ୍ରବଳ ଶୀତ ହେଉଥିବାରୁ ଆନ୍ଦୋଳନ ସ୍ଥଳରୁ ବୃଦ୍ଧ, ମହିଳା ଓ ପିଲାମାନଙ୍କୁ ଘରକୁ ପଠାଇଦେବା ଲାଗି ସରକାର ଚାଷୀ ନେତାମାନଙ୍କୁ ଅନୁରୋଧ କରିଥିଲେ। ୩ କୃଷି ଆଇନକୁ ପ୍ରତ୍ୟାହାର କରିନେବା ଦାବିରେ କୃଷକ ନେତାମାନେ ଅଡ଼ିବସିଥିଲେ। ତେବେ ଆଇନର ସୁଫଳ ସମ୍ପର୍କରେ ସରକାରଙ୍କ ପକ୍ଷରୁ ସେମାନଙ୍କୁ ବୁଝାଇଦିଆଯିବା ସହ ନିର୍ଦ୍ଦିଷ୍ଟ ସମସ୍ୟା କ'ଣ ଜାଣିବାକୁ ଚାହିଁଥିଲେ। ସରକାର ଏମ୍‌ଏସ୍‌ପି ଉପରେ ଲିଖିତ ପ୍ରତିଶ୍ରୁତି ଦେବେ ବୋଲି ପୂର୍ବରୁ କହିସାରିଛନ୍ତି। ଏହି ଦୁଇଟି ପ୍ରସଙ୍ଗ ଉପରେ ଅଧିକ ଆଲୋଚନା ହେବ। ତୋମାରଙ୍କ ସହ ରେଳମନ୍ତ୍ରୀ ପୀୟୂଷ ଗୋୟଲ ଏବଂ ବାଣିଜ୍ୟ ରାଷ୍ଟ୍ରମନ୍ତ୍ରୀ ସୋମ ପ୍ରକାଶ ଆଲୋଚନାରେ ଭାଗ ନେଇଥିଲେ। ପରବର୍ତ୍ତୀ ବୈଠକରେ ୩ ଆଇନ ଏବଂ ଏମ୍‌ଏସ୍‌ପି ଉପରେ ଜୋର୍ ଦିଆଯିବ ବୋଲି ଚାଷୀନେତା କଲୱନ୍ତ ସିଂ ସାନ୍ଧୁ କହିଛନ୍ତି।

### ୬ ଅଧିକାରୀଙ୍କୁ ...

ଯନ୍ତ୍ରୀ(କ୍ୱାଲିଟି କଣ୍ଟ୍ରୋଲ) ଜିତେନ୍ଦ୍ର ଦଳାଇଙ୍କୁ ସରକାରୀ ସମ୍ପତ୍ତି ଆତ୍ମସାତ୍, ମୟୂରଭଞ୍ଜ ଜିଲାର କରଞ୍ଜିଆ ପୂର୍ତ୍ତ ଡିଭିଜନ (ସେକ୍ସନ-୧)ର ସହକାରୀ ଯନ୍ତ୍ରୀ ବିଜୟ ପରିଡ଼ାଙ୍କୁ ସରକାରୀ ସମ୍ପତ୍ତି ଆତ୍ମସାତ୍, ଭୁବନେଶ୍ୱର ଆର୍ ଆଣ୍ଡ ବି ଡିଭିଜନ-୨ର ସହକାରୀ ଯନ୍ତ୍ରୀ ଗଣେଶ୍ୱର ସେଠୀଙ୍କୁ କର୍ତ୍ତବ୍ୟରେ ଅବହେଳା ଯୋଗୁ ୬ ଥର ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସରକାର ବାଧ୍ୟତାମୂଳକ ଅବସର ଦେଇଛନ୍ତି। ସେହିପରି ଅବକାରୀ ବିଭାଗର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଜୟଦୀପ ପଟ୍ଟନାୟକ ଏବଂ ସୁନ୍ଦରଗଡ଼ ଜିଲାର ଅବକାରୀ ଇନ୍ସପେକ୍ଟର ରିଆଜ ଅହମ୍ମଦ ବେଗଙ୍କୁ କର୍ତ୍ତବ୍ୟରେ ଅବହେଳା ଓ ନିୟମକୁ ଅବମାନନା ଯୋଗୁ ୫ ଥର ଚାକିରିରୁ ନିଲମ୍ବିତ ହେବା ପରେ ସରକାର ଚାକିରିରୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି।


# classifieds Everyday
0674-2580101, 2549302




**SALE**

**1000sqft 2BHK flat for sale at Kalyan Plaza-2, Sundarpada @ 30 lakhs. Genuine Buyers Please Contact. 9437581042.** D-19402

**Immediate registration & possession with demarcated boundary wall 30'wide road, plot for sale @650/- per sqft. at Gudiapokhari near Krupajal Engineering College and at Uttara Chhak, Bhubaneswar. 8917528470, 7008328766.** D-19150

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70133

**Plot For Sale, 2000sqft (10nos) per Sq.ft.-1700, Gharabari Plot and Sarada-2 (15nos) per sqft-1500 main road side, infront of Tata Ariana, Mouza- Sankarpur, Ghatikia, BBSR. Electricity, Supply Water available. Contact: 8114744495, 8328943165.** D-19368

**Immediate construction with ଘରବାରି ବାଉଣ୍ଡ୍ରିୱାଲ୍, ଇଲେକ୍ଟ୍ରିସିଟି ଥାଇ ହଂସପାଳ କେନାଲ ରୋଡ୍ ପାଖରେ ଜାଗା ବିକ୍ରିହେବ। 7978998868.** D-70135

Bank Approved Plot, Saivihar Colony, Rangabazar 1500 Sq.ft. @ 6,75,000/- 9437522338, 9437522339. D-19367

Bhubaneswar ସୁନ୍ଦରପଦାରେ ଆଜି ଘର କରିବା ପ୍ଲଟ୍ sqft.-950/- investment plot near Xavier University-299/-, Deras (Kateni) 650/- Lipsa- 9938016295. D-70139

ବରମୁଣ୍ଡା ଶିବମନ୍ଦିର ପାଖରେ 6200 Sq.ft. Yellowzone ଘରବାରି Plot ବିକ୍ରିହେବ। Contact: 9778928492. D-70203

ପାତ୍ରପଡ଼ାରେ 2400 Sq.ft. ଘରବାରି Plot ବିକ୍ରିହେବ। Contact: 9778928492. D-70204

ଜାଗମରାରେ 3000 Sq.ft. ଘର ବିକ୍ରିହେବ। Contact: 9778928492. D-70205

C.V. Raman ପାଖରେ 27000 Sq.ft. Plot ବିକ୍ରିହେବ। Contact: 9778928492. D-70206




**Don't hurry for construction or renovation compare quality and price from others before start your work talk with engineering experts for latest techniques call OHM Construction & research centre. 9938640133, 9938709146.** D-70068




Newly open evergreen SPA Offer @ 799/- Jaydev Vihar. 7846814019. D-59973

Christmas Offer@ 899/- all types massage gives by Swarna SPA. 9556978408. D- 70069

Rejuvenate and Ayurvedic full body massage by smart therapist. 9348123330. D-70071

Revitalize your self with our ayurvedic massage and refreshment, Call: 7381239385. D-70075

Experience full body massage with expert therapists. Call: 7377048581. D-70076

Get refreshment body massage by expert therapist contact for 7205084157. D-70070




**AB roadlinesର new project ପାଇଁ ହାଇୱା ଆବଶ୍ୟକ। Mo-: 9337731351, 7077061630.** D-19336




3BR, 2BR Kitchen, 2 Toilets, Dining, Hata Malls Bank Parlour, nearby Jailroad, Ali - 7978285714. D-19411

**LOST**

ମୁଁ Manoj Kumar Padhi, S/o. Raghunath Padhi ଗ୍ରାମ/ଥାନା: ପୁରୁଣାକଟକ, ଜିଲ୍ଲା: ବୌଦ୍ଧ ଦର୍ଶାଉଛି ଯେ, ମୋର ପୁରୁଣାକଟକ ମୌଜାରେ ଥିବା ଖାତା ନଂ. ୨୨୧/୩୫୭, ପ୍ଲଟ୍ ନଂ. ୩୮୨/୧୨୧୮, ଏକର ୦.୦୨ ଡିସିମିଲର Original Sale Deed No. 872/2006ଟି ହଜିଯାଇଅଛି। ମୁଁ ଏହି Sale Deedର (872/2006) Certified Copyରେ SBI, Purunakatak ଶାଖାରେ ୧୨.୦୦ ଲକ୍ଷର ଗୃହଋଣ ଆବେଦନ କରିଅଛି। ଯଦି ଏହି Sale Deed ଉପରେ କୌଣସି ବ୍ୟକ୍ତିର ଆପତ୍ତି/ଅଭିଯୋଗ ଥାଏ ସେ SBI, Purunakatak Branch Managerଙ୍କ ପାଖରେ ୨୧ଦିନ ଭିତରେ ଅଭିଯୋଗ କରିପାରିବେ। D-69829

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ଆଜି ପ୍ରତ୍ୟୁଷ ଯାତ୍ରା, ମାଙ୍ଗଳିକ କାମରେ ଉତ୍ସାହ ସାଙ୍ଗକୁ ପାରିବାରିକ ଜୀବନ ସୁନ୍ଦର ଓ ସୁମଧୁର ହୋଇଉଠିବ । ଆନୁଷ୍ଠାନିକ କ୍ଷେତ୍ରରୁ ସମ୍ମାନ ଓ ସଦିଚ୍ଛା ଲାଭ କରିବେ । ରହିଯାଇଥିବା କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ । ଦ୍ୱିଜା ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ପ୍ରାୟତଃ ସୁଧୁରିଯିବାରୁ ଆଶ୍ୱସ୍ତି ଲାଭ କରିବେ ।

**ବୃଷ**



ଅଟକି ରହିଯାଇଥିବା କାମ ସମ୍ପନ୍ନ କରିବା ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ । ଆପଣଙ୍କ ପ୍ରଶଂସା ଓ ପ୍ରତିଷ୍ଠାକୁ ଅନ୍ୟମାନେ ସହି ନ ପାରି ଭିନ୍ନ ମନ୍ତବ୍ୟ ଦେଇପାରନ୍ତି। ସବୁ କାମରେ ଆଗୁଆ ରହି କାମ କରିବା ହେତୁ ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ । ରୋହିଣୀ ନକ୍ଷତ୍ର ବନ୍ଧୁଙ୍କଠାରୁ ହଠାତ୍ ନିମନ୍ତ୍ରଣ ପାଇ ଯାତ୍ରା କରିବାକୁ ପଡ଼ିପାରେ।

**ମିଥୁନ**



ଆଜି ଅନ୍ୟମାନଙ୍କ ଫୁସୁଲାଫୁସୁଲି କଥାରେ ଭାସିଯାଇ ଯେଉଁ କାମ କଲେ ଅନୁତାପ କରିବେ। ଆନୁଷ୍ଠାନିକ କାମରେ କେବଳ ବେଠି ଖଟିବା ବ୍ୟତୀତ କିଛି ଲାଭ ହେବନି। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ମୃଗଶିରା ପରିଶ୍ରମ ମୁତାବକ ଫଳ ନ ପାଇବା କାରଣରୁ ମନସ୍ତାପ କରିପାରନ୍ତି।

**କର୍କଟ**



ବନ୍ଧୁଙ୍କ କଥାକୁ ଭାଙ୍ଗି ନ ପାରି ସକାଳୁ ସକାଳୁ କୌଣସି କାମରେ ନିଜକୁ ହଜାଇଦେବେ । ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରି ବିଫଳ ହେବେ । ପୁନର୍ବସୁ ନକ୍ଷତ୍ରର ଘରୋଇ କଥାରେ କିଛି ମତପାର୍ଥକ୍ୟ ସୃଷ୍ଟି ହେବ । ଅବଶ୍ୟ କର୍ମକ୍ଷେତ୍ର ଓ ସାମାଜିକ ସ୍ତରରେ ସମ୍ମାନ ପାଇବା କମିବ ନାହିଁ।

**ସିଂହ**



ଅସଫଳତାର ଚିନ୍ତାଧାରା ମନକୁ ବେଶି ବିବ୍ରତ କରିପାରିବ ନାହିଁ। ପୂର୍ବାଫାଲଗୁନୀ ନକ୍ଷତ୍ର ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି । ଇଚ୍ଛା ନ ଥିଲେ ମଧ୍ୟ ବାଧବାଧକତାରେ ଦୂର ସ୍ଥାନକୁ ଯିବାକୁ ପଡ଼ିପାରେ । କୌଣସି ଲୋକର ଚାପର ପ୍ରଭାବରୁ ଧୀରେସୁସ୍ଥେ କାମ କରିବାକୁ ବାଧ୍ୟ ହେବେ ।

**କନ୍ୟା**



ଆଜି ଫେରିବା ବେଳକୁ ଯିବା ସମୟର ଆନନ୍ଦ ମନରେ ଆଉ ନଥିବ ଏବଂ ନିରାଶ ମନରେ ଫେରିବେ। ଚିତ୍ରା ନକ୍ଷତ୍ରର ରୋଗୀଣା ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେବ । ସତର୍କତା ରକ୍ଷା ନ କଲେ ବ୍ୟବସାୟ କ୍ଷେତ୍ରରେ ଠକାମିରେ ପଡ଼ିପାରନ୍ତି। ପାରିବାରିକ, ସାମାଜିକ ଓ ରାଜନୈତିକ ସ୍ଥିତି ଭଲ ରହିବ ।

**ତୁଳା**



କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ଆଜି ମାତ୍ରାଧିକ ଭ୍ରମଣ ଯୋଗୁ ସାୟାହ୍ନରେ କ୍ଳାନ୍ତି ଅନୁଭବ କରିବେ । ସ୍ୱାତୀ ନକ୍ଷତ୍ର କଳା, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ମସ୍‌ଗୁଲ୍ ରହିବେ । ନିଜ ପରିବାରର ଲୋକମାନଙ୍କ ସହ ଦୂରଯାତ୍ରା କରିବାକୁ ପଡ଼ିପାରେ ।

**ବିଛା**



ସମ୍ପର୍କୀୟମାନେ କ୍ରମଶଃ ଦୂରେଇ ରହୁଥିବାର ଅନୁଭବ କରିବେ, ଫଳରେ ମନ ଭଲ ରହିବ ନାହିଁ। କଳା, ସାହିତ୍ୟ ଓ ବନ୍ଧୁମିଳନ କ୍ଷେତ୍ରରେ ବେଶ୍ ଆଦୃତ ହେବେ । ଅନୁରାଧା ନକ୍ଷତ୍ର ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ । କିଛି କାମ ହାସଲ କରିବା ସକାଶେ ଗୁଡ଼ିଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହୋଇପାରନ୍ତି ।

**ଧନୁ**



ଭାଙ୍ଗି ପଡ଼ିଥିବା ସମ୍ପର୍କକୁ ପୁଣି ଯୋଡ଼ିବା ସକାଶେ ଚେଷ୍ଟା କଲେ ମଧ୍ୟ କିଛି ଲାଭ ପାଇବେ ନାହିଁ । ମୂଳା ନକ୍ଷତ୍ର ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଉନ୍ନତି କରିବେ । ଦୀର୍ଘ ଦିନରୁ ଭିତରେ ଭିତରେ କୁହୁଳୁଥିବା ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ । କୌଣସି ନୂତନ କାମଟିଏ ଆରମ୍ଭ କରିବା ପାଇଁ ମନ ବଳାଇବେ ।

**ମକର**



ଆଜି ଅନ୍ତରଙ୍ଗ ବନ୍ଧୁଟି ବେଳକାଳ ଉଣ୍ଡି ଅସୁବିଧାରେ ପକାଇପାରେ । ଶ୍ରବଣା ନକ୍ଷତ୍ରର ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପ୍ରତ୍ୟୁଷ ଯାତ୍ରାରେ ମନଟା କେଜାଣି କାହିଁକି ଏକ ଅଜଣା ଆଶଙ୍କାରେ ଉଦ୍‌ବେଳିତ ହୋଇପାରେ । କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ବେଶ୍ ଆଦୃତ ହେବେ ।

**କୁମ୍ଭ**



ପ୍ରତ୍ୟେକ କ୍ଷେତ୍ରରେ ସଂଯମ ରକ୍ଷା ନ କଲେ ବିବାଦ ଭିତରକୁ ଟାଣି ହୋଇପାରନ୍ତି । ଗତକାଲିର କୌଣସି ଘଟଣାକୁ ନେଇ ଆଜି ମନ ଭାରାକ୍ରାନ୍ତ ରହିବ । ସବୁ କାମ ନିରୁତ୍ସାହିତ ଭାବେ କରିବେ ଏବଂ କୌଣସିଥିରେ ଆନ୍ତରିକତା ନ ଥିବ । ଧନିଷ୍ଠା ନକ୍ଷତ୍ର ପାଇଁ କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ମୀନ**



ଯେତେ ଭାବିଚିନ୍ତି କାମ କଲେ ମଧ୍ୟ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ । ଏକ ମାମୁଲି ଘଟଣାରେ ମଧ୍ୟାହ୍ନରେ ଉଚ୍ଚବାଚ ଘଟିବାର ଆଶଙ୍କା ରହିଛି । ଗତକାଲିର ଯୋଜନା ଅନୁଯାୟୀ ଆଜିର କାମଗୁଡ଼ିକ ସମ୍ପନ୍ନ ହୋଇଯିବ । ରେବତୀ ନକ୍ଷତ୍ର ପରିସ୍ଥିତି ପ୍ରତି ସତର୍କ ରହି କାମ କଲେ ଉପକୃତ ହୋଇପାରିବେ ।

ଆଜି ପୌଷ କୃଷ୍ଣ ପ୍ରତିପଦା ଯୁକ୍ତ ଦ୍ୱିତୀୟା, ଗୁରୁବାର, ଦାଣ୍ଡପହଁରା ଓ ବାଟଓଷା, ଖ୍ରୀଷ୍ଟୀୟବର୍ଷ ଶେଷ, ଡିସେମ୍ବର ୩୧ ତାରିଖ, ରାଶି ନକ୍ଷତ୍ର- ପୁଷ୍ୟା/କର୍କଟ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୬।୨୫ ଗତେ ଘ.୦୭।୦୮ ମଧ୍ୟେ, ଘ.୦୭।୫୧ ଗତେ ଘ.୧୦।୦୧ ମଧ୍ୟେ, ଘ.୧୨।୧୧ ଗତେ ଘ. ୦୩।୦୫ ମଧ୍ୟେ, ଘ.୦୩।୪୮ ଗତେ ଘ.୦୫।୧୫ ମଧ୍ୟେ ଅମୃତବେଳା । ଦିବା ଘ.୧୦।୩୯ ଗତେ ଘ. ୧୧।୫୦ ମଧ୍ୟେ ମାହେନ୍ଦ୍ରବେଳା ।

**ରାଜ୍ୟପାଳଙ୍କୁ ହଟାଇବାକୁ ରାଷ୍ଟ୍ରପତିଙ୍କୁ ପତ୍ର ଲେଖିଲା ଟିଏମ୍‌ସି**

**କୋଲକାତା:** ପଶ୍ଚିମବଙ୍ଗ ରାଜ୍ୟପାଳ ଜଗଦୀପ୍ ଧନଖରଙ୍କୁ ତୁରନ୍ତ ହଟାଇବା ଲାଗି ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର କେତେଜଣ ଏମ୍‌ପି ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ପତ୍ର ଲେଖିଛନ୍ତି। ସମ୍ବିଧାନକୁ ସୁରକ୍ଷା ଦେବାରେ ରାଜ୍ୟପାଳ ବିଫଳ ହେବା ସହ ସୁପ୍ରିମକୋର୍ଟଙ୍କ ଦ୍ୱାରା ଘୋଷିତ ଆଇନର ବାରମ୍ବାର ଉଲ୍ଲଂଘନ କରୁଥିବା ସେମାନେ କହିଛନ୍ତି। ପଶ୍ଚିମବଙ୍ଗ ସରକାରଙ୍କ ସହ ରାଜ୍ୟପାଳଙ୍କର କିଛିମାସ ହେଲା ବିବାଦ ଲାଗି ରହିଛି। ଟିଏମ୍‌ସି ଏମ୍‌ପି ସୁଖେନ୍ଦୁ ଶେଖର ରାୟ ଉକ୍ତ ପତ୍ର ଲେଖିଥିବାବେଳେ ସେଥିରେ ସୁଦୀପ ବନ୍ଦୋପାଧ୍ୟାୟ, ଡେରେକ୍ ଓ'ବ୍ରିଏନ, କଲ୍ୟାଣ ବାନାର୍ଜୀ ଏବଂ କକୋଲି ଘୋଷ ଦସ୍ତିଦାର ସ୍ୱାକ୍ଷର କରିଥିଲେ।

## 'ଏକ ରାଷ୍ଟ୍ର ଏକ ନିର୍ବାଚନ' ହେଲେ ପ୍ରଶାସନ ବୋଝ କମିବ: ଭାଜପା

**ଭୁବନେଶ୍ୱର,୩୦।୧୨(ବ୍ୟୁରୋ):** ଦେଶରେ 'ଏକ ରାଷ୍ଟ୍ର ଏକ ନିର୍ବାଚନ' ବ୍ୟବସ୍ଥା ଲାଗୁ ହେବା ଭଲ। ଏହାଦ୍ୱାରା ନିର୍ବାଚନ ମଡେଲର କୋଡ୍ କାର୍ଯ୍ୟକାରୀ ହେବାପରେ ଉନ୍ନୟନ କାର୍ଯ୍ୟ ଯେଉଁ ପରିମାଣରେ ବାଧାପ୍ରାପ୍ତ ହେଉଥିଲା ତାହା ହେବନାହିଁ। ଏହାକୁ ଲାଗୁ କରାଗଲେ ଜିଡିପି କ୍ଷତିକୁ କିଛି ମାତ୍ରାରେ ରୋକାଯାଇପାରିବ ବୋଲି ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି। ଦଳର ରାଜ୍ୟ କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅପରାଜିତା କହିଛନ୍ତି, ଆମ ଦେଶରେ ୧୯୫୧-୫୨ରୁ ୧୯୬୭ ମଧ୍ୟରେ ଯେଉଁ ନିର୍ବାଚନ ମଡେଲ ପ୍ରଚଳନ ଥିଲା ସେଥିରେ ସାଧାରଣ ନିର୍ବାଚନ ଓ ବିଧାନସଭା ନିର୍ବାଚନ ଏକ ସଙ୍ଗରେ ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ସମୟରେ ସମ୍ବିଧାନର ଧାରା ୩୫୬କୁ ଦୁରୁପଯୋଗ କରି ନିର୍ବାଚିତ ସରକାରକୁ ଭାଙ୍ଗିଦିଆଯାଇଥିବାରୁ 'ଏକ ରାଷ୍ଟ୍ର ଏକ ନିର୍ବାଚନ' ପ୍ରକ୍ରିୟା ଅନୁଷ୍ଠିତ ହୋଇପାରି ନ ଥିଲା। ୧୯୮୩ରେ ନିର୍ବାଚନ କମିଶନ ଏକକ ନିର୍ବାଚନ ପାଇଁ ଯୁକ୍ତି ଉପସ୍ଥାପନା କରିଥିଲେ। ୧୯୯୯ରେ ଜାତୀୟ 'ବିଧି' କମିଶନ ଅଧ୍ୟକ୍ଷ ବିଚାରପତି ଜୀବନ ରେଡ୍ଡୀ 'ଏକ ରାଷ୍ଟ୍ର ଏକ ନିର୍ବାଚନ' ପ୍ରସ୍ତାବ ଉପରେ ନୀତି ଆୟୋଗ ଏବଂ ନିର୍ବାଚନ କମିଶନ ବିଚାର ବିମର୍ଶ କରିଥିଲେ। ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏହା ଗ୍ରହଣୀୟ ହୋଇପାରି ନ ଥିଲା। ନୀତି ଆୟୋଗ ୨୦୧୭ରେ ଏକକ ନିର୍ବାଚନ ପାଇଁ ଏକ ସନ୍ଦର୍ଭ ପ୍ରସ୍ତୁତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକକ ନିର୍ବାଚନ ପାଇଁ ଆଗ୍ରହ ପ୍ରକାଶକରି ଏହା ଉପରେ ବିଚାର ବିମର୍ଶ ପାଇଁ ପଦକ୍ଷେପ ନେଇଛନ୍ତି ବୋଲି ସେ କହିଛନ୍ତି।

# ଆଇଏଏସ୍ ଅଫିସରଙ୍କୁ ପଦୋନ୍ନତି

**ଭୁବନେଶ୍ୱର,୩୦।୧୨(ବ୍ୟୁରୋ)**

- ସଞ୍ଜୀବ ଚୋପ୍ରା ଅତିରିକ୍ତ ମୁଖ୍ୟ ଶାସନ ସଚିବ
- ବିଶାଳ ଦେବ, ଶାଶ୍ୱତ ମିଶ୍ର ପ୍ରମୁଖ ସଚିବ

ରାଜ୍ୟ ସରକାର ବରିଷ୍ଠ ଓ କନିଷ୍ଠ ଆଇଏଏସ୍ ଅଫିସରଙ୍କୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପଦବୀକୁ ପଦୋନ୍ନତି ଦେଇଛନ୍ତି। ସ୍ୱରାଷ୍ଟ୍ର ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ଚୋପ୍ରାଙ୍କୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ପଦୋନ୍ନତି ଦିଆଯାଇଥିବା ବେଳେ ପର୍ଯ୍ୟଟନ, କ୍ରୀଡ଼ା ଓ ଯୁବ ବ୍ୟାପାର ସଚିବ ବିଶାଳ ଦେବ ଏବଂ ଉଚ୍ଚଶିକ୍ଷା ବିଭାଗ ସଚିବ ଶାଶ୍ୱତ ମିଶ୍ରଙ୍କୁ ପ୍ରମୁଖ ସଚିବ ଭାବେ ପଦୋନ୍ନତି ଦିଆଯାଇଛି।

ସେହିପରି ଗଜପତି ଜିଲାପାଳ ଅନୁପମ ସାହା, ସୁନ୍ଦରଗଡ଼ ଜିଲାପାଳ ନିଖିଲ ପବନ କଲ୍ୟାଣ, ଯୋଜନା ଓ ସଂଯୋଜନ ବିଭାଗ ଡେପୁଟି ସେକ୍ରେଟାରି ମନୀଷ ଅଗ୍ରୱାଲ, ମୟୂରଭଞ୍ଜ ଜିଲାପାଳ ଭିନିତ ଭରଦ୍ୱାଜ, ନୟାଗଡ଼ ଜିଲାପାଳ ପୋମା ଟୁଡ୍ଡୁ, ମତ୍ସ୍ୟ ନିର୍ଦ୍ଦେଶକ ସ୍ମୃତିରଞ୍ଜନ ପ୍ରଧାନ, ଅର୍ଥ ବିଭାଗ ଡେପୁଟି ସେକ୍ରେଟାରି ସିଦ୍ଧାର୍ଥ ଦାସଙ୍କୁ ଜୁନିୟର ଆଡ୍‌ମିନ୍‌ଷ୍ଟ୍ରେଟିଭ୍ ଗ୍ରେଡ୍‌କୁ ପଦୋନ୍ନତି ଦିଆଯାଇଛି।

ଓଡ଼ିଶା ଖଣି ନିଗମ ପରିଚାଳନା ନିର୍ଦ୍ଦେଶକ ଆର୍ ଭିନିଲ୍ କ୍ରିଷ୍ଣା, ପ୍ରାଣୀ ସମ୍ପଦ ବିଭାଗ ନିର୍ଦ୍ଦେଶକ ରତ୍ନାକର ରାଉତ, ଓଡ଼ିଶା ବିଧାନସଭା ସଚିବ ଦାଶରଥି ଶତପଥୀ, ଗୃହ ବିଭାଗ ଅତିରିକ୍ତ ସଚିବ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ଅବକାରୀ କମିଶନର ଅଞ୍ଜନ କୁମାର ମାଣିକ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅତିରିକ୍ତ ସଚିବ ବେଣୁଧର ବେହେରା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ସଚିବ ସୁରେଶ ଚନ୍ଦ୍ର ଦଳାଇ ଏବଂ ଯୋଜନା ଓ ସଂଯୋଜନା ବିଭାଗ ଅତିରିକ୍ତ ସଚିବ ଦେବେନ୍ଦ୍ର ଜେନାଙ୍କୁ ସୁପର ଟାଇମ୍ ସ୍କେଲ ଗ୍ରେଡ୍‌କୁ ପଦୋନ୍ନତି ଦିଆଯାଇଛି।

ସେହିପରି ଓଏସ୍ଏସ୍ଇପିଏ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂହ ପୁନିଆ, ଓଡ଼ିଶା ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶକ ଯାମିନୀ ଷଡ଼ଙ୍ଗୀ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଏମ୍. ମୁଥୁକୁମାର, ପାନୀୟ ଜଳ ଓ ପରିମଳ ବିଭାଗ ନିର୍ଦ୍ଦେଶକ ବି. ପରମେଶ୍ୱରନ, ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ଗୁହାପୁନମ୍ ତାପସ କୁମାର, ପର୍ଯ୍ୟଟନ ବିଭାଗ ଅତିରିକ୍ତ ସଚିବ ମାଗୁଣି ଚରଣ ପାତ୍ର, ଉଚ୍ଚଶିକ୍ଷା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୃନ୍ଦାବନ ବେହେରା, କଟକ ଆର୍‌ଡିସି ସେକ୍ରେଟାରି ଧନଞ୍ଜୟ ହେମ୍ବ୍ରମ୍, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ ସଚିବ ଗଙ୍ଗାଧର ପାତ୍ର, ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗ ଅତିରିକ୍ତ ସଚିବ ପବିତ୍ର ମଣ୍ଡଳ, ଓଡ଼ିଶା ମାନବାଧିକାର କମିଶନ ସଚିବ ସୁନୀଲ ନାୟକ ଏବଂ ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ସଚିବ ବଟକୃଷ୍ଣ ଦେହୁରୀଙ୍କୁ ସିଲେକ୍‌ସନ ଗ୍ରେଡ୍‌କୁ ପଦୋନ୍ନତି ଦିଆଯାଇଛି।

ବାରିପଦା ସବ୍‌କଲେକ୍ଟର ପି. ଅନ୍ୱେଷା ରେଡ୍ଡୀ, ବାଲେଶ୍ୱର ସବ୍‌କଲେକ୍ଟର ପାଟିଲ ଆଶିଷ ଈଶ୍ୱର, ଧର୍ମଗଡ଼ ସବ୍‌କଲେକ୍ଟର ଦିବାକର ଟି.ଏସ୍, ଜୟପୁର ସବ୍‌କଲେକ୍ଟର ହେମକାନ୍ତ ସାଏଙ୍କୁ ସିନିୟର ଟାଇମ୍ ସ୍କେଲକୁ ପଦୋନ୍ନତି ଦିଆଯାଇଛି।



ଅନ୍ନଦାତାଙ୍କୁ ସମ୍ମାନ ପ୍ରଦର୍ଶନ ପୂର୍ବକ ତଥା କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ ଓ ଶୀତକାଳୀନ ଅଧିବେଶନ ରଦ୍ଦ ପ୍ରତିବାଦରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବୁଧବାର ଅନୁଷ୍ଠିତ ମଶାଲ ଶୋଭାଯାତ୍ରା।

# ୨୪ ଘଣ୍ଟାରେ ୩ ହତ୍ୟା

**କପ୍ତିପଦା/ଠାକୁରମୁଣ୍ଡା/କେନ୍ଦୁଝର,୩୦।୧୨(ଡି.ଏନ.ଏ/ସ୍ୱ.ପ୍ର)**

ମଙ୍ଗଳବାର ସନ୍ଧ୍ୟାରୁ ବୁଧବାର ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓଡ଼ିଶାର ମୟୂରଭଞ୍ଜ ଓ କେନ୍ଦୁଝର ଜିଲାରେ ୩ ନୃଶଂସ ହତ୍ୟାକାଣ୍ଡ ଘଟିଛି। ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ କଳମଗଡ଼ିଆ ପଞ୍ଚାୟତ ଅନ୍ତର୍ଗତ ଶାରୀଶୁଆ ଗ୍ରାମରେ ଡାହାଣୀ ସନ୍ଦେହରେ ଜଣେ ମହିଳାଙ୍କୁ ଦୁଇ ଭାଇ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ମହିଳା ହେଲେ ମଧୁ ମହାନ୍ତଙ୍କ ସ୍ତ୍ରୀ ଖଇରୀ (୪୫)। ଗ୍ରାମର ଅନୀଲ ମହାନ୍ତ ଆଜକୁ ୧୪ ବର୍ଷ ହେବ ବିବାହ କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ତାନ ନ ଥିଲେ। ତେଣୁ ପଡ଼ୋଶୀ ଖଇରୀଙ୍କୁ ଡାହାଣୀ ସନ୍ଦେହ କରି ଆସୁଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଖଇରୀ ନଳକୂଅରୁ ପାଣି ନେଇ ଫେରୁଥିବା ବେଳେ ଅନୀଲ ଓ ତାଙ୍କ ସାନ ଭାଇ ବଳରାମ ତାଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଥିଲେ।

ସେହିପରି ଜିଲାର ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ହାତୀଗୋଡ଼ା ବେହେରାସାହିରେ ଚକ ମାରାଣ୍ଡି ନାମ୍ନୀ ଜଣେ ମହିଳାଙ୍କୁ ମଙ୍ଗଳବାର ରାତିରେ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିବା ପରେ ଘରଠାରୁ ୫୦୦ ମିଟର ଦୂରରେ ଫିଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଛି। ପୋଲିସ ତାଙ୍କ ସ୍ୱାମୀ ଘାସିରାମ ମାରାଣ୍ଡିଙ୍କୁ ସନ୍ଦେହରେ ଅଟକ ରଖିଛି।

କେନ୍ଦୁଝର ଜିଲା ନୟାକୋଟ ଥାନା ଅନ୍ତର୍ଗତ ଫୁଲଝର ଗ୍ରାମ ରୁରୁଡ଼ିସାହିରେ ବୁଧବାର ସକାଳେ ଜଣେ ଯୁବକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ଦାମୋଦର ମୁଣ୍ଡା (୩୨)। ପୋଲିସ ଏନେଇ ଏକ ହତ୍ୟା ମାମଲା (ନଂ.୭୭/୨୦) ରୁଜୁ କରି ଅଭିଯୁକ୍ତଙ୍କୁ ଅଟକ ରଖିଛି। ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଜବତ ହୋଇଛି।

## ରେଳପଥ ଐତିହ୍ୟକୁ ନେଇ ହେବ ସଂଗ୍ରହାଳୟ

**ପୂର୍ବତଟ ରେଳପଥ ପକ୍ଷରୁ ଭିତ୍ତିପ୍ରସ୍ତର ସ୍ଥାପନ**

**ଭୁବନେଶ୍ୱର,୩୦।୧୨(ବ୍ୟୁରୋ):** ପୂର୍ବତଟ ରେଳପଥ ପକ୍ଷରୁ ରେଳ ଐତିହ୍ୟ ସଂଗ୍ରହାଳୟ ପାଇଁ ବୁଧବାର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଛି। ରେଳପଥ ମହାପ୍ରବନ୍ଧକ ବିଦ୍ୟା ଭୂଷଣ, ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାର ଓ ଅନ୍ୟ ପ୍ରମୁଖ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ରେଲ୍‌ୱେ ଷ୍ଟାଡିୟମ୍‌ଠାରେ ଏହି ଐତିହ୍ୟ ସଂଗ୍ରହାଳୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପୁରୁଣା ରେଳ ଉପକରଣର ସଂରକ୍ଷଣ ସହ ରେଳପଥର ସମୃଦ୍ଧ ଇତିହାସ ପ୍ରଦର୍ଶନ କରିବା, ରେଳପଥ ଓ ଏହାର ସଫଳତା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ଏବଂ ପର୍ଯ୍ୟଟନକୁ ବୃଦ୍ଧି କରିବା ଏହି ରେଳ ସଂଗ୍ରହାଳୟ ପ୍ରତିଷ୍ଠାର ମୁଖ୍ୟ ଉଦ୍ଦେଶ୍ୟ। ପୂର୍ବତଟ ରେଳପଥର ଦୀର୍ଘ ତଥା ସମୃଦ୍ଧ ଐତିହ୍ୟ ଓ ଜୀବନ୍ତ ଇତିହାସକୁ ସଂରକ୍ଷଣ କରିବା ପାଇଁ ପ୍ରୟାସ କରାଯିବ ବୋଲି ବିଦ୍ୟାଭୂଷଣ କହିଥିଲେ। ପୁରାତନ ଯନ୍ତ୍ରପାତି, ପ୍ରଯୁକ୍ତିବିଦ୍ୟାଭିତ୍ତିକ ଉପକରଣ ଓ ମଡେଲଗୁଡ଼ିକର କଳାକୃତି, ମଡେଲ ଏବଂ ଫଟୋଚିତ୍ରକୁ ଏହି ହେରିଟେଜ୍ ସଂଗ୍ରହାଳୟରେ ସଂରକ୍ଷିତ କରାଯିବ।

## ନୂଆବର୍ଷ ଆରମ୍ଭରୁ ହୋଇପାରେ ଟିକାକରଣ

**ଆଉ ୩୦୫ ପଜିଟିଭ, ୩ ମୃତ, ୩୨୮ ସୁସ୍ଥ**

**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)**

ନୂଆବର୍ଷ ଆରମ୍ଭରୁ ରାଜ୍ୟରେ କରୋନା ଟିକାକରଣ ହୋଇପାରେ। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଆସିଲେ ରାଜ୍ୟରେ ଟିକାକରଣ ପ୍ରକ୍ରିୟା ଆରମ୍ଭ ହେବ। ଏନେଇ ବୁଧବାର ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଟିକା ଆସିବା ପରେ କିପରି ବଣ୍ଟନ ହେବ ତାହାର ସମ୍ପୂର୍ଣ୍ଣ ରୂପରେଖ ପ୍ରସ୍ତୁତ ହୋଇଛି। ଟିକାକରଣର ପୂରା ପରିଚାଳନା ନେଇ ଦୈନିକ ଭାବେ ପ୍ରସ୍ତୁତି କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ଦିଆଯିବ। ଟିକାକରଣ ପାଇଁ ରାଜ୍ୟରେ ୧,୨୨୨ କୋଲ୍ଡ ଚେନ୍ ପଏଣ୍ଟ ପ୍ରସ୍ତୁତ ରହିଛି। ଏହାସହ ଟିକାକରଣ ପାଇଁ ଆବଶ୍ୟକ ଥିବା ୨୧ ଲକ୍ଷ ସିରିଞ୍ଜ ଓ ୨୬ଟି ଆଇଏଲ୍ଆର୍ ମଧ୍ୟ ଆସିଛି। ଅନ୍ୟପଟେ ରାଜ୍ୟରେ ଗତ ୨୪ଘଣ୍ଟାରେ ଆଉ ୩୦୫ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୩,୨୯,୩୦୬କୁ ବୃଦ୍ଧି ପାଇଛି। ସେହିପରି ଆଉ ୩ଜଣଙ୍କ କରୋନାରେ ମୃତ୍ୟୁ ଘଟିଛି ଏବଂ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୧,୮୭୧ରେ ପହଞ୍ଚିଛି।

# ମୟୂରୀ ଗୋ ତୁମ... ମହ୍ଲାରେ ମେଘ ସାଜିଲି...

**ଭୁବନେଶ୍ୱର,୩୦।୧୨(ବ୍ୟୁରୋ): 'ମୟୂରୀ ଗୋ ତୁମ ଆକାଶେ ମୁଁ ଦିନେ ମହ୍ଲାରେ ମେଘ ସାଜିଲି...'। ଓଡ଼ିଆ ସିନେମା ଇତିହାସର ଏହି କାଳଜୟୀ ଗୀତକୁ ଗାଇଥିଲେ ମହମ୍ମଦ ରଫି। ତେବେ ପ୍ରଚ୍ଛଦପଟରେ ରହି ଯିଏ ଏହାର ସଙ୍ଗୀତକୁ ସଜାଇଥିଲେ ସେ ହେଉଛନ୍ତି ଓଡ଼ିଆ ସଙ୍ଗୀତ ଜଗତର କିମ୍ବଦନ୍ତୀ ପୁରୁଷ ଶାନ୍ତନୁ ମହାପାତ୍ର। ଦୀର୍ଘ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଓଡ଼ିଆ ସଙ୍ଗୀତ ଜଗତ ସହ ଜଡ଼ିତ ଥିବା ଶାନ୍ତନୁ ଶ୍ରୋତାଙ୍କୁ ଶତାଧିକ ଲୋକପ୍ରିୟ ଓ ଚିରସବୁଜ ଗୀତ ଭେଟି ଦେଇଥିଲେ। 'ସୂର୍ଯ୍ୟମୁଖୀ', 'ଅରୁନ୍ଧତୀ', 'ଚିଲିକା ତୀରେ', 'ଡୋରା' ଭଳି ସୁପରହିଟ ଓଡ଼ିଆ ଫିଲ୍ମରେ ସଙ୍ଗୀତ ନିର୍ଦ୍ଦେଶନା ଦେଇ ସଫଳତାର ଶୀର୍ଷରେ ପହଞ୍ଚିଥିଲେ। ବୃତ୍ତିଗତ ଜୀବନରେ ବେଶ୍ ସଫଳ ହୋଇଥିଲେ ବି ସଙ୍ଗୀତ ତାଙ୍କ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଥିଲା। ପରପାରିର ଯାତ୍ରୀ ସାଜିଥିବା ଏହି ବରିଷ୍ଠ ସଙ୍ଗୀତଜ୍ଞଙ୍କୁ ଆଜି ସମଗ୍ର ରାଜ୍ୟ ଝୁରୁଛି।**



ଏକ କାର୍ଯ୍ୟକ୍ରମରେ ପୁରସ୍କାର ଗ୍ରହଣ କରିବା ଅବସରରେ ଅନୁରାଧା ପୋଡ଼୍‌ୱାଲଙ୍କ ସହ।

ସୁରେଶ ୱାଡ଼େକର, ଅନୁରାଧା ପୋଡ଼ୱାଲ, ଉଷା ଉଥୁପ, କବିତା କ୍ରିଷ୍ଣାମୂର୍ତ୍ତିଙ୍କ ପର୍ଯ୍ୟନ୍ତ ଅନେକ କଣ୍ଠଶିଳ୍ପୀଙ୍କୁ ଆଣି ଓଡ଼ିଆ ଫିଲ୍ମରେ କଣ୍ଠଦାନ କରାଇବାରେ ସେ ପ୍ରଥମ ଓଡ଼ିଆ ସଙ୍ଗୀତ ନିର୍ଦ୍ଦେଶକ ଥିଲେ। ସେହିଭଳି ବିଭିନ୍ନ ଭାଷାରେ ସଙ୍ଗୀତ ନିର୍ଦ୍ଦେଶନା ଦେବାରେ ଶାନ୍ତନୁ ପ୍ରଥମ ଓଡ଼ିଆ ସଙ୍ଗୀତ ନିର୍ଦ୍ଦେଶକ ଥିଲେ। 'ଚିଲିକା ତୀରେ', 'ପ୍ରିୟତମା', 'ଅଗ୍ନି ପରୀକ୍ଷା', 'ମେଘମୁକ୍ତି', 'ଶୀତ ରାତି', 'ଜୀବନ ସଂଗ୍ରାମ' ପାଇଁ ତାଙ୍କୁ ଜାତୀୟ ପୁରସ୍କାର ମିଳିଥିଲା।

### ୧୯୦୦ ଗୀତର ବିନ୍ଧାଣି

୫୦ରୁ ଊର୍ଦ୍ଧ୍ୱ ଓଡ଼ିଆ ଚଳଚ୍ଚିତ୍ର ସହ ହିନ୍ଦୀ, ବଙ୍ଗଳା, ଅହମୀୟା ଓ ତେଲୁଗୁ ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଶାନ୍ତନୁ। ୧୯୦୦ରୁ ଅଧିକ ଗୀତରେ ସେ ସ୍ୱର ଓ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ୫୩ଟି ଫିଚର୍ ଓ ଟେଲି ଫିଲ୍ମ, ୧୦ଟି ଯାତ୍ରା, ୬୦ଟି ଆକାଶବାଣୀ ନାଟକ ଓ ୧୦ଟି ନୃତ୍ୟନାଟିକାରେ ତାଙ୍କର ପ୍ରତିଭା ଦେଖାଇଥିଲେ। ତାଙ୍କ ନିର୍ଦ୍ଦେଶିତ ଲୋକପ୍ରିୟ ଗୀତ ମଧ୍ୟରେ 'ସେଇ ଚୂନା ଚୂନା', 'ମୟୂରୀ ଗୋ', 'ମୁଁ ତ ଥିଲି ଏକୁଟିଆ', 'ଏଇ ଜୀବନଟା ଏକ ନାଟକ', 'ଆଗୋ ଚନ୍ଦ୍ରିକା' ଓ 'ନୂପୁର ବଜାଏ କିଏ' ଆଦି ଅନ୍ୟତମ। ଶତାଧିକ ଆଧୁନିକ ଓଡ଼ିଆ ଗୀତର ସେ ସ୍ୱର ସଂଯୋଜନା କରିଥିଲେ। ତାଙ୍କ ସଙ୍ଗୀତ ନିର୍ଦ୍ଦେଶିତ ବଙ୍ଗଳା କଳାତ୍ମକ ଫିଲ୍ମ 'ମହାପୃଥିବୀ' ପାଇଁ ସେ ଜାତୀୟ ପୁରସ୍କାର ପାଇଥିଲେ। କଳାତ୍ମକ ହିନ୍ଦୀ ଚଳଚ୍ଚିତ୍ର 'ସୋଧ'ରେ ମଧ୍ୟ ସେ ସ୍ୱର ସଂଯୋଜନା କରିଥିଲେ ଏବଂ ୧୯୭୯ରେ ଏହି ଚଳଚ୍ଚିତ୍ର 'ସ୍ୱର୍ଣ୍ଣ କମଳ ପୁରସ୍କାର' ପାଇଥିଲା। ଓଡ଼ିଶାରୁ ପ୍ରଯୋଜିତ ଏହା ପ୍ରଥମ ରଙ୍ଗିନ ହିନ୍ଦୀ ଚଳଚ୍ଚିତ୍ର ଥିଲା। ଶାନ୍ତନୁଙ୍କ ସଙ୍ଗୀତ ନିର୍ଦ୍ଦେଶିତ ଶେଷ ଚଳଚ୍ଚିତ୍ର ଥିଲା ୨୦୧୧ରେ ମୁକ୍ତିଲାଭ କରିଥିବା ଓଡ଼ିଆ ଚଳଚ୍ଚିତ୍ର 'ତୁମେ ହିଁ ସାଥୀ ମୋର'।


ଲତା ମଙ୍ଗେସକର, ଶାନ୍ତନୁ ମହାପାତ୍ର ଓ ଅନ୍ୟମାନେ।

### ଓଡ଼ିଆ ସଙ୍ଗୀତ ଜଗତର ଟ୍ରେଣ୍ଡ୍ ସେଟର୍

ଶାନ୍ତନୁ ମହାପାତ୍ର ଓଡ଼ିଆ ସିନେମା ସଙ୍ଗୀତ ଜଗତର ଜଣେ ଟ୍ରେଣ୍ଡ୍ ସେଟର୍ ଥିଲେ। ସର୍ବଦା ସଙ୍ଗୀତ ସାଧନାରେ ଲିପ୍ତ ରହୁଥିବା ଶାନ୍ତନୁ ଯେତେବେଳେ ସମୟ ପାଉଥିଲେ ନିଜର ହାର୍‌ମୋନିୟମ୍ ଧରି ସ୍ୱର ସଂଯୋଜନା କରୁଥିଲେ। ବଲିଉଡ୍‌ର କିମ୍ବଦନ୍ତୀ କଣ୍ଠଶିଳ୍ପୀ ମହମ୍ମଦ ରଫିଙ୍କଠାରୁ ଆରମ୍ଭ କରି ଲତା ମଙ୍ଗେସ୍‌କର, ଉଷା ମଙ୍ଗେସ୍‌କର, ମାନ୍ନା ଦେ,

### ସ୍ୱତନ୍ତ୍ର ସଙ୍ଗୀତ ନୀତି ପାଇଁ ସ୍ୱର ଉଠାଇଥିଲେ

ଓଡ଼ିଆ ସଙ୍ଗୀତର ବର୍ତ୍ତମାନ ଧାରାକୁ ନେଇ ଖୁସି ନ ଥିଲେ ଶାନ୍ତନୁ। ଆଧୁନିକ ଗୀତରେ ମୌଳିକତା ପରିବର୍ତ୍ତନକୁ ସେ ଘୋର ବିରୋଧ କରୁଥିଲେ। ଓଡ଼ିଆ ଗୀତରେ ବ୍ୟାକରଣ ଶୁଦ୍ଧି ସହ ଭଦ୍ରତା ରଖିବାକୁ ସେ ବାରମ୍ବାର କହୁଥିଲେ। ଲୋକଙ୍କ ହୃଦୟସ୍ପର୍ଶୀ ଗୀତ ତିଆରି କରିବାକୁ ସେ ସଙ୍ଗୀତଜ୍ଞମାନଙ୍କୁ ପରାମର୍ଶ ଦେଉଥିଲେ। ସେହିଭଳି ମୌଳିକତା ନ ରହିବା ପଛରେ ସେ ସରକାରଙ୍କୁ ଦାୟୀ କରିଥିଲେ। ଆମର ସବୁ କାର୍ଯ୍ୟ ପାଇଁ ନୀତି ଅଛି। ମାତ୍ର ଯେଉଁ ସଂସ୍କୃତିକୁ ନେଇ ଆମେ ଗର୍ବ କରୁ, ତାହାର ସୁରକ୍ଷା ଓ ଠିକ୍ ପରିଚାଳନା ପାଇଁ କୌଣସି ନୀତି ନାହିଁ। ଯେତେଦିନ ଯାଏ ନୀତି ନ ରହିବ, ସେତେଦିନ ଯାଏ ନକଲ ଧାରା ଚାଲିବ। ମହାରାଷ୍ଟ୍ର ଓ ଗୁଜୁରାଟରେ ସ୍ୱତନ୍ତ୍ର ସଙ୍ଗୀତ ନୀତି ରହିଛି। ଓଡ଼ିଶାରେ କାହିଁକି ହେବନି ବୋଲି ସେ ପ୍ରଶ୍ନ କରିଥିଲେ। ସଙ୍ଗୀତ ନାଟକ ଏକାଡେମୀର ଅଧ୍ୟକ୍ଷ ଥିବାବେଳେ ସେ 'ସଂସ୍କୃତି ନୀତି' ପାଇଁ ପ୍ରସ୍ତାବ ଦେଇଥିଲେ।

### ସଙ୍ଗୀତ ଥିଲା ତାଙ୍କ ସହଜାତ ଗୁଣ

ସଙ୍ଗୀତ ତାଙ୍କର ସହଜାତ ଗୁଣ ଥିଲା। ଶାନ୍ତନୁଙ୍କ ବାପା ସୁନ୍ଦର ଗୀତ ଗାଉଥିଲେ ଓ ମା' ମଧ୍ୟ ସଙ୍ଗୀତ ସାଧନା କରୁଥିଲେ। ଏହାର ପ୍ରଭାବ ପିଲାବେଳୁ ତାଙ୍କ ଉପରେ ପଡ଼ିଥିଲା। ମାତ୍ର ୫ ବର୍ଷ ବୟସରୁ ସେ ସଙ୍ଗୀତଜ୍ଞ ନାରାୟଣ ବାଞ୍ଛାନିଧି ପଣ୍ଡାଙ୍କଠାରୁ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲେ ଓ ୯ ବର୍ଷ ବୟସରେ ସର୍ବସାଧାରଣରେ ଗୀତ ଗାଇଥିଲେ। ପିଲାବେଳେ ସବୁଠାରୁ କମ୍ ବୟସର ପ୍ରତିଯୋଗୀ ଭାବେ ସେ ଖେୟାଲଠାରୁ ଆରମ୍ଭକରି ଧ୍ରୁପଦ, ଓଡ଼ିଶୀ ଓ ଭଜନରେ ସବୁବେଳେ ପୁରସ୍କାର ପାଉଥିଲେ। କଟକରେ ଆୟୋଜିତ ପ୍ରତିଯୋଗିତାରେ ସେ ୭୫ ପ୍ରତିଶତ ପୁରସ୍କାର ବୋହି ନେଉଥିଲେ। ମା' ସରସ୍ୱତୀ ଏବଂ ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ତାଙ୍କ ଉପରେ ଥିବା ସେ କହୁଥିଲେ। ଓଡ଼ିଆ ସଙ୍ଗୀତକୁ ଆଗକୁ ନେବାକୁ ଶାନ୍ତନୁ ପ୍ରତି ଜିଲାରେ ସଙ୍ଗୀତ ସ୍କୁଲ କରିବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲେ।

### ବନ୍ଧୁକ ହାତରେ ଧରିଥିଲେ ହାର୍‌ମୋନିୟମ୍

ଶାନ୍ତନୁମହାପାତ୍ର ଜଣେ ଏଭଳି ସଙ୍ଗୀତକାର ଥିଲେ, ଯିଏ ନିଜ ହାତରେ ବନ୍ଧୁକ ଧରିଥିଲେ ଆଉ ହାର୍‌ମୋନିୟମ ବି ଧରିଥିଲେ। ଏନେଇ ସେ ଏକ ସାକ୍ଷାତ୍‌କାରରେ କହିଥିଲେ। ତାଙ୍କ ସଙ୍ଗୀତଜ୍ଞ ଜୀବନ ଉପରେ ଚାକିରି ଜୀବନର ଏକ ସକାରାତ୍ମକ ପ୍ରଭାବ ରହିଥିଲା। ଜଣେ ଶ୍ରେଷ୍ଠ ଭୂତତ୍ତ୍ୱବିତ୍‌ଭାବେ ସେ ଓଡ଼ିଶାର ବଣ ଜଙ୍ଗଲ ଘେରା ଅଞ୍ଚଳରେ ଜୀବନର ଅଧିକାଂଶ ସମୟ କଟାଇଥିଲେ। ବଳକା ସମୟରେ ସେ ସଙ୍ଗୀତ ଅଭ୍ୟାସ କରୁଥିଲେ। ସେ ଥରେ କହିଥିଲେ, 'ଯଦି ଜଙ୍ଗଲ ପାହାଡ଼ ଭିତରେ ଯୌବନ କଟାଇ ନଥା'ନ୍ତି, ତେବେ ଏପରି ସଙ୍ଗୀତ ସୃଷ୍ଟି କରିବାରେ ସମର୍ଥ ହୋଇପାରି ନ ଥାନ୍ତି।'

### ଗଡ଼ଜାତର ପ୍ରଭାବ

ଶାନ୍ତନୁ ନିଜ ଉତ୍ତମ ଚରିତ୍ର ଓ ସଙ୍ଗୀତ ପ୍ରତିଭାର ଶ୍ରେୟ ଦେଉଥିଲେ ଗଡ଼ଜାତ ସଂସ୍କୃତିକୁ। ଗଡ଼ଜାତର ମାଟିଭାବେ ପରିଚିତ ମୟୂରଭଞ୍ଜର ମାଟି ତାଙ୍କୁ ସାଧୁତା ଶିଖାଇଥିଲା। ମୟୂରଭଞ୍ଜ ତାଙ୍କୁ ଚରିତ୍ରବାନ ହେବାକୁ ଶିଖାଇଥିଲା। ସେତେବେଳର ଶିକ୍ଷକମାନେ ଦେଶପ୍ରେମ ଶିଖାଉଥିଲେ। ସଚ୍ଚି ଦାସଙ୍କ ବିପ୍ଳବୀ ସଙ୍ଗୀତ ଅନେକ କିଛି ଶିକ୍ଷା ଦେଇଥିଲା। ଗୀତ ସଙ୍ଗୀତ ପ୍ରତି ଆକର୍ଷଣ ଜନ୍ମମାଟି ଯୋଗୁ ହୋଇଥିବା ସେ କହିଥିଲେ। ନାଟକ କଥା କହିଲେ ମୟୂରଭଞ୍ଜ ଆଗକୁ ଆସୁଥିଲା ଓ ସାମୁଏଲ୍ ବାବିଙ୍କୁ ସେ ପିଲାବେଳେ ଅନୁସରଣ କରୁଥିବା କହିଥିଲେ।


ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଲିତ, ପ୍ରଣବ ପଟ୍ଟନାୟକ ଓ ଅନ୍ୟ ଗୀତିକାରଙ୍କ ସହ ଶାନ୍ତନୁ।

## ସ୍ମୃତିରେ...


"ଶାନ୍ତନୁ ମହାପାତ୍ର ସଙ୍ଗୀତ ଦୁନିଆର ଏକ ମାଇଲଖୁଣ୍ଟ ଥିଲେ। ତାଙ୍କ ମୃତ୍ୟୁ ଆମ ପାଇଁ ଅପୂରଣୀୟ କ୍ଷତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଦୁଃଖଦ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି।

**- ବିଶ୍ୱଭୂଷଣ ହରିଚନ୍ଦନ, ରାଜ୍ୟପାଳ, ଆନ୍ଧ୍ରପ୍ରଦେଶ**


"ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ରଙ୍କ ବିୟୋଗରେ ଓଡ଼ିଆ ଚଳଚ୍ଚିତ୍ର ସଙ୍ଗୀତ ଓ ସୁଗମ ସଙ୍ଗୀତ ଜୀବନରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ତାଙ୍କ ବିୟୋଗରେ ମୁଁ ମର୍ମାହତ। ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।

**- ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ**


"ଶାନ୍ତନୁ ମହାପାତ୍ର ମୋ ବନ୍ଧୁଙ୍କ ବଡ଼ଭାଇ ଥିଲେ। ତାଙ୍କ ସମୟରେ ସଙ୍ଗୀତ ଜଗତରେ ଏକ ନୂଆ ଯୁଗ ଆରମ୍ଭ ହୋଇଥିଲା। ସିନେମା ତାଙ୍କର ସବୁଠାରୁ ବଡ଼ ନିଶା ଥିଲା। ଯୁବ ଚିନ୍ତାଧାରାର ବ୍ୟକ୍ତି ଥିଲେ। ପରିସ୍ଥିତି ସହିତ ନିଜକୁ ଖାପ ଖୁଆଇବାର ଶୈଳୀ ତାଙ୍କୁ ବେଶ୍ ଭଲଭାବେ ଜଣାଥିଲା। ବାରିପଦାରେ ଜନ୍ମ ହୋଇଥିଲେ ବି କଳାଜୀବନ କଟକରେ କାଟିଥିଲେ। ଓଡ଼ିଶା ଜଣେ ମହାନାୟକଙ୍କୁ ହରାଇବା ସହ ତାଙ୍କ ବିୟୋଗ ଓଡ଼ିଆ ସିନେମା ଜଗତ ପାଇଁ ଅପୂରଣୀୟ କ୍ଷତି।

**- ପ୍ରଣବ ଦାସ, ଚଳଚ୍ଚିତ୍ର ନିର୍ଦ୍ଦେଶକ**


"ଶାନ୍ତନୁଙ୍କ ବିୟୋଗରେ ମୁଁ ମର୍ମାହତ। ସେ କେବଳ ବୟସରେ ବଡ଼ ନ ଥିଲେ, ଗୁଣରେ ବି ବଡ଼ ଥିଲେ। ଇଞ୍ଜିନିୟରିଂ ପାଠ ପଢ଼ି ବି ସଙ୍ଗୀତ ପ୍ରତି ତାଙ୍କର ଅହେତୁକ ଦୁର୍ବଳତା ରହିଥିଲା। ସେ ଜଣେ ସ୍ପଷ୍ଟବାଦୀ ସର୍ବଗୁଣସମ୍ପନ୍ନ ମଣିଷ ଥିଲେ। ପରିବାର ପ୍ରତି ତାଙ୍କର ଯେଉଁ ଅବଦାନ ରହିଥିଲା ବର୍ତ୍ତମାନ ସମୟରେ ସେଭଳି ଦେଖିବା ବିରଳ। ତାଙ୍କ ସହ ମୁଁ କାମ କରିବାର ଅନେକଥର ଅବସର ପାଇଛି।

**- ପଦ୍ମଶ୍ରୀ ପ୍ରଫୁଲ୍ଲ କର, ବିଶିଷ୍ଟ ସଙ୍ଗୀତଜ୍ଞ**


"ଶାନ୍ତନୁ ମହାପାତ୍ର ଜଣେ ଅଦ୍ୱିତୀୟ ସଙ୍ଗୀତଜ୍ଞ ଥିଲେ। ଆଧୁନିକ ଓଡ଼ିଆ ସଙ୍ଗୀତର ସେ ଜଣେ ଆଗଧାଡ଼ିର ପୁରୋଧା ଥିଲେ। ଚିରାଚରିତଠାରୁ କିଛି ଭିନ୍ନ କରିବା ସବୁବେଳେ ତାଙ୍କର ନିଶା ଥିଲା। ବଡ଼ ବଡ଼ ବଲିଉଡ୍ କଣ୍ଠଶିଳ୍ପୀଙ୍କୁ ଓଡ଼ିଶା ଆଣି ଗୀତ ରେକର୍ଡିଂ କରିବାରେ ସେ ପ୍ରଥମ ଓଡ଼ିଆ ସଙ୍ଗୀତ ନିର୍ଦ୍ଦେଶକ ଥିଲେ।

**- ଦିଲୀପ ହାଲି, ସମ୍ପାଦକ, ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନ**


"ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ରଙ୍କ ବିୟୋଗରେ ଓଡ଼ିଶା ସଙ୍ଗୀତ ଆକାଶରୁ ଏକ ଉଜ୍ଜ୍ୱଳତମ ତାରକାର ଅନ୍ତର୍ଦ୍ଧାନ ଘଟିଛି। ସେ ଥିଲେ ପ୍ରଥମ ଓଡ଼ିଆ ଗାଥା ଗୀତର ସଙ୍ଗୀତକାର। ଓଡ଼ିଆ ଚଳଚ୍ଚିତ୍ର ସଙ୍ଗୀତକୁ ତାଙ୍କର ଅବଦାନ ଅବିସ୍ମରଣୀୟ। ତାଙ୍କ ବିୟୋଗରେ ଓଡ଼ିଶା ସଙ୍ଗୀତ ଜଗତରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି।

**- ସୀତାରାମ ଅଗ୍ରୱାଲ, ଅଧ୍ୟକ୍ଷ, ସିଦ୍ଧାର୍ଥ ଟିଭି ନେଟ୍‌ୱର୍କ**


"ଶାନ୍ତନୁ ମହାପାତ୍ର ଏକାଧାରରେ ଥିଲେ ଜଣେ ବିଶିଷ୍ଟ ଭୂତତ୍ତ୍ୱବିତ୍ ଓ ସଙ୍ଗୀତ ନିର୍ଦ୍ଦେଶକ। ସେ ଅନେକ ଓଡ଼ିଆ ଚଳଚ୍ଚିତ୍ରରେ ପ୍ରଚ୍ଛଦପଟ ଗାୟକ ଭାବେ ମହମ୍ମଦ ରଫି, ଲତା ମଙ୍ଗେସ୍‌କର, ଉଷା ମଙ୍ଗେସ୍‌କର ଓ ମାନ୍ନା ଦେଙ୍କ ଭଳି ଖ୍ୟାତନାମା ବଲିଉଡ ଗାୟିକା ଗାୟକଙ୍କୁ ନେଇ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଓଡ଼ିଆ ସଙ୍ଗୀତ କ୍ଷେତ୍ରରେ ତାଙ୍କ ଅବଦାନ ଅତୁଳନୀୟ ବୋଲି ମିଶ୍ର ପ୍ରକାଶ କରିଛନ୍ତି।

**- ଦିଲୀପ କୁମାର ମିଶ୍ର, ଚେୟାରମ୍ୟାନ୍, ଉତ୍କଳ ସିନେ ଚାମ୍ବର୍ସ ଅଫ୍ କମର୍ସ**

ଯେଉଁ ସମାଜରେ ଦାରିଦ୍ର୍ୟ ରହିଛି– ତଦ୍ଵାରା ପ୍ରମାଣିତ ହୁଏ ଯେ, ସେ ସମାଜରେ ଅନ୍ୟାୟ ଓ ଅବ୍ୟବସ୍ଥା ପୂରି ରହିଛି। ଆମର ଦାନ ଖଇରାତ ପାଇଁ ଯେଉଁସବୁ ସାଧାରଣ ପ୍ରତିଷ୍ଠାନ ରହିଛି– ସେ ସବୁ ଯେପରି ଚୋରଙ୍କ ମନରେ ଅବଶେଷରେ ବିବେକର ସର୍ବପ୍ରଥମ ଜାଗରଣ !! –ଶ୍ରୀଅରବିନ୍ଦ



# ପ୍ରାଣୀମାନଙ୍କ ଅଦ୍ଭୁତ ବୁଦ୍ଧି



ମାନେକା ଗାନ୍ଧୀ

'ସୋଫିସ୍ ଚଏସ୍' ବହି କିମ୍ବା ଫିଲ୍ମରେ ପ୍ରମୁଖ ଚରିତ୍ର ବା ନାୟକଙ୍କୁ ତାଙ୍କ ଦୁଇ ପିଲାଙ୍କ ଜୀବନ ମଧ୍ୟରୁ ଗୋଟିକୁ ବାଛିବାକୁ ବାଧ୍ୟ କରାଯାଇଛି। ତୁମେ ଏହା ସ୍ଥିର କରିପାରିବ କି? ପ୍ରାଣୀଗୁଡ଼ିକ ଅନୁଭବ କରିପାରନ୍ତି ନାହିଁ କି ବିଚାର କରିପାରନ୍ତି ନାହିଁ ବୋଲି ଅନେକ ମାଂସାହାରୀ ବ୍ୟକ୍ତି ଦାବି କରନ୍ତି। ପ୍ରାଣୀ ହତ୍ୟାର ଏହା ଉଚିତ କାରଣ ବୋଲି ଦର୍ଶାଇବାକୁ ସେମାନେ ଚେଷ୍ଟା କରିଥାନ୍ତି। ସେମାନେ ସେମାନଙ୍କ ଜ୍ଞାନ ବା ବୁଦ୍ଧିକୁ ଏକ ମୁଖ୍ୟ ମାନଦଣ୍ଡ ଭାବେ ଉପସ୍ଥାପନ କରିବା ସହ ପୃଥିବୀରେ ଅଧିକାରକୁ ଜାହିର କରି ଆସିଛନ୍ତି। କିନ୍ତୁ ପୃଥିବୀରେ ଛୋଟ ହେଉ କି ବଡ଼ ସବୁ ପ୍ରାଣୀ ବୁଦ୍ଧିଆ ଓ ବିସ୍ମୟକର ଅଟନ୍ତି, ଯାହାର ପ୍ରମାଣ ଏଠାରେ ଉପସ୍ଥାପନ କରାଯାଉଛି।

ଆସନ୍ତୁ ପ୍ରଥମେ ଏକ ଛୋଟ ଜୀବରୁ ଆରମ୍ଭ କରିବା। ଆମ ଚାରିପାଖରେ ରହୁଥିବା ବମ୍ବଲବି(ଏକ ପ୍ରକାର ବଡ଼ ଲୋମଶ ମହୁମାଛି) କିପରି ଜଟିଳ ଅପ୍ରାକୃତିକ କାର୍ଯ୍ୟ ସମାଧାନ କରିପାରନ୍ତି ତାହା ଲକ୍ଷ୍ୟ କରିବା। ଏକ ଗବେଷକ ଟିମ୍ ଚିନିପାଣିକୁ ନେଇ ଷ୍ଟ୍ରିଙ୍ଗ୍ ପୁଲିଂ ସ୍କିଲ୍ ବା କୌଶଳ ସମ୍ପର୍କରେ ଏହି ମହୁମାଛିଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଯେଉଁ ମହୁମାଛିମାନେ ଏହି କୌଶଳ ହାସଲ କରିଥିଲେ, ସେମାନଙ୍କୁ ଇନୋଭେଟର ବା 'ଆବିଷ୍କାରକ' ବର୍ଗ ଭାବେ ଚିହ୍ନିତ କରାଗଲା । ପ୍ରଶିକ୍ଷିତ ମହୁମାଛିଙ୍କୁ ଲକ୍ଷ୍ୟ କରୁଥିବା ୨୫ଟି ଅପ୍ରଶିକ୍ଷିତ ମହୁମାଛିଙ୍କ ମଧ୍ୟରୁ ପ୍ରାୟ ୬୦% ଏହି କୌଶଳ ମଧ୍ୟ ଶିଖିଯାଇଥିଲେ। ପରେ ଗବେଷକମାନେ ଗୋଟିଏ ଇନୋଭେଟର ମହୁମାଛିକୁ ତିନୋଟି ଭିନ୍ନ ଭିନ୍ନ ଅପ୍ରଶିକ୍ଷିତ ମହୁମାଛିଙ୍କ ବସାରେ ଛାଡ଼ିଥିଲେ। ଏହି କୌଶଳକୁ ଇନୋଭେଟର ମହୁମାଛି ଖୁବ୍ ଶୀଘ୍ର ବିସ୍ତାର କରିଥିଲେ। ଏପରିକି ଅପ୍ରଶିକ୍ଷିତ ମହୁମାଛିଙ୍କ ମଧ୍ୟରୁ ଅଧା ଇନୋଭେଟର ମହୁମାଛିଙ୍କଠାରୁ ଏହି କୌଶଳ ଶିଖିଯାଇଥିଲେ। ଏମିତି କି ଅସଲି ଇନୋଭେଟର ମହୁମାଛି ମରିଗଲା ପରେ ବି ଏହି କୌଶଳ ସେମାନଙ୍କ ପର ପିଢ଼ିଗୁଡ଼ିକୁ ବିସ୍ତାରିତ ହେବାରେ ଲାଗିଥିଲା। ଏଣୁ ମହୁଫେଣା ଗଢ଼ିବା ଭଳି ଜଟିଳ କାର୍ଯ୍ୟ ସହ ସେମାନଙ୍କ ଗୋଷ୍ଠୀଗତ ଜୀବନର ପରିଚାଳନା କରିବାରେ ମହୁମାଛିଙ୍କ ନିକଟରେ ଥିବା ଅସାଧାରଣ ବୁଦ୍ଧି ବ୍ୟତୀତ ନୂଆ କୌଶଳ ଶିକ୍ଷା କରିବା ଓ ଶିକ୍ଷା ଦେବା, ପ୍ରସାର କରିବା ଓ ତାହାକୁ ପିଢ଼ିକୁ ପିଢ଼ି ବିସ୍ତାର କରିବାରେ ବି ସେମାନଙ୍କର ଜ୍ଞାନ ରହିଛି।

ୱେଷ୍ଟର୍ନ ସ୍କ୍ରବ୍ ଜୟ (ପ୍ରଶାନ୍ତ ମହାସାଗର ଉପକୂଳ ଓ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଆଭ୍ୟନ୍ତରୀଣ ଅଞ୍ଚଳରେ ଦେଖିବାକୁ ମିଳୁଥିବା ଏକ ପ୍ରକାର ନୀଳ ଧୂସର ରଙ୍ଗର ଛୋଟ ପକ୍ଷୀ) ଆଗକୁ ଖାଇବା ଲାଗି ଗଚ୍ଛିତ ରଖିଥିବା ଖାଦ୍ୟ ସମ୍ପର୍କରେ କିଭଳି ମନେରଖି ପାରନ୍ତି, ତାହା ଉପରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ଗବେଷକମାନେ ପରୀକ୍ଷା କରିଥିଲେ। ଏହି ପକ୍ଷୀମାନଙ୍କ ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ଲୁଚାଇ ରଖିବାକୁ ଦିଆଯାଇଥିଲା। ଏହି ଖାଦ୍ୟ ମଧ୍ୟରେ କିଛି ନଷ୍ଟ ହେବା ଭଳି (କୀଟ) ଓ ବହୁଦିନ ରହିବା ଭଳି (ବାଦାମ) ରଖାଯାଇଥିଲା। ୪ ଘଣ୍ଟା ପରେ ବାଦାମକୁ ଖୋଜିବା ପୂର୍ବରୁ ସେମାନେ ପ୍ରିୟ ଖାଦ୍ୟ କୀଟକୁ ପ୍ରଥମେ ଖୋଜିବାରେ ଲାଗିଗଲେ। କିନ୍ତୁ ପାଞ୍ଚଦିନ ପରେ ସେମାନଙ୍କଠାରେ ବିପରୀତ ପ୍ରତିକ୍ରିୟା ଲକ୍ଷ୍ୟ କରାଗଲା। ସେମାନେ ଆଉ କୀଟ ଖୋଜିବା ଉପରେ ଗୁରୁତ୍ୱ ଦେଲେ ନାହିଁ। କିନ୍ତୁ ସେମାନେ ସେ ପର୍ଯ୍ୟନ୍ତ ବାଦମ ରଖାଯାଇଥିବା ଜାଗାକୁ ମନେରଖିଥିଲେ। ଖାଦ୍ୟ ଲୁଚାଇ ରଖିଥିବା ସ୍ଥାନକୁ ସେମାନେ କେବଳ ମନେ ରଖିପାରନ୍ତି ତାହା ନୁହେଁ, ବରଂ ଏବେ କ'ଣ ଖାଇବା ଉଚିତ ଓ ଆଗକୁ କ'ଣ ଗଚ୍ଛିତ ରଖିବା ଦରକାର, ସେ ସମ୍ପର୍କରେ ସେମାନେ ଭଲ ଭାବେ ବିଚାର କରିପାରନ୍ତି। କାଉକୁ ବି ଛୋଟ ଦୃଷ୍ଟିରେ ଦେଖନାହିଁ। ଗବେଷଣାରୁ ଜଣାପଡିଛି, କାଉମାନେ ଉତ୍ପୀଡକ ବ୍ୟକ୍ତିମାନଙ୍କୁ ଭଲଭାବେ ମନେ ରଖିପାରନ୍ତି। ଆମ ଭଳି ମଧ୍ୟ କାଉ ବେଳେବେଳେ ଭୁଲିଯାଆନ୍ତି କିମ୍ବା କିଛି ଛାଡିଯାଇଥାନ୍ତି, କିନ୍ତୁ ସେମାନେ ଯାହାକୁ ଟାର୍ଗେଟ କରନ୍ତି ତା'ଉପରେ ପ୍ରତିଶୋଧ ନିଅନ୍ତି, ଯାହା କେବେ ଆଶା କରାଯାଇ ନ ଥାଏ। ଏହାସହ ସେମାନେ ଏକାଠି ହୋଇ ଜୋର୍ ରଡ଼ି ଛାଡ଼ନ୍ତି ଓ ଏହି ଅପ୍ରତ୍ୟାଶିତ ଆକ୍ରମଣରେ ଅନ୍ୟମାନେ ଯୋଗ ଦେଇଥାନ୍ତି। ଏ କ୍ଷେତ୍ରରେ ଯେଉଁ ବୁଦ୍ଧି କାମ କରେ, ତାହା ଆମ ସେନାର ସର୍ଜିକାଲ ଷ୍ଟ୍ରାଇକ୍ କାର୍ଯ୍ୟକାରୀ କରିବାର ରଣନୀତି ସହ ତୁଳନୀୟ। କୁକୁଡାମାନଙ୍କର ସାଂଖ୍ୟିକ ଜ୍ଞାନ ରହିଛି ଓ ସେମାନେ ବାସ୍ତବରେ ଗଣିପାରନ୍ତି। ବୟସ୍କ କୁକୁଡ଼ା ପରଦା ପଛରେ ଲୁଚାଯାଇଥିବା ଦୁଇ ପ୍ରକାର ଜିନିଷକୁ ପରିବର୍ତ୍ତନ କଲେ ମଧ୍ୟ ତାହା ଜାଣିପାରନ୍ତି। ପରଦା ପଛରେ କେଉଁଠି ଅଧିକ ଜିନିଷ ରଖାଯାଇଛି, ତାହାକୁ ସେମାନେ ବାରମ୍ବାର ଚିହ୍ନଟ କରିପାରନ୍ତି। ସେମାନେ ମଧ୍ୟ ମିଶାଣ ଓ ଫେଡାଣର ଦ୍ୱନ୍ଦ୍ୱକୁ ସହଜରେ ସୂଚାଇଦିଅନ୍ତି। କିନ୍ତୁ ଗଣିତରେ ସବୁଠାରୁ ବୁଦ୍ଧିଆ ଜୀବ ହେଉଛି ହାତୀ। ମଣିଷଙ୍କ ଭଳି ହାତୀମାନେ ଜଟିଳ ସାଂଖ୍ୟିକ କ୍ରିୟାର ସମାଧାନ କରିବାରେ ସକ୍ଷମ ବୋଲି ୨୦୧୮ରେ କରାଯାଇଥିବା ଏକ ଗବେଷଣାରୁ ଜଣାପଡିଛି। ଗବେଷକମାନେ ୧୪ବର୍ଷୀୟ ଅଥାଇ ନାମକ ଏକ ମାଈ ଏସୀୟ ହାତୀକୁ କମ୍ପ୍ୟୁଟର ଟଚ୍ ସ୍କ୍ରିନ ପ୍ୟାନେଲ ବ୍ୟବହାର କରିବା ଲାଗି ପ୍ରଶିକ୍ଷଣ ଦେଇଥିଲେ। ସେ ତାହା ତା'ର ଶୁଣ୍ଢ ଅଗ୍ରଭାଗରେ ଟଚ୍ କରି ସୂଚାଇ ଦେବାକୁ କୁହାଯାଇଥିଲା। ଏକାବେଳକେ ବହୁ ଆଇଟମ ରଖାଯାଇ ତା'ମଧ୍ୟରୁ ଦୁଇ ସଂଖ୍ୟା ବିଶିଷ୍ଟ ଆଇଟମ୍‌କୁ ଚିହ୍ନଟ କରିବାକୁ କୁହାଯାଇଥିଲା। କେଉଁଥିରେ ଅଧିକ ସଂଖ୍ୟକ ଆଇଟମ ରହିଥିଲା ତାହା ସେ ସୂଚାଇ ଦେଇଥିଲା। ଏହା କେବଳ ଏକ ଭଲ ଫଳାଫଳ ଥିଲା ତାହା ନୁହେଁ, ବରଂ ପ୍ରାଣୀମାନେ ବି ଭଲ ଭାବେ ମନେରଖିପାରିଥାନ୍ତି ଏବଂ ମଣିଷ ଯେମିତି ଗଣି ପାରନ୍ତି ସେମାନେ ବି ସେମିତି କରିପାରନ୍ତି, ତାହାର ଏହା ଏକ ପ୍ରମାଣ।

ମୂଷା ଅତି ଛୋଟ ହେଲେ ମଧ୍ୟ କୌଣସି ଏକ କାର୍ଯ୍ୟରେ ସେମାନେ ଦେଖିଲା ଭଳି ଦକ୍ଷତା ଦେଖାଇଥାନ୍ତି। ଖାଇଥିବା ଖାଦ୍ୟଗୁଡ଼ିକ ମଧ୍ୟରେ କେଉଁ ଖାଦ୍ୟ ବିଷାକ୍ତ ଓ ସେମାନଙ୍କୁ ଅସୁସ୍ଥ କରିଥିଲା ତାହା ବହୁ ଦିନ ପରେ ବି ଜାଣିବାରେ ସେମାନେ ସକ୍ଷମ ହୋଇଥାନ୍ତି। ମଣିଷ ଭଳି ବହୁ ଦିନ ତଳେ ଘଟିଥିବା କୌଣସି ଏକ ଘଟଣା ସମ୍ପର୍କରେ ଚିନ୍ତା କରିବାର କ୍ଷମତା ରହିଛି ମୂଷାର। ମାଛର ବୁଦ୍ଧି,ସ୍ମରଣ ଶକ୍ତି କି ଯନ୍ତ୍ରଣା ଅନୁଭବ କରିବାର କ୍ଷମତା ନାହିଁ ବୋଲି ଭାବିବା ଭୁଲ୍ । ପ୍ରକାଶ ପାଇଥିବା ଏକ ଗବେଷଣାଭିତ୍ତିକ ପୁସ୍ତକରୁ ଜଣାପଡିଛି ଯେ, ମାଛମାନଙ୍କ ବିଭିନ୍ନ ପ୍ରକାର କ୍ଷମତା ରହିଛି ଯାହା ଆମଠାରୁ ଭିନ୍ନ ନୁହେଁ। ଆର୍କର ଫିସ୍ ଏବଂ ଡାମେଫିସ୍‌ର ମଣିଷ ମୁହଁ ଚିହ୍ନିବାର କ୍ଷମତା ରହିଛି। ଏମିତିକି ମୁହଁ ଅଧା ଲୁଚାଇ ରଖିଲେ ବା ଅସ୍ପଷ୍ଟ ଦୃଶ୍ୟମାନ ମୁହଁକୁ ମଧ୍ୟ ସେମାନେ ଚିହ୍ନି ପାରନ୍ତି। ଏଥିରୁ ଜଣାପଡେ ଯେ, କାହାକୁ ଦେଖି ସମୀକ୍ଷା କରିବା ସହ କୌଣସି ଜିନିଷକୁ ପ୍ରୋସେସିଂ କରିବା ମାଛଠାରେ ଦେଖିବାକୁ ମିଳେ। ମଣିଷ ଖୁସିରେ କି ରାଗରେ ରହିଛି ତାହା ଆମ ମୁହଁରୁ କୁକୁର ଜାଣିପାରେ ବୋଲି ଗବେଷଣାରୁ ଜଣାପଡିଛି। ୨୦୧୭ରେ କରାଯାଇଥିବା ଏକ ଅନୁଧ୍ୟାନରେ ମନସ୍ତତ୍ତ୍ୱବିତ୍‌ମାନେ ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ, ମଣିଷଙ୍କ ଦୃଷ୍ଟି ଆକର୍ଷଣ ତଥା ସହାନୁଭୂତି ପାଇବା ଲାଗି କୁକୁରମାନେ ମଧ୍ୟ ମୁହଁରେ ଏକ ନିର୍ଦ୍ଦିଷ୍ଟ ଭାବଭଙ୍ଗୀ ପ୍ରକାଶ କରିଥାନ୍ତି। କୁକୁର ଭଳି ଛେଳି ମଧ୍ୟ ବୁଦ୍ଧିଆ। ସେମାନେ ମଧ୍ୟ ଆମ ଭାବକୁ ଜାଣିପାରନ୍ତି ଏବଂ ଦୁଃଖୀ ଓ ସୁଖୀ ମଣିଷ ମଧ୍ୟରେ ପ୍ରଭେଦକୁ ବାରିପାରନ୍ତି। କୁକୁରଙ୍କ ଭଳି ଏମାନେ ବି ମଣିଷ ସହ ଭାବଗତ ସମ୍ପର୍କ ସ୍ଥାପନ କରିବାରେ ଦକ୍ଷ। ମେଣ୍ଢା ମଧ୍ୟ ମୁହଁ ଚିହ୍ନିବାରେ ପାରଙ୍ଗମ। ମଣିଷ ମୁହଁର ଭାବ ସେମାନେ ସହଜରେ ଜାଣିପାରନ୍ତି। ଗବେଷଣାରୁ ଜଣାପଡିଛି ଯେ, ଗୋଟିଏ ମେଣ୍ଢା ୫୦ଟି ମେଣ୍ଢାଙ୍କ ମୁହଁ ଓ ୫୦ଟି ବିଭିନ୍ନ ପ୍ରକାର ଛବିକୁ ମନେ ରଖିପାରନ୍ତି। ମଣିଷଙ୍କ ବୁଦ୍ଧିର ସବୁଠୁ ବଡ଼ ଲକ୍ଷଣ ରହିଛି ଡଲଫିନ ଠାରେ । ଏକ ଗବେଷଣାରେ ନଟୁଆ ନାମକ ଏକ ଡଲ୍‌ଫିନକୁ ଉଚ୍ଚ ଓ ନିମ୍ନ ସ୍ୱର ଠାବ କରିବା ଲାଗି କୁହାଯାଇଥିଲା। ସ୍ୱର ସ୍ପଷ୍ଟ ଓ ଉଚ୍ଚ ରହିବାବେଳେ ସେ ଦ୍ରୁତ ବେଗରେ ପହଁରିଥିଲା ଓ ସ୍ୱର ଧିମାଥିଲାବେଳେ ଧୀରେ ଧୀରେ ପହଁରି ମୁଣ୍ଡ ହଲାଇବା ସହ ଅସ୍ଥିର ହୋଇଯାଇଥିଲା। କି ଚମତ୍କାର ବୁଦ୍ଧି ତା'ର!

ଏକ ପରୀକ୍ଷାରୁ ଜଣାପଡିଛି ସିମ୍ପାଞ୍ଜିଙ୍କ ବୁଦ୍ଧି। ଦୂରରେ ଥିବା ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ କେତେ ସମୟ ଲାଗିବ ତାହା ସେମାନେ ଠିକ୍ ଭାବେ ଗଣନା କରିପାରନ୍ତି। କେବଳ ଏତିକି ନୁହେଁ ଅତୀତର ଅନୁଭୂତିକୁ ଆଧାର କରି ପୂର୍ବରୁ ଯୋଜନା କରିବାର କ୍ଷମତା ରହିଛି ଏମାନଙ୍କର। ଆମ ଭଳି ସେମାନେ ଖୁସି ଥିଲେ ହସନ୍ତି। ଏତେ ଆଶ୍ଚର୍ଯ୍ୟ ଧରଣର ପ୍ରାଣୀ ରହିଥିବା ଯଦିଆମେ ଦେଖିବା ନାହିଁ, ତେବେ ତାହା ଆମ ବୁଦ୍ଧିର ଅଭାବ, ସେମାନଙ୍କର ନୁହେଁ। ଏବେ ଯଦି ତୁମେ ଗୋଟିଏ ପ୍ରାଣୀର ମାଂସ ଖାଇବାକୁ ଆଗଭର ହେବ, ତୁମେ ବୁଝିବାକୁ ହେବ ଯେ ତୁମର ବୁଦ୍ଧି ଓ ବିବେକ ଖଟାଉ ନାହିଁ କି ତୁମର ହୃଦୟ ବି ନାହିଁ।

Email: gandhim@nic.in

# ଶିଶୁ ଅନନ୍ତଙ୍କ ସାରସ୍ୱତ ସୃଷ୍ଟିକର୍ମ

ଡ. ଭବାନୀ ଶଙ୍କର ଦାଶ

ଷୋଡ଼ଶ ଶତାବ୍ଦୀବେଳକୁ ପ୍ରାୟ ସମଗ୍ର ଭାରତବର୍ଷରେ ମୁସଲମାନ ଶାସନ ଅଭିଯାନ ପ୍ରଖର ହୋଇଉଠିଥିଲା। ଭାରତର ଗୋଟିଏ ପରେ ଗୋଟିଏ ଅଞ୍ଚଳ ମୁସଲମାନ ଶାସନାଧୀନ ହେଉଥିଲା ବେଳେ ଓଡ଼ିଶାରେ ସୂର୍ଯ୍ୟବଂଶୀ ରାଜାମାନଙ୍କର ପ୍ରଚଣ୍ଡ ପ୍ରଭାବୀ ରାଜତ୍ୱ ଯୋଗୁ ସ୍ୱାଧୀନ ଓଡ଼ିଶା ଭୂଖଣ୍ଡ ବାହ୍ୟ ଆକ୍ରମଣକୁ ସଦର୍ପେ ପ୍ରତିହତ କରି ସଗର୍ବେ ମଥାଟେକି ରହିଥିଲା। ମାତ୍ର କ୍ରମେ ବିଭିନ୍ନ କାରଣରୁ ଏହା ନିସ୍ତେଜ ହୋଇ ଆସିଲା। ତେବେ ଏହିଭଳି ଏକ ସନ୍ଧିକ୍ଷଣରେ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ବୈଷ୍ଣବ ମତବାଦର ମହାପ୍ଲାବନ ହୋଇଥିଲା ଓଡ଼ିଶାରେ। ଯେଉଁ ଅପରିମେୟ ଐଶୀ–ଶକ୍ତିସମ୍ପନ୍ନ ସିଦ୍ଧସାଧକ ପାଞ୍ଚଜଣ ଏହି ମହାପ୍ଲାବନର କର୍ଣ୍ଣଧାର ସାଜିଥିଲେ ସେମାନେ ହେଲେ ଯଶୋବନ୍ତ, ଅଚ୍ୟୁତ, ବଳରାମ, ଜଗନ୍ନାଥ ଓ ଅନନ୍ତ। ଏମାନେ ପଞ୍ଚସଖା ନାମରେ ପ୍ରସିଦ୍ଧ। ଦାସ ଭାବରେ ପରିଚିତ ହେବା ଏମାନଙ୍କର ଥିଲା ଭକ୍ତସୁଲଭ ସରଳତା। ଧାମ ଥିଲା ଶ୍ରୀକ୍ଷେତ୍ର।

ଏହି ପଞ୍ଚସଖାଙ୍କ ମଧ୍ୟରେ ଶିଶୁ ଅନନ୍ତ ଅନ୍ୟତମ। ଅନ୍ୟ ଚାରି ସଖାଙ୍କ ପରି ଅନନ୍ତ ଦାସଙ୍କ ଜନ୍ମ ସମୟ ମଧ୍ୟ ପ୍ରମାଣଭିତ୍ତିକ ନ ହୋଇ ଅନୁମାନ ନିର୍ଭର ହୋଇ ରହିଯାଇଛି। କାରଣ ପଞ୍ଚସଖାଙ୍କ ଠାର ବା ଇଙ୍ଗିତଧର୍ମୀ ଭାଷାର ବାସ୍ତବ ବିଶ୍ଳେଷଣ ନିର୍ଭୁଲ ଭାବେ ତଥାପି ହୋଇପାରିନାହିଁ। ଆଜି ମଧ୍ୟ ଓଡ଼ିଶାର ଲୋକକଥାରେ ଅଚ୍ୟୁତ ଠାର ଓ ଅନନ୍ତ ଗାର ଯଥେଷ୍ଟ ମହତ୍ତ୍ୱ ରଖିଥାଏ। ଅଚ୍ୟୁତାନନ୍ଦଙ୍କ 'ଉଦୟକାହାଣୀ'ରେ ପଞ୍ଚସଖାଙ୍କ ଆବିର୍ଭାବ ସଂକେତରେ ଯାହା କୁହାଯାଇଛି, ତାହାର ସମୀକ୍ଷା(ପଣ୍ଡିତ ସୂର୍ଯ୍ୟନାରାୟଣଙ୍କ ଦ୍ୱାରା)ରୁ ଜଣାପଡ଼େ ଯେ, ୨୫ ଅଙ୍କରେ ଅର୍ଥାତ୍ ୧୪୮୬ରେ ଅନନ୍ତ ଦାସଙ୍କ ଜନ୍ମ । ଜନ୍ମ ସମୟ ଭଳି ଜନ୍ମସ୍ଥାନକୁ ନେଇ ପଣ୍ଡିତମାନଙ୍କ ମନରେ ଦ୍ୱନ୍ଦ୍ୱ ରହିଥିଲା। କେହି କେହି କୋଣାର୍କ ନିକଟରେ ତାଙ୍କ ଜନ୍ମ ହୋଇଥିବା କଥା କହିଥାନ୍ତି। ମାତ୍ର ମହାପୁରୁଷ ଶିଶୁ ଅନନ୍ତଙ୍କ ଜନ୍ମସ୍ଥାନ ଯେ ବାଲିପାଟଣା– ଏହା ନିର୍ବିବାଦ୍ୟ। ସୁଦର୍ଶନ ଦାସଙ୍କ 'ଚୌରାଅଶୀ ଆଜ୍ଞା' ଓ ଜଗନ୍ନାଥ ଦ୍ୱିଜଙ୍କ ରଚିତ 'ଭକ୍ତିଚନ୍ଦ୍ରିକା'ରେ ଅନନ୍ତଙ୍କ ଜନ୍ମ ବାଲିପଡ଼ା ବୋଲି ଉଲ୍ଲେଖ ଅଛି। ବାଲିପଡ଼ା ହିଁ ପରବର୍ତ୍ତୀ ସମୟର ବାଲିପାଟଣା। ସମ୍ପ୍ରତି ଖୋର୍ଦ୍ଧା ଜିଲା ଅନ୍ତର୍ଗତ ଅଟେ। ସୂର୍ଯ୍ୟକୁଳସମ୍ଭୂତ ଶିଶୁ ଅନନ୍ତ ଦାସ ଏହିଠାରେ ଘର କରି ରହିଥିଲେ। ଏହା ତାଙ୍କ ପୈତୃକ ଜନ୍ମସ୍ଥାନ।

ଏପରିକି ସୁଦର୍ଶନ ଦାସଙ୍କ 'ଚୌରାଅଶୀ ଆଜ୍ଞା'ର ଅଣଷଠି ବୟାଙ୍ଗରୁ ଜାଣିବାକୁ ମିଳେ ଯେ, ବାଲିପାଟଣା ଶିଶୁମଠଠାରେ ଏକଦା ନିଗମ ଭାବର ପ୍ରବକ୍ତା ଐଶୀ–ଶକ୍ତିସମ୍ପନ୍ନ ଅନ୍ୟତମ ସଖା ସାଧକ ଯଶୋବନ୍ତ ଦାସ ସଶିଷ୍ୟ କିଛିଦିନ ଅବସ୍ଥାନ କରିଥିଲେ। ଶିଶୁ ଅନନ୍ତଙ୍କ ପୁତ୍ର ଅକ୍ରୂରଙ୍କ ସହିତ ଯଶୋବନ୍ତଙ୍କର ପରିଚୟ ହୋଇଥିଲା। ଅନନ୍ତ ଦାସ ଶିଶୁ ଅନନ୍ତରେ ପରିଣତ ହେବାକୁ ନେଇ ଅନେକ ଅଲୌକିକ କଥା ଜାଣିବାକୁ ମିଳେ। ଠିକ୍ ସେହିପରି ବାଲିପାଟଣାର ଜନଶ୍ରୁତିରେ ଅନେକ ଅଲୌକିକ ଉପାଖ୍ୟାନ ଏବେବି ସଜାଗ ରହିଛି। ଖଣ୍ଡିଆ କାଛରେ ବସି ଯାତ୍ରାକରି ରାଜଦ୍ୱାରରୁ ପୀର ଖାଁର ଅଭିଯୋଗରୁ ଗରିବ ବେହେରାଟିକୁ ଉଦ୍ଧାର କରିଥିବା ଅନନ୍ତ ଦାସଙ୍କ ଐଶୀଲୀଳା ବହନ କରି ଏବେ ବି ଗାଁ ଫିରିକାପାଟଣା ଦଣ୍ଡାୟମାନ। ଏହା ବ୍ୟତୀତ ଯଦିଓ ନିର୍ଦ୍ଦିଷ୍ଟ ପ୍ରମାଣ ନାହିଁ ତଥାପି ଜାଣିବାକୁ ମିଳେ ଯେ, ବାଲିପାଟଣାର ଶିଶୁ ଅନନ୍ତଙ୍କୁ ଗଜପତି ରାଜା ଜଗନ୍ନାଥଙ୍କ ଦ୍ୱାରା ସ୍ୱପ୍ନାବିଷ୍ଟ ହୋଇ ମନ୍ଦିରରେ ଥିବା ଶ୍ରୀମୂର୍ତ୍ତି ଦେବଙ୍କୁ ପ୍ରଦାନ କରିଥିଲେ। କଥିତ ଅଛି ଯେ, ଶ୍ରୀମୂର୍ତ୍ତି ଦେବ ଶ୍ରୀମନ୍ଦିର ବେଢ଼ା ମଧ୍ୟରେ ମହାପ୍ରସାଦ ଯିବା ବାଟରେ ରହିଥିଲେ ଓ ପ୍ରତ୍ୟହ ତାଙ୍କର ପ୍ରଥମ ଦୃଷ୍ଟି ଶ୍ରୀମହାପ୍ରସାଦ ଉପରେ ପଡୁଥିଲା। ଗଜପତି ଖାଲି ପ୍ରଦାନ କରି ନ ଥିଲେ ବରଂ ଅନନ୍ତଙ୍କ ଜନ୍ମସ୍ଥାନ ବାଲିପାଟଣାରେ ପ୍ରତିଷ୍ଠା କରାଇଥିଲେ। ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ନବକଳେବର ସମୟରେ ଶିଶୁମଠକୁ ଦାରୁର କିଛି ଅଂଶ ଆସୁଥିଲା। ମହାରାଜାଙ୍କ ତରଫରୁ ଶିଳ୍ପୀ ଓ ପଣ୍ଡାମାନେ ଆସି ବାଲିପାଟଣାରେ ଏହି କାର୍ଯ୍ୟ ସମାପନ କରୁଥିଲେ। ।

ଶିଶୁ ଅନନ୍ତଙ୍କ ସାରସ୍ୱତ ସୃଷ୍ଟିକର୍ମ ସମୂହ ଏ ପର୍ଯ୍ୟନ୍ତ ଲୋକଲୋଚନର ଅନ୍ତରାଳରେ ରହିଯାଇଛି। ସେସବୁ ମଧ୍ୟରେ ହେତୁ ଉଦୟଭାଗବତ, ପିଣ୍ଡବ୍ରହ୍ମାଣ୍ଡ ଗୀତା, ଅର୍ଥତାରେଣୀ, ମନ୍ତ୍ରଚନ୍ଦ୍ରିକା, ଗରୁଡ଼ କେଶବ ଚଉତିଶା, ଆଗତ ଚୁମ୍ବକମାଳିକା, ଡିବିଡିବି ଢୋଲ, ଠୁଳଶୂନ୍ୟ ରାସ, ଗରୁଡ଼ ଅନନ୍ତ ସମ୍ବାଦ, ଉଦେ ବାଖର, ଛାଟ ବାଖର, ଠିକ ବାଖର ଓ ଅନେକ ଭଜନ ଓ ସ୍ତୋତ୍ର ଅନ୍ତର୍ଭୁକ୍ତ। ବାଖର ଶବ୍ଦ ମାଳିକା ଅର୍ଥରେ ଓଡ଼ିଶାରେ ବ୍ୟବହୃତ ହୋଇଥିଲେ ହେଁ ବାଖର ମାଳିକାର ଏକ ସ୍ୱତନ୍ତ୍ର ପ୍ରବିଧି, ଯାହା ଉପରେ ଗବେଷଣା ଜରୁରୀ। ଜଣାଯାଏ ଯେ ଶିଶୁ ଅନନ୍ତଙ୍କର ଗାରକଟା ଯନ୍ତ୍ର ପାଇଁ ପ୍ରସିଦ୍ଧି ରହିଛି। ଦୁର୍ଭାଗ୍ୟର କଥା ଯେ, ଅନନ୍ତଙ୍କ ରଚନାବଳୀ ଭଳି ଏଇ ଗାରକଟା ଯନ୍ତ୍ର ମଧ୍ୟ ଏକ ଅନୁଦ୍‌ଘାଟିତ ରହସ୍ୟ ହୋଇରହିଛି।

ଅନ୍ୟ ସଖାଙ୍କ ଭଳି ଶିଶୁ ଅନନ୍ତଙ୍କ ମାଳିକାର ପ୍ରଚାର ପ୍ରସାର ହୋଇପାରିନାହିଁ। ତାଙ୍କ ମନ୍ତ୍ରଯାନ ବର୍ତ୍ତମାନର ଯନ୍ତ୍ରଯାନଠାରୁ ଥିଲା ଉନ୍ନତଧରଣ, ଯାହା ଗବେଷଣାସାପେକ୍ଷ। ଅନନ୍ତ ଦାସଙ୍କ ସାରସ୍ୱତ କର୍ମ ସମୂହର ଯଥାର୍ଥ ବିନିଯୋଗ ହୋଇପାରିଲେ କେବଳ ଓଡ଼ିଶା ନୁହେଁ, ସାରା ବିଶ୍ୱ ଚମତ୍କୃତ ହୁଅନ୍ତା। ଶିଶୁମଠଠାରେ ଅନନ୍ତ ଗବେଷଣାଗାରଟିଏ ପ୍ରତିଷ୍ଠା କରାଯାଇ ପଞ୍ଚସଖାଙ୍କ ସମ୍ପର୍କରେ ସ୍ୱତନ୍ତ୍ର ଗବେଷଣା ପ୍ରୋତ୍ସାହନ ଯୋଗାଇ ଦିଆଗଲେ ଆଗାମୀକାଲିର ଭାରତ ଏକ ଗରିମାମୟ ତେଜସ୍ୱୀ ଓଡ଼ିଶାକୁ ଦେଖିପାରନ୍ତା।

ପ୍ରାଧ୍ୟାପକ, ଶିଶୁ ଅନନ୍ତ ମହାବିଦ୍ୟାଳୟ, ବାଲିପାଟଣା, ଖୋର୍ଦ୍ଧା
ମୋ–୯୪୩୭୨୭୯୧୪୨

## ଏଇ ଭାରତରେ

ଘର ବର୍ଜ୍ୟରୁ ଖତ ପ୍ରସ୍ତୁତ କରିବା କାର୍ଯ୍ୟ କଥା ଶୁଣିଲେ ସହଜରେ ଏହାର ଗୁରୁତ୍ୱ ଉପଲବ୍ଧି କରିହୁଏନି। କିନ୍ତୁ ବାଣୀ ମୂର୍ତ୍ତିଙ୍କ ଏଭଳି କାର୍ଯ୍ୟକୁ ସମୀକ୍ଷା କଲେ ଏହା ପଛରେ ଏକ ବିରାଟ ପରିବେଶଗତ ତଥା ସୁସ୍ଥ ଜୀବନର ରହସ୍ୟ ଲୁଚି ରହିଥିବା ପ୍ରତୀୟମାନ ହୁଏ। ବାଣୀ ରହନ୍ତି ବେଙ୍ଗାଲୁରୁରେ । ସେ ଲୋକଙ୍କୁ ସୁସ୍ଥ ଜୀବନର ମନ୍ତ୍ରରେ ଦୀକ୍ଷିତ କରୁଛନ୍ତି। ଏହି ମନ୍ତ୍ର ହେଉଛି– ଖତ ପ୍ରସ୍ତୁତ କର, ଘରେ ଚାଷ କର ଓ ସମ୍ପୂର୍ଣ୍ଣ ବିଶୁଦ୍ଧ ଖାଦ୍ୟ ଖାଅ। ବାଣୀ ତାଙ୍କର ଏହି ମନ୍ତ୍ରକୁ ଲୋକଙ୍କ ନିକଟରେ ଦୁଇ ଦଶନ୍ଧି ଧରି ପହଞ୍ଚାଇ ଆସୁଛନ୍ତି। ଖତ ପ୍ରସ୍ତୁତ କରିବା ଯୋଗୁ ଲୋକେ ତାଙ୍କୁ ଶ୍ରଦ୍ଧାରେ 'ୱର୍ମରାଣୀ' ବା କୀଟର ରାଣୀ ବୋଲି ଡାକନ୍ତି। ସେ ସହରବାସୀଙ୍କୁ କିଚେନ ବର୍ଜ୍ୟରୁ ଖତ ପ୍ରସ୍ତୁତ କରିବା ଲାଗି ଉତ୍ସାହିତ କରୁଛନ୍ତି। ଏହାକୁ ବଗିଚା କିମ୍ବା ବାଲକୋନିରେ ପନିପରିବା ଚାଷରେ ଉପଯୋଗ କରିବା ଲାଗି ପ୍ରଶିକ୍ଷଣ ମଧ୍ୟ ଦେଉଛନ୍ତି। ବାଣୀଙ୍କର ଏହି ପ୍ରୟାସରେ ପରିବେଶକୁ ଉପକାର ମିଳିବା ସହ ଗ୍ରୀନ୍ ହାଉସ ଗ୍ୟାସ ହ୍ରାସ ପାଉଛି ବୋଲି ବିଶେଷଜ୍ଞମାନଙ୍କ ମତ। ପ୍ରତ୍ୟେକ ଘରେ ବର୍ଜ୍ୟବସ୍ତୁ ରିସାଇକ୍ଲିଂ କରାଗଲେ ତାହାଦ୍ୱାରା ସରକାରଙ୍କ କୋଟି କୋଟି ଟଙ୍କା ରହିଯିବ ଓ ଏହା ସହରାଞ୍ଚଳରେ ଲୋକେ ସୁସ୍ଥ ରହିବା ଲାଗି ସାହାଯ୍ୟ କରିବ ବୋଲି କହନ୍ତି ବାଣୀ।

## ୨୫ ବର୍ଷ ତଳର ଧରିତ୍ରୀ

୩୧ ଡିସେମ୍ବର ୧୯୯୫

- ଜାତିସଂଘର ସାମାଜିକ ଏବଂ ଅର୍ଥନୈତିକ ପରିଷଦ (ୟୁନେସ୍କୋ) ଶିଶୁ ସାହିତ୍ୟିକମାନଙ୍କ ସକାଶେ ଏକ ନୂଆ ସାରସ୍ୱତ ବିଷୟ ଘୋଷଣା କରିଛନ୍ତି।
- ଗୋପାଳପୁରସ୍ଥିତ ଜଗନ୍ନାଥପୁରଠାରେ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କ ଦ୍ୱାରା ଟାଟା ଇସ୍ପାତ କାରଖାନାର ଭିତ୍ତିପ୍ରସ୍ତର ସ୍ଥାପନ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | | | B | 5 | | 2 | 7 | 1 |
| D | 2 | | | | | | | | | | 1 | B | | |
| | | | | | | C | 7 | 8 | | | | | 6 | 4 |
| | 3 | | | | | | B | E | 2 | | | | 5 | |
| | | | B | | | 9 | | | 3 | | 4 | | D | C |
| C | | 0 | | | 1 | | 3 | | | | 6 | 5 | 4 | 2 |
| A | | | | 6 | | | | C | | 4 | | 9 | | |
| 2 | | E | | | C | 5 | 0 | | A | D | | | B | |
| | | | | | | | | | | | B | | | |
| 7 | | | | A | | | | | E | 8 | | 6 | | 0 |
| 0 | E | | | | 7 | | | 1 | | 9 | 2 | | | D |
| 9 | | 4 | | | | | 2 | | | | 7 | | 3 | |
| 1 | | | 3 | | | | D | B | | | | | | |
| | 7 | | | | E | 8 | 5 | 9 | 0 | | | | | B |
| | 5 | | A | 8 | | 4 | | | | 3 | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 2 | C | B | 5 | 6 | 7 | 1 | D | A | E | 9 | 0 | 4 | 8 |
| 8 | 6 | D | 4 | 3 | 7 | A | 0 | 9 | B | 5 | 2 | C | E | 1 |
| E | 7 | 1 | 9 | D | C | B | 5 | 8 | 3 | 4 | 0 | 6 | 2 | A |
| A | 0 | B | 8 | 1 | 2 | 3 | 4 | E | 7 | C | 6 | 5 | D | 9 |
| 5 | 4 | 9 | 0 | A | E | 2 | 6 | C | 1 | D | 8 | B | 3 | 7 |
| 0 | 5 | 8 | 1 | 6 | 4 | 9 | C | 2 | D | A | E | 7 | B | 3 |
| C | 9 | 6 | D | 8 | 5 | 1 | 3 | 7 | 4 | 2 | B | E | A | 0 |
| 1 | A | E | 3 | 0 | B | 5 | D | 4 | 9 | 6 | 7 | 2 | 8 | C |
| D | B | 7 | 2 | E | 9 | 8 | A | 0 | 5 | 3 | C | 4 | 1 | 6 |
| 4 | 3 | 2 | 7 | C | A | E | B | 6 | 0 | 8 | 1 | 9 | 5 | D |
| 9 | D | 0 | C | 7 | 8 | 4 | 2 | 5 | E | 1 | A | 3 | 6 | B |
| 2 | C | A | 6 | 4 | 3 | D | 7 | B | 8 | 9 | 5 | 1 | 0 | E |
| 7 | 8 | 5 | A | 2 | 0 | 6 | E | 1 | C | B | 3 | D | 9 | 4 |
| 6 | 1 | 3 | E | B | D | C | 9 | A | 2 | 0 | 4 | 8 | 7 | 5 |
| B | E | 4 | 5 | 9 | 1 | 0 | 8 | 3 | 6 | 7 | D | A | C | 2 |

ଗତକାଲିର ଉତ୍ତର

# ସୀମା ସମସ୍ୟାର ସମାଧାନ ଲୋଡ଼ା



ଦିଲ୍ଲୀପ ଦାଶଶର୍ମା

ଉତ୍କଳ ଗୌରବ ମଧୁସୂଦନ ଦାସ, ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବ, ବ୍ୟାସକବି ଫକୀର ମୋହନ ସେନାପତି, ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର ଓ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଭଳି ଅନେକ ବରପୁତ୍ରଙ୍କ ଅବଦାନ ଓ କଠିନ ପରିଶ୍ରମରେ ଉତ୍କଳ ସମ୍ମିଳନୀ ମାଧ୍ୟମରେ ୧୯୩୬ ମସିହାରେ ଗଠନ ହୋଇଥିଲା ସ୍ୱତନ୍ତ୍ର ଓଡ଼ିଶା । ଉତ୍କଳ ସମ୍ମିଳନୀକୁ ବହୁ ମହାରାଜା, ବହୁ ରାଜନେତା ନେତୃତ୍ୱ ଦେଇଥିଲେ ହେଁ ସମ୍ମିଳନୀ କେବେହେଲେ ରାଜନୀତି କରିନାହିଁ କିମ୍ବା ଓଡ଼ିଶାର ଶାସନ ଡୋରି ହାତକୁ ନେବାକୁ ଚାହିଁ ନାହିଁ । କିନ୍ତୁ ଅନ୍ୟପକ୍ଷରେ କହିବାକୁ ଗଲେ କ୍ଷମତାରେ ଥିବା ରାଜନେତାମାନେ ସମ୍ମିଳନୀକୁ ନେତୃତ୍ୱ ଦେଇ ଆଗେଇ ନେଇଛନ୍ତି। ନିଜେ ଦେଖିଛି ବିଭିନ୍ନ ରାଜନୈତିକ ଦଳର ନେତାମାନେ ଉତ୍କଳ ସମ୍ମିଳନୀ କାର୍ଯ୍ୟାଳୟ ଭିତରକୁ ଆସିଲେ କୁହନ୍ତି, ଆମେ ଆମ ରାଜନୈତିକ ପୋଷାକ ସମ୍ମିଳନୀ କାର୍ଯ୍ୟାଳୟ ବାହାରେ ରଖିଦେଇ ଆସିଛୁ। ଏଠାରେ ଆମେ ସମସ୍ତେ କେବଳ ଓଡ଼ିଆ, ଓଡ଼ିଆ ଜାତିର ଉନ୍ନତି କଥା ଆଲୋଚନା କରିବା । ସମ୍ମିଳନୀ ଭିତରକୁ ଆସିଲେ ଆମେ ସମସ୍ତେ ଏକ ଓ ଅଭିନ୍ନ ।

ଏବେର ରାଜନୀତିରେ ଦୁଇଟି କଥାର ଅଭାବ ଦେଖାଯାଉଛି । ଯେମିତି କି ରାଜନୀତିରୁ ଧୋତିପିନ୍ଧା ବ୍ୟକ୍ତିମାନେ ଯେତିକି ଯେତିକି ଦୂରେଇ ଯାଉଛନ୍ତି, ଉତ୍କଳ ସମ୍ମିଳନୀରୁ ରାଜନୈତିକ ବ୍ୟକ୍ତିମାନେ ସେତିକି ସେତିକି ଦୂରେଇ ଯାଉଛନ୍ତି । ଉତ୍କଳ ସମ୍ମିଳନୀ ଦଳୀୟ ରାଜନୀତି କରିନାହିଁ, ମାତ୍ର ସମ୍ମିଳନୀର କର୍ମକାରମାନେ ଭିନ୍ନ ଭିନ୍ନ ରାଜନୈତିକ ପଦ ପଦବୀରେ ଥିବା ଯୋଗୁ ସମ୍ମିଳନୀର କାମଗୁଡିକ ସହଜ ହୋଇଯାଇଛି । ଏଠି ଆଲୋଚନା ହେଉନାହିଁ ଉତ୍କଳ ସମ୍ମିଳନୀକୁ ସାହାଯ୍ୟ କରିବା ପାଇଁ କି ଉତ୍କଳ ସମ୍ମିଳନୀର କୌଣସି କର୍ମକର୍ତ୍ତା କିମ୍ବା ସଦସ୍ୟା ସଦସ୍ୟଙ୍କୁ ସାହାଯ୍ୟ କରିବା ପାଇଁ। ଉତ୍କଳ ସମ୍ମିଳନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟଗୁଡିକ ପାଇଁ ରାଜନୈତିକ ସହଯୋଗ କିମ୍ବା ସାହାଯ୍ୟ ଆବଶ୍ୟକ । ଉଦାହରଣ ସ୍ୱରୂପ ଆମେ ଯଦି ରାଜ୍ୟ ସୀମା ସମସ୍ୟା ବିଷୟରେ ଆଲୋଚନା କରିବା ଦେଖିବା ଉତ୍କଳ ସମ୍ମିଳନୀ ଏହାର ସମାଧାନ ପାଇଁ ବହୁ କାମ କରିଛି । ଯେପରି କି ସୀମା ସମସ୍ୟା ଥିବା ଅଞ୍ଚଳ ବହୁବାର ପରିଦର୍ଶନ କରି ସରକାରଙ୍କୁ ଜଣାଇଛି । ବହୁବାର ଧାରଣା ଦେବା ସହିତ ସାମ୍ବାଦିକ ସମ୍ମିଳନୀ କରି ସରକାରକୁ ସମସ୍ୟା ସମ୍ପର୍କରେ ମନେ ପକାଇ ଦେଇଛି । ରାଜ୍ୟ ସରକାର ମଧ୍ୟ ନିଜ ସ୍ତରରେ କିଛି କିଛି କାମ କରିଛନ୍ତି । ଯେପରି କି ଆନ୍ଧ୍ର ସହିତ ବିବାଦରେ ଥିବା କୋଟିଆ ସମସ୍ୟା ସମାଧାନ ପାଇଁ ୧୯୬୮ରେ ଓଡ଼ିଶା ସରକାର ସୁପ୍ରିମକୋର୍ଟକୁ ଯାଇଥିଲେ । ଏବେର ସରକାର ସୀମାନ୍ତ ଜିଲା ପ୍ରଶାସକମାନଙ୍କ ମାଧ୍ୟମରେ ଆନ୍ଧ୍ରର ସୀମାନ୍ତ ଜିଲାର ପ୍ରଶାସକମାନଙ୍କ ସହିତ ଆଲୋଚନା କରୁଛନ୍ତି । ସେହିଭଳି ପଶ୍ଚିମବଙ୍ଗ ରାଜ୍ୟ ସହିତ ଥିବା ସୀମା ସମସ୍ୟା ସମାଧାନ ପାଇଁ ୧୯୮୧ ମସିହାରୁ ଆଜି ପର୍ଯ୍ୟନ୍ତ କେତେବେଳେ ବନ୍ଦୋବସ୍ତ କମିଶନରଙ୍କ ସ୍ତରରେ ତ ଆଉ କେତେବେଳେ ଆରଡିସି ଓ ଜିଲାପାଳଙ୍କ ସ୍ତରରେ ଆଲୋଚନା ଚାଲିଛି । ଏହା ମଧ୍ୟରେ ୧୯୯୧ ରୁ ୧୯୯୩ ଭିତରେ ବିଜୁବାବୁ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଦୁଇ ତିନି ଥର ମନ୍ତ୍ରୀ ସ୍ତରୀୟ ଆଲୋଚନା ହେବା ପରେ ମଧ୍ୟ ସମସ୍ୟା ସମାଧାନ ହୋଇନାହିଁ । ସେହିଭଳି ସୁପ୍ରିମକୋର୍ଟରେ ୧୯୬୮ରୁ ଚାଲିଥିବା ମକଦ୍ଦମା ଉପରେ କୋର୍ଟ ୨୦୦୬ରୁ ନିଜର ନିଷ୍ପତ୍ତି ଶୁଣାଇ ଦେଇଛନ୍ତି । ମକଦ୍ଦମାର ମେରିଟ୍‌କୁ ନ ଯାଇ ସୁପ୍ରିମକୋର୍ଟ କହିଛନ୍ତି ଯେ, ଆର୍ଟିକିଲ – ୧୩୧ ଅନୁଯାୟୀ ରାଜ୍ୟ ସୀମା ବିଷୟ ଆମ ବିଚାର କ୍ଷମତା ଭିତରକୁ ଆସୁନାହିଁ । ତେଣୁ ସୁପ୍ରିମକୋର୍ଟ ଏହା କରିପାରିବ ନାହିଁ । ସୀମା ସଂକ୍ରାନ୍ତୀୟ ନିଷ୍ପତ୍ତି ନେବାର ଅଧିକାର କେବଳ ସଂସଦର ଅଛି ।

ତେଣୁ ସୀମା ସମସ୍ୟା ସମାଧାନ ପାଇଁ ସରକାରୀ କର୍ମଚାରୀମାନଙ୍କ ଆଲୋଚନାରେ ସେମିତି କିଛି ସମାଧାନ ହେବା ଭଳି ଲାଗୁ ନାହିଁ । ଅସ୍ଥାୟୀ ସମାଧାନ ଦିନେ ଦୁଇ ଦିନ, ମାସେ ଦୁଇ ମାସ କିମ୍ବା ବର୍ଷେ ଦୁଇ ବର୍ଷ ପାଇଁ ହୋଇପାରେ । ଆମେ ଏଇ ମାସେ ଦୁଇ ମାସ ଭିତରେ ଆନ୍ଧ୍ର ସୀମାନ୍ତ କଥା ଦେଖିଲେ ଜାଣିପାରିବା । ଅଫିସର ସ୍ତରରେ ଆଲୋଚନା ହେଉଥିଲେ ମଧ୍ୟ ସୀମାରେ ଅଶାନ୍ତି ଲାଗି ରହିଛି। ରାଜ୍ୟ ସୀମା ସମସ୍ୟା ସମାଧାନ ପାଇଁ ରାଜନୈତିକ ଇଚ୍ଛାଶକ୍ତି ଆବଶ୍ୟକ । ଏହାକୁ ମଧ୍ୟ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ହୃଦୟଙ୍ଗମ କରିଥିଲେ। ତେଣୁ ତାଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଦୁଇ ରାଜ୍ୟର ମନ୍ତ୍ରୀ ସ୍ତରୀୟ ବୈଠକ ପଶ୍ଚିମବଙ୍ଗ ସହିତ ଥିବା ବିବାଦ ପାଇଁ କରାଇଥିଲେ । ଆନ୍ଧ୍ର ସହିତ କରାଇ ନ ଥିଲେ, କାରଣ ସେତେବେଳକୁ କୋଟିଆ ସମସ୍ୟା ସୁପ୍ରିମ କୋର୍ଟରେ ବିଚାରାଧୀନ ଥିଲା । ଏବେ ଅଦାଲତରେ ଏହା ଆଉ ବିଚାରାଧୀନ ନାହିଁ । ତେବେ ଦୁଇ ରାଜ୍ୟ ମଧ୍ୟରେ ରହିଥିବା ସୀମା ସମସ୍ୟାର ସମାଧାନ ଲାଗି କିଛି କରାଯାଇ ପାରିବ ବୋଲି ଓଡ଼ିଆମାନଙ୍କର ଆଶା ଓ ଭରସା ରହିଛି। କିନ୍ତୁ ଉପଯୁକ୍ତ ପଦକ୍ଷେପ ଅଭାବରୁ ଏହି ଆଶା ମଉଳି ଯିବାରେ ଲାଗିଛି। ଓଡ଼ିଶାର ସୀମା ସୁରକ୍ଷିତ ନୁହେଁ । ପଡ଼ୋଶୀ ରାଜ୍ୟଗୁଡ଼ିକ ସହିତ ବିବାଦ ଲାଗି ରହିଛି ଓ କିଛି ବିବାଦୀୟ ଘଟଣା ବି ସାମନାକୁ ଆସୁଛି। କେବଳ ଓଡ଼ିଶାର ନୁହେଁ, ଓଡ଼ିଶା ଭଳି ବହୁ ରାଜ୍ୟର ସୀମାରେ ସମସ୍ୟାମାନ ଅଛି । ସୁପ୍ରିମକୋର୍ଟ ମଧ୍ୟ କହିଛନ୍ତି, ରାଜ୍ୟ ସୀମା ସମସ୍ୟା ସୁପ୍ରିମକୋର୍ଟର ନୁହେଁ – ସଂସଦର । ତେଣୁ ରାଜନୈତିକ ଇଚ୍ଛାଶକ୍ତି ବିନା ସୀମା ସମସ୍ୟା ସମାଧାନ ଅସମ୍ଭବ । ରାଜନୈତିକ ଇଚ୍ଛାଶକ୍ତି ମାନେ କେନ୍ଦ୍ରୀୟ ରାଜନୈତିକ ଶକ୍ତି ଆବଶ୍ୟକ । କେନ୍ଦ୍ର ସରକାର ଭିନ୍ନ ଭିନ୍ନ ରାଜ୍ୟରେ ଥିବା ସୀମା ସମସ୍ୟାଗୁଡିକର ସମାଧାନ ପାଇଁ କେନ୍ଦ୍ରୀୟ ସ୍ତରରେ ଉଦ୍ୟମ ଆରମ୍ଭ କରିବା ଆବଶ୍ୟକ । ଏ ବିଷୟରେ ସଂସଦରେ ଆଲୋଚନା ହୋଇ ସ୍ୱତନ୍ତ୍ର ନୀତି ନିର୍ଦ୍ଧାରଣ ହେବା ଆବଶ୍ୟକ । ସୀମା ସମସ୍ୟା ସମାଧାନ କରିବା ପାଇଁ କେନ୍ଦ୍ର ସରକାର ସ୍ୱତନ୍ତ୍ର ବିଭାଗ ଖୋଲିବା ପାଇଁ ସମୟ ଆସିଛି । ସୀମା ସୁରକ୍ଷା ବିଭାଗର ମୁଖ୍ୟ କାର୍ଯ୍ୟାଳୟ ଦିଲ୍ଲୀରେ ରହିବା ସହିତ ଯେଉଁ ରାଜ୍ୟରେ ଏହି ସମସ୍ୟା ମାନ ଅଛି ସେହି ରାଜ୍ୟରେ ଏହି କାର୍ଯ୍ୟାଳୟର ଶାଖା କାର୍ଯ୍ୟାଳୟ ମାନ ଖୋଲି ସୀମା ସମସ୍ୟା ସମାଧାନ କରିବା ଆବଶ୍ୟକ । ଏକଥା ଉତ୍କଳ ସମ୍ମିଳନୀ ବାରମ୍ବାର କହୁଥିଲେ ମଧ୍ୟ କେନ୍ଦ୍ର ସରକାରଙ୍କ ପାଖରେ ପହଞ୍ଚି ପାରୁନାହିଁ । କାରଣ ଉତ୍କଳ ସମ୍ମିଳନୀ ରାଜନୀତି କରୁ ନାହିଁ କି ଅନୁଷ୍ଠାନ ସହିତ କୌଣସି ରାଜନୈତିକ ବ୍ୟକ୍ତି ଯୋଡି ହୋଇ ନାହାନ୍ତି । ଉତ୍କଳ ସମ୍ମିଳନୀ ଆଜି ପର୍ଯ୍ୟନ୍ତ ରାଜନୀତି ତ କରି ନାହିଁ କିନ୍ତୁ ଏବେ ସମୟ ଆସିଛି ରାଜନୈତିକ ବ୍ୟକ୍ତିମାନେ ଉତ୍କଳ ସମ୍ମିଳନୀ ସହିତ ଯୋଡି ହେବା ପାଇଁ ।

ଭୁବନେଶ୍ୱର
ମୋ: ୮୯୮୪୦୦୭୬୦୦

## ପାଠକ ଶ୍ରେଷ୍ଠ ବିଚାରକ

### ଭ୍ରମିତ କରୁଛନ୍ତି ବଡ଼ ଚାଷୀ

ମହାଶୟ,

ସଂପ୍ରତି ଦେଶରେ ଚାଷୀ ଆନ୍ଦୋଳନ ନାମରେ ପଞ୍ଜାବ, ରାଜସ୍ଥାନର କେତେକ ମୁଷ୍ଟିମେୟ ବଡ ମହାଜନ ଚାଷୀ ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କେନ୍ଦ୍ର ସରକାର ଆଣିଥିବା ୩ଟି କୃଷି ଆଇନକୁ ବିରୁଦ୍ଧାଚରଣ କରି ଦେଶ ତମାମ ଗୋଟେ ହଇଚଇ ସୃଷ୍ଟି କରୁଛନ୍ତି । ଏଥିରେ ବି ଅନ୍ୟଚାଷୀମାନେ କିଛି ନ ବୁଝି ନ ଶୁଝି ଆନ୍ଦୋଳନରେ ଝାସ ଦେବାକୁ ପ୍ରସ୍ତୁତ । ସରକାରଙ୍କ ଏହି ୩ଟି ଆଇନ ପ୍ରକୃତରେ ଦେଶର ସବୁ ଚାଷୀମାନଙ୍କ ପାଇଁ ଯଥା– କ୍ଷୁଦ୍ର, ମଧ୍ୟମ ଚାଷୀ ବିଶେଷ ଭାବେ ଉପକୃତ ହେବେ । ସୁବିଧାରେ, ସହଜରେ ବିହନ ଓ କୃଷିଋଣ କରିପାରିବା ବ୍ୟବସ୍ଥା ସହିତ ଧାନ ବିକ୍ରି ପାଇଁ ମଣ୍ଡିରେ ଏମ୍ଏସ୍‌ପି ଧାର୍ଯ୍ୟ ଅନୁଯାୟୀ ଧାନ ବିକ୍ରି କରିପାରିବେ ; ଯେଉଁଥିରେ ଚାଷୀମାନଙ୍କର କ୍ଷତି ପରିବର୍ତ୍ତେ ଲାଭ ହେବ । କିନ୍ତୁ ପଞ୍ଜାବ ଓ ରାଜସ୍ଥାନରେ ମହାଜନ ବଡ ଚାଷୀ ; ଯେଉଁମାନେ ସାଧାରଣ ଚାଷୀମାନଙ୍କଠାରୁ କମ ମୂଲ୍ୟରେ ଧାନ କିଣି ସରକାରୀ ଧାର୍ଯ୍ୟ ଦରରେ ବିକନ୍ତି ସେମାନଙ୍କର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଏହି ୩ଟି କୃଷି ଆଇନ ବିରୋଧରେ ଆନ୍ଦୋଳନ କରି ଦେଶକୁ ବିଭ୍ରାନ୍ତ କରୁଛନ୍ତି।

–ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

ଚଳ ଗୋ ତୁମେ କାହାର ଲାଗି
ଆଜି ନିଶୀଥେ କିଏ ଅଭାଗୀ
ରହିଛି ଜାଗି ଢାଳି ତପତ ଶ୍ୱାସ ଗୋ
ପରାଣେ ବହି ତୀବ୍ରତମ ପ୍ରାସ ଗୋ। –(ବର୍ଷା ନାୟିକା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## କାର୍ ପଛରେ ପିଟିହେଲା ଆମ୍ବୁଲାନ୍ସ

ଭୁବନେଶ୍ୱର,୩୦।୧୨(ବ୍ୟୁରୋ): ଖଣ୍ଡଗିରି ଥାନା ଅଞ୍ଚଳରେ ବୁଧବାର ଏକ ଆମ୍ବୁଲାନ୍ସ (ଓଆର ୦୨ ବିଭି ୯୦୪୯) ଦୁର୍ଘଟଣାଗ୍ରସ୍ତ ହୋଇଛି। ଆମ୍ବୁଲାନ୍ସଟି ଏକ କାର ପଛରେ ପିଟିହୋଇ କ୍ଷତିଗ୍ରସ୍ତ ହୋଇଛି। ସେଥିରେ କେହି ରୋଗୀ ନ ଥିଲେ। ଡ୍ରାଇଭର ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି। ରାତି ପ୍ରାୟ ୧୦ଟା ୧୫ରେ ଆମ୍ବୁଲାନ୍ସଟି ଖଣ୍ଡଗିରିରୁ ବରମୁଣ୍ଡା ଅଭିମୁଖେ ଯାଉଥିଲା। ଖଣ୍ଡଗିରି ପାହାଡ ପାର୍ଶ୍ୱ ବରମୁଣ୍ଡା ଓଭରବ୍ରିଜ ଆରମ୍ଭରେ ଜଣେ ଯୁବତୀ କାର୍ ଚଳାଇ ଯାଉଥିଲେ। ଯୁବତୀ ଜଣକ ହଠାତ୍ ବ୍ରେକ୍ ମାରିବାରୁ ପଛରେ ଆସୁଥିବା ଆମ୍ବୁଲାନ୍ସର ଚାଳକ ଭାରସାମ୍ୟ ହରାଇ କାର ପଛରେ ବାଡେଇ ଦେଇଥିଲେ।

# ଆଉ ୪ ବ୍ରିଟେନ୍ ଫେରନ୍ତା ମିଳୁନାହାନ୍ତି

ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)

ଭୁବନେଶ୍ୱର



ଭୁବନେଶ୍ୱରକୁ ଗତ ୨୯ ତାରିଖ ସୁଦ୍ଧା ବ୍ରିଟେନ୍‌ରୁ ୬୨ଜଣ ଫେରିଛନ୍ତି। ଏମାନଙ୍କ ମଧ୍ୟରୁ ବୁଧବାର ସନ୍ଧ୍ୟା ସୁଦ୍ଧା ୫୮ ଜଣଙ୍କ ସହ ଯୋଗାଯୋଗ ହୋଇପାରିଛି। କିନ୍ତୁ ଏବେବି ଆଉ ୪ଜଣଙ୍କ ଠିକଣା ମିଳୁ ନାହିଁ। କ୍ଷେତ୍ରସ୍ତରୀୟ ଯାଞ୍ଚ କରିବାକୁ ଗଠିତ ହୋଇଥିବା ବିଏମ୍‌ସି ଟିମ୍ ବ୍ରିଟେନ୍ ଫେରନ୍ତାଙ୍କ ଦ୍ୱାରା ପ୍ରଦତ୍ତ ଠିକଣାରେ ପହଞ୍ଚିପାରିନାହାନ୍ତି ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ଚିହ୍ନଟ ହୋଇଥିବା ୫୮ ଜଣଙ୍କର ନମୁନା ସଂଗ୍ରହ ହୋଇଥିବାବେଳେ ସେମାନଙ୍କ କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ ହୋଇଥିବା ସେ ସୂଚନା ଦେଇଛନ୍ତି। ଗତ ୨୯ ତାରିଖରେ ବିଏମ୍‌ସି ନିକଟକୁ ଆସିଥିବା ଦ୍ୱିତୀୟ ପର୍ଯ୍ୟାୟ ଫେରନ୍ତାଙ୍କ ତାଲିକାରେ ମୋଟ ୮୮ ଜଣଙ୍କ ନାମ ଉଲ୍ଲେଖ ଥିଲା। କିନ୍ତୁ ଉକ୍ତ ତାଲିକାରେ ୯ ଜଣଙ୍କ ନାମ ଦୁଇଥର ଉଲ୍ଲେଖ ରହିଥିବାବେଳେ ୧୭ଜଣ ଅଣ ବିଏମ୍‌ସି ଅଞ୍ଚଳର ଓ ବାକି ୬୨ଜଣ ଭୁବନେଶ୍ୱରର ଥିଲେ। ଭୁବନେଶ୍ୱରର ଏହି ୬୨ଜଣଙ୍କ ମଧ୍ୟରୁ ୪ ଜଣଙ୍କୁ ୨୪ ଘଣ୍ଟା ମଧ୍ୟରେ ସମ୍ପର୍କ କରାଯିବାକୁ ପ୍ରୟାସ ଜାରି ରହିଛି। ଏନେଇ ଆର୍‌ଆର୍‌ଟି ଟିମ୍ ଅଧିକ ସକ୍ରିୟ ଥିବାବେଳେ ଖୁବ୍‌ଶୀଘ୍ର ଏନେଇ ଗଣମାଧ୍ୟମକୁ ସୂଚନା ପ୍ରଦାନ କରାଯିବ ବୋଲି କମିଶନର କହିଛନ୍ତି।

ସୂଚନାଯୋଗ୍ୟ, ବ୍ରିଟେନ୍‌ରୁ ଭୁବନେଶ୍ୱରକୁ ଫେରିଥିବା ବ୍ୟକ୍ତିଙ୍କ ଫୋନ୍ ନମ୍ବର ବନ୍ଦ ଥିବାରୁ ସେମାନଙ୍କୁ ଯୋଗାଯୋଗ ହୋଇପାରି ନ ଥିଲା। ସେମାନଙ୍କୁ ଟ୍ରେସ୍ କରିବା ପାଇଁ ବିଏମ୍‌ସି ଜୋନ୍‌ସ୍ତରୀୟ ଟିମ୍ ଗଠନ କରି କ୍ଷେତ୍ରସ୍ତରୀୟ ଯାଞ୍ଚ କରିବା ଆରମ୍ଭ କରିଥିଲା। ମଙ୍ଗଳବାର ଏହି ଟିମ୍ ମାତ୍ର ୨୪ ଘଣ୍ଟାରେ ଯୋଗାଯୋଗ ହୋଇପାରି ନ ଥିବା ଅଧାରୁ ଅଧିକ ଫେରନ୍ତାଙ୍କୁ ଭେଟି ସେମାନଙ୍କ ନମୁନା ପରୀକ୍ଷା କରାଇଥିଲା। ଏଥିସହ ସେମାନଙ୍କୁ ଘରେ ଏକାକୀ ରହିବାକୁ ପରାମର୍ଶ ଦେଇଥିବା ଜଣାପଡ଼ିଛି।

# ଜେଲ୍ ଗଲେ ଜିଏସ୍‌ଟି ସେଣ୍ଟ୍ରାଲ ଏକ୍ସାଇଜ୍‌ର ୩ ଅଧିକାରୀ

ଭୁବନେଶ୍ୱର,୩୦।୧୨(ବ୍ୟୁରୋ)

**୧୦ ଲକ୍ଷ ଟଙ୍କା ଲାଞ୍ଚ ଘଟଣା**

ଜିଏସ୍‌ଟି ମାମଲା ରଫାଦଫା କରିବାକୁ ୧୦ଲକ୍ଷ ଟଙ୍କା ଲାଞ୍ଚ ନେଇ ସିବିଆଇ ହାତରେ ଗିରଫ ହୋଇଥିବା ଭୁବନେଶ୍ୱର ଜିଏସ୍‌ଟି ସେଣ୍ଟ୍ରାଲ ଏକ୍ସାଇଜ୍‌ର ୩ ସୁପରିଣ୍ଟେଣ୍ଡେଣ୍ଟଙ୍କ ସମେତ ୪ଜଣ ଅଭିଯୁକ୍ତ ବୁଧବାର ଜେଲ୍ ଯାଇଛନ୍ତି। ପଚରାଉଚରା ପରେ ଅଭିଯୁକ୍ତଙ୍କୁ ସିବିଆଇ ସ୍ୱତନ୍ତ୍ର କୋର୍ଟରେ ଉପସ୍ଥାପନ କରାଯାଇଥିଲା। ଜାମିନ ଖାରଜ ହୋଇଯିବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଜିଏସ୍‌ଟି ଅଧିକାରୀ ଆର୍ତ୍ତଭଞ୍ଜନ କର, ପ୍ରଦୀପ କୁମାର ଆଚାର୍ଯ୍ୟ ଓ ଏନ୍.ଏନ୍ ସାହୁ ଏବଂ ଲାଞ୍ଚ ଦେଉଥିବା ଘରୋଇ କଲେଜ କର୍ମଚାରୀ। ଅନ୍ୟପକ୍ଷରେ ସିବିଆଇ ଅଧିକାରୀମାନେ ଭୁବନେଶ୍ୱର ଜିଏସ୍‌ଟି ଅଫିସ୍‌କୁ ଯାଇ ସହକର୍ମୀଙ୍କୁ ପଚରାଉଚରା କରିଛନ୍ତି। ଏହି ଘଟଣାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହାର ଖୋଳତାଡ କରିଛି ସିବିଆଇ ଟିମ୍। ତେବେ ଏହାପୂର୍ବରୁ ଘଟଣାଦିନ ମଙ୍ଗଳବାର ସିବିଆଇ ଅଭିଯୁକ୍ତଙ୍କ ବାସଗୃହ ଓ ଅଫିସ୍ ଯାଞ୍ଚ କରି କିଛି କାଗଜ ନେଇଥିଲା। ଏ ନେଇ ଜିଏସ୍‌ଟି ଅତିରିକ୍ତ କମିଶନର ଶ୍ରୀବାସ ନାଥ କହିଛନ୍ତି, ଏହି ମାମଲାର ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଆମେ ତଦନ୍ତ ଆରମ୍ଭ କରିଛୁ। ପ୍ରମାଣିତ ହେଲେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଞ୍ଚଳର ଏକ ଘରୋଇ କଲେଜ ନାଁରେ ଥିବା ଜିଏସ୍‌ଟି ସମ୍ପର୍କିତ ମାମଲାର ସମାଧାନ ନିମନ୍ତେ ଅଭିଯୁକ୍ତମାନେ ଲାଞ୍ଚ ମାଗିଥିଲେ। ମଙ୍ଗଳବାର ଭୁବନେଶ୍ୱର ରାମମନ୍ଦିର ନିକଟ ହୋଟେଲ ନ୍ୟୁ ମ୍ୟାରିଅନ୍‌ରେ ଟଙ୍କା ଦିଆନିଆ ପାଇଁ ଯୋଜନା ହୋଇଥିଲା। ସେହି ଅନୁସାରେ, ଜିଏସ୍‌ଟି ଅଫିସରମାନେ ସେଠାରେ ପହଞ୍ଚି ଉକ୍ତ କଲେଜ କର୍ମଚାରୀଙ୍କଠାରୁ ଟଙ୍କା ନେଉଥିବାବେଳେ ପୂର୍ବରୁ ସୂଚନା ପାଇ ଲୁଚି ରହିଥିବା ସିବିଆଇ ଟିମ୍ ସେମାନଙ୍କୁ କାବୁ କରିଥିଲା।

# ଅଭିଯୁକ୍ତଙ୍କୁ ଧରିବା ପାଇଁ ୨ ଜଣିଆ ଟିମ୍

ଭୁବନେଶ୍ୱର,୩୦।୧୨(ବ୍ୟୁରୋ)

**ଡୁମୁଡୁମା ଗୁଳିମାଡ଼ ଘଟଣା**

ଖଣ୍ଡଗିରି ଥାନା ଡୁମୁଡୁମା ବଜାରରେ ପେସାଦାର ଅପରାଧୀଙ୍କ ଗୁଳିମାଡ଼ ପରଠୁ ପୋଲିସ ତତ୍ପର ହୋଇଉଠିଛି। ଥାନାଧିକାରୀ ପଦ୍ମନାଭ ପ୍ରଧାନଙ୍କ ନେତୃତ୍ୱରେ ୨ଜଣିଆ ଟିମ୍ ଗଠନ କରାଯାଇ ଚଢ଼ାଉ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ପ୍ରଧାନ କହିଛନ୍ତି। ଅନ୍ୟପକ୍ଷରେ ଗୁଳିଟି ଲକ୍ଷ୍ୟଭ୍ରଷ୍ଟ ହେବା ପରେ ଅଭିଯୁକ୍ତମାନେ ହାଉସିଂବୋର୍ଡର ଶୁଭମ୍ ସିଂଙ୍କ ମୁଣ୍ଡକୁ ବନ୍ଧୁକ ବର୍ନେଟରେ ଛେଚି ଆକ୍ରମଣ କରିଥିଲେ। ଫଳରେ ତାଙ୍କର ମୁଣ୍ଡ ଫାଟିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଥିବାବେଳେ ବୁଧବାର ସେ ଘରକୁ ଫେରିଥିବା ଜଣାପଡିଛି।

ଡୁମୁଡୁମା ବଜାରରେ ଶୁଭମଙ୍କର ଏକ ଜୁସ୍ ଦୋକାନ ରହିଛି। ମଙ୍ଗଳବାର ରାତି ପ୍ରାୟ ୯ଟାରେ ଶୁଭମ ବଜାରରେ ବୁଲୁଥିବା ସମୟରେ ଦୁଇଟି ବାଇକରେ ୩ଜଣ ଯୁବକ ଅତର୍କିତ ଭାବେ ଆସି ତାଙ୍କ ଉପରକୁ ଗୁଳି ମାରିଥିଲେ। ସୌଭାଗ୍ୟବଶତଃ ଗୁଳି ତାଙ୍କ ଦେହରେ ବାଜି ନ ଥିବାବେଳେ ସେମାନଙ୍କ ମଧ୍ୟରୁ ଜଣେ ବନ୍ଧୁକରେ ଶୁଭମଙ୍କ ମୁଣ୍ଡକୁ ଆକ୍ରାନ୍ତ କରିଥିଲେ। ପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ତେବେ ପୋଲିସ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଛି। ୩ ପେସାଦାର ଅପରାଧୀ ଅଗ୍ନି, ଆକାଶ ଓ ବଳିଆ ଏହି ଘଟଣା ଘଟାଇଥିବା ପୋଲିସ କହିଛି।





ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ ପାଳନ ଅବସରରେ ବୁଧବାର ଗଭର୍ନର ହାଉସ୍ ଛକସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉପସ୍ଥିତ ସମ୍ମିଳନୀର ମଞ୍ଚେଶ୍ୱର ଶାଖା ସଭାପତି ଦିଲ୍ଲୀପ ଦାଶଶର୍ମା ଓ ଅନ୍ୟମାନେ।

# ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ଦାବି

ବାଲିପାଟଣା,୩୦।୧୨(ଡି.ଏନ୍.ଏ.)

ଜୟଦେବ ଲୟାର୍ସ ଆସୋସିଏଶନ ପକ୍ଷରୁ ବୁଧବାର ଦକ୍ଷିଣେଶ୍ୱରୀ ପୀଠରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସୋସିଏଶନ ସଭାପତି ବିଭୂତିଭୂଷଣ ମର୍ଦ୍ଦରାଜ ସଭାପତିତ୍ୱ କରିଥିଲେ। ଜନସଂଖ୍ୟା ଦିନକୁ ଦିନ ବୃଦ୍ଧିପାଇବା ସହ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲାର ମାନ୍ୟତା ନେଇ ସରକାରଙ୍କ ପାଖରେ ଦାବି କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ଜୟଦେବ ନିର୍ବାଚନମଣ୍ଡଳୀର ସାଧାରଣଲୋକଙ୍କୁ ଆଇନଗତ ସହଯୋଗ ଦେବା ପାଇଁ ଆଲୋଚନା ହୋଇଛି। ଏହି ଅବସରରେ ଭୁବନେଶ୍ୱର ବାର୍ ଆସୋସିଏଶନକୁ ନବନିର୍ବାଚିତ କୋଷାଧ୍ୟକ୍ଷ ଶକ୍ତିପ୍ରସାଦ ଛୋଟରାୟ ଓ କାର୍ଯ୍ୟକାରୀ ସଦସ୍ୟ ସୁରେଶ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଅଶୋକ କୁମାର ରାଉତରାୟ, ବିନୋଦ ବିହାରୀ ସାହୁ, ଭୁପନ ମହାନ୍ତି, ଉପେନ୍ଦ୍ର ସାମାନ୍ତରାୟ, ରାଜକିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**ପେନ୍‌ସନ ପାଣ୍ଠି ନିୟାମକ ଏବଂ ଉନ୍ନୟନ କର୍ତ୍ତୃପକ୍ଷ**
ବି-୧୪/ଏ, ଛତ୍ରପତି ଶିବାଜୀ ଭବନ, କୁତବ୍ ଇନ୍‌ଷ୍ଟିଚ୍ୟୁଶନାଲ୍ ଏରିଆ, କଟୱାରିଆ ସରାଇ, ନୂଆଦିଲ୍ଲୀ-୧୧୦୦୧୬
୨୫ ସେପ୍ଟେମ୍ବର ୨୦୨୦

**ସର୍ବସାଧାରଣ ବିଜ୍ଞପ୍ତି**

**ପିଏଫ୍‌ଆର୍‌ଡିଏ/ଏନ୍‌ପିଏସ୍ ନାମରେ ଠକାମିମୂଳକ ଅଫରଗୁଡ଼ିକ ବିରୋଧରେ ସତର୍କତା ସୂଚନା**

କେତେକ ଅନୈତିକ ସତ୍ତା ଏନ୍‌ପିଏସ୍/ପିଏଫ୍‌ଆର୍‌ଡିଏରେ ପଡ଼ିରହିଥିବା ବଡ଼ଅଙ୍କର ରାଶିକୁ ମୁକ୍ତ କରିବାର ପ୍ରତିଶ୍ରୁତି ଦେଇ ପିଏଫ୍‌ଆର୍‌ଡିଏ ନାମରେ ଫୋନ୍ କଲ୍ କରୁଥିବା ଏବଂ ଏଭଳି ଅଜଣା କଲର୍‌ମାନେ ଟଙ୍କାକୁ ମୁକ୍ତ କରିବା ପାଇଁ ବିଭିନ୍ନ ମିଥ୍ୟା ବାହାନା କରି ଜନସାଧାରଣଙ୍କଠାରୁ ଅର୍ଥ ଦାବି କରୁଥିବାର ଦୃଷ୍ଟିକୁ ଆସିଛି।

ଏତଦ୍ୱାରା ସୂଚିତ କରିଦିଆଯାଉଛି ଯେ ପିଏଫ୍‌ଆର୍‌ଡିଏ ହେଉଛି ଏକ ବୈଧାନିକ ନିକାଶ, ଯାହା ଜାତୀୟ ପେନ୍‌ସନ ପ୍ରଣାଳୀ (ଏନ୍‌ପିଏସ୍)କୁ ଅନୁଶାସିତ କରିଥାଏ ଏବଂ ଏନ୍‌ପିଏସ୍/ପିଏଫ୍‌ଆର୍‌ଡିଏ ନାମରେ ନିରୀହ ନାଗରିକଙ୍କୁ ଠକିବାର ଚେଷ୍ଟା କରୁଥିବା ଏପରି ଅନୈତିକ ସତ୍ତାମାନଙ୍କ ଜାଲରେ ନ ପଡ଼ିବା ଲାଗି ଏତଦ୍ୱାରା ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଛି।

***ଏନ୍‌ପିଏସ୍/ପିଏଫ୍‌ଆର୍‌ଡିଏଠାରୁ ପାଣ୍ଠିର ମୁକ୍ତି ପାଇଁ ଅର୍ଥରାଶି ଜମା କରିବା ପାଇଁ ପିଏଫ୍‌ଆର୍‌ଡିଏ କଦାପି ଜନସାଧାରଣଙ୍କୁ କଲ୍ କରି ଅନୁରୋଧ କରି ନ ଥାଏ । ଏପରି ଠକାମିମୂଳକ ଯୋଗାଯୋଗ ସମ୍ପର୍କରେ ତୁରନ୍ତ ପୋଲିସ ନିକଟରେ ସୂଚନା ଦାଖଲ କରାଯିବା ଉଚିତ।***

pfrda
davp 15102/11/0016/2021

# ୧,୨୮,୨୫୦ ଶିଶୁଙ୍କୁ ଦିଆଯିବ ପୋଲିଓ ବୁନ୍ଦା

ଖୋର୍ଦ୍ଧା ଅଫିସ,୩୦।୧୨

- ପୋଲିଓ ପ୍ରତିଷେଧକ ଟିକାକରଣ ବୈଠକ
- ଜାନୁୟାରୀ ୧୭, ୧୮ ଓ ୧୯ରେ ଦିଆଯିବ

ପୋଲିଓ ପ୍ରତିଷେଧକ ଟିକାକରଣ ଲାଗି ଜିଲା ଟାସ୍କ ଫୋର୍ସ କମିଟି ବୈଠକ ବୁଧବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସନତ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଜିଲାରେ ଜାନୁୟାରୀ ୧୭,୧୮ ଓ ୧୯ରେ ଜନ୍ମଠାରୁ ୫ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ପୋଲିଓ ପ୍ରତିଷେଧକ ଟିକା ଦିଆଯିବ। ଜିଲା ମୁଖ୍ୟଚିକିତ୍ସାଧିକାରୀ ଡା.ବିଶ୍ୱରଞ୍ଜନ ପତି କହିଥିଲେ, ବିଏମ୍‌ସିକୁ ବାଦ ଦେଇ ଜିଲାରେ ୧,୨୮,୫୦୦ ଶିଶୁଙ୍କୁ ପଲସ୍ ପୋଲିଓ ବୁନ୍ଦା ଦିଆଯିବ। ୬୦୦ଟି ପୋଲିଓ ବୁଥ କରାଯିବ। ବସଷ୍ଟାଣ୍ଡ, ରେଳଷ୍ଟେଶନରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହାର ସୁପରିଚାଳନା ପାଇଁ ୪୦ ଟ୍ରାନଜିଟ ଟମ୍ ଓ ୨୨ଟି ମୋବାଇଲ ଟିମ୍ ରହିବ। ପୋଲିଓ ବୁଥ୍‌ରେ ପିଲାଙ୍କୁ ଏହି ପ୍ରତିଷେଧକ ଦିଆଯିବ। କୌଣସି କାରଣରୁ ରହିଯାଇଥିବା ଶିଶୁଙ୍କୁ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ପୋଲିଓ ବୁନ୍ଦା ଦେବେ। ଏ ନେଇ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନତା କରାଯିବ ବୋଲି କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଭୁବନେଶ୍ୱର ପ୍ରତିନିଧି ଡା.ସୁନିଲ କୁମାର ଦାସ, ଅତିରିକ୍ତ ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ପ୍ରଦ୍ୟୁମ୍ନ ମିଶ୍ର, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଦ୍ୱାରିକାନାଥ ଶତପଥୀ, ଗୀତାଞ୍ଜଳି ଦାସଙ୍କ ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀମାନେ ଯୋଗଦେଇଥିଲେ। ଖୋର୍ଦ୍ଧା ଜିଲାରେ ସ୍ୱତନ୍ତ୍ର ଟିକାକରଣ ନଭେମ୍ବର ୨୦ରୁ ଆରମ୍ଭ ହୋଇଛି। ଏହା ଆସନ୍ତା ୨୦୨୧ ଫେବୃୟାରୀ ୨୦ପର୍ଯ୍ୟନ୍ତ ଜାରି ରହିବ। ଯେଉଁ ଶିଶୁମାନେ ଯକ୍ଷ୍ମା, ଡିପଥୋରିଆ, ଟିଟାନସ, ମିଳିମିଳା, ରୁବେଲା ଏବଂ ପୋଲିଓ ପ୍ରତିଷେଧକ ଟିକା ନେଇନାହାନ୍ତି ମୋନଙ୍କୁ ପ୍ରତିଷେଧକ ଟୀକା ଦିଆଯାଇଛି ବୋଲି ସିଡିଏମଓ ପତି କହିଛନ୍ତି।

**ଜନ୍ମଦିନର ହାର୍ଦ୍ଦିକ ଅଭିନନ୍ଦନ**



**ସରସ୍ୱତୀ ସିଙ୍ଘ**
ଆଜି ତୁମର ଜନ୍ମଦିନରେ ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ପାଖରେ ପ୍ରାର୍ଥନା ଯେ ତୁମର ଜୀବନ ସୁଖ, ଶାନ୍ତି, ଧନ-ସମ୍ପତ୍ତିରେ ପରିପୂର୍ଣ୍ଣ ହେଉ, ତୁମର ମନୋକାମନା ପୂର୍ଣ୍ଣ ହେଉ।
ତୁମର ଶୁଭାକାଂକ୍ଷୀ:
ସମଶେର ସିଙ୍ଘ, କ୍ରିଷ୍ଣା ସିଙ୍ଘ, ସୁନା ସିଙ୍ଘ, ସୁରେନ୍ଦ୍ର ବିଶ୍ୱାଳ, ସୁକାନ୍ତି ବିଶ୍ୱାଳ

**ଏସ୍.ଇ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: (୧) ୪୨୫୩-ଜିଆର୍‌ସି-ସିଇ-ସି-।।-୫୯-୨୦୨୦, (୨) ୪୨୫୭-ଜିଆର୍‌ସି-ସିଇ-ସି-ଏସ୍‌ଓ-୬୨-୨୦୨୦ ତାରିଖ: ୩୦।୧୨।୨୦୨୦। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ଯନ୍ତ୍ରୀ (ସିଓଏନ୍)/।।, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍‌ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପ୍‌ଲୋଡ୍ କରାଯାଇଛି। ଟେଣ୍ଡର ଧାର୍ଯ୍ୟ ତାରିଖରେ ଇ-ଟେଣ୍ଡର ବିଜ୍ଞପ୍ତି ନଂ.୪୨୫୩-ଜିଆର୍‌ସି-ସିଇ-ସି-।।-୫୯-୨୦୨୦ ପାଇଁ ୧୨.୦୦ ଘଟିକା ଓ ଇ-ଟେଣ୍ଡର ବିଜ୍ଞପ୍ତି ନଂ. ୪୨୫୭-ଜିଆର୍‌ସି-ସିଇ-ଏସ୍‌ଓ-୬୨-୨୦୨୦ ପାଇଁ ୧୫.୦୦ ଘଟିକାରେ ବନ୍ଦ କରିଦିଆଯିବ। **(୧) କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ଚକ୍ରଧରପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଅଧୀନରେ ରାଉରକେଲା-ଝାରସୁଗୁଡ଼ା ସେକ୍ସନ ମଧ୍ୟରେ ୩ୟ ଲାଇନ୍ ନିମନ୍ତେ କାର୍ଯ୍ୟ ପାଇଁ ପ୍ରି-କାଷ୍ଟ ଆର୍‌ସିସି ବକ୍ସର କାଷ୍ଟିଂ ଓ ପୁସିଂ ପାଇଁ ସୀମିତ ଉଚ୍ଚତାର ସବ୍‌ୱେ ନଂ. ୨୩୩ ଏବଂ କାଷ୍ଟ ଇନ୍ ସିଟୁ ଆର୍‌ସିସି ବକ୍ସର ନିର୍ମାଣ କାର୍ଯ୍ୟ ସମେତ ଅନ୍ୟାନ୍ୟ ବିବିଧ କାର୍ଯ୍ୟ ନିର୍ବାହ **(୨) କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ରାଉରକେଲା-ବଣ୍ଡମୁଣ୍ଡା ୪ର୍ଥ ଲାଇନ୍- ରାଉରକେଲା-ବଣ୍ଡମୁଣ୍ଡା ଷ୍ଟେଶନ ମଧ୍ୟରେ ଫର୍ମେସନରେ ମାଟିକାମର ନିର୍ବାହ, ଛୋଟ ସେତୁ ନିର୍ମାଣ, ପି.ୱେ ଲିଙ୍କିଙ୍ଗ୍ କାର୍ଯ୍ୟ, ପି.ୱେ ଫିଟିଂ ଯୋଗାଣ, ପି.ୱେ ସାମଗ୍ରୀର ପରିବହନ, ବାଲାଷ୍ଟ ଯୋଗାଣ, ସର୍ଭିସ୍ ବିଲ୍ଡିଂ ଓ ଅନ୍ୟାନ୍ୟ ତତ୍‌ସମ୍ପର୍କିତ କାର୍ଯ୍ୟ। **ଆନୁମାନିକ ମୂଲ୍ୟ:** ₹୫.୯୮ କୋଟି (କ୍ର.ସଂ. ୧ ପାଇଁ) ଏବଂ ₹୨୯.୮୩ କୋଟି (କ୍ର.ସଂ. ୨ ପାଇଁ)। **ଇଏମ୍‌ଡି:** ₹୪,୪୮,୯୦୦/- (କ୍ର.ସଂ. ୧ ପାଇଁ) ଏବଂ ₹୧୬,୪୧,୫୦୦/- (କ୍ର.ସଂ. ୨ ପାଇଁ)। **ସମାପ୍ତି ଅବଧି:** ୬ ମାସ (କ୍ର.ସଂ. ୧ ପାଇଁ) ଏବଂ ୧୨ ମାସ (କ୍ର.ସଂ. ୨ ପାଇଁ)। **ବନ୍ଦ ହେବା ତାରିଖ:** ତା୨୧।୦୧।୨୦୨୧ରିଖ (କ୍ର.ସଂ. ୧ ପାଇଁ) ଏବଂ ତା୨୨।୦୧।୨୦୨୧ରିଖ (କ୍ର.ସଂ. ୨ ପାଇଁ)। ଟେଣ୍ଡରର ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ସ୍ୱତନ୍ତ୍ରତା ପାଇଁ ତଥା ସେମାନଙ୍କର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ନିମନ୍ତେ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-458)

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o- GENERAL MANAGER (ELECT.), EHT O&M CIRCLE, CUTTACK
Lifeline of Odisha No. CAD-998 CIN:U40102OR2004SGC007553
**OPEN TENDER CALL NOTICE NO-02/CTC/2020-21**
Tenders for Hiring of diesel run commercial registered light motor vehicle (9 seated Mahindra Bolero plus or equivalent) under the jurisdiction of EHT (O&M) Circle, Cuttack. For Detail specification/corrigendum please visit: **www.optcl.co.in.**
FIPR- 53/2020-21 OIPR-04011/11/0085/2021 Sd/-General Manager (EL)

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**SHREE LAXMI UDYAG**
Private Company ଦ୍ୱାରା ୭ଦିନ ମଧ୍ୟରେ ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 5% ପର୍ସନାଲ ଲୋନ, ବ୍ୟବସାୟ, କୃଷି, ଗୃହ, ଶିକ୍ଷା ଓ ସମ୍ପତ୍ତି ଇତ୍ୟାଦି ୧ଲକ୍ଷ ଟଙ୍କାରୁ ୧କୋଟି ପର୍ଯ୍ୟନ୍ତ।
M - 9836232487
W - 8902779180

**TCF FINANCE**
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଞ୍ଚଟି କାଗଜରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
6396732814

**NEA YEAR DHAMAKA**
**DHANLAXMI FINANCE**
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍‌ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍ ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**GALLERY TOWER COMPANY**
ଦ୍ୱାରା ନିଜର ଖାଲି ଜମି / ଛାତ / କ୍ଷେତ / ପ୍ଲଟ୍‌ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 +
ଭଡ଼ା 45000
9485687401
8901064681

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭୁବନେଶ୍ୱରରେ ହାଇକୋର୍ଟର ସର୍ଭିସ ବେଞ୍ଚ ପ୍ରତିଷ୍ଠା ଦାବି

ଖୋର୍ଦ୍ଧା ଅଫିସ,୩୦।୧୨

- ସହାୟତା ପାଣ୍ଠି ୧୦ କୋଟିକୁ ବୃଦ୍ଧି କରାଯାଉ
- ଆଇନଜୀବୀ ଏକାଡେମୀ କାର୍ଯ୍ୟକାରୀ କର

ଗଣତାନ୍ତ୍ରିକ ବ୍ୟବସ୍ଥାରେ ଆଇନଜୀବୀଙ୍କ ପ୍ରମୁଖ ଭୂମିକା ରହିଛି। ଏହାକୁ ପେସାଭାବେ ନୁହଁ ବରଂ ସେବା ମନୋଭାବ ନେଇ କରନ୍ତୁ। ନିଜ ସ୍ୱାର୍ଥରୁ ଉର୍ଦ୍ଧ୍ୱକୁ ଉଠି ସମାଜ କଲ୍ୟାଣ ତଥା ସାଧାରଣ ଜନତା, ଗରିବ, ଅବହେଳିତ ଲୋକଙ୍କୁ ନ୍ୟାୟ ଦେବା ଲାଗି ଆଗେଇ ଆସିବା ଆବଶ୍ୟକ। ଫଳରେ ନ୍ୟାୟପାଳିକା ପ୍ରତି ସେମାନଙ୍କ ଆସ୍ଥା ଅତୁଟ ରହିପାରିବ ବୋଲି ବୁଧବାର ଜଟଣୀଠାରେ ଆୟୋଜିତ ୪୯ତମ ଅଲ୍ ଓଡ଼ିଶା ଆଇନଜୀବୀ ସମ୍ମିଳନୀରେ ମତପ୍ରକାଶ ପାଇଛି। ନିଖିଳ ଉତ୍କଳ ଆଇନଜୀବୀ ଆସୋସିଏଶନ ସଭାପତି ଜ୍ଞାନରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟ ଅତିଥି, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ଓଡ଼ିଶା ହ୍ୟୁମ୍ୟାନ ରାଇଟ୍‌ସ କମିଶନ ଅଧ୍ୟକ୍ଷ ଜଷ୍ଟିସ ବି.କେ ପଟେଲ, ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ପୂର୍ବତନ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ଆଇନଜୀବୀ ସହାୟତା ପାଣ୍ଠିକୁ ୫କୋଟିରୁ ୧୦କୋଟିକୁ ବୃଦ୍ଧି, ଭୁବନେଶ୍ୱରରେ ହାଇକୋର୍ଟର ସର୍ଭିସ ବେଞ୍ଚ ପ୍ରତିଷ୍ଠା, ଆଇନଜୀବୀ ଏକାଡେମୀକୁ କାର୍ଯ୍ୟକାରିତା, ସ୍ୱାସ୍ଥ୍ୟବୀମା, ରାଜ୍ୟ ସରକାର ସମସ୍ତ ବାର୍‌କୁ ସୁଦୃଢ଼ୀକରଣ ବ୍ୟବସ୍ଥା ଲାଗି ଦାବି କରିଥିଲେ। ସମ୍ପାଦକ ବିଭୁରଞ୍ଜନ ତ୍ରିପାଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଇନଜୀବୀ ବୀରେନ୍ଦ୍ର କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଏହି ସମ୍ମିଳନୀରେ ରାଜ୍ୟର ସମସ୍ତ ଜିଲାର ଆଇନଜୀବୀମାନେ ଉପସ୍ଥିତ ଥିଲେ।

**OFFICE OF THE PANCHAYAT SAMITI, UMERKOTE**
**e-PROCUREMENT NOTICE**
Bid Identification No. 01/2020-2021

| | | |
|---|---|---|
| 01 | Name of the Work | Const. of Labour Room at Sunabeda PHC under Umerkote Panchayat Samiti |
| 02 | Nos. of Work | 01 |
| 03 | Amount put to Tender | Rs.25,21,295.00 |
| 04 | Period of Completion | 06 (Six) Months |
| 05 | Date of tender paper available | 01.01.2021 to 15.01.2021 (Tender paper to be downloaded from website www.nabarangpur.nic.in) |
| 06 | Last date of receipt tender paper | 16.01.2021 (During office hours) through Registered Post/Speed Post only. After 5.30 P.M. of 16.01.2021. No Potal, Registered/Speed Post will be received by the undersigned |
| 07 | Date of opening tender paper | 18.01.2021 (Time 11.00 A.M.) at Office Chamber of Block Dev. Officer, Umerkote |
| 08 | Details of terms & condition of the tender | Bids documents consisting of the schedule of quantities & the set of terms & conditions of contact & other necessary documents can be downloaded from the official website (www.nabarangpur.nic.in) |
| 09 | Name & address of the Officer Inviting Bid | Block Development Officer, Umerkote |
| 10 | Cost of tender documents | Rs.6000.00 (Rupees six thousand) only non-refundable shall be deposited in shape of Bank Draft in favour of Block Development Officer, Umerkote payable at State Bank of India, Umerkote. |
| 11 | Further details can be seen from the procurement portal | www.nabarangpur.nic.in |

Block Development Officer, Umerkote

**SEALED TENDER CALL NOTICE FOR SUPPLY OF APIS CERENE INDICA BEE BOXES**
No.2360/ DIC(K) Date 30.12.2020
Sealed tenders are invited in the prescribed format from reputed firm /Agencies for supply of Apis Cerena Indica Bee Boxes to the Bee Keeping Trainees in different Blocks of Keonjhar District as per specifications. The detail specifications along with terms and condition can be obtained from the office of GM, DIC, Keonjhar on payment of Rs. 10,000/ (Rupees Ten Thousand) only by DD/BC drawn in favour of the General Manager, DIC, Keonjhar which is non refundable. The details can be seen/ available in the NIC website www.kendujhar.nic.in. w.e.f 2nd January, 2021. The undersigned reserved the right to cancel any or all tender without assigning any reasons thereon.

| Date of commencement of tender | Last date & time of submission of tender | Date & time of opening tender paper |
|---|---|---|
| 31.12.2020 | 20.01.2021 at 5.00 P.M. | 21.01.2021 at 11.00 A.M. |

General Manager
DIC, Keonjhar

**ପୂର୍ବ ତଟ ରେଳପଥ**
**ଇଂଜିନିୟରିଂ କାର୍ଯ୍ୟ**
ଫାଇଲ ନଂ. DRM/Engg/KUR/20-21/E-Tender/49, ତା: 28.12.2020

1) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-HQ-KUR-247-2020, ତା: 18.12.2020
**ବିବରଣୀ :** 24 (ଚବିଶି) ମାସ ସମୟାବଧି ନିମନ୍ତେ ପୁରୀ ଠାରେ କୋଣାର୍କ ଅଧିକାରୀ ବିଶ୍ରାମ ଗୃହ (ନୂଆ) ଏବଂ ନୀଳାଚଳ ଅଧିକାରୀ ବିଶ୍ରାମ ଗୃହ(ପୁରୁଣା) ଏବଂ ହଲିଡ଼େ ହୋମ୍ (Holiday Home)ର ଦେଖାଶୁଣା ଏବଂ ସୁରକ୍ଷା, ଖାଦ୍ୟ ସରବରାହ (Catering) ସେବା ସହିତ ଉପଯୋଗିତା ସହ "ବିଶେଷ ସେବା" ବ୍ୟବସ୍ଥା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 180.27 ଲକ୍ଷ, EMD (ଟଙ୍କାରେ) : ₹ 2,40,100/-, କାର୍ଯ୍ୟ ଶେଷ ହେବା ଅବଧି : 24 (ଚବିଶି) ମାସ।

2) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-HQ-248-2020, ତା: 18.12.2020
**ବିବରଣୀ :** 24 (ଚବିଶି) ମାସ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ଠାରେ ସ୍ୱିମିଙ୍ଗ୍ ପୁଲ୍ (Swimming Pool) ର ରକ୍ଷଣାବେକ୍ଷଣ ଏବଂ ଅଧିକାରୀ ବିଶ୍ରାମ ଗୃହ, ଅଧସ୍ତନ ବିଶ୍ରାମ ଗୃହ, ଟ୍ରାଞ୍ଜିଟ୍ ବିଶ୍ରାମ ଗୃହରେ ହାଉସ୍‌କିପିଙ୍ଗ, ରୁମ ସେବା, ଝାଡୁମାରିବା ଏବଂ ପୋଛିବା (Sweeping & Dusting), ରୋଷେଇ ସେବା ତଥା ଘାସ ଗାଲିଚା (Lawn) ଇତ୍ୟାଦିର ରକ୍ଷଣାବେକ୍ଷଣ ସହିତ ଉପଯୋଗିତା ସହ "ବିଶେଷ ସେବା" ବ୍ୟବସ୍ଥା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹98.70 ଲକ୍ଷ, EMD(ଟଙ୍କାରେ):₹1,97,400/-, କାର୍ଯ୍ୟ ଶେଷ ହେବା ଅବଧି : 24 (ଚବିଶି) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) :** ତା.11.01.2021 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ),
ଖୋର୍ଦ୍ଧା ରୋଡ୍
PR-458/L/20-21

## ମାହାଙ୍ଗା ପଞ୍ଚାୟତ ସମିତିର ୭ମ ଅଧିବେଶନ

ମାହାଙ୍ଗା,(ସ୍ୱ.ପ୍ର.): ମାହାଙ୍ଗା ପଞ୍ଚାୟତ ସମିତିର ୭ମ ବୈଠକ ବୁଧବାର ଓଲାଶୁଣୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ଶରତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଗରିବ ଲୋକଙ୍କ ଉନ୍ନତି ପାଇଁ ସରକାର ସବୁପ୍ରକାର ପଦକ୍ଷେପ ଗ୍ରହଣକରୁଛନ୍ତି ବୋଲି କହିଥିଲେ। ବ୍ଲକ ଉପାଧକ୍ଷା ରସିଦା ବେଗମ, ବିଡିଓ ନିହାର ରଞ୍ଜନ ମଲ୍ଲିକ ଓ ତହସିଲଦାର ମଧୁସୂଦନ ନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ୩୭ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ୪ ଜୋନ ଜିଲା ପରିଷଦ ସଦସ୍ୟ ଓ ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ହାତୀ ସୁରକ୍ଷା ପାଇଁ ସଚେତନତା ଶୋଭାଯାତ୍ରା

ଖୁଣ୍ଟୁଣୀ,୩୦।୧୨(ଡି.ଏନ୍.ଏ.): ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଓରନ୍ଦାରେ ବୁଧବାର ହାତୀ ସାଥୀ କାର୍ଯ୍ୟକ୍ରମରେ ହାତୀ ସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠଗଡ ଡିଏଫ୍ଓ ସସ୍ମିତା ଲେଙ୍କା, ଖୁଣ୍ଟୁଣୀ ରେଞ୍ଜ ଅଧିକାରୀ ମାଗୁଣି ଚରଣ ରାଉତ, ଡେପୁଟି ରେଞ୍ଜର ତ୍ରିଲୋଚନ ବେହେରା, ଆଧାତ୍ମିକ ଗୁରୁ ଅସିତ ବାବା ଓ ଗଜ ବନ୍ଧୁ ନିୟୋଜିତକାରୀ ସଂସ୍ଥା ଏଲିଫ୍ୟାଣ୍ଟ ଫାଉଣ୍ଡେଶନ ଟ୍ରଷ୍ଟର ଟ୍ରଷ୍ଟି ଜିତଶତ୍ରୁ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଓରନ୍ଦା ସମ୍ଭେଶ୍ୱର ମହାଦେବ ମନ୍ଦିର ପରିସରରୁ ସାଇକେଲରେ ଶୋଭାଯାତ୍ରା ବାହାରି ପୀଠଖିଆ, ଗୁରୁଡ଼ିଝାଟିଆ, ଛଗାଁ, କୁମାରପୁର, ଶଶାଙ୍କ, ପହିଲାବର ଗ୍ରାମ ବୁଲି ଲୋକଙ୍କୁ ହାତୀ ସୁରକ୍ଷା ବାବଦରେ କହିବା ପରେ ସମ୍ଭେଶ୍ୱର ମନ୍ଦିରଠାରେ ଯାତ୍ରା ଶେଷ ହୋଇଥିଲା। ଏଥିରେ ବହୁ ହାତୀ ଟ୍ରାକ୍ର, ଗଜବନ୍ଧୁ ଓ ଗ୍ରାମବାସୀ ଯୋଗଦେଇଥିଲେ।

### ବଡ଼ପୋଖରୀ ପ୍ରକଳ୍ପ ଉଦ୍ଘାଟିତ

ମାହାଙ୍ଗା,୩୦।୧୨(ସ୍ୱ.ପ୍ର.): ମାହାଙ୍ଗା ବ୍ଲକ ଲଳିତଗିରିସ୍ଥିତ ବଡ଼ପୋଖରୀ ପ୍ରକଳ୍ପକୁ ବୁଧବାର ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଉଦ୍ଘାଟନ କରିଛନ୍ତି। ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାରେ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୭ ଏକର ପରିମିତ ଜମି ଉପରେ ଏହି ପ୍ରକଳ୍ପ ଆରମ୍ଭ ହୋଇଛି। ସ୍ଥାନୀୟ ସରପଞ୍ଚ ସୁଜାତା ସିଂହଙ୍କ ସଭାପତିତ୍ୱରେ ପଞ୍ଚାୟତ ସମିତି ଅଧକ୍ଷ ଶରତ ନାୟକ, ଉପାଧକ୍ଷା ରସିଦା ବେଗମ, ରୁଦ୍ରନାରାୟଣ ସିଂହ, ବିଡିଓ ନିହାରରଞ୍ଜନ ମଲ୍ଲିକ ଓ ତହସିଲଦାର ମଧୁସୂଦନ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହାକୁ ଉପେନ୍ଦ୍ର ସିଂହ, ପ୍ରଦୀପ୍ତ ବିଶ୍ୱାଳ, ଗର୍ନ୍ଧବ ସାମଲ ଓ ଶରତ ସିଂହ ପରିଚାଳନା କରିଥିଲେ।

### ଜଳ ଜାଗରଣ ଅଭିଯାନ

ଟାଙ୍ଗୀ(କଟକ)୩୦।୧୨(ଡି.ଏନ୍.ଏ.): ଜଳ ସଂରକ୍ଷଣ ଏବଂ ଏହାର ଉପଯୋଗିତା ସଂକ୍ରାନ୍ତ ସଚେତନତା ସୃଷ୍ଟି ନିମନ୍ତେ 'ଜଳ ଜାଗରଣ ଅଭିଯାନ' କାର୍ଯ୍ୟକ୍ରମ ଟାଙ୍ଗୀ-ଚୌଦ୍ୱାର ବ୍ଲକ କରଞ୍ଜି ପଞ୍ଚାୟତ ଗୋଡ଼ଧୂଆ ଗ୍ରାମରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା ନେହେରୁ ଯୁବକେନ୍ଦ୍ର ସଙ୍ଗଠନ ଓ ସ୍ୱେଚ୍ଛାସେବୀ ସଂଗଠନ 'ଦିଗ୍ବଳୟ' ମିଳିତ ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସାମାଜିକ କର୍ମୀ ଗଙ୍ଗାଧର ବେହେରା ସଂଯୋଜନା କରିଥିଲେ। ଯୁବକେନ୍ଦ୍ର ଅଧିକାରୀ ଅଶୋକ ଦାଶ ମୁଖ୍ୟଅତିଥି, ବିଶିନାହାକାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଡ. ସଚ୍ଚିଦାନନ୍ଦ ପ୍ରଧାନ ଓ 'ଆତ୍ମା' ଅଧକ୍ଷ ନିବାସଚନ୍ଦ୍ର ପାଣ୍ଡବ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବକ୍ତୃତା ପ୍ରତିଯୋଗିତା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଓଲଟପୁର ଥାନାର ସ୍ଥାୟୀ ଜମି ଚିହ୍ନଟ ପାଇଁ ଆଲୋଚନା

କଣ୍ଟାପଡ଼ା,୩୦।୧୨(ଡି.ଏନ୍.ଏ.): ଦୀର୍ଘବର୍ଷ ହେବ ଅସ୍ଥାୟୀ ଗୃହରେ ଚାଲିଆସୁଥିବା ଓଲଟପୁର ଥାନାର ସ୍ଥାୟୀ ଗୃହ ଲାଗି ଏକ ଜମିଚିହ୍ନଟ କରିବା ପାଇଁ ବୁଧବାର ଥାନା ପରିସରରେ ଆମ ପୋଲିସ ସମିତି ବୈଠକ କରାଯାଇ ଆଲୋଚନା ହୋଇଛି। ଥାନାଧିକାରୀ ଚିନ୍ମୟୀ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ କଣ୍ଟାପଡା, ଅଡ଼ଶପୁର ଓ ବାଗଲପୁର ପଞ୍ଚାୟତର ଜନସାଧାରଣ ଯୋଗ ଦେଇଥିଲେ। ପୋଲିସ ହେଲ୍ମେଟ୍ ଓ ମାସ୍କ ଚେକିଂକୁ ଗୁରୁତ୍ୱ ଦେବାସହ ନାବାଳକ ଗାଡିଚାଳକଙ୍କ ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ବୈଠକରେ ଉମାକାନ୍ତ କର, ନକୁଳ ମହାରଣା, ସୁନାକର ସାହୁ ପ୍ରମୁଖ କହିଥିଲେ। କଟକସଦର ଉପଖଣ୍ଡ ପୋଲିସ ଅଧିକାରୀ ସୁବାସ ଚନ୍ଦ୍ର ପଣ୍ଡା ଯୋଗଦେଇ ଲୋକଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ଏସ୍ଆଇ ଅନାମ ଚରଣ ନାୟକ ଧନ୍ୟବାଦ ଦେଇଥିଲେ।

### ବାରାପିଟା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ

ବାରଙ୍ଗ,୩୦।୧୨(ଡି.ଏନ୍.ଏ.): ବାରଙ୍ଗସ୍ଥିତ ମେଣ୍ଢାଶାଳ ପଞ୍ଚାୟତର ବାରାପିଟା ଆଦିବାସୀ ସାହି ଖେଳପଡ଼ିଆରେ ଚାଲିଥିବା ଚତୁର୍ଦ୍ଦଶତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ମାରଙ୍ଗକୁରୁ କ୍ଲବ ସହ ଗୋଲ୍ଡେନ କ୍ଲବ ମଧ୍ୟରେ ହୋଇଥିଲା। ଗୋଲ୍ଡେନ କ୍ଲବ ୨-୧ଗୋଲରେ ବିଜୟ ଲାଭକରି ଚଳିତବର୍ଷର ଚାମ୍ପିୟନ ହୋଇଥିଲା। ଆୟୋଜିତ ସଭାରେ ପ୍ରଭାତ କୁମାର ରାଉତରାୟ ଅତିଥିଭାବେ ଯୋଗଦେଇ ବିଜୟି ଦଳକୁ ପୁରସ୍କୃତ କରିଥିଲେ।

# ନୂଆବର୍ଷ ଭୋଜି ପାଇଁ ପକ୍ଷୀ ଶିକାର

ବ୍ରହ୍ମଗିରି, ୩୦।୧୨(ଡି.ଏନ୍.ଏ.)

### ନାବାଳକ ସାଜିଛନ୍ତି ଶିକାରି



ଚିଲିକାରେ ଏବେ ପକ୍ଷୀ ସମାଗମ ବୃଦ୍ଧି ପାଇବାରେ ଲାଗିଛି। ଉପଯୁକ୍ତ ଜଳବାୟୁ ଓ ଖାଦ୍ୟ ଅନ୍ୱେଷଣରେ କାହିଁ କେତେଦୂରରୁ ଆସୁଥିବା ବିଦେଶୀ ପକ୍ଷୀମାନେ ଚିଲିକା ତଥା ଆଖ ପାଖ ଅଞ୍ଚଳରେ ଦଳବଦ୍ଧ ଭାବେ ବିଚରଣ କରି ସୌନ୍ଦର୍ଯ୍ୟ ବଢ଼ାଇବା ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛନ୍ତି। ହେଲେ ଏମାନଙ୍କ ପାଇଁ ଏବେ ବିପଦ ସାଜିଛନ୍ତି ଶିକାରି। ଚିଲିକା ଓ କୂଳବର୍ତ୍ତୀ ଅଞ୍ଚଳରେ ପ୍ରତିଦିନ ପକ୍ଷୀ ଶିକାର କରାଯାଉଛି। ବିଶେଷକରି ପକ୍ଷୀମାନେ ଖାଦ୍ୟ ଖୋଜିଖୋଜି ଗାଁ ଅଞ୍ଚଳକୁ ଚାଲିଯାଇ ନାବାଳକ ଶିକାରିଙ୍କ ହାବୁଡ଼ରେ ପଡୁଛନ୍ତି। ଏବେ ସ୍କୁଲ୍ ଓ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିବାରୁ ଆଖପାଖ ଗ୍ରାମର ଛାତ୍ର ଓ ନାବାଳକମାନେ ପକ୍ଷୀ ଶିକାରରେ ମାତିଛନ୍ତି। ବିଷ ଓ ଫାସ ଦ୍ୱାରା ଦେଶୀ ଓ ବିରଳ ବିଦେଶୀ ପକ୍ଷୀଙ୍କୁ ମାରି ଖାଉଛନ୍ତି। ନୂଆବର୍ଷ ଫିଷ୍ଟ୍ ମଧ କରାଯାଉଛି। ଫିଷ୍ଟ୍ ପାଇଁ ପିଲାମାନେ ସାଇକେଲ ଓ ବାଇକ୍ରେ ପକ୍ଷୀ ବୋହି ଆଣୁଥିବା ଦେଖିବାକୁ ମିଳୁଛି। ବ୍ରହ୍ମଗିରି ଅଞ୍ଚଳରେ ନାବାଳକମାନେ ଅଧିକମାତ୍ରାରେ ପକ୍ଷୀ ଶିକାରରେ ନିୟୋଜିତ ଥିବା ଜଣାପଡିଛି। ବୁଧବାର ଦୁଇଟି ନାବାଳକ ଶିକାରି ଦିନ ଦ୍ୱିପ୍ରହରରେ ପକ୍ଷୀ ଶିକାର କରି ଖୁଲମଖୁଲା ରାସ୍ତାରେ ଯାଉଥିବା ଦୃଶ୍ୟ ପକ୍ଷୀ ପ୍ରେମୀଙ୍କୁ ବେଶ୍ ମର୍ମାହତ କରିଛି। ସରକାର ପକ୍ଷୀ ଶିକାର ପାଇଁ କଡ଼ାକଡ଼ି ନିୟମ ଲାଗୁ କରିଥିଲେ ମଧ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁ ଏହି ନୀରିହ ପକ୍ଷୀଗୁଡିକ ଅକାଳ ମୃତ୍ୟୁବରଣ କରୁଛନ୍ତି। ନାବାଳକମାନେ କଇଁ ନାଡ, ବେଣ୍ଟରେ ବିଭିନ୍ନ କୀଟନାଶକ ଏବଂ ଛିଟିକିଣି ବସାଇ ଏହି ପକ୍ଷୀମାନଙ୍କୁ ଶିକାର କରୁଛନ୍ତି। କେତେଜଣ ନାବାଳକ ଏହାକୁ ବିକ୍ରି କରୁଥିବା ସୂଚନା ମିଳିଛି। ତେଣୁ ଏଥିପ୍ରତି ବନ ବିଭାଗର ଅଧିକାରୀମାନେ ଦୃଷ୍ଟି ଦେଇ କଡ଼ା ସୁରକ୍ଷା ଦେବା ପାଇଁ ସାଧାରଣରେ ଦାବି ହେଉଛି। ତେବେ ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନି।



ବିଭିନ୍ନ ଦାବି ନେଇ ସିଆଇଟିୟୁ କଟକ ଜିଲା କମିଟି ପକ୍ଷରୁ ସଦର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ବନ ବିଭାଗର ଚଢ଼ାଉ, ଦାମୀ କାଠପଟା ଜବତ

ଚୌଦ୍ୱାର,୩୦।୧୨(ଡି.ଏନ୍.ଏ.)

ଚୌଦ୍ୱାର ପୌରପାଳିକା ଓଟିଏମ କଲୋନୀ ୧୨ନମ୍ବର ୱାର୍ଡରେ ବୁଧବାର ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବନ୍ଦ ଘରେ ମହଜୁଦ୍ ଥିବା ବିପୁଳ ପରିମାଣର ଦାମୀ କାଠ ସହ କାଠରେ ତିଆରି ହୋଇ ରହିଥିବା ଫର୍ନିଚର ଜବତ କରାଯାଇଛି। ଏଥିସହ କାଠ ବ୍ୟବସାୟୀ କ୍ଷୀରୋଦ ଚନ୍ଦ୍ର ତ୍ରିପାଠୀଙ୍କୁ ଅଟକ ରଖି ଘଟଣାର ତଦନ୍ତ ଜାରି ରହିଛି। ସୂଚନା ଅନୁଯାୟୀ, ଗତ ୩ବର୍ଷ ହେବ ୧୨ନଂ ୱାର୍ଡରେ ଏହି ବ୍ୟବସାୟୀ ଜଣକ ବେଆଇନ ଭାବେ କାଠ କାରବାର କରିବା ସହ ଫର୍ନିଚର ତିଆରି କରି ବିକ୍ରି କରୁଥିଲେ। ହେଲେ ଏହି କାର୍ଯ୍ୟ ବିଷୟରେ ସ୍ଥାନୀୟ ଲୋକେ କିମ୍ବା ବନ ବିଭାଗ ଟେର ପାଉ ନ ଥିଲା। ବୁଧବାର ବିଶେଷ ସୂତ୍ରରୁ ଖବରପାଇ ବୈରୀ ରେଞ୍ଜ ଫରେଷ୍ଟର ଶଶିକାନ୍ତ ବେହେରା, ଚୌଦ୍ୱାର ଫରେଷ୍ଟର ପୁରୁଷୋତ୍ତମ ସାହୁ, ମଙ୍ଗରାଜପୁର ଫରେଷ୍ଟର ମାଣିକ ମୁଣ୍ଡା, ଚୌଦ୍ୱାର ଥାନା କର୍ମଚାରୀ ଓ ବନ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଚନ୍ଦ୍ରକାନ୍ତ ସାମଲ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ମିଳିତ ଭାବେ ଚଢ଼ାଉ କରିଥିଲେ। ଚଢ଼ାଉରେ ଏହି କଲୋନୀର ୩ଟି କ୍ୱାର୍ଟର୍ସରୁ ବିପୁଳ ପରିମାଣର ଶାଗୁଆନ, ଶାଳ, ପିଆଶାଳ ଭଳି ଦାମୀ କାଠର ପଟା ମହଜୁଦ ଥିବା ଦେଖିଥିଲେ। ଏପରିକି ଏହି ସବୁ କାଠରେ ନିର୍ମିତ ବହୁ ଫର୍ନିଚର ମଧ ଜବତ କରିଥିଲେ। ଅନ୍ୟପଟେ ସମସ୍ତ କାଠର କାଗଜପତ୍ର ରହିଥିବା ବ୍ୟବସାୟୀ ଜଣକ କହିଥିବା ବେଳେ ଜବତ କାଠଗୁଡ଼ିକୁ ବୈରୀ ରେଞ୍ଜ କାର୍ଯ୍ୟାଳୟକୁ ନିଆଯାଇଥିବା ଫରେଷ୍ଟର ବେହେରା ସୂଚନା ଦେଇଛନ୍ତି।

## ପୀଡ଼ିତାଙ୍କୁ ନ୍ୟାୟ, ମିଥ୍ୟା ଏତଲାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

କଟକ ଅଫିସ,୩୦।୧୨

କନ୍ଦରପୁର ଓ ସଦର ଥାନା ଅଞ୍ଚଳରେ ମହିଳାଙ୍କୁ ଅଶ୍ଳୀଳ ବ୍ୟବହାର ଏବଂ ବିଭିନ୍ନ ଥାନାରେ ଅଭିଯୋଗ କରୁଥିବା ମିଥ୍ୟା ଏତଲାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ଏନେଇ ବୁଧବାର କଟକ ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ସଭାପତି ସୁକାନ୍ତ ସେଠୀଙ୍କ ନେତୃତ୍ୱରେ ବକ୍ସି ବଜାର ଅଗ୍ନିଶମ କାର୍ଯ୍ୟାଳୟ ନିକଟରୁ ଏକ ଶୋଭାଯାତ୍ରା ବାହାରି ରାଜ୍ୟ ପୋଲିସ ମୁଖ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଡିଜିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭରେ ଟିଙ୍କିଲି ଦେହୁରୀ, ଫୁଲ ସ୍ୱାଇଁ, ଶିବ ଚରଣ ଦାସ, ଅନିମା ନାୟକ, ସାଗର ମହାନ୍ତି, ବାସୁଦେବ ସାମଲ, ଚୈତନ୍ୟ ସାମଲ, କୁନି ଦେହୁରୀ, ଅକ୍ଷୟ ସାମଲ ପ୍ରମୁଖ ସାମିଲ ହୋଇଥିଲେ।

## ସାରା ଭାରତ ଶିକ୍ଷା ବଞ୍ଚାଅ କମିଟିର ଜିଲାସ୍ତରୀୟ ସମ୍ମିଳନୀ

କଟକ ଅଫିସ, ୩୦।୧୨

ସାରା ଭାରତ ଶିକ୍ଷା ବଞ୍ଚାଅ କମିଟି କଟକ ଜିଲା ପକ୍ଷରୁ ଜାତୀୟ ଶିକ୍ଷାନୀତି ବିରୋଧରେ ବୁଧବାର ଗୁଗୁଲ ମିଟ୍ ମାଧମରେ ଏକ ଜିଲାସ୍ତରୀୟ କନ୍ଭେନଶନ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅକ୍ଷୟ ଦାସ ସଭାପତିତ୍ୱ କରିଥିଲେ। ଡ. ବିରେନ୍ଦ୍ର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ ଯେ, ଛାତ୍ର ସଂଗଠନ, ଶିକ୍ଷକ ସମାଜ ଏବଂ ବୁଦ୍ଧିଜୀବୀମାନଙ୍କ ମତାମତ ଓ ପ୍ରସ୍ତାବକୁ ଭ୍ରୂକ୍ଷେପ ନ କରି କେନ୍ଦ୍ର କ୍ୟାବିନେଟ୍ ଜାତୀୟ ଶିକ୍ଷାନୀତି-୨୦୨୦କୁ ମଞ୍ଜୁରୀ ଦେଇଛି। ଏହାଦ୍ୱାରା ଶିକ୍ଷାର ବ୍ୟବସାୟୀକରଣ, ଘରୋଇକରଣ ଓ ସାମ୍ପ୍ରଦାୟୀକରଣ ହେବ। ଏହି ନୀତି ଉଭୟ ଦେଶୀ ଓ ବିଦେଶୀ ପୁଞ୍ଜିପତିଙ୍କୁ ଲାଭ ଦେବ। ଫଳରେ ପ୍ରାଥମିକ, ମାଧମିକ ଉଚ୍ଚ ମାଧମିକ ଶିକ୍ଷାକୁ ଧ୍ୱଂସ କରିବ ବୋଲି ନାୟକ କହିଥିଲେ। ଉକ୍ତ କନଭେନଶନରେ ରାଧାନାଥ ଉଚ୍ଚତର ଶିକ୍ଷା ପ୍ରତିଷ୍ଠାନର ପୂର୍ବତନ ପ୍ରଫେସର ଡ. ସୁରେନ୍ଦ୍ର ମୋହନ ପାଣି, ଅହ୍ଲାବାଦ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପ୍ରଭାତ କୁମାର ସାହୁ, ଦିବାକର ପଟ୍ଟନାୟକ, ଉଚ୍ଚତର ଶିକ୍ଷା ପ୍ରତିଷ୍ଠାନର ପୂର୍ବତନ ଅଧକ୍ଷ ଡ. ଗୋପାଳ ଚରଣ ବିଶ୍ୱାଳ, ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାଧାପକ ଡକ୍ଟର ସିଦ୍ଧାର୍ଥ ଭରଦ୍ୱାଜ, ସାମାଜିକ କର୍ମୀ ଡଲି ଦାଶ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ ବବି ବଳବନ୍ତରାୟ ମୁଖ୍ୟ ଚିଠା ପ୍ରସ୍ତାବ ଆଗତ କରିଥିବା ବେଳେ କୋଷାଧକ୍ଷ ବିନୋଦ ସେଠୀ ଧନ୍ୟବାଦ ଦେଇଥିଲେ।

## ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟର ଆସ୍ଥା ଅଭିଷେକ-୨୦୨୦

ବାଲିଅନ୍ତା,୩୦।୧୨(ଡି.ଏନ୍.ଏ.)

ରାଜଧାନୀ ଉପକଣ୍ଠ ବାଲିଅନ୍ତାରେ ଥିବା ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନ ପକ୍ଷରୁ ଚଳିତ ଶିକ୍ଷାବର୍ଷରେ ନାମ ଲେଖାଇଥିବା ତ୍ରୟୋଦଶ ବ୍ୟାଚର ନୂତନ ଏମ୍ବିଏ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଆସ୍ଥା ଅଭିଷେକ ୨୦୨୦ ବୁଧବାର ଅନ୍ଲାଇନ୍ ମାଧମରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ମୁଖ୍ୟ ସଚିବ ଦେବେନ୍ଦ୍ରନାଥ ଷଡ଼ଙ୍ଗୀ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସାମାଜିକ ମୂଲ୍ୟ ବୈଧତା ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଡ.ଅଶୋକ ମଙ୍ଗରାଜ ଯୋଗଦେଇ ଶୃଙ୍ଖଳିତ ଜୀବନଯାପନ ଓ ଦକ୍ଷତା ବିକାଶର ବିଭିନ୍ନ ଦିଗ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ.ଆର୍.କେ.ଏସ୍ ମଙ୍ଗେସ ଦାସ ଯୋଗଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ଡ. ବଙ୍କିମ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧକ୍ଷା ପ୍ରଫେସର ଡ.ଶର୍ମିଳା ସୁବ୍ରମନିୟମ ବାର୍ଷିକ ବିବରଣୀ ପାଠ କରିଥିଲେ। ଟ୍ରଷ୍ଟି ବିଜୟ ପାତ୍ର ଓ ଅନ୍ୟ ଟ୍ରଷ୍ଟିଙ୍କ ଦ୍ୱାରା ନ୍ୟୁଜଲେଟର ଆସ୍ଥଦର୍ପଣ-୨୦୨୦ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମକୁ ପ୍ରଫେସର ସବ୍ୟସାଚୀ ପ୍ରଧାନ ଓ ପ୍ରଫେସର ଅଭିପ୍ସା ମିଶ୍ର ସଂଯୋଜନା କରିଥିଲେ। ଅନୁଷ୍ଠାନର କର୍ପୋରେଟ ଆଫେୟାର୍ସ ଡାଇରେକ୍ଟର ଡ.ତ୍ରିଲୋଚନ ନାୟକ ଧନ୍ୟବାଦ ଦେଇଥିଲେ।

## ବିଜିୟୁର ୭ ଟପ୍ପରଙ୍କୁ ସ୍ୱର୍ଣ୍ଣପଦକ



ଉତ୍ସବର ଭର୍ଚୁଆଲ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)

### ତୃତୀୟ ସମାବର୍ତ୍ତନ ଉତ୍ସବ

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ)ର ଏମ୍ବିଏ, ବିବିଏ, ଏମ୍ଏଜେଏମ୍ସି, ବିଏଜେଏମ୍ସି, ଏମ୍କମ୍, ବି.କମ୍. ଓ ଅର୍ଥନୀତି ସ୍ନାତକୋତ୍ତର ପାଠ୍ୟକ୍ରମର ଛାତ୍ରୀଛାତ୍ରଙ୍କ ପାଇଁ ସମାବର୍ତ୍ତନ ଉତ୍ସବ ଭର୍ଚୁଆଲ ମୋଡ୍ରେ ଅନୁଷ୍ଠିତ ହୋଇଛି। ବିଜିୟୁ ବୋର୍ଡ ଅଫ୍ ଗଭର୍ନସ ସଦସ୍ୟ ତଥା ବିମ୍ଟେକ୍ ଗ୍ରେଟର ନୋଏଡାର ନିର୍ଦ୍ଦେଶକ ପ୍ରଫେସର ହରିବଂଶ ଚତୁର୍ବେଦୀ ଏଥିରେ ଅଧକ୍ଷତା କରି ଛାତ୍ରୀଛାତ୍ରମାନେ ଭବିଷ୍ୟତକୁ ନେଇ ଆଶାବାଦୀ ରହିବାକୁ ପରାମର୍ଶ ଦେଇଥିଲେ। କେବଳ ଉତ୍କର୍ଷତା ସହିତ ମୂଲ୍ୟବୋଧର ଉତ୍ତରାଧିକାରୀ ଭାବେ ମଶାଲ ଧାରଣ କରିବା ନୁହେଁ, ବରଂ ଏଠାରୁ ଅର୍ଜନ କରିଥିବା ଜ୍ଞାନ ଦ୍ୱାରା ମଧ ସମାଜରେ ଉନ୍ନତି ଆଣିବା ଆବଶ୍ୟକ ବୋଲି ବିଜିୟୁ ବୋର୍ଡ ଅଫ୍ ଗଭର୍ନସର ସଦସ୍ୟ ବିକାଶ କାଣ୍ଡୋଇ କହିଥିଲେ। ଏହି ଅବସରରେ ବ୍ୟାଚ ଟପ୍ପର ସୃଷ୍ଟି ପାତ୍ର(ଏମ୍ବିଏ), ସୁଦେଷ୍ଣା ଦାସ ପଟ୍ଟନାୟକ(ଏମ୍ଏଜେଏମ୍ସି), ସହିସ୍ତା ତସ୍ନିମ୍(ଏମ୍. କମ୍), ସୁନିଲ ସ୍ୱରୂପ(ଅର୍ଥନୀତି), ମହମ୍ମଦ ଜାଭେଦ୍(ବିବିଏ), ଅନ୍ୱେଷା ନନ୍ଦୀ(ବିଏଜେଏମ୍ସି), ସଞ୍ଚିତା ଦାସ(ବି. କମ୍)ଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା।

ବିଜିୟୁ କୁଳପତି ପ୍ରଫେସର ପି. ପି. ମାଥୁର ବିଶ୍ୱବିଦ୍ୟାଳୟର ବାର୍ଷିକ ରିପୋର୍ଟ ଉପସ୍ଥାପନା କରିବା ସହ ଭବିଷ୍ୟତ ଯୋଜନାଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲେ। ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ପ୍ରଫେସର ପରମେଶ୍ୱର ନାୟକ, ସ୍କୁଲ୍ ଅଫ୍ କମର୍ସର ଡିନ୍ ପ୍ରଫେସର ସାମସନ୍ ମହାରଣା ସ୍ନାତକ, ଡିଗ୍ରୀ ହାସଲ କରିଥିବା ଛାତ୍ରୀଛାତ୍ର ଓ ବିଭାଗୀୟ ଟପ୍ପରଙ୍କ ତାଲିକା ଉପସ୍ଥାପନା କରିଥିଲେ। ରେଜିଷ୍ଟ୍ରାର ବି.କେ. ଦାସ ଉତ୍ସବ ପରିଚାଳନା କରିଥିବାବେଳେ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ବିମଳ ଚନ୍ଦ୍ର ମିଶ୍ର ଏବଂ ଡ. ଅର୍ଚ୍ଚନା ଚୌଧୁରୀ ସଂଯୋଜନା କରିଥିଲେ।

## 'ମହିଳା ଆଗେଇଲେ ପ୍ରଗତି ରଥ ଗଡ଼ିବ'

ପୁରୁଣା ଭୁବନେଶ୍ୱର,୩୦।୧୨(ଡି.ଏନ୍.ଏ.)



ବୈଠକରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଓ ଅନ୍ୟମାନେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଗତୀ ରଥର ଅଖ ଏବଂ ଚକ ହେଉଛନ୍ତି ମହିଳା। ନବୀନ ନିଜେ ହେଉଛନ୍ତି ସାରଥି। ତେଣୁ ମହିଳା ସମାଜ ଆଗକୁ ନ ବଢ଼ିଲେ ପ୍ରଗତୀ ରଥ ଗଡ଼ିବ ପାରିବନାହିଁ ବୋଲି ମହିଳା କମିଶନ ଅଧକ୍ଷା ମିନତି ବେହେରା କହିଛନ୍ତି। ଫରେଷ୍ଟ ପାର୍କ ସ୍ଥିତ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସରକାରୀ ବାସଭବନ ପରିସରରେ ବୁଧବାର ଅନୁଷ୍ଠିତ ତେଜସ୍ୱିନୀ ମିଶନ ଶକ୍ତି ମହାସଂଘର କାର୍ଯ୍ୟକାରିଣୀ ବୈଠକରେ ମୁଖ୍ୟ ବକ୍ତାଭାବେ ଯୋଗଦେଇ ସେ ଏହା କହିଛନ୍ତି। ଅନୁସୂଚିତ ଜନଜାତି ମହିଳାଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ। ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ କହିଥିଲେ, ମହିଳାମାନେ ଆଗକୁ ବଢ଼ିବା ପାଇଁ ସରକାର ଲିଗାଲ ଆୱାରନେସ ପ୍ରୋଗ୍ରାମ ଆରମ୍ଭ କରିଛନ୍ତି। ସମ୍ମାନିତ ଅତିଥିଭାବେ ବିଧାୟକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ସିଏସଆର ଫଣ୍ଡରୁ ଏସଏଚଜି ଗ୍ରୁପର ଆୱାରନେସ୍ ପ୍ରୋଗ୍ରାମପାଇଁ ଏକ ଗାଡି, ଅନୁରୂପଭାବେ ଏକ ପ୍ରକଳ୍ପକରି ମହିଳାମାନେ ଆତ୍ମ ନିର୍ଭରଶୀଳ ହେବାପାଇଁ ୫୦ଲକ୍ଷ ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ରାଜ୍ୟ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ ରାଉତ, ପୂର୍ବତନ କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜକ ମହସଂଘ ସମ୍ପାଦିକା ସଂଯୁକ୍ତା ଭୁଡିଆ ସ୍ୱାଗତ ଭାଷଣ, ସଭାନେତ୍ରୀ ମହାମାୟା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଯୁବ ବିଜେଡି କଟକ ମହାନଗରର ନୂତନ କର୍ମକର୍ତ୍ତା

କଟକ ଅଫିସ, ୩୦।୧୨

ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନକ୍ରମେ ବିଜୁ ଯୁବ ଜନତା ଦଳ କଟକ ମହାନଗରର ବିଭିନ୍ନ ସାଙ୍ଗଠନିକ ପଦବୀ ନିମନ୍ତେ ବୁଧବାର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଉପସଭାପତି ଭାବେ ପଙ୍କଜ ରାଉତ, ସୁନୀଲ କୁମାର ଜେନା, ଅଭିଜିତ ସାହୁ, ସୁକାନ୍ତ କୁମାର ଭୋଇ, ଲୋକରଞ୍ଜନ ଦାସ, ସାଧାରଣ ସମ୍ପାଦକ ଭାବେ ମହମ୍ମଦ ଫିରୋଜ ରେହମାନ, ରାକେଶ ପୃଷ୍ଟି, ଏସ୍କେ. ସବିରୁଦ୍ଦିନ, ସ୍ୱରୂପ ଶଙ୍କର ଦାସ, ରଞ୍ଜନ ଲେଙ୍କା, ସମ୍ପାଦକ ଭାବେ କୁନିଆ ସେଠୀ, ଇମରାନ ଖାନ, ବିଶ୍ୱଭୂଷଣ ପାଣି, ବିନୋଦ ପଣ୍ଡା, ସମିଉଲ ହୁସେନ, ସୂର୍ଯ୍ୟନାରାୟଣ ଦାସ, ସନ୍ଦୀପ ରଥ, ଓମ ଭଗତ, ରାହୁଲ ମହାର, ଅଭିନାଶ ସାସମଲ, ଅନନ୍ତ ମହାରଣା, ଚନ୍ଦନ ଚେମାଇ, ଅନିଲ ପ୍ରଧାନ, ହରି ଗୋଛାୟତ, ସଞ୍ଜୀବ ମଲ୍ଲିକ, ପ୍ରଭାସ ରଞ୍ଜନ ପଶାୟତ, ଦିଲୀପ ସ୍ୱାଇଁ, ଅନିଲ ମହାରଣା, ବିଦ୍ରିରାଜ ବେହେରା, ସୁଦୀପ୍ତ ସାହୁ, ସୋସିଆଲ ମିଡିଆ ସଂଯୋଜକ ଭାବେ ବିସ୍ମୟ ସାହୁଙ୍କୁ ଚୟନ କରାଯାଇଛି।

## ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ

କଟକ ଅଫିସ, ୩୦।୧୨

କଟକ ଜିଲା ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି। ଇଦ୍ଗାସ୍ଥିତ ସ୍ମୃତିସ୍ତମ୍ଭଠାରେ ମାତୃବନ୍ଦନା ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଡ. ହୁସେନ୍ ରବି ଗାନ୍ଧି ମୁଖ୍ୟ ଅତିଥି ଓ ଡା. ରବି ରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଂଗଠନର ସଭ୍ୟ ଅଧିବକ୍ତା ବୈଷ୍ଣବ ଦାସଙ୍କ ଅଧକ୍ଷତାରେ ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ସାହୁ ସୂଚନା ପ୍ରଦାନ କରିଥିଲେ। ସମ୍ପାଦକ ମାଧବ ମିଶ୍ର, ରାମଚନ୍ଦ୍ର ଦାସ, ବିରୁପାକ୍ଷ ଶତପଥୀ, ବିରେନ୍ଦ୍ର ସାହୁ, ଗୋପାଳ ଚନ୍ଦ୍ର ମିଶ୍ର, ସୁଶାନ୍ତ ସାହୁ, ବିଦ୍ୟୁତ ଲାଲା, ଦୀପକ ଦାସ ଉପସ୍ଥିତ ଥିଲେ। ସେହିପରି ଉତ୍କଳ ସମ୍ମିଳନୀ କଟକ ଜିଲା ଶାଖା ପକ୍ଷରୁ ସମ୍ମିଳନୀର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ସମ୍ମିଳନୀର ରାଜ୍ୟ ସଭାପତି ପ୍ରଫେସର ଡ. ଅଦ୍ୱୈତ୍ୟ ପାତ୍ର, ମୁଖ୍ୟବକ୍ତା ପ୍ରଫେସର ଡ. ଖାରବେଳ ମହାନ୍ତି ପ୍ରମୁଖ ସାମିଲ ଥିଲେ।

## ୨୫ ବର୍ଗ କିମି ଅଞ୍ଚଳକୁ ନେଇ ଭରତପୁର ଥାନା

ଭୁବନେଶ୍ୱର,୩୦।୧୨(ବ୍ୟୁରୋ)

ଭୁବନେଶ୍ୱର ସହରାଞ୍ଚଳ ଜିଲାର ଖଣ୍ଡଗିରି ଥାନାଞ୍ଚଳକୁ ଭାଗ କରିଦିଆଯାଇଛି। ୨ଲକ୍ଷ ଲୋକ ଓ ୨୫ ବର୍ଗ କିମି ଅଞ୍ଚଳକୁ ନେଇ ନୂତନ ଭାବେ ଗଠନ ହୋଇଛି ଭରତପୁର ଥାନା। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଏହି ଥାନାର ଉଦ୍ଘାଟନ କରିଛନ୍ତି। ଖଣ୍ଡଗିରି ଥାନା ପରିସରରେ ଅନୁଷ୍ଠିତ ଉଦ୍ଘାଟନୀ ଉତ୍ସବରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ପୋଲିସ କମିଶନର ଡ. ସୁଧାଂଶୁ ଷଡ଼ଙ୍ଗୀ, ଡିସିପି ଉମାଶଙ୍କର ଦାଶ ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀଙ୍କ ସମେତ ଖଣ୍ଡଗିରି, ଭରତପୁର ଥାନାର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ପଣ୍ଡା କହିଛନ୍ତି, ଖଣ୍ଡଗିରି ଥାନାରେ ପ୍ରତିବର୍ଷ ଏତେ ସଂଖ୍ୟକ ମାମଲା ହେଉଥିଲା ଯେ ଥାନା ଅଧିକାରୀ ମାନସିକ ଚାପରେ ରହୁଥିଲେ। ଆଉ ଏକ ଥାନା ହେବାରୁ ଅନେକାଂଶରେ ଏହି ଚାପ କମ୍ ହେବ ଓ ସାଧାରଣ ଲୋକେ ଗୁଣାତ୍ମକ ସେବା ପାଇପାରିବେ। ନୂଆ ଥାନା ହୋଇଥିବାରୁ ସେ ମୁଖ୍ୟମନ୍ତ୍ରୀ ଓ ପୋଲିସ କମିଶନରଙ୍କୁ ଧନ୍ୟବାଦ ଜଣାଇଥିଲେ। ବିଧାୟକ ରାଉତ କହିଲେ, ନୂଆବର୍ଷ ପୂର୍ବରୁ ଥାନା ପ୍ରତିଷ୍ଠା ଆମ ପାଇଁ ଏକ ବଡ଼ ଉପହାର। ପୋଲିସ କମିଶନର ଡ. ଷଡ଼ଙ୍ଗୀ କହିଲେ, ଖଣ୍ଡଗିରି ଅଞ୍ଚଳର ଗୁରୁତ୍ୱ ଦେଖିବାକୁ ଗଲେ ୨ଟା ଥାନା ନିହାତି ଆବଶ୍ୟକ ଥିଲା। ପୂର୍ବରୁ ଜାରି ରହିଥିବା ଏହି ପ୍ରୟାସ ଆଜି ସଫଳ ହୋଇଛି। ଏହି ଥାନା ଅଞ୍ଚଳବାସୀଙ୍କ ଭରସା ଜିତିବା ସହ ସମସ୍ତଙ୍କୁ ଗୁଣାତ୍ମକ ନ୍ୟାୟ ଓ ସୁରକ୍ଷା ମିଳିବ। ଡିସିପି ଦାଶ କହିଛନ୍ତି, ଖଣ୍ଡଗିରି ଥାନାରେ ୫୦ ପ୍ରତିଶତ ମାମଲା ଭରତପୁର ଅଞ୍ଚଳରୁ ଆସିଥାଏ। ୧୫ଜଣ ପୋଲିସ ଅଫିସରଙ୍କୁ ନେଇ ୪ ରୁ ୫ ଲକ୍ଷ ଲୋକଙ୍କ ସୁରକ୍ଷା ସମ୍ଭାଳିବା କଷ୍ଟକର ଥିଲା। ଭରତପୁର ଥାନା ଠିକ୍ ସମୟରେ ଏକ ଠିକ୍ ପଦକ୍ଷେପ ବୋଲି ସେ କହିଥିଲେ।

ସୂଚନାଯୋଗ୍ୟ, ୧୯୮୩ରେ ୧୦୦ବର୍ଗ କିମି ପରିସୀମା ଓ ୫୭ ହଜାର ଜନସଂଖ୍ୟାକୁ ନେଇ ଗଠିତ ହୋଇଥିଲା ଖଣ୍ଡଗିରି ଥାନା। ବର୍ତ୍ତମାନ ଜନସଂଖ୍ୟା ୫ଲକ୍ଷରୁ ଅଧିକ ହେବ। ଜନ ସଂଖ୍ୟା ସହ ଅପରାଧ ବଢ଼ିଚାଲିଥିବାରୁ ଆଇନ ଶୃଙ୍ଖଳା ରକ୍ଷା କରିବା ସମ୍ଭବ ହେଉ ନ ଥିଲା। ତେଣୁ ଖଣ୍ଡଗିରି ଥାନାର ୧୦୦ବର୍ଗ କିମିରୁ ୨୫ବର୍ଗ କିମିକୁ ନେଇ ଭରତପୁର ଥାନାର ସୀମା ନିର୍ଦ୍ଧାରଣ କରାଯାଇଛି। ଏହି ଥାନା ଏବେ ସ୍ଥାନୀୟ ଫାଣ୍ଡିରେ ସାମୟିକ ଭାବେ ଚାଲିବ। ନିଜସ୍ୱ ଘର ନିର୍ମାଣ କାର୍ଯ୍ୟ ସମାପ୍ତ ହେବା ପରେ ସେଠାକୁ ଥାନା ସ୍ଥାନାନ୍ତର କରାଯିବ ବୋଲି ଜଣାପଡିଛି।


କାର୍ଯ୍ୟକ୍ରମରେ ଉପସ୍ଥିତ ପୋଲିସ କମିଶନର ଡ. ସୁଧାଂଶୁ ଷଡଙ୍ଗୀ ଓ ଅନ୍ୟମାନେ।

### କେଉଁସବୁ ଅଞ୍ଚଳ ରହୁଛି

ବିଏମ୍ସିର ୱାର୍ଡ ନଂ.୨୨ରେ ଥିବା ଭରତପୁର ବସ୍ତି, ଜୋକଲଣ୍ଡି, ଦୁର୍ଗାମାଧବ ନଗର, ମହାଲକ୍ଷ୍ମୀ ବିହାର, ଜିଏ ପ୍ଲଟ୍ ଏରିଆ। ସେହିପରି ୱାର୍ଡ ନଂ.୨୩ରେ ଥିବା ସାମ୍ପୁର ଗ୍ରାମ, ଘାଟିକିଆ ଗ୍ରାମ, କଳିଙ୍ଗ ଷ୍ଟୁଡ଼ିଓ ଅଞ୍ଚଳ, ଖଣ୍ଡଗିରି ବାରି ଓ ଜୟଦେବ ବାଟିକା ରାସ୍ତା, ଶରଧାପଲ୍ଲୀ ବସ୍ତି, ମହାବୀର ବିହାର, କେ-୧, କେ-୨, କେ-୩, କେ-୭, କେ-୮, ବିପୁଲ୍ ଗାର୍ଡେନ୍ ଓ ଶ୍ରୀବିହାର। ଏହାସହ ପାଇକରାପୁର ଗ୍ରାମ ପଞ୍ଚାୟତର ନୂଆଗାଁ ୱାର୍ଡ ନଂ.୪୯ର ବରମୁଣ୍ଡା ବସ୍ଷ୍ଟାଣ୍ଡ, ଶବରସାହି। ୱାର୍ଡ ନଂ.୨୪ରେ ଥିବା ରୁଚିକା ମାର୍କେଟ୍ ଅଞ୍ଚଳ, ବରମୁଣ୍ଡା ହାଉସିଂବୋର୍ଡ କଲୋନୀ ଓ ଜଗନ୍ନାଥ ବିହାର ଭରତପୁର ଥାନାଞ୍ଚଳରେ ଅନ୍ତର୍ଭୁକ୍ତ ରହିଛି।

**ଆର୍‌କମ୍ ଉପରେ ୨୬ ହଜାର କୋଟି ଟଙ୍କା ବାକି**

ଋଣଗ୍ରସ୍ତ ରିଲାଏନ୍ସ କମ୍ୟୁନିକେଶନ(ଆର୍‌କମ୍) ଉପରେ ଭାରତୀୟ ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକର ପ୍ରାୟ ୨୬ ହଜାର କୋଟି ଟଙ୍କାର ବକେୟା ରହିଛି। ଗ୍ରୁପ ବୁଧବାର ଏ ସମ୍ପର୍କରେ ସ୍ପଷ୍ଟ କରିଛି। ଏହି କମ୍ପାନୀରେ ଅନୀଲ ଅମ୍ବାନୀ ପ୍ରମୋଟର ରହିଥିଲେ। କମ୍ପାନୀ ବର୍ତ୍ତମାନ ଇନସଲଭେନ୍ସି ପ୍ରକ୍ରିୟା ଦେଇ ଗତି କରୁଥିବା ବେଳେ ବ୍ୟାଙ୍କ, ଭେଣ୍ଡର ଏବଂ କ୍ରେଡିଟରମାନେ ୮୬ ହଜାର କୋଟି ଟଙ୍କାର କ୍ଲେମ କରିଥିବା ଜଣାପଡ଼ିଛି।

**ସଂକ୍ଷେପରେ**

## ଭିଆଇଟିରୁ ୭୪୦୩ ନିଯୁକ୍ତି ଅଫର

**ନୂଆଦିଲ୍ଲୀ,୩୦।୧୨:** ଦେଶର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭେଲୋର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଭିଆଇଟି) କ୍ୟାମ୍ପସରୁ ୭୪୦୩ ଜଣ ଛାତ୍ରୀଛାତ୍ରଙ୍କୁ ୩୮୨ କମ୍ପାନୀ ନିଯୁକ୍ତି ଅଫର ଦେଇଛନ୍ତି। କରୋନା ମହାମାରୀ କାରଣରୁ ଭିଆଇଟିର ବିଭିନ୍ନ କ୍ୟାମ୍ପସର ଛାତ୍ରୀଛାତ୍ରମାନେ ଭର୍ଚୁଆଲ ମୋଡ୍‌ରେ କ୍ୟାମ୍ପସରେ ଅଂଶ ଗ୍ରହଣ କରିଥିଲେ। ଏହି ସମସ୍ତ ନିଯୁକ୍ତି ଅଫର ପାଇଥିବା ପିଲାଙ୍କ ମଧ୍ୟରୁ ୪୫୦୩ ଜଣ ଛାତ୍ରୀଛାତ୍ର ବିଭିନ୍ନ କମ୍ପାନୀରେ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି କମ୍ପାନୀ ଗୁଡ଼ିକ ମଧ୍ୟରେ କଗ୍ନିଜାଣ୍ଟ, ଇନ୍‌ଫୋସିସ୍ ଏବଂ ଟିସିଏସ୍ ରହିଛନ୍ତି। ଏହି ୩ ପ୍ରମୁଖ ଆଇଟି କମ୍ପାନୀ ତାଙ୍କର ବାର୍ଷିକ କ୍ୟାମ୍ପସ ଚୟନ ପ୍ରଣାଳୀ ଅବଲମ୍ବନ ସହ ଭିଆଇଟିର ସମସ୍ତ ୪ଟି କ୍ୟାମ୍ପସ (ଚେନ୍ନାଇ, ଅମରାବତୀ, ଭେଲୋର ଏବଂ ଭୋପାଳ)ର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ପରିଶେଷରେ ଉକ୍ତ କମ୍ପାନୀର ଫଳାଫଳ ସମ୍ପର୍କରେ ଭିଆଇଟିର ଚାନ୍‌ସେଲର ଡ. ଜି. ବିଶ୍ୱନାଥନ ୩୫୧୭ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତିପତ୍ର ବିଷୟରେ ସୂଚନା ଦେଇଛନ୍ତି।

# ଖର୍ଚ୍ଚ ଉପରେ ରହିପାରେ ଫୋକସ

**ନୂଆଦିଲ୍ଲୀ,୩୦।୧୨**

କରୋନା ମହାମାରୀ ଯୋଗୁ ବିଶ୍ୱର ପ୍ରମୁଖ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥା ମଧ୍ୟରେ ଭାରତ ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଛି। ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି) -୨୩.୯% ଖସିଥିବା ବେଳେ ଦ୍ୱିତୀୟ ତ୍ରୈମାସରେ ଏହା ୭.୫% ନିମ୍ନରେ ରହିଛି। ୨୦୨୦-୨୧ରେ ଅଭିବୃଦ୍ଧି ଋଣାତ୍ମକ ରହିବା ନେଇ

**କୋଭିଡ୍ ପ୍ରଭାବ କମାଇବା ନେଇ ସରକାରଙ୍କ ଯୋଜନା**




ରିଜର୍ଭ ବ୍ୟାଙ୍କ ମଧ୍ୟ ଏହାର ରିପୋର୍ଟରେ ପ୍ରକାଶ କରିଛି। ଏଭଳି ସ୍ଥିତିରେ କୋଭିଡ୍ ପ୍ରଭାବିତ ବଜାରକୁ ପୁଣି ଥରେ ଅଭିବୃଦ୍ଧି ଫେରାଇ ଆଣିବା ଲାଗି ସରକାର ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି। ଚଳିତ ବର୍ଷ ଅଧିକ ଖର୍ଚ୍ଚ କରିବାକୁ ପଡୁଥିବାରୁ ଦେଶର ବିତ୍ତୀୟ ନିଅଣ୍ଟ ବଢ଼ିଛି। ଏଭଳି ସ୍ଥିତିରେ ମଧ୍ୟ ସରକାର ତାଙ୍କ ଖର୍ଚ୍ଚ କମାଇବେ ନାହିଁ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ବରିଷ୍ଠ ଅଧିକାରୀ ବ୍ଲୁମବର୍ଗକୁ କହିଛନ୍ତି।

ଅର୍ଥ ଗଚ୍ଛିତ କରି ରଖିବାକୁ ଅର୍ଥ ମନ୍ତ୍ରଣାଳୟ ବିଭିନ୍ନ ବିଭାଗ ଏବଂ ମନ୍ତ୍ରଣାଳୟକୁ କହିଥିଲା। ଚଳିତ ବର୍ଷର ବଜେଟ ୩୦ ଲକ୍ଷ କୋଟି ଟଙ୍କାରୁ ଟପିବା ନେଇ ଅଧିକାରୀ ଜଣକ ମତ ପ୍ରକାଶ କରିଛନ୍ତି। ଫେବୃୟାରୀ ପହିଲାରେ ସରକାରଙ୍କ ବଜେଟ ଆସିବ। ଏଥିରେ ବିସ୍ତୃତ ଖର୍ଚ୍ଚ ସମ୍ପର୍କରେ ଜଣାପଡିବ। ସୂଚନା ଏବେ ଯାଏ ସାର୍ବଜନୀନ ହୋଇ ନ ଥିବାରୁ ଅଧିକାରୀ ଜଣକ ନାମ ଗୋପନ ରଖି ଏହା କହିଛନ୍ତି। କରୋନା ମହାମାରୀ ଯୋଗୁ ରାଜକୋଷ ଉପରେ ମଧ୍ୟ ଗଭୀର ପ୍ରଭାବ ପଡ଼ିଛି। ହେଲେ ବଜାର ପ୍ରଭାବିତ ହୋଇ ରହିଥିବାରୁ ଏହାକୁ ସୁଧାରିବା ଲାଗି ଆବଶ୍ୟକ ପୁଞ୍ଜି ବିନିଯୋଗର ମଧ୍ୟ ଗୁରୁତ୍ୱକୁ ଦେଖିବାକୁ ହେବ। ଏଭଳି ବିଭିନ୍ନ ଦିଗକୁ ବିଚାରକରି କେନ୍ଦ୍ର ସରକାର ଖର୍ଚ୍ଚ ଉପରେ ଫୋକସ କରିବେ ବୋଲି ଅଧିକାରୀ ମତ ରଖିଛନ୍ତି।

ଭାରତ ବଜାର ବର୍ତ୍ତମାନ ଟେକ୍ନିକାଲ ରିସେଶନ ଦେଇ ଗତି କରୁଛି। ଲକ୍‌ଡାଉନ ଯୋଗୁ ବଜାର ସଙ୍କଟ ସ୍ଥିତି ଦେଇ ଗତି କରୁଛି। ବଜେଟ ଖର୍ଚ୍ଚ ବାଦ୍ ସରକାର ଜିଡିପିର ପ୍ରାୟ ୧୫% ଦେଶର ଅର୍ଥ ବ୍ୟବସ୍ଥାକୁ ସୁଧାରିବା ଲାଗି ଖର୍ଚ୍ଚ କରିଛନ୍ତି। ଖର୍ଚ୍ଚ ପାଇଁ ସରକାର ପଛଘୁଞ୍ଚା ଦେବେ ନାହିଁ ବୋଲି କିଛିଦିନ ତଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଥିଲେ। ଘରୋଇ ବଜାର ଲାଗି ଅର୍ଥ ଖର୍ଚ୍ଚର ଆବଶ୍ୟକତା ରହିଥିବା ସେ ସ୍ପଷ୍ଟ କରିଥିଲେ। ହେଲେ ବଜେଟର ଆକାର କିଭଳି ରହିବ ସେ ନେଇ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ। ବଜେଟ ଆସିଲେ ସରକାର ଘରୋଇ ବଜାରରେ ସୁଧାର ଆଣିବା ଲାଗି କିଭଳି ଯୋଜନା ରଖିଛନ୍ତି ସେ ସମ୍ପର୍କରେ ସ୍ପଷ୍ଟ ଚିତ୍ର ଆସିପାରିବ।

## ବଜେଟ ଅର୍ଥ ଖର୍ଚ୍ଚ କରି ପ୍ରକଳ୍ପ କାମ ସାରିବାକୁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୩୦।୧୨(ବ୍ୟୁରୋ)**

ଗତବର୍ଷ ତୁଳନାରେ ଚଳିତବର୍ଷ ନଭେମ୍ବର ଶେଷ ସୁଦ୍ଧା ମୋଟ୍ ରାଜସ୍ୱ ସଂଗ୍ରହରେ ୪ ପ୍ରତିଶତ ବୃଦ୍ଧି ଘଟିଛି। ଅର୍ଥନୀତିର ବିଭିନ୍ନ କ୍ଷେତ୍ରରେ କୋଭିଡ୍ ସଙ୍କଟ ସତ୍ତ୍ୱେ ରାଜସ୍ୱ ସଂଗ୍ରହରେ ଅଭିବୃଦ୍ଧି ଘଟିଛି। ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ହୋଇଥିବା ସଚିବସ୍ତରୀୟ ବୈଠକରୁ ଏହା ଜଣାପଡ଼ିଛି। ନଭେମ୍ବର ୨୦୨୦ ସୁଦ୍ଧା ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ ମୀନା ଉପସ୍ଥାପନ କରିଥିବା ବିଭିନ୍ନ ବିଭାଗର ଆର୍ଥିକ ପ୍ରଦର୍ଶନ ଉପରେ ସମୀକ୍ଷାକରି ପ୍ରକଳ୍ପଗୁଡ଼ିକର ତ୍ୱରାନ୍ୱିତ କାର୍ଯ୍ୟାନ୍ୱୟନକୁ ଗୁରୁତ୍ୱ ଦେବା ଲାଗି ମୁଖ୍ୟ ଶାସନ ସଚିବ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ବଜେଟ ଅର୍ଥକୁ ବ୍ୟବହାର କରି ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ଗୁରୁତ୍ୱ ଦେବାକୁ ସେ କହିଛନ୍ତି। ଏହାସହ ଭିତ୍ତିଭୂମି ଏବଂ ଜୀବନଜୀବିକା ସୃଷ୍ଟି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରିବା ନେଇ ସୁନିଶ୍ଚିତ କରାଇବାକୁ ସେ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ଓମ୍ୱାଡ୍‌ସି ଓ ଡିଏମ୍‌ଫ୍ ପ୍ରକଳ୍ପଗୁଡ଼ିକର ନିୟମିତ ତଦାରଖ ଓ ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନୁଗୋଳ, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ରାୟଗଡ଼ା ଏବଂ ସୁନ୍ଦରଗଡ଼ ଆଦି ପ୍ରମୁଖ ଖଣି ସମ୍ପନ୍ନ ଜିଲାରେ ପାଖାପାଖି ୨୦ ହଜାର କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଥିବା ସୁରେଶ କହିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ଲୋକଙ୍କ ପ୍ରମୁଖ ଆବଶ୍ୟକତାକୁ ପୂରଣ କରିବ। ସେହିପରି ଚିହ୍ନିତ ପ୍ରକଳ୍ପଗୁଡ଼ିକୁ ଗୁରୁତ୍ୱ ଦେବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏହା ଶେଷ କରିବାକୁ ଜଳ ସମ୍ପଦ, ଗ୍ରାମୀଣ ବିକାଶ, ପୂର୍ତ୍ତ, ଗୃହ ଏବଂ ନଗର ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରିତାରେ ପାଣ୍ଠିର ଅଭାବ ରହିବନି ବୋଲି ବିଭାଗଗୁଡ଼ିକୁ ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ ମୀନା ସୁନିଶ୍ଚିତ କରାଇଛନ୍ତି।

## ଏସ୍‌ଆର୍‌ଏମ୍‌ର ସମାବର୍ତ୍ତନ ଉତ୍ସବ

**ନୂଆଦିଲ୍ଲୀ,୩୦।୧୨**

ଏସ୍‌ଆର୍‌ଏମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ୧୬ତମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭର୍ଚୁଆଲ ଭାବେ ଏହା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଇସ୍ରୋ ଅଧ୍ୟକ୍ଷ ଡ. କେ.ଶିବନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଦେଶ ସାମ୍ନା କରୁଥିବା ଚ୍ୟାଲେଞ୍ଜକୁ ନଜରରେ ରଖି ନୂଆ ଉଦ୍ଭାବନ ଦିଗରେ ବ୍ରତୀ ହେବାକୁ ସେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ପ୍ରତ୍ୟେକ ଚ୍ୟାଲେଞ୍ଜ ନୂଆ ଉଦ୍ଭାବନ ଲାଗି ରାସ୍ତା ଖୋଲିବା ସହ ସୁଯୋଗ ସୃଷ୍ଟି କରିଥାଏ ବୋଲି ସେ ତାଙ୍କ ଅଭିଭାଷଣରେ କହିଛନ୍ତି। ସାଇନ୍ସ, ହ୍ୟୁମାନିଟିଜ, ମେଡିସିନ ଆଣ୍ଡ ହେଲ୍‌ଥ ସାଇନ୍ସ, ମ୍ୟାନେଜମେଣ୍ଟ ଷ୍ଟଡିଜ, ଇଞ୍ଜିନିୟରିଂ ଭଳି ବିଭାଗରୁ ପ୍ରାୟ ୧୭ ହଜାର ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଡିଗ୍ରୀ ପ୍ରଦାନ କରାଯାଇଛି। ମୁଖ୍ୟ କ୍ୟାମ୍ପସରେ ଆୟୋଜିତ କାର୍ଯ୍ୟକ୍ରମରେ ୧୨୯ ଜଣଙ୍କୁ ପିଏଚ୍.ଡି. ଡିଗ୍ରୀ ପ୍ରଦାନ କରାଯାଇଛି। ର୍‍ୟାଙ୍କ ଲାଗି ୨୪୪ ଛାତ୍ରୀଛାତ୍ର ମେଡାଲ ପାଇଛନ୍ତି। କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଚାନ୍‌ସେଲର ଟି.ଆର୍.ପରିଭେନ୍ଦର, କୁଳପତି ଡ.ସନ୍ଦୀପ ସାଞ୍ଚେତି, ପ୍ରୋ ଚାନ୍‌ସେଲର ରବି ପଚ୍ଚମଥୋ, ପ୍ରୋ ଚାନ୍‌ସେଲର ପି.ସତ୍ୟନାରାୟଣନ ପ୍ରମୁଖ ଉପସ୍ଥିତ ଥିଲେ।




## ଜାନୁୟାରୀ ୭ ପର୍ଯ୍ୟନ୍ତ ବ୍ରିଟେନକୁ ବିମାନ ବନ୍ଦ

**ନୂଆଦିଲ୍ଲୀ,୩୦।୧୨**

କୋଭିଡ୍-୧୯ ମହାମାରୀର ନୂଆ ଷ୍ଟ୍ରେନ୍ କାରଣରୁ ସରକାର ଆଗୁଆ ପଦକ୍ଷେପ ଗ୍ରହଣ କରୁଛନ୍ତି। ଆସନ୍ତା ଜାନୁୟାରୀ ୭ ତାରିଖ ପର୍ଯ୍ୟନ୍ତ ବ୍ରିଟେନକୁ ବିମାନ ସେବା ବନ୍ଦ କରିଥିବା ସୂଚନା ମିଳିଛି। ବ୍ରିଟେନରୁ ଭାରତ କିମ୍ବା ଭାରତରୁ ବ୍ରିଟେନକୁ ବିମାନ ଆଗାମୀ ନିଷ୍ପତ୍ତି ନ ହେବା ଯାଏ ଆଉ ବିମାନ ବାତିଲ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ କେନ୍ଦ୍ରୀ ମନ୍ତ୍ରୀ ହରଦୀପ ପୁରୀ ଟୁଇଟ୍ କରି କହିଛନ୍ତି, ଭାରତ ଓ ବ୍ରିଟେନ୍ ମଧ୍ୟରେ ଆଉ କିଛି ସମୟ ପାଇଁ ବିମାନ ସେବା ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତିକୁ ଅସ୍ଥାୟୀ ଭାବେ ୭ ଜାନୁୟାରୀ ୨୦୨୧ ପର୍ଯ୍ୟନ୍ତ ବଳବତ୍ତର ରଖିବାକୁ ଘୋଷଣା କରାଯାଇଛି।

## ଉତ୍କଳ ଅଟୋମୋବାଇଲରେ ନୂଆ ଯାନ ଉନ୍ମୋଚନ



**ଭୁବନେଶ୍ୱର,୩୦।୧୨**

ଉତ୍କଳ ଅଟୋମୋବାଇଲ ପକ୍ଷରୁ ଭୁବନେଶ୍ୱର ଓ କଟକ ଶୋ'ରୁମ୍‌ରେ ୩-ଚକିଆ ବିଏସ୍-୬ ଯାନ ଆଲ୍‌ଫା ଲୋଡ୍ ଓ ଆଲ୍‌ଫା ପାସେଞ୍ଜର ମଡେଲକୁ ଉନ୍ମୋଚନ କରାଯାଇଛି। ଏହି ଅବସରରେ ଉତ୍କଳ ଅଟୋମୋବାଇଲ ଏସ୍‌ସିଭି ହେଡ୍ ରବିଶଙ୍କର ସାହୁ ଉପସ୍ଥିତ ଗ୍ରାହକଙ୍କୁ ଆଲ୍‌ଫା ପାସେଞ୍ଜର ଗାଡି ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଛନ୍ତି, ଏହା ଅଧିକ ପାୱାର ସହ ଅଧିକ ସ୍ଥାନ ଏବଂ ଯାତ୍ରୀମାନଙ୍କୁ ଆରାମ ଦେଇପାରିବ। ଏହା ସଙ୍ଗେ ସଙ୍ଗେ ଅଧିକ ଲୋକଙ୍କୁ ଅଧିକ ରୋଜଗାର କରିବାର ସୁଯୋଗ ମଧ୍ୟ ଏହି ମଡେଲ ପ୍ରଦାନ କରିପାରିବେ। ସେହିଭଳି ଆଲ୍‌ଫା ଲୋଡ୍ ଗାଡିରେ ନୂଆ ଟେକ୍ନୋଲୋଜି ଏବଂ ଉନ୍ନତ ଇଞ୍ଜିନ ସହିତ ଏହାର ରକ୍ଷଣାବେକ୍ଷଣ ଖର୍ଚ୍ଚ ବହୁତ କମ୍ ରହିଥାଏ ବୋଲ ସାହୁ ଗ୍ରାହକଙ୍କୁ ସୂଚନା ଦେଇଥିଲେ। ଏହି ନୂଆ ଗାଡ଼ିର ଉନ୍ମୋଚନ ଅବସରରେ କମର୍ସିଆଲ ସେଲ୍‌ସ ହେଡ୍ ପ୍ରସନ୍ନ ମଲ୍ଲିକ, ଏସ୍‌ସିଭି ସେଲ୍‌ସ ମ୍ୟାନେଜର ଜ୍ଞାନେନ୍ଦ୍ର ମହାନ୍ତି, ଅଫ୍ କଣ୍ଟି ପ୍ରଦୀପ ପ୍ରଧାନ ଏବଂ ବରିଷ୍ଠ ଏକଜିକ୍ୟୁଟିଭ ରବିନ୍ଦ୍ର ଭାରତୀ ପ୍ରମୁଖ ଉପସ୍ଥିତି ଥିଲେ।

**ଖେଳ ଖବର**

# ନ୍ୟୁଜିଲାଣ୍ଡର ବୃହତ୍ ବିଜୟ

**ମାଉଣ୍ଟ ମାଉନ୍‌ଗାନୁଇ,୩୦।୧୨(ଏପି)**

ସ୍ଥାନୀୟ ବେ ଓଭାଲ ଗ୍ରାଉଣ୍ଡରେ ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚରେ ଘରୋଇ ନ୍ୟୁଜିଲାଣ୍ଡ ୧୦୧ ରନରେ ବିଜୟ ହାସଲ କରିଛି। ଦୁଇ ମ୍ୟାଚବିଶିଷ୍ଟ ସିରିଜ୍‌ରେ ନ୍ୟୁଜିଲାଣ୍ଡ ୧-୦ରେ ଅଗ୍ରଣୀ ହାସଲ କରିଛି। ପ୍ରଥମ ଇନିଂସର ୧୨୯ ରନର ଶତକୀୟ ଇନିଂସ ଖେଳିଥିବା ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ ପ୍ଲେୟାର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

**ପ୍ରଥମ ଟେଷ୍ଟ**

ପ୍ରଥମ ଇନିଂସରେ ୧୯୨ ରନର ଅଗ୍ରଣୀ ହାସଲ କରିଥିବା ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସରେ ୪୫.୩ ଓଭରରେ ୫ ଉଇକେଟ ହରାଇ ୧୮୦ ରନକରି ପାଳି ଘୋଷଣା କରିଥିଲା। ଫଳରେ ପାକିସ୍ତାନ ସମ୍ମୁଖରେ ୩୭୩ ରନର ଟାର୍ଗେଟ୍ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ପାକିସ୍ତାନ ବୁଧବାର ପଞ୍ଚମ ଦିନରେ ୧୨୩.୩ ଓଭରରେ ୨୭୧ ରନ କରି ଅଲ୍‌ଆଉଟ ହୋଇଥିଲା ଓ ବୃହତ୍ ୧୦୧ ରନରେ ପରାସ୍ତ ହୋଇଥିଲା।

ଚତୁର୍ଥ ଦିବସର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୭୧/୩ରୁ ପାକିସ୍ତାନ ଖେଳ ଆରମ୍ଭ କରିଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ଆଝାର ଅଲୀ ୩୪ ରନରୁ ଖେଳ ଆରମ୍ଭ କରି ୩୮ ରନରେ ଟ୍ରେଣ୍ଟ ବୋଲ୍ଟଙ୍କ ଦ୍ୱାରା ଆଉଟ ହୋଇଥିଲେ। ସେହିପରି ଓ ଫୱାଦ ଆଲମ ୨୧ରୁ ଖେଳ ଆରମ୍ଭ କରି ଲଢୁଆ ପ୍ରଦର୍ଶନ କରିବା ସହ ୧୦୨ ରନର ଶତକୀୟ ପାଳି ଖେଳିଥିଲେ ଓ କ୍ୟାରିୟର ଦ୍ୱିତୀୟ ଟେଷ୍ଟ ଶତକ ହାସଲ କରିଥିଲେ। ଅଧିନାୟକ ତଥା ଉଇକେଟ କିପର ବ୍ୟାଟ୍ସମ୍ୟାନ ମହମ୍ମଦ ରିଜୱାନ ୬୦ ଓ ଫହିମ ଆଶ୍ରଫ୍ ୧୯ ରନ ସଂଗ୍ରହ କରିଥିବା ବେଳ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ପକ୍ଷରୁ ଟିମ୍ ସୌଦି, ଟ୍ରେଣ୍ଟ ବୋଲ୍ଟ, କାଏଲ ଜେମିଶନ, ନିଲ ୱାଗନର ଓ ମିଚେଲ ସାଣ୍ଟନର ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ବିଜୟରେ ଉଲ୍ଲସିତ ନ୍ୟୁଜିଲାଣ୍ଡ ଦଳ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୧୫୫ ଓଭରରେ ୪୩୧ ଅଲଆଉଟ। ପାକିସ୍ତାନ ପ୍ରଥମ ଇନିଂସ: ୧୦୨.୨ ଓଭରରେ ୨୩୯ ଆଲଆଉଟ। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ: ୪୫.୩ ଓଭରରେ ୧୮୦/୫ ଇନିଂସ ଘୋଷଣା। ପାକିସ୍ତାନ ଦ୍ୱିତୀୟ ଇନିଂସ: ୧୨୩.୩ ଓଭରରେ ୨୭୧ ଅଲଆଉଟ (ଫୱାଦ ଆଲମ- ୧୦୨, ମହମ୍ମଦ ରିଜୱାନ- ୬୦, ଆଝାର ଅଲି- ୩୮, ଫହିମ ଆଶ୍ରଫ୍-୧୯, ସୌଦି- ୨/୩୩, ବୋଲ୍ଟ- ୨/୭୨, ଜେମିସନ-୨/୩୫, ସାଣ୍ଟନର ୨/୫୨)।

## ସହଜ ଡ୍ର'ରେ ସିନ୍ଧୁ, ସାଇନାଙ୍କ ପାଇଁ କଷ୍ଟସାଧ୍ୟ

**ନୂଆଦିଲ୍ଲୀ, ୩୦।୧୨(ପି.ଟି.)**

କୋଭିଡ-୧୯ ମହାମାରୀ ପାଇଁ ପାଖାପାଖି ୧୦ ମାସର ବ୍ରେକ୍ ପରେ ଭାରତର ଦୁଇ ତାରକା ମହିଳା ଖେଳାଳି ପି.ଭି. ସିନ୍ଧୁ ଓ ସାଇନା ନେହ୍ୱାଲ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନକୁ ଫେରିବାକୁ ଯାଉଛନ୍ତି। ଥାଇଲାଣ୍ଡରେ ହେବାକୁ ଯାଉଥିବା ଟୁର୍ନାମେଣ୍ଟ ପାଇଁ ସିନ୍ଧୁ ସହଜ ଡ୍ର'ରେ ସ୍ଥାନ ପାଇଛନ୍ତି। ମାତ୍ର ସାଇନାଙ୍କୁ କଷ୍ଟସାଧ୍ୟ ଡ୍ର' ମିଳିଛି। ଗତ ମାର୍ଚ୍ଚରେ ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍ ପରେ ବ୍ୟାଡ୍‌ମିଣ୍ଟନ ଇଭେଣ୍ଟଗୁଡ଼ିକୁ ସ୍ଥଗିତ ରଖାଯାଇଥିଲା। ଏହାପରେ ନିକଟରେ ହୋଇଥିବା ୨ଟି ଇଭେଣ୍ଟ ଡେନମାର୍କ ଓପନ ସୁପର ୭୫୦ ଓ ସାର୍ଲୋର୍ଲକ୍ସ ସୁପର ୧୦୦ରେ ସିନ୍ଧୁ ଓ ସାଇନା ଖେଳି ନ ଥିଲେ। ଆଗାମୀ ବର୍ଷ ପ୍ରାରମ୍ଭରେ ଦୁଇଟି ସୁପର ୧୦୦୦ ଇଭେଣ୍ଟ ଉପରେ ସମସ୍ତଙ୍କ ନଜର ରହିଛି। ଜାନୁୟାରୀ ୧୨ରୁ ୧୭ ୟୋନେକ୍ସ ଥାଇଲାଣ୍ଡ ଓପନ ଏବଂ ୧୯ରୁ ୨୪ ଟୋୟୋଟା ଥାଇଲାଣ୍ଡ ଓପନ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ବିଶ୍ୱର ଶ୍ରେଷ୍ଠ ଖେଳାଳିମାନେ ଭାଗ ନେବେ। ବିଶ୍ୱ ଚାମ୍ପିୟନ ୬ଷ୍ଠ ସିଡ୍ ସିନ୍ଧୁ ନିଜ ପ୍ରଥମ ମ୍ୟାଚରେ ଡେନ୍‌ମାର୍କର ମିଆ ବ୍ଲିକ୍‌ଫିଲ୍ଡଙ୍କୁ ଭେଟିବେ। ମାତ୍ର ନିକଟରେ କୋଭିଡ୍-୧୯ରୁ ସୁସ୍ଥ ହୋଇଥିବା ସାଇନା ଜାପାନର ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ନୋଜୋମି ଓକୁହାରାଙ୍କ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବେ। ଓକୁହାରା ତୃତୀୟ ସିଡ୍‌ର ମାନ୍ୟତା ପାଇଛନ୍ତି।

ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରି ସାରିଥିବା ସିନ୍ଧୁ ପରବର୍ତ୍ତୀ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରେ ଥାଇଲାଣ୍ଡର ବୁସାନାନ ଓଙ୍ଗବାମ୍ରୁଙ୍ଗପାନଙ୍କୁ ଭେଟିବେ। ସିନ୍ଧୁ ଗତ ୨ ମାସଧରି ଲଣ୍ଡନରେ ଟ୍ରେନିଂ ନେଉଛନ୍ତି। ସେହିପରି ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ୍ ମେଡାଲିଷ୍ଟ ସାଇନା ଥାଇଲାଣ୍ଡର ତାରକା ଖେଳାଳି ୪ର୍ଥ ସିଡ୍ ରାଚାନୋକ୍ ଇଣ୍ଟାନନଙ୍କ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବେ। ପୁରୁଷ ବିଭାଗରେ ପୂର୍ବତନ ନମ୍ବରୱାନ କିଦାମ୍ବି ଶ୍ରୀକାନ୍ତ, ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନକାରୀ ବି. ସାଇ ପ୍ରଣୀଥ, ଯୁବ ପ୍ରତିଭା ଲକ୍ଷ୍ୟ ସେନ୍‌ଙ୍କ ସମେତ ୭ ଜଣ ଏହି ଟୁର୍ନାମେଣ୍ଟରେ ଖେଳିବେ। ଏହି ଦୁଇଟି ଯାକ ଟୁର୍ନାମେଣ୍ଟରେ ଚାଇନା ଖେଳାଳିମାନେ ଖେଳିପାରିବେ ନାହିଁ। ଚାଇନା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ (ସିବିଏ) ଉଭୟ ଟୁର୍ନାମେଣ୍ଟ ପାଇଁ ଦଳ ପ୍ରତ୍ୟାହାର କରି ନେଇଥିବା ସ୍ପଷ୍ଟ କରାଯାଇଛି।



ପି.ଭି. ସିନ୍ଧୁ ଓ ସାଇନା ନେହ୍ୱାଲ।

**ଥାଇଲାଣ୍ଡ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ**

## ଭାରତ ଦ୍ୱିତୀୟ ସ୍ଥାନ ବଜାୟ ରଖିଲା

**ଦୁବାଇ,୩୦।୧୨(ପି.ଟି.)**

ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ର୍‍ୟାଙ୍କିଙ୍ଗ୍‌ରେ ଭାରତ ତା'ର ଦ୍ୱିତୀୟ ସ୍ଥାନ ବଜାୟ ରଖିଛି। ମେଲବୋର୍ନରେ ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ବିଜୟୀ ହୋଇ ଭାରତ ଅପରିବର୍ତ୍ତିତ ରହିଛି। ଏଥିସହ ଆସନ୍ତାବର୍ଷ ଆୟୋଜନ ହେବାକୁ ଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଖେଳିବା ଦୌଡ଼ରେ ଭାରତ ତା'ର ସ୍ଥିତି ବଜାୟ ରଖିଛି।

ମେଲବୋର୍ନ ଟେଷ୍ଟରେ ୮ ଉଇକେଟରେ ବିଜୟୀ ହୋଇ ଭାରତ ୩୦ ପଏଣ୍ଟ ହାସଲ କରିଛି। ୭୨.୨ ପଏଣ୍ଟ ପ୍ରତିଶତ ବା ପର୍ସେଣ୍ଟେଜ ଅଫ୍ ପଏଣ୍ଟ (ପିସିଟି) ସହ ଭାରତ ମୋଟ ୩୯୦ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପଟେ ବକ୍ସିଂ ଡେ'ରେ ପରାସ୍ତ ହୋଇଥିଲେ ମଧ୍ୟ ଅଷ୍ଟ୍ରେଲିଆ ପୂର୍ବପରି ଶୀର୍ଷ ସ୍ଥାନରେ ରହିଛି। ଏହି ମ୍ୟାଚ୍‌ରେ ସ୍ଲୋ ଓଭର ରେଟ ପାଇଁ ଅଷ୍ଟ୍ରେଲିଆ ଦଣ୍ଡିତ ହୋଇଥିଲା। ଅଷ୍ଟ୍ରେଲିଆ ୭୬.୬ ପିସିଟି ସହ ୩୨୨ ପଏଣ୍ଟ ପାଇଛି। ସେହିପରି ବୁଧବାର ପାକିସ୍ତାନକୁ ପ୍ରଥମ ଟେଷ୍ଟରେ ହରାଇ ୬୦ ପଏଣ୍ଟ ହାସଲ କରିଥିଲେ ମଧ୍ୟ ନ୍ୟୁଜିଲାଣ୍ଡ ତୃତୀୟ ସ୍ଥାନରେ ରହିଛି। ନ୍ୟୁଜିଲାଣ୍ଡ ମୋଟ ଉପରେ ୩୬୦ ପଏଣ୍ଟ ପାଇଛି ଓ ତା'ର ୬୬.୭ ପିସିଟି ରହିଛି। ଏଥି ସହିତ ନ୍ୟୁଜିଲାଣ୍ଡ ଫାଇନାଲ ଦୌଡ଼ରେ ମଧ୍ୟ ତା'ର ସ୍ଥିତି ବଜାୟ ରଖିଛି। ସେହିପରି ର୍‍ୟାଙ୍କିଙ୍ଗ୍‌ରେ ଇଂଲଣ୍ଡ ଚତୁର୍ଥ ଓ ପାକିସ୍ତାନ ପଞ୍ଚମ ସ୍ଥାନରେ ରହିଛି।

ଚାମ୍ପିୟନଶିପ୍ ଶେଷ ହେବା ପରେ ପଏଣ୍ଟ ପ୍ରତିଶତ ପିସିଟି ଦୃଷ୍ଟିକୋଣରୁ ଶୀର୍ଷରେ ଥିବା ଦୁଇ ଦଳ ଫାଇନାଲ ଖେଳିବେ। ଲିଗ୍‌ର ପ୍ରତ୍ୟେକ ସିରିଜରେ ୧୨୦ ପଏଣ୍ଟ ଉପଲବ୍ଧ ହୋଇପାରିବ। ସିରିଜ୍‌ରେ ସାମିଲ ଥିବା ମ୍ୟାଚ୍ ସଂଖ୍ୟାକୁ ଦୃଷ୍ଟିରେ ରଖି ପଏଣ୍ଟ ଭାଗ ହେବ। ତେଣୁ ୨ ମ୍ୟାଚବିଶିଷ୍ଟ ସିରିଜରେ ଗୋଟିଏ ବିଜୟ ହାସଲ କଲେ ୬୦ ପଏଣ୍ଟ ମିଳିବ। ସେହିପରି ୫ ମ୍ୟାଚବିଶିଷ୍ଟ ସିରିଜରେ ମ୍ୟାଚ ପିଛା ୨୪ ପଏଣ୍ଟ ଉପଲବ୍ଧ ହେବ।

ଭାରତ ସର୍ବାଧିକ ପଏଣ୍ଟ ହାସଲ କରିଥିଲେ ମଧ୍ୟ ଦ୍ୱିତୀୟ ସ୍ଥାନରେ ରହିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ।




ଭାରତୀୟ ହକି ଅଧିନାୟିକା ରାଣୀ ରାମପାଲ।

## ଆର୍ଜେଣ୍ଟିନା ଗସ୍ତରେ ଯିବ ଭାରତ

**ମହିଳା ହକି**

**ନୂଆଦିଲ୍ଲୀ,୩୦।୧୨(ପି.ଟି.):** ଖୁବ୍‌ଶୀଘ୍ର ଭାରତୀୟ ମହିଳା ହକି ଦଳ ଅନ୍ତର୍ଜାତୀୟ ପ୍ରତିଯୋଗିତାକୁ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛି। ଜାନୁୟାରୀରେ ମହିଳା ଦଳ ଆର୍ଜେଣ୍ଟିନା ଟୁର କରିବ। ଏଥିସହିତ ଭାରତୀୟ ମହିଳା ଦଳ ଅନ୍ତର୍ଜାତୀୟ ପ୍ରତିଯୋଗିତାକୁ ଫେରିବା ନିଶ୍ଚିତ ହୋଇଛି। କୋଭିଡ୍-୧୯ ମହାମାରୀ କାରଣରୁ ସାରା ବିଶ୍ୱରେ ହକି ପ୍ରତିଯୋଗିତା ଗୁରୁତରଭାବେ ପ୍ରଭାବିତ ହେବା ସହ ବନ୍ଦ ରହିଥିଲା। ୨୫ ଜଣ ଖେଳାଳିଙ୍କୁ ନେଇ ଏକ କୋର୍ ଗ୍ରୁପ୍ ଓ ୭ଜଣ ସପୋର୍ଟ ଷ୍ଟାଫ୍ ଜାନୁୟାରୀ ୩ ତାରିଖରେ ଭାରତୀୟ ଦଳ ନୂଆଦିଲ୍ଲୀରୁ ଆର୍ଜେଣ୍ଟିନା ଯାତ୍ରା କରିବ। ଆର୍ଜେଣ୍ଟିନା ବିପକ୍ଷରେ ଭାରତ ୮ଟି ମ୍ୟାଚ ଖେଳିବ ଓ ୧୭ ତାରିଖରୁ ଏହି ସିରିଜ ଆରମ୍ଭ ହେବ। ୨୦୨୧ରେ ଟୋକିଓ ଅଲିମ୍ପିକ୍ସ ଆରମ୍ଭ ହେବ। ଏହି ମେଗା ଇଭେଣ୍ଟ ଆରମ୍ଭ ହେବାକୁ ଆଉ ପାଖାପାଖି ୨୦୦ ଦିନ ରହିଛି। ତେଣୁ ଆର୍ଜେଣ୍ଟିନା ଭଳି ଶକ୍ତିଶାଳୀ ଦଳ ସହ ଖେଳିବା ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ ବୋଲି ଭାରତୀୟ ଅଧିନାୟିକା ରାନୀ ରାମପାଲ କହିଛନ୍ତି। ଏହି ଗସ୍ତ ନେଇ ସାରା ଦଳ ବେଶ୍ ଉତ୍ସାହିତ ରହିଛି। ବେଙ୍ଗାଲୁରୁରେ ଦୀର୍ଘ ୫ ମାସଧରି ଜାତୀୟ କ୍ୟାମ୍ପରେ ରହିଥିଲୁ। ଏବେ ଏହି ଗସ୍ତରେ ଆମକୁ ଏକ୍ସପୋଜର ମିଳିବ ବୋଲି ସେ କହିଛନ୍ତି। ୨୦୨୦ ଜାନୁୟାରୀରେ ଭାରତ ଶେଷଥର ପାଇଁ ଅନ୍ତର୍ଜାତୀୟ ଗସ୍ତ କରିଥିଲା। ନ୍ୟୁଜିଲାଣ୍ଡ ଟୁରରେ ଯାଇ ଭାରତ ୫ ମ୍ୟାଚବିଶିଷ୍ଟ ସିରିଜ ଖେଳିଥିଲା। ଉଭୟ ନ୍ୟୁଜିଲାଣ୍ଡ ଓ ଗ୍ରେଟ ବ୍ରିଟେନ ବିପକ୍ଷ ମ୍ୟାଚ ଖେଳି ୩ଟିରେ ବିଜୟୀ ହୋଇଥିଲା। ପାଖାପାଖି ଗୋଟିଏ ବର୍ଷ ପରେ ଆମେ ପୁଣି ଥରେ ଅନ୍ତର୍ଜାତୀୟ ହକି ମ୍ୟାଚ ଖେଳିବାକୁ ଯାଉଛି। ତେଣୁ ଏହା ନିଶ୍ଚିତ ଭାବେ ଖୁସିର ବିଷୟ। ଅଲିମ୍ପିକ୍ସ ପ୍ରସ୍ତୁତିରେ ଏହି ଗସ୍ତ ସହାୟ ହେବ ବୋଲି ମୁଖ୍ୟ କୋଏର୍ଡ ମାରିଜନେ କହିଛନ୍ତି। ହକି ଇଣ୍ଡିଆ ଓ ଆର୍ଜେଣ୍ଟିନାର ଜାତୀୟ ଆସୋସିଏଶନ ଏହି ସିରିଜ ପାଇଁ ବାୟୋ ବବଲ ପ୍ରସ୍ତୁତ କରିବାକୁ ଯୋଜନା କରିଛନ୍ତି।

# କବିତାର ଗତିଧର୍ମ ଓ କବି ଦୁର୍ଗାଚରଣ







କବି ଦୁର୍ଗାଚରଣ ପରିଡ଼ାଙ୍କ ଜନ୍ମ ୨୫ ଜୁଲାଇ ୧୯୨୯ରେ, ନିଆଳିର ବାହାରଣା ଗାଁରେ। ପିତା ରଘୁନାଥ ପରିଡ଼ା ଓ ମାତା ମଲ୍ଲିକା ଦେବୀ। ୧୯୫୭ରେ ଓଡ଼ିଶା ପ୍ରଶାସନିକ ସେବାରେ ଯୋଗଦାନ ଓ ୧୯୮୯ରେ ଅବସର। ସଂକ୍ଷିପ୍ତ ଓ ଗତିତୀବ୍ର କବିତାର ଅନ୍ୟତମ ଧାରା-ପ୍ରବର୍ତ୍ତକ ଏହି କବି ଯଦିଓ ଦୁଇ ଶତାଧିକ ବା ତଦୂର୍ଦ୍ଧ୍ୱ କବିତାର ସ୍ରଷ୍ଟା, କିନ୍ତୁ ସେ ସବୁକୁ ଗ୍ରନ୍ଥାୟିତ କରିବାରେ ସେ କାହିଁକି ଯେ ଥିଲେ ଅମନଯୋଗୀ, ତାହା ବୁଝିବା କଷ୍ଟସାଧ। 'ଇନ୍ଦ୍ରଧନୁ'(୧୯୬୧) ଓ 'ରାଗ ଯୋଗେଶ୍ୱରୀ'(୨୦୧୫) ହେଉଛି ପ୍ରକାଶିତ ତାଙ୍କର ଦୁଇଟି କାଳଜୟୀ କବିତାଗ୍ରନ୍ଥ। ଅନ୍ୟ ବହୁ ପୁରସ୍କାର ସହ ୨୦୧୩ରେ 'ଅଭିମନ୍ୟୁ ସ୍ମୃତି ସଂସଦ' ଓ ୨୦୧୮ରେ 'ଓଡ଼ିଆ ଗବେଷଣା ପରିଷଦ' ଦ୍ୱାରା ସମ୍ମାନିତ ଏହି ମହାନ୍ କବି ୨୧ ଡିସେମ୍ବର, ୨୦୨୦ରେ ପ୍ରୟାତ।






ପ୍ରଦକ୍ଷିଣ

"ଆଧୁନିକ କେତେକ ଓଡ଼ିଆ କବିତାରେ ସାମାଜିକ ଜୀବନର ପ୍ରତିଛବି ଦେଖିବାକୁ ମିଳିଲେ ବି ଆନ୍ତରିକତା ଓ 'ସତ୍ୟ' ପ୍ରତି ବିଶ୍ୱସ୍ତତାର ଅଭାବ ଲକ୍ଷିତ ହେଉଚି। ବାସ୍ତବତାକୁ ଉପଲବ୍ଧି କରିବାକୁ ହେଲେ ମର୍ମର ପ୍ରାସାଦରୁ ଖସି ଆସିବାକୁ ହେବ ତଳକୁ। ସଂଗ୍ରାମର ଚିତ୍ର ଦେବା ପୂର୍ବରୁ ସୈନିକ ଜୀବନର କ୍ଷତ ଅଙ୍ଗରେ ବହିଥିବା ଦରକାର। x x କବିତାକୁ ଜନପ୍ରିୟ କରିବାକୁ ହେଲେ ଆମର ଐତିହ୍ୟ ପ୍ରତି ଆମକୁ ଅବହିତ ହେବାକୁ ପଡ଼ିବ। ପଡ଼ୋଶୀ ସାହିତ୍ୟ ଓ ଭାଷାର ଅବାଞ୍ଛନୀୟ ପ୍ରଭାବରୁ ମୁକ୍ତ ରହି ସ୍ୱୀୟ ସ୍ୱାତନ୍ତ୍ୟ ବଜାୟ ରଖିବାକୁ ହେବ। x x ଭାବ ଓ ପ୍ରକାଶଭଙ୍ଗୀ ଉଭୟ ଦିଗରୁ ନୂତନ ନୂତନ ପରୀକ୍ଷାନିରୀକ୍ଷା ଚଳେଇ କବିତାକୁ ଗତିଧର୍ମୀ କରିବାକୁ ପଡ଼ିବ। ପ୍ରାଦେଶିକ ସାହିତ୍ୟ ତଥା ବିଶ୍ୱ-ସାହିତ୍ୟକୁ ଆଖି ଆଗରେ ରଖି ଆମକୁ ଗତି କରିବାକୁ ହେବ।"

ଉପର ଉଦ୍ଧୃତ ବକ୍ତବ୍ୟଟି ଥିଲା 'କବିତା' ପତ୍ରିକାର ପ୍ରଥମ ବର୍ଷ, ପ୍ରଥମ ସଂଖ୍ୟା ସମ୍ପାଦକୀୟର ଅଂଶବିଶେଷ, ଯେଉଁ ପତ୍ରିକାର ସମ୍ପାଦନା କରିଥିଲେ ମିଳିତ ଭାବେ କବି ଦୁର୍ଗାଚରଣ ପରିଡ଼ା ଓ କୃଷ୍ଣଚରଣ ବେହେରା। ଏହି ସଂଖ୍ୟା ପ୍ରକାଶ ପାଇଥିଲା କଲିକତାର 'ଅଗ୍ରଣୀ ପ୍ରେସ୍'ରୁ ହୃଦାନନ୍ଦ ମଲ୍ଲିକଙ୍କ ପରିଚାଳନାରେ, ୧୯୫୩ ମସିହା ଶରତ ଋତୁରେ। ପ୍ରଥମ ସଂଖ୍ୟା 'କବିତା'ର ସମ୍ପାଦକୀୟଟି ଲେଖିଥିଲେ ଦୁର୍ଗାଚରଣ, ଯେଉଁଥିରେ ତାଙ୍କର ସ୍ପଷ୍ଟ ମତ ଥିଲା ଯେ କବିତା ସମକାଳର ସମାଜ ଓ ଜନଜୀବନ ପ୍ରତି ଅବଧାରିତ ଭାବେ ରହିବ ବିଶ୍ୱସ୍ତ ଓ ଭାବ ତଥା ପ୍ରକାଶଭଙ୍ଗୀ ଦୃଷ୍ଟିରୁ ନୂତନ ପରୀକ୍ଷାନିରୀକ୍ଷା ଚଳେଇ ହେବ ଗତିଧର୍ମା। ଯେତେ ମହନୀୟ ହେଉପଛେ କବିତାର ପ୍ରସଙ୍ଗ, ତାହା ଯଦି ଗତିଶିଥିଳ- ତହିଁରୁ ବାଟଭାଙ୍ଗି ଚାଲିଯିବେ ପାଠକ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ଉଚ୍ଚ ଇଂରେଜୀ ଶିକ୍ଷିତ ଯେଉଁ କବିଗୋଷ୍ଠୀର ସହସା ଆବିର୍ଭାବ ଘଟିଲା ଓଡ଼ିଆ କବିତାରେ, ତାହା ଐତିହ୍ୟ-ଅନୁଗମନ ଅଭାବରୁ ହୋଇଉଠିଲା ଛିନ୍ନମୂଳ ଓ ଅନେକାଂଶରେ ଅବୋଧ। ଓଡ଼ିଆ କବିତାର ଏହିପରି ଏକ ସନ୍ଧିକ୍ଷଣରେ ଦୁର୍ଗାଚରଣ ଓ କୃଷ୍ଣଚରଣ କର୍ତ୍ତୃକ ଶାନ୍ତିନିକେତନରୁ ସମ୍ପାଦିତ 'କବିତା' ପତ୍ରିକା କବିତାର ଏକ ସ୍ୱଚ୍ଛ ଭାବମୂର୍ତ୍ତି ପାଇଁ ପ୍ରତିବଦ୍ଧ ହୋଇଉଠିଲା। କହିବାବାହୁଲ୍ୟ, ସୁବୋଧ ଓ ସଂକ୍ଷିପ୍ତ ଅନ୍ତଃଚେତନାର କବିତା ଲେଖି ଯେଉଁ ମୁଷ୍ଟିମେୟ କବି ଏହି ସମୟଖଣ୍ଡରେ କ୍ୱଳମାନ ବର୍ତ୍ତିକାତୁଲ୍ୟ ହୋଇଉଠିଲେ, ସେମାନଙ୍କ ମଧ୍ୟରେ ଦୁର୍ଗାଚରଣ ଥିଲେ ଅନ୍ୟତମ।

'ଇନ୍ଦ୍ରଧନୁ' ଓ 'ରାଗ ଯୋଗେଶ୍ୱରୀ' ଭଳି କବିତାଗ୍ରନ୍ଥର ସେ ଥିଲେ ବିରଳ ସ୍ରଷ୍ଟା। ଜୀବନ ଓ ଯୌବନର ଯେଉଁ ଦୁର୍ବାର ଉପାସନା ତାଙ୍କ କବିତାରେ, ତା'ର ସମାନ୍ତରାଳ କେବଳ ଓଡ଼ିଆ କବିତାରେ ନୁହେଁ, ଭାରତୀୟ କବିତାରେ ମଧ୍ୟ ଦୁର୍ଲଭ। କବିଙ୍କୁ ଯେତେବେଳେ ବୟସ ମାତ୍ର ୧୭ବର୍ଷ, ତାଙ୍କର ପ୍ରଥମ କବିତା ପ୍ରକାଶ ପାଇଥିଲା ଜଳନ୍ଧରଦେବଙ୍କ ସମ୍ପାଦିତ 'ଶଙ୍ଖ' ପତ୍ରିକାରେ, ୧୯୪୬ ମସିହା ଡିସେମ୍ବରରେ। କବିତାଟିର ଶୀର୍ଷକ ଥିଲା 'ପିତୃଭକ୍ତି'। ମେ ୧୯୪୭ରେ ସେଇ 'ଶଙ୍ଖ'ରେ ପ୍ରକାଶ ପାଇଥିଲା ତାଙ୍କର 'ଯାତ୍ରାପଥେ' କବିତା। କବିତାର ଏକ ଅଂଶ ଥିଲା ଏହିପରି: "ପରାଣ ପାତ୍ରୁ ମୋ'/ମଦିରା ସୁରଭିତ/ ହୋଇବ ନିଃଶେଷ ଯେବେ ଗୋ ପ୍ରିୟତମ/ ଯାତ୍ରା ପଥେ ମମ/ ଘେରିବ ଯେବେ ପ୍ରିୟେ/ ଶ୍ରାବଣ ଅମାର ଶାଣିତ ଅନ୍ଧାର/ ସେତିକିବେଳେ ସଖି,/ ବୁକେ ମୋ' ମଥା ରଖି ;/ ଅନାଇ ଅଶ୍ରୁଳ ନୟନ ମୋର ବାରେ/ ପାରିବ କି ଗୋ କହି/ ସଖ୍ୟ ତମ ସଖି ;/ ଜୀବନେ କେବେହେଲେ ନାହିଁ ମୁଁ ତେଜିପାରେ।" କବିଙ୍କ ସ୍ୱ-ସ୍ୱୀକାରୋକ୍ତି ('ଅନ୍ତର-ଅନ୍ତରାଳ'- 'ଉଦ୍‌ଭାସ', ଏପ୍ରିଲ ୨୦୦୫)କୁ ଯଦି ବିଶ୍ୱାସକୁ ନିଆଯାଏ, ତେବେ ବୁଝିବାକୁ ହେବ ଯେ ଯେତେବେଳେ ସେ ମାନସିଂହଙ୍କୁ ପଢ଼ି ନ ଥିଲେ, ସେତେବେଳେ ଲେଖିଥିଲେ ତାଙ୍କର ଏ କବିତାଟିକୁ, ଯହିଁରେ ଥିଲା ଗତି-ଉଦ୍ଦାମ ଏକ ପ୍ରବହମାନତା।

ଛନ୍ଦରୁ ଯଦିଓ ଆରମ୍ଭ ହୋଇଛି କବିତାରେ ଦୁର୍ଗାଚରଣଙ୍କ ଶ୍ରୀଗଣେଶ, କିନ୍ତୁ ଧୀରେଧୀରେ ସେ ଓଡ଼ିଆ କବିତାକୁ ତା'ର ଚିରାଚରିତ ଧାରାରୁ ମୁକୁଳାଇ କରିଛନ୍ତି ଗଦ୍ୟମୁଖୀ, ଯେଉଁ ଗଦ୍ୟ ଗଭୀର ଅନୁଭବରେ ଅନ୍ତଃସଲିଳା। ଯଥା ତାଙ୍କର 'ତ୍ରୟୀ' କବିତା। କବିତାଟି ଏହିପରି- "୧. ଦୁର୍ମଦ ନଦୀର ଘୂର୍ଣ୍ଣି ଭିତରେ ଝାମ୍ପଦିଏ ଗୋଟିଏ ଫୁଲ,/ ଗୋଟିଏ ସତେଜ ଫୁଲ, ସେ ଫୁଲ ସାହସର। ୨. ଉନ୍ମତ୍ତ ଝଡ଼ର ଓଠ ଚୁମ୍ବନ କରେ ଗୋଟିଏ ପତ୍ର,/ ଗୋଟିଏ ସବୁଜ ପତ୍ର, ସେ ପତ୍ର ପ୍ରତ୍ୟୟର। ୩. ଅନ୍ଧକାରର ବଲ୍ଲରୀ ଧରେ ଗୋଟିଏ କଳି,/ ସେ କଳି ଆଲୋକର।" କବିତାଟି ନାରୀକୈନ୍ଦ୍ରିକ, କିନ୍ତୁ କେବଳ ନାରୀରେ ତା'ର ଚେତନା-ଚକ୍ର ସୀମିତ କି? କାଳଠୁଁ ଆରମ୍ଭ କରି କାଳାତୀତ- କାହିଁ କେତେ କଥା ଆସି ଏଥିରେ ସମନ୍ୱିତ। ଅତି କଞ୍ଚା ଉପାଦାନରୁ ପରିପକ୍ୱ କବିତା ଫଳେଇବାର କଳା ଦୁର୍ଗାଚରଣଙ୍କୁ ବେଶ୍ ଜଣା। ଅନ୍ୟଠି ଆଖି ରଖି ବି କବିତାରେ ସେ ସବୁବେଳେ ନିଜ ପରି।

'ଝଙ୍କାର'ରେ ପ୍ରକାଶିତ ତାଙ୍କର 'ବଧୂ' କବିତା ଚିହ୍ନେଇଦିଏ ସେଇ ଦୁର୍ଗାଚରଣଙ୍କୁ, ଯିଏ ଦୈହିକତାକୁ ଦିଅନ୍ତି ଆଧ୍ୟାତ୍ମିକତାର ପରିଣତି। କବିତାର ଦୁଇଟି ସ୍ତର, ପ୍ରଥମଟି କଟୁ-ନଗ୍ନ ଜାଗତିକ ସ୍ତର ଓ ଦ୍ୱିତୀୟଟି କାରୁଣ୍ୟ-ଆର୍ଦ୍ର-ଆଧ୍ୟାତ୍ମିକତା। ଅନୁଭୂତିର ଏପରି ଯୁଗପତ୍ ଆରୋହ-ଅବରୋହ କବିଙ୍କ ସମକାଳର ଓଡ଼ିଆ କବିତାରେ ଦୁର୍ଲଭ। ପ୍ରସଙ୍ଗ ଯାହା ହେଉନା କାହିଁକି, ଦୁର୍ଗାଚରଣଙ୍କ କବିତା ନିତ୍ୟ ଗତିନିର୍ଭର। ଗଦ୍ୟ ହେଉ ବା ପଦ୍ୟ- ଯାହାହେଉ ବୟନରୀତି ତାଙ୍କ କବିତାର, ପ୍ରତ୍ୟେକଟି କବିତାରୁ ତାଙ୍କର ଉହୁଙ୍କି ରହିଥାଏ ସ୍ୱର୍ଣୋଦ୍ୟତ ସହସ୍ର-ହସ୍ତ। ତାଙ୍କର ପ୍ରାୟ କବିତାରେ ଥାଏ ଉହ୍ୟ ଏକ ଆଲିଙ୍ଗନର ମୁଦ୍ରା, ନିଚ୍ଛଳ ଏକ ଆବୋରିନେବା। ଚୁମ୍ବନରେ ଯେତିକି ଓଦା ତାଙ୍କ କବିତାର ବର୍ଣ୍ଣମାଳା, ଚନ୍ଦନରେ ବି ସେତିକି ଚର୍ଚ୍ଚିତ। ୧୫ ବର୍ଷ ତଳର ଏକ ସାକ୍ଷାତ୍କାରରେ ସେ ଏହି ମର୍ମରେ କହନ୍ତି: ଯେଉଁ କବିତା ଉଦ୍ଧାର କରେ ଆତ୍ମାକୁ ଅବସାଦରୁ, ତାହା ହିଁ ସବୁକାଳର ଆଧୁନିକ କବିତା। ଚଳତ୍‌ଶକ୍ତି ହିଁ ତା'ର ଆତ୍ମା।

୭ ଏପ୍ରିଲ ୨୦୧୯ରେ 'କୃଷ୍ଣଚରଣ କାବ୍ୟପୁରୁଷ ପୁରସ୍କାର: ୨୦୧୮' ଗ୍ରହଣକାଳୀନ ଭାଷଣରେ ସେ କହିଛନ୍ତି- 'ରୂଢ଼ ବାସ୍ତବତା (Grim Reality) ସହିତ କବି-ସତ୍ତାର ସଂଘାତରୁ ସୃଷ୍ଟିହୁଏ ଯେଉଁ ସମ୍ବେଦନା, ସେଇଥିରୁ ଜାତହୁଏ କବିତା।' 'ସଂଘର୍ଷ' ଗତି-ଦ୍ୟୋତକ, ସୁତରାଂ 'ଗତି' ହିଁ କବିତାର ଶକ୍ତି ଦୁର୍ଗାଚରଣଙ୍କ ବିଚାରରେ। 'ତମସା'ର ବିପକ୍ଷରେ 'ଏକମାତ୍ର ଆଲୋକ' ହିଁ କବିତା- ଏହି ନିର୍ଣ୍ଣୟ ଦେଇ କବି ତାଙ୍କ ବକ୍ତବ୍ୟ ସାରିଛନ୍ତି। ଏଥିରେ ନିହିତ ଇଙ୍ଗିତଟି ହେଲା- କବିତା କଳେବରରେ 'ଶବ୍ଦ', ସ୍ୱରୂପରେ 'ଆଲୋକ'। ଆଲୋକ ଶବ୍ଦଠୁଁ ଦ୍ରୁତତର ହୋଇଥିବାରୁ ମହତ୍ କବିତା ନିରବଧି ଦ୍ରୁତିନିର୍ଭର, ଯେଉଁ କବିତାର ଅନ୍ୟତମ ଛାମୁଆ କବି ଥିଲେ ନିଃସନ୍ଦେହରେ ଦୁର୍ଗାଚରଣ।

ପ୍ରସ୍ତୁତି : ଡ. ହୃଷୀକେଶ ମଲ୍ଲିକ
ମୋ: ୯୮୫୩୨୮୭୭୫୫

## ଦୁଇଟି କବିତା

### ୧॥ ବାରି ଓ ବହ୍ନି

ବିଶ୍ୱାସ କରିବ ?

ଏ କାଳକୁ
ତମେଇ ମହାକାଳ କରିପାରିବ
ଏଇ ମୁହୂର୍ତ୍ତରେ।
କେମିତି ?
କେବଳ ଧାରେ ଲୁହ
ଏବଂ
ଶିଖାଏ ବହ୍ନି ଦେଇ।

### ୨॥ ବ୍ୟବସାୟ

ଏତେ ବଡ଼ ଜୀବନ ପଡ଼ିଚି !
ଟିକିଏ ଭଲପାଇବା ଦେଇଥିଲେ
ମୁଁ କ'ଣ ଶୁଝିପାରି ନ ଥା'ନ୍ତି ?

ତମେ କିନ୍ତୁ ଦେଲନି।
ମୋର ନିରବଧି ଅଶ୍ରୁ ସାଗର ପାଲଟିଗଲା।

ନା,
ବ୍ୟବସାୟ କଥା କହୁନି।
ତମେ ଦେଇଥା'ନ୍ତ,
ମୁଁ ଶୁଝିଥା'ନ୍ତି,
ତମେ ଜାଣିପାରି ନ ଥା'ନ୍ତ
କି
ମୁଁ ଜାଣିପାରି ନ ଥା'ନ୍ତି।

## କବିତା

### କାୟାକଳ୍ପ
ଅୟସ୍କାନ୍ତ

ନପୁଂସକ ନିଦମାନଙ୍କୁ କହିଲି
ତକିଆ ଛାଡ଼ି
ଆଉଥରେ ଶୋଇପଡ଼
ପୁରୁଣା, ଦଣ୍ଡରା ହେଇଗଲାଣି
ଆଉ ବିଷାକ୍ତ ବି
ଏବେ ପୁରୁଷ ସୂକ୍ତ
ହରିଣୀର ଦେହ
ଛେଳି ପରି ନିରୀହ ଆଖିଥିବା
ତରୁଣୀ ଆଡ଼କୁ
ଯାଉଥିବା ପାଶବିକତାକୁ
ଲଗାମ ଦେବାକୁ
ସେମିତି
ଆଖି ବୁଜି ରହ।

ଅଶୁଦ୍ଧ ଭାବନାମାନେ ମରିଯାନ୍ତୁ
ଏ' ପଞ୍ଚଭୂତ ଭିତରେ ବାରମ୍ବାର
ଚେତେଇ ଦିଅନ୍ତୁ ମୋତେ
ମୁଁ ବୁଢ଼ାପା'ର ପାଖାପାଖି
ମୋ' ବିକଳ ଅଙ୍ଗମାନଙ୍କ ଗଣ୍ଡଗୋଳ
ନୀରବ ପାପ, ଦୀର୍ଘଶ୍ୱାସ ବୟସ୍କ
ବୃଥାରେ ଯା' ଚେଷ୍ଟା କରିଚି
ହେବାକୁ ଆଉ ଥରେ ଯୁବକ !
ମୋ: ୮୭୬୩୩୯୩୧୧୬

### ଗୃହିଣୀ
ତପସ୍ୱିନୀ ମିଶ୍ର

ସମୟ ସହ ସଂଯତ ପାଦଶବ୍ଦରେ
ଘଡ଼ି ଓ ତା' ଶବ୍ଦର ଗମ୍ଭୀରତାରେ
ସେ ଗୃହିଣୀଟିଏ
ଦିନରୁ ରାତି ଓ ରାତିରୁ ଦିନ
ଅହରହ ସିଝୁଥାଏ
ଆବୋରିଥିବା ପଣତର ତାତିରେ
ଆୟୁଷ ଖୋଜୁଥାଏ
ପ୍ରେମ ଆଉ ଆପଣାପଣର
ତା' କପ୍‌ର ଉଷୁମ୍ ବାମ୍ଫରେ !!

ଯୁକ୍ତି କରିପାରେନି
ସନ୍ଧି ଭାଙ୍ଗିପାରେନି
ସବୁବେଳେ ସବୁକାଳେ
ଆପଣାଙ୍କୁ ହାରିବା ଭୟରେ
ଉଦାସପଣକୁ ଓଢ଼ଣା ତଳେ ଲୁଚାଇ
ନିଏ ଆଖି ଛଳଛଳରେ
ମନର ବିକଳପଣରେ
ଉପେକ୍ଷାକୁ ଅପେକ୍ଷାର ତରାଜୁରେ।
ଢେର୍ ବାର ତଉଲିଥାଏ
ଶୂନ୍ୟ ଏକ ସମ୍ପର୍କର କୁଟିଳ
ବନ୍ଧନୀରେ।।

ସମ୍ପର୍କ ଯୁଦ୍ଧରେ
କେବେ ଜିତିଛି ମନେନାହିଁ
ସମ୍ପର୍କ ପାଇଁ
କେବେ ସମ୍‌ଝୋତାରେ ହାରେ ନାହିଁ
ଜୀବନର ଦୁଇପାଖକୁ
ଏକାକାର କରୁକରୁ
ସ୍ଥିତି ଓ ତିଥିର ପରିଧି ଭିତରେ
ସେ ଗୃହିଣୀଟିଏ ଅହରହ ସିଝୁଥାଏ।
ସମୟ ସହ ସଂଯତ ପାଦଶବ୍ଦରେ
ଘଡ଼ି ଓ ତା' ଶବ୍ଦର ଗମ୍ଭୀରତାରେ।।

ମୋ: ୮୦୧୮୭୯୭୧୪୭

### ଏମିତି କାହିଁକି ହୁଏ
ମୃତ୍ୟୁଞ୍ଜୟ ବଳ

ତମେ ପାଖରେ ଥିଲେ,
ଖୁଟ୍ ଖାଟ୍, ଛୋଟ ଛୋଟ
କଳି ଲାଗୁଥାଏ।
ଦୂରେଇ ଗଲେ,
ତମ କଥା ଭାବି ଭାବି
ରାତି ପାହିଯାଏ।

ଜାଣିଛ ଯଦି,
ଟିକେ କହିବକି,
ଏମିତି କାହିଁକି ହୁଏ !
-ମଞ୍ଚେଶ୍ୱର, ଭୁବନେଶ୍ୱର

## ପୁସ୍ତକ ପରିଚୟ

### ଭୋକ




**କବି:** ପବିତ୍ର ବ୍ରହ୍ମପୁତ୍ର ନାୟକ
**ପ୍ରକାଶକ:** ବନଫୁଲ ପବ୍ଲିକେଶନ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୧୦୦/-

ମୋଟ ୪୭ଟି କବିତା, ଆକାରରେ ଛୋଟ, କିନ୍ତୁ ଗଢ଼ଣରେ ଏମିତି ନିଦା ଯେ ପାଠକଙ୍କ ମନ ଭିତରେ ଗଛର ଚେର ପରି ଭୁଶିଯାଆନ୍ତି। ସାନସାନ ଅନୁଭୂତି ସାନସାନ କାରିଗରିର ସାଜ ପିନ୍ଧି ତାଙ୍କ କବିତାକୁ ଓହ୍ଲାନ୍ତି। ପାଖଲୋକ ପରି ମନ ଘେନାଇ ଗପନ୍ତି ଜୀବନର ସୁଖଦୁଃଖ, ଘଟଣ ଅଘଟଣ, ଭଲମନ୍ଦ, ଆଉ ଗପିସାରି ଅପସରି ଯାଆନ୍ତି ଯୋଉ ଅକ୍ଷର ଭିତରୁ ଆସିଥିଲେ, ସେଇ ଅକ୍ଷର ଭିତରକୁ। 'ଭୋକ', 'ଦାଦନ', 'ପଥର', 'ପରଚର୍ଚ୍ଚା', 'ନିଃସଙ୍ଗ ବିହଙ୍ଗ', 'ଗାନ୍ଧୀ ନ ଥିଲେ ବୋଲି', 'ନିଆଁ', 'ଡାକ', 'ବାପା', 'ସହର', 'ପ୍ରେମ', 'ଚମ୍ପା ଗାହାଣ', 'କବିର ପ୍ରେମିକା', 'ରାସ୍ତା', 'ତମେ' ଓ 'ନଈ' ଆଦି ବହିର ପ୍ରାୟ କବିତାର ଚାଲ୍‌ଟି ନୂଆ। ଗୋଟେଗୋଟେ ideaକୁ ନେଇ ପବିତ୍ର ଠିଆ କରାନ୍ତି ଗୋଟେଗୋଟେ କବିତା। ତାଙ୍କ କବିତାର ଧାଡ଼ିଗୁଡ଼ିକ ଉପରକୁ ମାମୁଲି, ଭିତରେ କିନ୍ତୁ ଭାରି ରଗ। ଯେପରି- ୧. "ରାସ୍ତାକଡ଼ର ଷ୍ଟ୍ରିଟ୍ ଲାଇଟ୍/ ବଦଳିପାରେ/ ବାପା ବଦଳନ୍ତି ନାହିଁ/ ଆଖିର ଚଷମା ବଦଳିପାରେ/ ବାପା ବଦଳନ୍ତି ନାହିଁ" (ବାପା), ୨. "ତମେ ଜାଣିଛ/ ମୁଁ ଝିଅ/ ହେଲେ ମୁଁ ଜାଣିଛି/ ମୁଁ ପଥର।/ ମୋ' ଦେହକୁ ଯେତେ /ନିଲାମ କରୁଛ କର / ଯେତେ କରୁଛ କର ବୀଭତ୍ସ।" (ପଥର)। ବହିଟିକୁ ଚିହ୍ନରା ପାଠକେ ପସନ୍ଦ କରିବେ, ଆଖି ପାଇବା ଦୂରତାରେ ଅବଶ୍ୟ ରଖିବେ।

### ଦରିଆ ସେପାରି କାହାଣୀ




**ଅନୁବାଦକ:** ଶରତ କୁମାର ରାଉତ
**ପ୍ରକାଶକ:** ଅପୂର୍ବା, ଭୁବନେଶ୍ୱର-୧
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୨୦୦/-

୪୯ଟି ଗଳ୍ପ, ଭାରତ ସମେତ ନାନା ଦେଶର ନାନା ଭାଷାରୁ ଅନୂଦିତ ହୋଇ ଗ୍ରନ୍ଥରେ ସମ୍ମିଳିତ। ହିନ୍ଦୀ, ତେଲୁଗୁ, ଗୁଜୁରାଟୀ, ପଞ୍ଜାବୀ, ସିନ୍ଧୀ ଓ ବଙ୍ଗଳା ବ୍ୟତୀତ ବେଲ୍‌ଜିୟମ୍, ହଙ୍ଗେରୀ, ଫ୍ରାନ୍ସ, ଜର୍ମାନୀ ଓ ସ୍ପେନିଶ୍ ଭାଷାରୁ ଓଡ଼ିଆ ଭାଷାକୁ ଆନୀତ ଗଳ୍ପଗୁଡ଼ିକ, ଯଦିଓ ଅପେକ୍ଷାକୃତ ଭାବେ ଅଧିକ ଗଳ୍ପ ହିନ୍ଦୀରୁ ହିଁ ଅନୂଦିତ। ଗଳ୍ପଗୁଡ଼ିକ ଜୀବନଧର୍ମୀ ଓ ସମାଜର ନାନା ଅବକାଶ ସହ ସମ୍ବନ୍ଧିତ। ଗଳ୍ପର ଭାଷା ସାଧାରଣ ମଣିଷର ଭାଷା, ଯାହା ପାଠିକାପାଠକଙ୍କୁ ଆଚ୍ଛନ୍ନ କରେ ପଢ଼ିବା ଆରମ୍ଭ କଲା ମାତ୍ରେ। ଯଥା- "ଲୋକଟା ପୁଣି ହସିଦେଲା- ଏକ ପରିହାସର ହସ। କିନ୍ତୁ ତା'ର ହସ ଓ ଦାନ୍ତଗୁଡ଼ିକ ଫକିରକୁ ଖୁବ୍ ଭଲ ଲାଗିଲା।" ('ରକ୍ତର ଆଲୋକ'- ପୃ:୯୫) ଏବଂ "ଅନ୍ଧୁଣୀ କହିଲା, 'ମରିବ ତ ମରିବାକୁ ଦିଅ ; ମୁଁ ବି ମରୁଛି। ଆମେ ମା' ପୁଅ ଦୁହେଁ ସ୍ୱର୍ଗରେ ପୁଣି ମିଳିପାରିବୁ। ଏ ଲୋକରେ ସୁଖ ନାହିଁ। ସେଠାରେ ମୋ' ପିଲା ସୁଖରେ ରହିବ।" ('ଭିକାରୁଣୀ'-ପୃ:୧୩୩) ଅନୁବାଦ ପାଇଁ ଚୟିତ ଏହି ଗଳ୍ପଗୁଡ଼ିକରେ ରହିଛି ଉଚ୍ଚ ମାନବିକତାର ଆଦର୍ଶବୋଧ ଓ ସମାଜ-ଗଠନର ସଂସ୍କାରଲିପ୍‌ସା। ପ୍ରଚ୍ଛଦ ପ୍ରତୀକାତ୍ମକ।

## ମିନି ଗଳ୍ପ

### ନୂଆବର୍ଷ
ଅଖିଳେଶ ମହାପାତ୍ର

ସକାଳେ ସୁଲି ମା' ବାଡ଼ିପଟ ଦଦରା କବାଟଟାକୁ ଖୋଲି ଦେଖିଲା। ତା' ବାଡ଼ିପଟ ଆମ୍ବତୋଟାରେ ମାଳମାଳ ଟୋକା ଭୋଜିଭାତରେ ବ୍ୟସ୍ତ। ରୋଷେଇ ଚାଲିଛି। କେତେ ବୋତଲ ଆଉ ପ୍ଲାଷ୍ଟିକ୍ ଗ୍ଲାସ୍ ଗଡୁଛି ଏଣେତେଣେ। ପାଟିରୁ ବାହାରୁଛି କେତେ କଥା...। ସୁଲି



ନୁଆଁଣିଆ ଘରଭିତରୁ ବାହାରି ଆସି କହିଲା- "ମା', ଆମେ ଭୋଜି ଖାଆନ୍ତେନି ? ଆମ ପାଇଁ କ'ଣ ନୂଆବର୍ଷ ନାଇଁ ?" ଏକମାତ୍ର ଷୋଳବର୍ଷୀ ଝିଅ ସୁଲିର କଥା ଶୁଣି ମା' ଆଖିରେ ଲୁହ ଜକେଇ ଆସିଲା। କହିଲା- "ନାଇଁ ଲୋ, ଆମ ପାଇଁ ନୂଆ ପୁରୁଣା ସବୁ ବର୍ଷ ସମାନ। ଆମେ ତ ଗରିବ ଲୋକ। ପର ଘରେ ମୂଲ ଲାଗିଲେ ଚଳିବା। ହଉ, ଗାଁ ପିଲାଙ୍କୁ କହିବି, ତତେ ଡାକିନେଇ ଭୋଜି ଖୁଆଇବେ। ନୂଆବର୍ଷଟା ତ...।"

ସଞ୍ଜକୁ ବାଣ ଫୁଟୁଥାଏ। ମାଇକ୍ ବାଜୁଥାଏ। ଚାରିଆଡ଼େ ଗହଳି। ଗହଳି ଭିତରଦେଇ ବାହାରି ଆସି ସୁଲି ଭୋ' ଭୋ' ହୋଇ କାନ୍ଦି ପକାଇଲା ମା' ଆଗରେ। ସୁଲି ମା' କହିଲା- "ଆଲୋ କାହିଁକି କାନ୍ଦୁଚୁ ? ତୁ' ପା' ଭୋଜିଖାଇ ଯାଇଥିଲୁ, କ'ଣ ହେଲା ?" ଆରସାହି ସନିଆ ମୋତେ ସେ ଭଙ୍ଗାଘରକୁ ଟାଣିନେଇ କହିଲା- "ନୂଆବର୍ଷଟା ଆ..." କହିଚାଲିଥାଏ ସୁଲି। ମା'କୁ କିନ୍ତୁ ଆଉ କିଛି ଶୁଭୁ ନ ଥାଏ। ମା' ଚାହିଁଥାଏ ଗହଳି ଆଡ଼େ। ନୀରବରେ ଆଖିରୁ ଝରୁଥାଏ ଲୁହ।

ଗୋବିନ୍ଦପୁର, ବଡ଼ବେରଣା, ଖୋର୍ଦ୍ଧା

## କାଳକାଳକୁ

"ତୁମେ ଯାହା ସହ ହସିଥିଲ,
ତାକୁ ଭୁଲିଯାଇପାର;
କିନ୍ତୁ ଯାହା ସହ କାନ୍ଦିଥିଲ,
ତାକୁ କେବେ ବି ନୁହେଁ।"
ଖଲିଲ୍ ଜିବ୍ରାନ୍



ଖଲିଲ୍ ଜିବ୍ରାନ୍‌ଙ୍କ ଜନ୍ମ ୬ ଜାନୁୟାରୀ ୧୮୮୩ରେ, ଲେବାନନ୍‌ରେ ଓ ପରଲୋକ ୧୦ ଏପ୍ରିଲ ୧୯୩୧ରେ। ତାଙ୍କର ବହୁଚର୍ଚ୍ଚିତ ଗ୍ରନ୍ଥ "The Prophet"(୧୯୨୩), ଯାହା ୧୦୦ଟି ଭାଷାରେ ଅନୂଦିତ ଓ ବହୁ ବିକ୍ରିତ। "The Three Ants" ଓ "The Broken wings" ତାଙ୍କର ଅନ୍ୟ ଦୁଇଟି ଉଲ୍ଲେଖନୀୟ ପୁସ୍ତକ। ସେ ଏକାଧାରରେ କବି, ସ୍ଥପତି ଓ ଦାର୍ଶନିକ।

## ଜାତୀୟ ରାଜପଥରେ ଜଳିଗଲା ଟ୍ରକ୍



ଧର୍ମଶାଳା,(ଡି.ଏନ.ଏ.): ଧର୍ମଶାଳା ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ବାରବାଟୀ ଗଣେଶ ବଜାର ନିକଟରେ ପଶ୍ଚିମବଙ୍ଗ ଯାଉଥିବା ଏକ ଲୁହା ପ୍ଲେଟ୍ ବୋଝେଇ ୧୦ ଚକିଆ ଟ୍ରକ୍ ଶର୍ଟସର୍କିଟ୍ ଯୋଗୁ ଜଳିଯାଇଛି। ଫଳରେ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। କୁଆଖିଆ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ଟ୍ରକ୍‌ଟି ଜଳିଯାଇଥିଲା। ଧର୍ମଶାଳା ପୋଲିସ ପହଞ୍ଚି ଗାଡ଼ି ଚଳାଚଳ ସ୍ୱାଭାବିକ କରିଥିଲା। ଟ୍ରକ୍ (ନଂ.ଡବ୍ଲୁବି-୧୧-ଏ-୯୮୮୭) କଟକରୁ ଲୁହା ପ୍ଲେଟ୍ ବୋଝେଇ କରି ପଶ୍ଚିମବଙ୍ଗ ଯାଉଥିଲା।

## ସଂକ୍ଷେପରେ

### ଟିଆରପି ଦୁର୍ନୀତି: ଜେଲ ଗଲେ ବିଏଆର୍‌ସିର ପୂର୍ବତନ ସିଇଓ

ମୁମ୍ବାଇ,୩୦।୧୨- ଟିଆରପି ଦୁର୍ନୀତି ମାମଲାରେ ରେଟିଂ ସଂସ୍ଥା ବିଏଆର୍‌ସିର ପୂର୍ବତନ ସିଇଓ ପାର୍ଥୋ ଦାସଗୁପ୍ତାଙ୍କୁ ବୁଧବାର ସ୍ଥାନୀୟ ଏକ ଅଦାଲତ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ପୋଲିସ ରିମାଣ୍ଡ ଅବଧି ଶେଷ ହେବା ପରେ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ତାଙ୍କ ଓକିଲ କୋର୍ଟଙ୍କୁ କହିଥିଲେ, ଦାସଗୁପ୍ତା ବ୍ରଡକାଷ୍ଟ ଅଡିଏନ୍ସ ରିସର୍ଚ୍ଚ କାଉନ୍‌ସିଲ୍‌ର ସିଇଓ ଥିଲେ, ମାତ୍ର ଡାଇରେକ୍ଟର ବୋର୍ଡ ଏବଂ ଶୃଙ୍ଖଳାଗତ କମିଟି ତାଙ୍କ ଉପରେ ଥିଲା। ଦାସଗୁପ୍ତା ସଂସ୍ଥାର ସବୁକିଛି ନ ଥିଲେ ବୋଲି ସେ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜାନୁୟାରୀ ୧କୁ ଧାର୍ଯ୍ୟ କରଯାଇଛି। ଟିଆର୍‌ପିରେ ଜାଲିଆତି ପାଇଁ ଦାସଗୁପ୍ତା ରିପବ୍ଲିକ୍ ଟିଭିଠାରୁ ଲକ୍ଷ ଲକ୍ଷ ଟଙ୍କା ନେଇଥିବା ମୁମ୍ବାଇ ପୋଲିସ ଏହାର ରିମାଣ୍ଡ ନୋଟ୍‌ରେ କହିଛି।

### ପୋଲିସ ବିଭାଗରେ ନିଯୁକ୍ତି ପାଇଛନ୍ତି ୧୦% ମହିଳା

ଭୁବନେଶ୍ୱର,୩୦।୧୨(ବ୍ୟୁରୋ): ବିଜେଡି ପ୍ରତିଷ୍ଠା ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାଙ୍କ ୩୩% ସଂରକ୍ଷଣ ଦାବି କରିଥିଲେ। ବାସ୍ତବରେ ମୁଖ୍ୟମନ୍ତ୍ରୀ ରାଜ୍ୟର ମହିଳାଙ୍କୁ କେବେହେଲେ ଗୁରୁତ୍ୱ ଦିଅନ୍ତି ନାହିଁ। କେନ୍ଦ୍ର ଗୃହ ବିଭାଗର ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ୧ ଜାନୁୟାରୀ ୨୦୨୦ ସୁଦ୍ଧା ପୋଲିସ ବିଭାଗରେ ମାତ୍ର ୧୦.୧ ପ୍ରତିଶତ ମହିଳାଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ଭାଜପା ମହିଳା ମୋର୍ଚ୍ଚା ସଭାପତି ସ୍ମୃତି ପଟ୍ଟନାୟକ କହିଛନ୍ତି। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ମୃତି କହିଛନ୍ତି, ମୁଖ୍ୟମନ୍ତ୍ରୀ ବାହା ବାହା ନେବା ପାଇଁ ଅନେକ କଥା କୁହନ୍ତି। କିନ୍ତୁ ବାସ୍ତବରେ ମହିଳାଙ୍କ ପ୍ରତି ଆଦୌ ଦରଦ ନାହିଁ। ରାଜ୍ୟର ଜନସଂଖ୍ୟା ଅନୁଯାୟୀ ୩୮୩୨.୫୪ ଲୋକରେ ଜଣେ ମହିଳା ପୋଲିସକୁ ନିଯୁକ୍ତି ଦିଆଯାଇଛି। ସେହିପରି ଓଡ଼ିଶା କମାଣ୍ଡୋ ବାଟାଲିଅନରେ କୌଣସି ପଦରେ ମହିଳାଙ୍କୁ ସ୍ଥାନିତ କରାଯାଇନାହିଁ। କେତେଦିନ ଭିତରେ ମହିଳାଙ୍କୁ ପୋଲିସ ପଦବୀ ସହ ଅନ୍ୟ କ୍ଷେତ୍ରରେ ନିଯୁକ୍ତି ପ୍ରଦାନ କରିବେ ସରକାର ସ୍ପଷ୍ଟ କରନ୍ତୁ ବୋଲି ସ୍ମୃତି ପ୍ରଶ୍ନ କରିଛନ୍ତି।

# ଜେଲ ଫେରିଲେ ସର୍ବେଶ୍ୱର

**ଟାଟା ମୋଟର୍ସରେ ନିଯୁକ୍ତି ଆଳରେ ଠକେଇ ମାମଲା**

ଭୁବନେଶ୍ୱର,୩୦।୧୨(ବ୍ୟୁରୋ): ଟାଟା ମୋଟର୍ସରେ ନିଯୁକ୍ତି ଆଳରେ ଠକେଇ ମାମଲାରେ ମଧ୍ୟସ୍ଥତା କରୁଥିବା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ସହଯୋଗୀ ସର୍ବେଶ୍ୱର ରାଓଙ୍କ ୨ ଦିନିଆ ରିମାଣ୍ଡ ଅବଧି ସରିବା ପରେ ତାଙ୍କୁ ବୁଧବାର ଭୁବନେଶ୍ୱର ଏସଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ସେଠାରେ ସର୍ବେଶ୍ୱରଙ୍କ ପକ୍ଷରୁ ଜାମିନ ଆବେଦନ କରାଯାଇଥିଲା। କୋର୍ଟ ତାହାକୁ ଖାରଜ କରିଦେବାରୁ ସର୍ବେଶ୍ୱର ପୁଣି ଝାରପଡା ସ୍ୱତନ୍ତ୍ର କାରାଗାରକୁ ଫେରିଛନ୍ତି।

୨ ଦିନଧରି ଜେରାରେ କ୍ରାଇମବ୍ରାଞ୍ଚ ଟିମ୍‌କୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇଛି। ଟାଟାରେ ଚାକିରି ଦେବାକୁ କହି ନକଲି ଏମ୍‌ଡି ଆକାଶ ପାଠକ ଓ ତାଙ୍କ ଭାବୀ ଶ୍ୱଶୁର ବିଧାୟକ ପାଣିଗ୍ରାହୀଙ୍କ ଠକେଇ ର୍‍ୟାକେଟର ମିଡିଲମ୍ୟାନ ସାଜିଥିଲେ ସର୍ବେଶ୍ୱର। ପ୍ରଦୀପ ପାଣିଗ୍ରାହୀଙ୍କ ଆକାଉଣ୍ଟରେ ଟଙ୍କା କାରବାର ସଂକ୍ରାନ୍ତ କିଛି ନୂଆ ତଥ୍ୟ ମିଳିଛି। ଠକାମିର ଶିକାର ଯୁବତୀଯୁବକଙ୍କ ମଧ କେତେଜଣ ସର୍ବେଶ୍ୱରଙ୍କୁ ଟଙ୍କା ଦେଇଛନ୍ତି। ପ୍ରଦୀପ, ଆକାଶ ଓ ସର୍ବେଶ୍ୱର ଏଜେଣ୍ଟଙ୍କ ଜରିଆରେ ବହୁ କୋଟିର ଠକେଇ କରିଥିଲେ ବୋଲି କ୍ରାଇମବ୍ରାଞ୍ଚକୁ ପ୍ରମାଣ ମିଳିଛି। ଏହି ମାମଲାରେ ପୂର୍ବରୁ ଆକାଶ ଓ ପ୍ରଦୀପଙ୍କୁ କ୍ରାଇମବ୍ରାଞ୍ଚ ରିମାଣ୍ଡରେ ଆଣି ଜେରା କରିଥିଲା। ନିଯୁକ୍ତି ଜାଲିଆତି ଓ ଠକେଇ ମାମଲାରେ ଆକାଶ ଏବଂ ପ୍ରଦୀପଙ୍କ ବେଆଇନ ଅର୍ଥ କାରବାର ମାମଲାରେ ଆକାଶଙ୍କ ପିଏ ପିଟର ଡେଭିଡ୍‌ଙ୍କୁ ପଚରାଉଚରାବେଳେ ସର୍ବେଶ୍ୱରଙ୍କ ସମ୍ପର୍କରେ ସୂଚନା ମିଳିଥିଲା। ଗତ ୧୭ ତାରିଖରେ ତାଙ୍କୁ କ୍ରାଇମବ୍ରାଞ୍ଚ ବ୍ରହ୍ମପୁରରୁ ଗିରଫ କରିଥିବାବେଳେ ପରେ କୋର୍ଟ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲେ।

# ବିଚାରାଧୀନ କଏଦୀଙ୍କ ମୃତ୍ୟୁ



ମୃତ କଏଦୀଙ୍କ ପରିବାର ସଦସ୍ୟ ଏବଂ ଅଞ୍ଚଳବାସୀ ମୃତଦେହ ରଖି ରାସ୍ତାରୋକୋ କରିଛନ୍ତି।

- କ୍ଷତିପୂରଣ ଦାବି, ମୃତଦେହ ରଖି ରାସ୍ତା ଅବରୋଧ
- ୫୫ନଂ. ଏନ୍‌ଏଚ୍‌ରେ ଦେଢ଼ ଘଣ୍ଟା ଅଟକିଲା ଯାତାୟାତ

ଢେଙ୍କାନାଳ ଅଫିସ, ୩୦।୧୨

ଢେଙ୍କାନାଳ ଜିଲା କାରାଗାରର ବିଚାରାଧୀନ କଏଦୀ ବ୍ରହ୍ମାନନ୍ଦ ଦେହୁରୀ (୪୮)ଙ୍କ ବୁଧବାର ଭୋର୍ ୫ଟାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଏ ନେଇ ବ୍ରହ୍ମାନନ୍ଦଙ୍କ ପରିବାର ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କ୍ଷତିପୂରଣ ଦାବିରେ ସେମାନେ ମୃତଦେହ ରଖି ଅପରାହ୍ନ ସାଢ଼େ ୩ଟାରୁ ୫ଟା ଯାଏ ଶକ୍ତିସୁଗାର କମ୍ପାନୀ ନିକଟ ୫୫ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଦେଢ଼ଘଣ୍ଟା ଧରି ଯାତାୟାତ ଠପ୍ ହୋଇଯାଇଥିଲା। ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ଦଳେଇ, ସଦର ଥାନାଧିକାରୀ ସନ୍ଧ୍ୟାରାଣୀ ବେଉରିଆ, ଟାଉନ ଥାନାଧିକାରୀ ନମିତା ନାୟକ ସଦଳବଳ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଏବଂ ଜେଲ୍‌ର ଅନ୍ତେବାସୀ ସଂଗ୍ରହ କରିଥିବା ୫ହଜାର ଟଙ୍କା ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମୃତକଙ୍କ ପରିବାରକୁ ଏକ ଘର ଦିଆଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ଅବରୋଧ ହଟିଥିଲା।

କାରାଗାର ସୁପରିଣ୍ଟେଣ୍ଡେଣ୍ଟ ଅନିଲ ସାହୁ କୁହନ୍ତି, ସଦର ଥାନା ହରିପୁର ଗ୍ରାମର ବ୍ରହ୍ମାନନ୍ଦ ୨୦୧୩ରେ ଏକ ଘଟିଥିବା ଏକ ହତ୍ୟା ମାମଲାରେ ବିଚାରାଧୀନ ବନ୍ଦୀ ଭାବେ ଜେଲ୍‌ରେ ରହୁଥିଲେ। ମଙ୍ଗଳବାର ସକାଳେ ତାଙ୍କ ପେଟବ୍ୟଥା ହେବାରୁ ଜେଲ ପରିସରରେ ଥିବା ମେଡିକାଲରେ ଚିକିତ୍ସା କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ରାତିରେ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ଭୋର୍‌ରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଆମାଜନ୍‌ରେ ମିଳିବ ଡଙ୍ଗରିଆ କପଡ଼ା

ରାୟଗଡ଼ା ଅଫିସ,୩୦।୧୨

ଏଣିକି ରାୟଗଡ଼ା ଜିଲାର ଡଙ୍ଗରିଆ ମହିଳାମାନେ ମେଶିନ ସାହାଯ୍ୟରେ କପଡ଼ା ଗନ୍ଧା ସିଲେଇବେ। ଏଥିପାଇଁ ରାୟଗଡ଼ା ଜିଲାରେ ବସବାସ କରୁଥିବା ଡଙ୍ଗରିଆଙ୍କୁ ତାଲିମ ଦିଆଯିବା ସହ ପ୍ରସ୍ତୁତ ସାମଗ୍ରୀକୁ ଇ-ମାର୍କେଟରେ ବିକ୍ରିର ବ୍ୟବସ୍ଥା କରାଯିବ। ଆମାଜନ୍ ଏବଂ ଗଭର୍ନମେଣ୍ଟ ଇ-ମାର୍କେଟ(ଜିଇଏମ୍)ରେ ଉପଲବ୍ଧ ହେବ ଏମାନଙ୍କ କପଡ଼ା ଗନ୍ଧା। ହସ୍ତଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ହସ୍ତକଳାର ବିକାଶ ଓ ବଜାରୀକରଣକୁ ନେଇ ବୁଧବାର ସ୍ଥାନୀୟ ତେଜସ୍ୱୀ ହୋଟେଲଠାରେ ଅନୁଷ୍ଠିତ ଦିନିକିଆ କର୍ମଶାଳାରେ ଏ ନେଇ ସୂଚନା ଦିଆଯାଇଛି। କର୍ମଶାଳାରେ ଖଜୁରି ଓ ଖମ୍ବେସୁ ଗ୍ରାମର ୪୪ ଡଙ୍ଗରିଆ ମହିଳା କାରିଗର ଓ ଗୋଟିଗୁଡ଼ାର ୨୨ ଡୋକ୍ରା କାରିଗରଙ୍କୁ କେନ୍ଦ୍ର ସରକାରଙ୍କ କଳାକାର ପରିଚୟପତ୍ର ପ୍ରଦାନ କରାଯାଇଛି। ସେହିପରି ହସ୍ତଶିଳ୍ପ ମନ୍ତ୍ରଣାଳୟର ଉପନିର୍ଦ୍ଦେଶିକା କୁମାରୀ ଶୈଳଜାଙ୍କ ଉଦ୍ୟମରେ ଡଙ୍ଗରିଆ ଚାଦର(କପଡ଼ା ଗନ୍ଧା)କୁ ମେଶିନ ସାହାଯ୍ୟରେ ସିଲେଇ କରିବାକୁ ପ୍ରଥମ ପର୍ଯ୍ୟାୟରେ ୨୦ଟି ସିଲେଇ ମେଶିନ ଏବଂ ବିଭିନ୍ନ ଯନ୍ତ୍ରାଂଶ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ଦ୍ୱାରା ପ୍ରଦାନ କରାଯାଇଛି। ଏହାଦ୍ୱାରା ଅଧିକ କପଡ଼ା ଉତ୍ପାଦନ ଏବଂ ବିକ୍ରିବଟା ସମ୍ଭବ ହୋଇପାରିବ। କପଡା ଓ ଡୋକ୍ରା ସାମଗ୍ରୀର ଇ-ବଜାରୀକରଣ ଲାଗି କେନ୍ଦ୍ର ସରକାରଙ୍କ ଗଭର୍ନମେଣ୍ଟ ଇ-ମାର୍କେଟ(ଜିଇଏମ୍)ର ସୁଧାଂଶୁ ପ୍ରଧାନ ଏବଂ ଆମାଜନ୍‌ର ରାଜ୍ୟ ପ୍ରମୁଖ ଦୁର୍ଗାମାଧବ ନାହାକ ଯୋଗଦେଇ ବିକ୍ରି କୌଶଳ ବିଷୟରେ ତାଲିମ ଦେଇଛନ୍ତି।

# ‘କୃଷି ଆଇନ ପ୍ରତ୍ୟାହାର ନ ହେଲେ ଦୁର୍ବାର ଆନ୍ଦୋଳନ’

ଭୁବନେଶ୍ୱର,୩୦।୧୨(ବ୍ୟୁରୋ): ମୋଦି ସରକାରଙ୍କ ୩ ନୂଆ କୃଷି ଆଇନ ବିରୋଧରେ ଦେଶତମାମ କୃଷକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଉଛି। ସରକାର ଏହି କଳା ଆଇନଗୁଡ଼ିକୁ କାଳବିଳମ୍ବ ନ କରି ପ୍ରତ୍ୟାହାର କରିନେବାକୁ ପ୍ରଦେଶ କଂଗ୍ରେସ କମିଟି ଦାବି କରିଛି। ସେହିପରି ପାର୍ଲାମେଣ୍ଟରେ ଏହି ବିଲ୍ ଆଗତ ବେଳେ ରାଜ୍ୟ ସରକାର ଗୋଟିଏ ଗୃହରେ ସମର୍ଥନ ଓ ଅନ୍ୟ ଗୃହରେ ମିଛିମିଛିକା ବିରୋଧର ନାଟକ କଲେ। ସେଥିରୁ ନିବୃତ୍ତ ହୋଇ ତୁରନ୍ତ ପଞ୍ଜାବ ଓ କେରଳ ପରି ବିଧାନସଭାରେ ବିଲ୍ ଗୃହୀତ କରାନ୍ତୁ ବୋଲି ମଧ୍ୟ କଂଗ୍ରେସ ଦାବି କରିଛି। ବୁଧବାର କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି, ଏହା କୃଷକମାନଙ୍କୁ ସର୍ବସ୍ୱାନ୍ତ କରିବାକୁ ଏକ ବୃହତ୍ ଷଡ଼ଯନ୍ତ୍ର। ଏହା ଶିଳ୍ପପତି-ପୁଞ୍ଜିପତିଙ୍କ ଏକଛତ୍ରବାଦ ପ୍ରତିଷ୍ଠା ନିମିତ୍ତ ଉଦ୍ଦିଷ୍ଟ ଆତ୍ମଘାତୀ ନୀତି। ଏହା ପ୍ରତ୍ୟାହାର ନ ହେଲେ କଂଗ୍ରେସ କୃଷକଙ୍କ ପାଖକୁ ଯିବ ଏବଂ ଦୁର୍ବାର ଆନ୍ଦୋଳନ ଗଢ଼ି ତୋଳିବ ବୋଲି ସେ ଚେତାବନୀ ଦେଇଛନ୍ତି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମନକୁ ଆସେ
କଥା ପଦିକରେ ଛ’ ଥର ରୁଷେ
ଅଘଷା ପାଟିରେ ପାନ
ସବୁବେଳେ ହୁଏ ଚବର ଚବର
ନ ମାନଇ ବଡ଼ ସାନ।**

କେତେଜଣ ବ୍ୟକ୍ତି ନ ଡାକିଲେ ମଧ୍ୟ ମନକୁ ମନ ଆସି ନିଜ ଉପସ୍ଥିତି ଜାହିର କରିଥାନ୍ତି। ସାମାନ୍ୟ କଥାରେ ରୁଷା ଅଭିମାନ କରିବସିଥାନ୍ତି। ସେଭଳି କିଛି କଥା ନ ଥିଲେ ମଧ୍ୟ ଅଯଥାରେ ବକର ବକର ହେଉଥାନ୍ତି, ଏପରିକି ବଡ଼ ସାନ କିଛି ମାନି ନ ଥାନ୍ତି। ବଦପ୍ରକୃତି ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମେଘୁଆ ଖରା, ଭୃତ୍ୟ ମଗରା
ନିର୍ମୁଣ୍ଡି ନାରୀ, ଗୋଦରୀ ଦାରୀ
ଏ ଚାରିଙ୍କ ଗାରିମା ସହି ନ ପାରି।**

ମେଘ ପରେ ଯେଉଁ ଖରା ହୁଏ, ତାହା ଦେହକୁ କାଟିଥାଏ। ଭୃତ୍ୟ ମଗରା ପ୍ରକୃତି ର ହେବା ମାଲିକ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଥାଏ। ସେହିପରି ନିର୍ମୁଣ୍ଡି ନାରୀ ଓ ଗୋଦରୀ ଦାରୀଙ୍କ ଗୁଣଗ୍ରାମ ଅତି ଅସହ୍ୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଆବାସ ଯୋଜନା ଲୋଗୋକୁ ନେଇ ଭାଜପା-ବିଜେଡି କଳି

- ବ୍ଲକ ଘେରାଉ, ଏତଲା ପରେ ଲୋଗୋ ବଦଳାଇଲେ: ପୃଥ୍ୱୀରାଜ
- ଆକ୍ରୋଶ ଓ ଭୟ ଥିଲାଭଳି ଲାଗୁଛି: ଲେନିନ୍

ଭୁବନେଶ୍ୱର, ୩୦।୧୨(ବ୍ୟୁରୋ): ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜାନାର ଷ୍ଟିକରରେ ପ୍ର.ଆ.ଯୋ ବୋଲି ଲେଖିଥିଲେ। ଏହା ତଳେ କିନ୍ତୁ ବିଜୁ ବାବୁଙ୍କ ବଡ ଫଟୋ ସହ ବିଜୁ ପକ୍କାଘର ଯୋଜନା ବୋଲି ଲେଖି ଜାଣିଶୁଣି ରାଜ୍ୟବାସୀଙ୍କୁ ଭ୍ରମିତ କରିଚାଲିଥିଲେ। କେବଳ ସେତିକି ନୁହେଁ ଏହି ଘର ବିଜୁ ବାବୁଙ୍କ ସ୍ୱପ୍ନ ପୂରଣ କରିଛି ବୋଲି ମୁଖ୍ୟମନ୍ତ୍ରୀ ଏକ ପତ୍ର ହିତାଧିକାରୀଙ୍କୁ ଦେଇ ସମସ୍ତ ଶ୍ରେୟ ନେଉଥିଲେ ବୋଲି ଭାଜପା ଅଭିଯୋଗ କରିଛି। ଏନେଇ ରାଜ୍ୟବ୍ୟାପୀ ବ୍ଲକ ଘେରାଉ ସହିତ ସରକାରଙ୍କ ବିରୋଧରେ ବିଭିନ୍ନ ଥାନାରେ ସିଆରପିସି ସେକ୍ସନ ୪୨୦ ଧାରାରେ ଏତଲା ଦେବାପରେ ସରକାର ନୂଆ ଷ୍ଟିକର ବାହାର କରିଛନ୍ତି। ସରକାର କିଛି ନିଷ୍ପତ୍ତି ନେବା ପୂର୍ବରୁ ସେ ଦିଗରେ ତର୍ଜମା କରିବା ଦରକାର। କିନ୍ତୁ ସରକାର ବିନା ତର୍ଜମାରେ ଅପରିଣାମଦର୍ଶୀ ଭାବେ ଯେଉଁ ନିଷ୍ପତ୍ତି ନେଉଛନ୍ତି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଯେଉଁ ମିଥ୍ୟା ସମ୍ବଳିତ ଚିଠି ହିତାଧିକାରୀଙ୍କୁ ପଠାଉଛନ୍ତି ସେଥିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ନାଁ ନାହିଁ। ଏହା ବିଜୁ ବାବୁଙ୍କ ସ୍ୱପ୍ନ ଥିଲା ବୋଲି ସେ କହିଛନ୍ତି। ବିଜୁବାବୁଙ୍କ ସ୍ୱପ୍ନ ପୂରଣ କରିବାକୁ ରାଜ୍ୟ ସରକାର ଘର ଦେବା କଥା କହିବା ସମ୍ପୂର୍ଣ୍ଣ ମିଥ୍ୟା। ଏହି ପ୍ରବଞ୍ଚନା ପୂର୍ଣ୍ଣ ଚିଠିକୁ ମୁଖ୍ୟମନ୍ତ୍ରୀ ତୁରନ୍ତ ପ୍ରତ୍ୟାହାର କରନ୍ତୁ। ଯେଉଁଭଳି ଭାବେ ଫେବୃୟାରୀରେ ବିଭିନ୍ନ ଆବେଦନ ପତ୍ର ବ୍ଲକରେ ପଡିଛି ତାକୁ ତୁରନ୍ତ ସରକାର ଏକାଠି କରି ଆବାସ ପୋର୍ଟାଲରେ ଯୋଗ୍ୟ ହିତାଧିକାରୀଙ୍କ ନାଁ ଅପଲୋଡ କରନ୍ତୁ। ସରକାର ବାରମ୍ବାର ତାଙ୍କ ନିଷ୍ପତ୍ତି ବଦଳାଇ ରାଜକୋଷକୁ କ୍ଷତି ପହଞ୍ଚାଉଛନ୍ତି। ବିଜୁ ପକ୍କା ଘରର ବଡ ଲୋଗୋ ଦେଇ ଯେଉଁ ଷ୍ଟିକର ସରକାର ତିଆରି କରିଥିଲେ ସେଥିରେ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି। ରାଜ୍ୟ ରାଜକୋଷରୁ ଅଯଥାରେ ଯେଉଁ ୧୦ କୋଟି ଖର୍ଚ୍ଚ ହୋଇଛି ସେ ଅର୍ଥ କାହାଠାରୁ ଭରଣା କରାଯିବ ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ। ରାଜ୍ୟରର ଶେଷ ଯୋଗ୍ୟ ହିତାଧିକାରୀ ପକ୍କାଘର ପାଇବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଭାଜପା ଜାରି ରଖିବ ବୋଲି ପୃଥ୍ୱୀରାଜ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ବିଜୁ ପକ୍କାଘର ଲୋଗୋକୁ ନେଇ ଭାଜପା ଉଠାଇଥିବା ପ୍ରଶ୍ନର ଉତ୍ତରରେ ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି, ପୃଥ୍ୱୀରାଜ ବୋଧେ ଜାଣିନାହାନ୍ତି ରୁରାଲ ହାଉସିଂ ଯୋଜନାରେ ଖୋଦ୍ କେନ୍ଦ୍ର ସରକାର ଓଡିଶାକୁ ପୁରସ୍କୃତ କରିଛନ୍ତି। ଅନ୍ୟପଟେ ରାଜ୍ୟ ସରକାର ହାଉସିଂ ଯୋଜନାରେ ମଧ୍ୟ ପ୍ରାୟ ସମାନ ଭାଗ ଅର୍ଥ ପ୍ରଦାନ କରୁଛି। ଓଡିଶା ସରକାର ୫ ବର୍ଷରେ ୨୦ ଲକ୍ଷ ଘର ନିର୍ମାଣ କରିଛନ୍ତି। ଏଥିରୁ ଜଣାପଡୁଛି ରାଜ୍ୟ ଭାଜପା ପ୍ରବଳ ଆକ୍ରୋଶ ଏବଂ ଭୟ ଭିତରେ ରହିଛି। ଲୋକଙ୍କ ସହ ଏବଂ ଲୋକମାନଙ୍କ ସାଙ୍ଗରେ ଚାଲି ନବୀନ ପଟ୍ଟନାୟକଙ୍କ ସରକାର ଯେଉଁ ହାଉସିଂ ଯୋଜନାରେ ଘର ଦିଆଯାଉଛି ତାହା ହିଁ ଏହାର ମୁଖ୍ୟ କାରଣ ବୋଲି ଲେନିନ କହିଛନ୍ତି।

No. CAD-996

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**

Tender Call Notice No. 3010 — Dt. 24.12.2020

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work:-** Construction of 11/0.4 KV, 100KVA Plinth Mounted Sub-station alongwith 11 KV line DP, 11KV OH line and LT line for power supply to newly constructed Govt. ITI at Athamallick in Angul District.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower, Janpath, Bhubaneswar | Bid ID No. BBSR/ ELECT/e-09/20-21 | Dt. 04.01.2021 at 12.00 hrs. | Dtd. 11.01.2021 up to 17.00 hrs. |

Further details can be seen from the e-Procurement Portal **www.tendersorissa.gov.in.** Corrigendum or Addendum if any will not be published in newspapers and can be seen in the **e-procurement portal** as well as in **IDCO website**.

Sd./- Divisional Head (Elect)
IDCO, Bhubaneswar

OIPR-14003/11/0091/2021

**ବିହନ ବିଶୋଧନ କାର୍ଯ୍ୟକ୍ରମ, ରବି ୨୦୨୦-୨୧**

**କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ଓଡ଼ିଶା ସରକାର**

**No. L-48:-** ଚଳିତ ବର୍ଷ ରବି ୨୦୨୦-୨୧ରେ ରାଜ୍ୟ ଯୋଜନା-ଉନ୍ନତ ଚାଷ ପଦ୍ଧତି ଅନ୍ତର୍ଭୁକ୍ତ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ‘ବିହନ ବିଶୋଧନ କାର୍ଯ୍ୟକ୍ରମ’ ସମସ୍ତ ଜିଲ୍ଲାରେ କୋଭିଡ୍-୧୯ ନିୟମାବଳୀ ଅନୁସରଣ କରି କାର୍ଯ୍ୟକାରୀ ହେଉଅଛି। ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ବ୍ଲକର ନିର୍ଦ୍ଦିଷ୍ଟ ଗ୍ରାମରେ ଚାଷୀମାନଙ୍କ ଧାନ, ମୁଗ, ବିରି ଓ ତୈଳବୀଜ ଆଦି ବିହନ ବିଶୋଧନ ପାଇଁ ମାଗଣାରେ ବିହନ ବିଶୋଧକ ଯୋଗାଇଦେବାର ବ୍ୟବସ୍ଥା କରାଯାଇଅଛି ଏବଂ ବିହନ ବିଶୋଧନ ପ୍ରଣାଳୀ ପ୍ରଦର୍ଶନ ମାଧ୍ୟମରେ ଦର୍ଶାଇ ଦିଆଯାଉଛି। ଉକ୍ତ କାର୍ଯ୍ୟକ୍ରମରେ ବିହନ ବିଶୋଧନର ଉପକାରିତା, ପ୍ରଣାଳୀ ଓ ତାଲିମ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଅଛି। ବିହନ ବିଶୋଧନ ଦ୍ୱାରା ପ୍ରାଥମିକ ଅବସ୍ଥାରେ ବିହନ ଓ ମୃତ୍ତିକାବାହି ରୋଗ ନିୟନ୍ତ୍ରଣ ହେଉଥିବାରୁ ଫସଲ ସୁସ୍ଥ ରହେ ଏବଂ ଚାଷୀମାନଙ୍କର ଚାଷଜନିତ କମ୍ ଖର୍ଚ୍ଚ ହୁଏ। ତେଣୁ ପ୍ରତ୍ୟେକ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ କରାଯାଉଛି ଯେ ଏ ସମ୍ପର୍କରେ ଅଧିକ ତଥ୍ୟ ଜାଣିବା ପାଇଁ ନିକଟସ୍ଥ ଅଞ୍ଚଳର କୃଷି କର୍ମଚାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ଓ ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରନ୍ତୁ।

**କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା**

OIPR-01034/11/0025/2021

GOVT. OF ODISHA — No. A-418

**DEPARTMENT OF WATER RESOURCES**
**OFFICE OF EXECUTIVE ENGINEER, PURI IRRIGATION DIVISION, PURI**

E-mail ID: eepuri_eicwr.od@nic.in & eepuriirrigation@yahoo.com
“e” PROCUREMENT NOTICE No. PID-02 of 2020-21
Bid Identification No. PID 04 to PID 16 of 2020-21

| | | | |
|---|---|---|---|
| 1. | Name of the Work | : | River embankments/canal |
| 2. | Total No. of Package | : | 13 Nos. |
| 3. | Tender Cost | : | 8.60 lakhs to 43.53 lakhs |
| 4. | Bid Security | : | Rs.8600/- to 43600/- (Online payment mode) |
| 5. | Class of contractor | : | “A” to “D” Class |
| 6. | Cost of tender paper | : | Rs.4000/- to Rs.6000/- (Online payment mode) |
| 7. | Period of Completion | : | Three Calendar Months |

| Procurement Officer | Bid Identification No. | Availability of tender for Online for Bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Puri Irrigation Division, Puri | PID 04 to PID 16 of 2020-21 | From 06.01.2021 12.00 Noon | Upto 15.01.2021 5.30 P.M. | 14.01.2021 upto 5.30 P.M. | 16.01.2021 at 11.00 A.M. (In the Office of the Executive Engineer, Puri Irrigation Division, Puri) |

Further detail conditions can be seen from the Govt. website **http://www.tendersorissa.gov.in.**

OIPR-32011/11/0003/2021 — Sd./- Executive Engineer, Puri Irrigation Division, Puri

**INTEGRATED TRIBAL DEVELOPMENT AGENCY, KUCHINDA, DIST.- SAMBALPUR**

**TENDER CALL NOTICE**

Bid Identification No. ITDAKCD-02/2020-21
Letter No. 1257 — Dated: 30.12.2020

| | | | |
|---|---|---|---|
| 1. | The Project Administrator, ITDA, Kuchinda on behalf of the Govt. of Odisha invities Percentage Rate bids in online mode single cover system through e-procurement for execution of works as detailed in DTCN from the eligible CDMS registration contractors. | | |
| 2. | No. of Works | : | 03 (Three) Building & CD Works |
| 3. | Put to tender amount | : | Varies from Rs.10.61 lakh to Rs.18.36 lakh |
| 4. | Class of Contractor | : | “D” & “C” |
| 5. | Date & time of available in website & receipt of bids | : | 10.00 A.M. of 01.01.2021 to 5.00 P.M. of 11.01.2021 |
| 6. | Last date of submission online bid at | : | 5.00 P.M. of Dt.11.01.2021 |
| 7. | Date of opening & scrutiny of technical bid | : | 11.00 A.M. of 12.01.2021 |
| 8. | The bidders have to participate in ONLINE bidding only. Further details can be seen from the website **www. tendersorissa.gov.in.** | | |
| 9. | Any corrigendum/addendum will be displayed in the website **www.tendersorissa.gov.in/** published in Newspapers only. | | |
| 10. | The rules under OPWD Code regarding tender process will prevail. | | |
| 11. | Name & address of Officer Inviting Tender | : | Project Administrator, ITDA, Kuchinda, Dist.- Sambalpur |

Sd./- Project Administrator
I.T.D.A., Kuchinda

**SECTION - I**
**NOTICE INVITING TENDER**

Tender Reference No. 16119 — Dated: 22.12.20

Tenders are invited from eligible bidders as per the eligibility criteria for supply of Hospital Drugs & Consumable under NPCB.

| | | |
|---|---|---|
| 1 | Period of availability of Tender document | From 24.12.2020 to 06.01.2021 (Downloadable from website: **www. cuttack.nic.in)** In case of any bid amendment and clarification, responsibility lies with the bidders to collect the same from the above mentioned website before last date of submission of tender document and the tender inviting authority shall have no responsibility for any delay/ omission on part of the bidder. |
| 2 | Last date & time for submission of tender | Date: 06.01.2021, Time: 04.00 P.M. Address: of Submission of Bid: The Chief District Medical Officer, O/o. CDM & PHO, Cuttack (Through Speed Post/Registered Post only) |
| 3 | Date, time and place of opening of tender | a) Technical Bid (Cover A) opening: 07.01.2021, 12.30 P.M. at the address mentioned above. b) Financial Bid (Cover B): The date of opening of financial bid will be intimated to the firms found successful in the technical bid evaluation. (Venue is mentioned at the address mentioned above). (Bidders/authorized representative may remain present at the time of opening of bid) |

Sd./- Chief District Medical & PHO, Cuttack

**Government of Odisha**
**Science & Technology Department**
**Advertisement**

No. ST-BT-MISC-0017-2020-4880/ST, BBSR — Dated 24 December, 2020

**No. U-07:-** Applications are invited from eligible candidates for engagement of a **"Consultant"** (Retired Eminent Scientist / Professor from the field of Biotechnology or Life Sciences with consolidated remuneration of @ Rs.75,000/- per month) **or** (An Indian citizen having at least 60% marks in M.Sc. and Ph.D in Biotechnology/Life Sciences from recognized University, R&D institute with consolidated remuneration of Rs.60,000/- per month) for the Skill Vigyan Program on contractual basis. She/He will develop the training course module and coordinate all activities under Skill Vigyan Training Program in consultation with the Nodal Officer. She/He will visit the partnering institutes and submit report to the State Council on Science & Technology about the progress of the said training programme functioning within Biotechnology Cell of Science & Technology Department, Government of Odisha. This engagement shall be initially for a period of one year, renewable annually upto three years depending on assessment of performance. The details of engagement viz. eligibility criteria, emouluments, job chart, qualification, terms and condditions, number of posts etc. are available in Science & Technology Department website- **www.odisha.gov.in/Science & Technology.**

**The last date for receipt of application is 15.01.2021**

Applicatons along with copies of supporting documents viz. educational qualification, experience, etc. may be sent to the Director, Biotechnology, Science & Technology Department, Kharavel Bhawan, Bhubaneswar by Registered Post/Speed Post.

The Authority reserves all rights to cancel the advertisement and the process of engagement without assigning any reasons thereof.

Sd./- Director, Biotechnology
Science & Technology Department

OIPR-28001/11/0007/2021

**OFFICE OF THE SUPERINTENDENT**
**SCB MEDICAL COLLEGE HOSPITAL, CUTTACK**
E-mail ID:- scbsuperintendent@gmail.com

**TENDER CALL NOTICE**

**No. E-488:-** Sealed tenders are invited from the interested reputed Travel Agencies/ Tour Operators or private individuals for providing 2 Nos. of Petrol driven vehicles (Zest/ Tigor/ Swift Dzire/ Xcent/ Etios) having valid MV documents for official use in the office of the Superintendent, SCB Medical College & Hospital, Cuttack on hire basis. The tender paper and detailed terms and conditions will be available at the website "**www.scbmch.nic.in**" and also from the Central Store, SCB MCH, Cuttack in all working days on deposit Rs.200/- (Rupees Two hundred) only in the Accounts Section by cash/DD in favour of the Superintendent, SCB Medical College & Hospital, Cuttack (Non refundable) from **01.01.2021** to **15.01.2021**. The undersigned is not responsible for any delay/omission on part of the bidder.

Sd./- Superintendent
SCB Medical College Hospital, Cuttack

OIPR-10011/11/0023/2021

**ROGI KALYAN SAMITI**
**CAPITAL HOSPITAL, BHUBANESWAR**
**TENDER CALL NOTICE**

Tender RFP No: Nirmal++/Patient Attendant Service & Manpower /CHB /1 — Date: 23.12.2020

**No. E-490:-** Sealed tenders are hereby invited from registered reputed NGOs / Firms / Agencies for **outsourcing of Patient Attendant service of Capital Hospital, Bhubaneswar.** Interested NGOs / Firms / Agencies should submit their proposals in prescribed format (Technical as well as financial bids) along with Detailed Tender call document with all supportive documents in sealed envelopes separately through Speed Post/ Regd. Post/ Courier directly to the office of the **Director, Capital Hospital, Bhubaneswar** on or before **15.01.2021 up to 12.00 Noon**. The details are available in the Capital Hospital, Bhubaneswar Website http://capitalhospital.nic.in/. Incomplete application will be summarily rejected. The Sealed tenders shall be opened on **18.01.2021 at 4 P.M.** in the **New Seminar Hall, Administrative Block, Capital Hospital, Bhubaneswar**. The authority reserves the right to reject any or all tender without assigning any reason thereof.

Sd./- Director,
Capital Hospital, Bhubaneswar

OIPR-10078/11/0008/2021



ନୂଆବର୍ଷ ୨୦୨୧ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ନୂଆବର୍ଷରେ ଏକ ଡ୍ୟାନ୍ସ ପରଫର୍ମାନ୍ସ ପାଇଁ ବଲିଉଡ ଅଭିନେତ୍ରୀ ଉର୍ବଶୀ ରୌତେଲା ୪ କୋଟି ଟଙ୍କା ଚାର୍ଜ କରିଛନ୍ତି। ତେବେ ଆଶ୍ଚର୍ଯ୍ୟର କଥା ହେଲା ଉର୍ବସୀଙ୍କର ଏହି ପରଫର୍ମାନ୍ସ ମାତ୍ର ୧୫ ମିନିଟର। ଦୁବାଇର ଏକ ହୋଟେଲରେ ମନୋରଞ୍ଜନ କାର୍ଯ୍ୟକ୍ରମ ପାଇଁ ଉର୍ବଶୀଙ୍କୁ ଅଫର ମିଳିଛି। ମାତ୍ର ୧୫ ମିନିଟର ପରଫର୍ମାନ୍ସ ପାଇଁ ଉର୍ବଶୀ ୪ କୋଟି ଟଙ୍କା ନେବେ। ବର୍ତ୍ତମାନ ପର୍ଯ୍ୟନ୍ତ ବଲିଉଡ୍‌ର କୌଣସି ଅଭିନେତ୍ରୀ ଏତିକି ଟଙ୍କା ନେଇ ନାହାନ୍ତି। ନୂଆ ବର୍ଷ ଉପଲକ୍ଷେ ଏଭଳି କାର୍ଯ୍ୟକ୍ରମ ପାଇଁ ଏତେ ଟଙ୍କା ନେଉଥିବା ଉର୍ବଶୀ ହେଉଛନ୍ତି ପ୍ରଥମ ବଲିଉଡ ଅଭିନେତ୍ରୀ।



# ହାଇଡ୍ରୋଜେନରେ ଉଡ଼ିବ ବିମାନ

**ଆକାଶରେ ବିମାନଜନିତ ପ୍ରଦୂଷଣର ମାତ୍ରା କମାଇବା ପାଇଁ ବିକଳ୍ପ ଚିନ୍ତା କରିଛି ପ୍ରମୁଖ ୟୁରୋପୀୟ ପ୍ଲେନ ନିର୍ମାଣକାରୀ କମ୍ପାନୀ ଏୟାରବସ୍। ଶୂନ୍ୟ ଅଙ୍ଗାରକାମ୍ଳ ଗ୍ୟାସ ନିର୍ଗମନ ଲକ୍ଷ୍ୟରେ ଏହି କମ୍ପାନୀ ପ୍ରସ୍ତୁତ କରିବାକୁ ଯାଉଛି ହାଇଡ୍ରୋଜେନ ଚାଳିତ ବିମାନ। ଆଗାମୀ ୫ ବର୍ଷରେ ଫ୍ରାନ୍ସ, ସ୍ପେନ, ଜର୍ମାନୀ ସରକାରଙ୍କ ମିଳିତ ସହଭାଗିତାରେ ଶୀଘ୍ର ଏଭଳି ଜେଟ୍ ବ୍ୟବହାରଯୋଗ୍ୟ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।**




**ଲେଡେନ:** ପରିବେଶ ପ୍ରଦୂଷଣ ଗମ୍ଭୀର ଚିନ୍ତାର କାରଣ ପାଲଟିଥିବାବେଳେ ବିମାନ ଜନିତ ପଲ୍ୟୁଶନ କମ୍ କରିବା ପାଇଁ ଏୟାରବସ୍ ଇଞ୍ଜିନିୟର ଲେଭେଲିନ୍‌ଙ୍କ ଏକ ଟିମ୍ ଅନୁଧ୍ୟାନ ଜାରି ରଖିଛନ୍ତି। ୨୦୫୦ ମସିହା ସୁଦ୍ଧା କାର୍ବନ ଏମିଶନ କମ୍ କରିବାକୁ ଉକ୍ତ ୟୁରୋପୀୟ ଦେଶଗୁଡ଼ିକ ଯୋଜନା ଆରମ୍ଭ କରିଛନ୍ତି। ଏଥିପାଇଁ କୋଟି କୋଟି ୟୁରୋ ଅର୍ଥ ମଧ୍ୟ ଅନୁମୋଦନ କରାଯାଉଛି। ଉଦ୍‌ଜାନକୁ କିପରି ବିମାନରେ ଇନ୍ଧନ ପାଇଁ ବ୍ୟବହାର କରାଯାଇପାରିବ, ସେ ନେଇ ଜୋରସୋରରେ ଲାଗିଛି ଏୟାରବସ୍ କମ୍ପାନୀ। ଏପରିକି ଆସନ୍ତା ୫ ବର୍ଷ ମଧ୍ୟରେ ହାଇଡ୍ରୋଜେନ ଚାଳିତ ବିମାନର ବିକାଶ ସମ୍ପୂର୍ଣ୍ଣ ହୋଇଯିବ ବୋଲି କମ୍ପାନୀ ଦାବି କରିଛି। ଅତ୍ୟନ୍ତ ଦହନଶୀଳ ଏବଂ କମ୍ ବ୍ୟୟବହୁଳତା ଯୋଗୁ ହାଇଡ୍ରୋଜେନକୁ ଇନ୍ଧନ ଭାବେ ବଛାଯାଇଛି। ପ୍ରଥମେ ଏୟାରବସ୍ ଇଞ୍ଜିନିୟରମାନେ ବିମାନରେ ବିଦ୍ୟୁତ୍ ସଂରକ୍ଷଣ କରିବା ପାଇଁ ବ୍ୟାଟେରି ବ୍ୟବହାର ଉପରେ ଅଧ୍ୟୟନ କରିଥିଲେ। ହେଲେ ବିମାନ ଭଳି ବଡ଼ ଯାନ ପାଇଁ ଅଧିକ କ୍ଷମତା ସମ୍ପନ୍ନ ବ୍ୟାଟେରି ଆବଶ୍ୟକ। ଏଥି ପାଇଁ ଉଦ୍ଦିଷ୍ଟ ବ୍ୟାଟେରିର ଓଜନ ଅଧିକ ଯୋଗୁ ଏହାକୁ ପ୍ଲେନରେ ବହନ କରି ଉଚ୍ଚରେ ଉଡ଼ିବା କଷ୍ଟକର ବ୍ୟାପାର, ଯାହା ସେମାନଙ୍କ ଲକ୍ଷ୍ୟ ସାଧନ ଦିଗରେ କାର୍ଯ୍ୟକାରୀ ହୋଇପାରିବନି ବୋଲି ଅଧ୍ୟୟନକାରୀ ଚିନ୍ତା କରିଥିଲେ। ପରେ ଦହନଶୀଳ ଉଦ୍‌ଜାନ ଗ୍ୟାସ ଉପରେ ପରୀକ୍ଷଣ ଜାରି ରହିଥିଲା। ଅନ୍ୟ ଇନ୍ଧନଗୁଡ଼ିକ ଜଳିବା ପରେ ଅଙ୍ଗାରକାମ୍ଳ ଗ୍ୟାସ ନିର୍ଗତ ହେଉଥିବାବେଳେ ହାଇଡ୍ରୋଜେନ ଗ୍ୟାସ କିନ୍ତୁ ଜଳବାଷ୍ପ ଛାଡିଥାଏ। ବିଶେଷ କରି ତୈଳ ବିଶୋଧନ ଏବଂ ରାସାୟନିକ ଉତ୍ପାଦନରେ ହାଇଡ୍ରୋଜେନ ବ୍ୟବହାର କରାଯାଏ। ଏହା ପ୍ରାକୃତିକ ଭାବେ ବ୍ୟାପକ ମାତ୍ରାରେ ଉପଲବ୍ଧ ଥିବାବେଳେ ହାଇଡ୍ରୋଜେନକୁ କୃତ୍ରିମ ଭାବେ ଜଳରେ ବିଦ୍ୟୁତ୍ କରେଣ୍ଟ ଦେଇ ଉତ୍ପାଦନ କରାଯାଇପାରିବ। ଏଥିସହ ପୁନଃବ୍ୟବହାର ଯୋଗ୍ୟ ଶକ୍ତି ଯଥା ପବନ, ସୂର୍ଯ୍ୟାଲୋକ ଆଦିକୁ ବ୍ୟବହାର କରି ଅଙ୍ଗାରକାମ୍ଳ ନିର୍ଗତ କରୁ ନ ଥିବା ଇନ୍ଧନ ଉତ୍ପାଦନ କରାଯାଇପାରିବ। ଏହା ଦ୍ୱାରା ଇନ୍ଧନଜନିତ ଖର୍ଚ୍ଚ ମଧ୍ୟ କମିପାରିବ। ଏସବୁ ଦିଗକୁ ଦୃଷ୍ଟିରେ ରଖି ଲେଭେଲିନ୍‌ଙ୍କ ଟିମ୍ ତିନୋଟି ଡିଜାଇନ୍ ଉପରେ ଅଧ୍ୟୟନ ଜାରି ରଖିଛି। ଗ୍ୟାସ ତୁଳନାରେ ତରଳ ଅବସ୍ଥାରେ କମ୍ ସ୍ଥାନ ନେଉଥିବାରୁ ହାଇଡ୍ରୋଜେନକୁ ତରଳ ଅବସ୍ଥାରେ ଗଚ୍ଛିତ କରାଯାଇ ଏହାକୁ ବ୍ୟବହାର କରାଯିବ। ବିମାନର କେଉଁ ଅଂଶରେ ହାଇଡ୍ରୋଜେନ ରଖାଯିବ ତାହା ଏବେ ମୁଖ୍ୟ ସମସ୍ୟା ହୋଇଛି। ଏଥିପାଇଁ ଡିଜାଇନରମାନେ ବିମାନର ପଚ୍ଛ ବା ଲାଞ୍ଜକୁ ଅଧିକ ଲମ୍ବା କରିବାକୁ ଯୋଜନା କରୁଛନ୍ତି। ଏହାଦ୍ୱାରା ହାଇଡ୍ରୋଜେନ୍ ଟ୍ୟାଙ୍କଗୁଡ଼ିକୁ ବିମାନର ଚାପ ମୁକ୍ତ ଅଞ୍ଚଳରେ ସଂରକ୍ଷଣ କରାଯାଇପାରିବ। ଯଦି ଯୋଜନା ମୁତାବକ ସବୁକିଛି ଚାଲେ, ତେବେ ୨୦୩୫ ବେଳକୁ ଯାତ୍ରୀବାହୀ ବିମାନ ଉଡ଼ିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ଘାଇଲା କରୁଛନ୍ତି ଦିଶା



**ନୂଆଦିଲ୍ଲୀ:** ବଲିଉଡ ଅଭିନେତ୍ରୀ ଦିଶା ପଟାନିଙ୍କୁ କିଏ ନ ଜାଣେ। ଦେଖିବାକୁ ସୁନ୍ଦରୀ ଯେମିତି କାମରେ ମଧ୍ୟ ସେମିତ ଦମ୍‌ଦାର୍। ଏବେ ଦିଶା ସୋସିଆଲ ମିଡିଆରେ ବେଶ୍ ସକ୍ରିୟ। ସବୁବେଳେ କିଛି ନା କିଛି ଫଟୋ ପୋଷ୍ଟ କରି ଚର୍ଚ୍ଚାରେ ରହିଥାନ୍ତି। ଫ୍ୟାନ୍‌ମାନେ ମଧ୍ୟ ତାଙ୍କୁ ସେମିତି ଭଲ ପାଇବା ଦେଇଛନ୍ତି। କେବେ କେବେ ସେ ଫ୍ୟାନ୍‌ମାନଙ୍କ ସହ ଲାଇଭ୍ ଭିଡିଓ ଚାଟ୍ ମଧ୍ୟ କରିଥାନ୍ତି। ନିକଟରେ ଦିଶା ତାଙ୍କର ଏକ ଫଟୋ ଇନ୍‌ଷ୍ଟାରେ ଶେୟାର କରିଛନ୍ତି। ଫଟୋରେ ତାଙ୍କୁ ହଳଦିଆ ବିକିନିରେ ଦେଖିବାକୁ ମିଳିଛି। ଫଟୋଟି ପୋଷ୍ଟ ହେଉ ହେଉ ଭାଇରାଲ ହେବାରେ ଲାଗିଛି। ତାଙ୍କ ଚାରିଆଡ଼େ ଘେରି ରହିଛି ପାଣି। ଆଉ ସେ ଏକ ସର୍ଫବୋର୍ଡ ଉପରେ ଛିଡ଼ା ହୋଇଛନ୍ତି। ଫଟୋର କ୍ୟାପଶନରେ ଲେଖିଛନ୍ତି, ଆକ୍ୱାମ୍ୟାନ ଭଳି ଅନୁଭବ ହେଉଛି। ଏହି ଫଟୋକୁ ମାତ୍ର ଗୋଟିଏ ଦିନରେ ପ୍ରାୟ ୨୦ ଲକ୍ଷରୁ ଅଧିକ ୟୁଜର୍ସ ଲାଇକ କରିଛନ୍ତି। ଦିଶା କିଛି ଦିନ ହେଲା ମାଲ୍‌ଦ୍ୱୀପକୁ ଛୁଟି କାଟିବାକୁ ଯାଇଛନ୍ତି। ଏହି ଫଟୋ ଛଡ଼ା ଦିଶା ମାଲ୍‌ଦ୍ୱୀପ ସହ ଜଡ଼ିତ ବହୁତ ଗୁଡ଼ିଏ ଫଟୋ ଶେୟାର କରିଛନ୍ତି। ଯେଉଁଥିରେ ତାଙ୍କ ଗ୍ଲାମର୍ସ ଅନ୍ଦାଜ୍ ଦେଖିବାକୁ ମିଳିଛ। ୱାର୍କଫ୍ରଣ୍ଟ କଥା କହିବାକୁ ଗଲେ ଦିଶା ଶେଷ ଥର 'ମଲଙ୍ଗ' ଫିଲ୍ମରେ ନଜର ଆସିଥିଲେ। ସେ ଏମ୍‌ଏସ୍‌ଧୋନୀ ମୁଭିରୁ ତାଙ୍କର ବଲିଉଡ୍ ଡେବ୍ୟୁ କରିଥିଲେ। ଏହାବ୍ୟତୀତ ବାଘି-୨ରେ ମଧ୍ୟ ତାଙ୍କୁ ଏକ ଦମ୍‌ଦାର୍ ଭୂମିକାରେ ଦେଖିବାକୁ ମିଳିଥିଲା। ଆଗକୁ ଦିଶା 'ରାଧେ- ୟୋର ମୋଷ୍ଟ ୱାଣ୍ଟେଡ ଭାଇ'ରେ ମୁଖ୍ୟ ଭୂମିକାରେ ନଜର୍ ଆସିବେ। ଏଥିରେ ସେ ସଲମାନ୍‌ଙ୍କ ସହ ସ୍କ୍ରିନ୍ ଶେୟାର କରିବେ।

# ଭାରତରେ ପ୍ରଥମ ପଲିନେଟର ପାର୍କ




**ଡେରାଡୁନ:** ଉତ୍ତରାଖଣ୍ଡରେ ଖୋଲିଛି ଦେଶର ପ୍ରଥମ ପରାଗଣ(ପଲିନେଟର)ପାର୍କ। ଉତ୍ତରାଖଣ୍ଡ ନୈନିତାଲ ଜିଲାର ହଲ୍‌ଦ୍ୱାନୀସ୍ଥିତ ବନ ଅନୁସନ୍ଧାନ କେନ୍ଦ୍ରର ୫ଏକର ଜଙ୍ଗଲ ଜମିରେ ଏହି ପାର୍କ କରାଯାଇଛି। ମଙ୍ଗଳବାର ବିଶିଷ୍ଟ ପ୍ରଜାପତି ବିଶେଷଜ୍ଞ ପିଟର ସ୍ମେଟାସେକ୍ ଏହାର ଉଦ୍‌ଘାଟନ କରିଥିଲେ। ଏହି ପାର୍କରେ ପ୍ରାୟ ୫୦ ପ୍ରକାର ପରାଗଣ ବହନକାରୀ ମହୁମାଛି, ପ୍ରଜାପତି, ପକ୍ଷୀ ଏବଂ ଅନ୍ୟ କୀଟପତଙ୍ଗ ରହିଛନ୍ତି। ଏଠାରେ ସେମାନଙ୍କ ପାଇଁ ପ୍ରାକୃତିକ ସ୍ଥାନ ବିକଶିତ କରାଯାଇଛି। ପାର୍କରେ ମହୁମାଛିଙ୍କ ରହିବା ପାଇଁ ବାକ୍ସ, ପ୍ରଜାପତିଙ୍କ ପରାଗଣ ନିମନ୍ତେ ବିଭିନ୍ନ ରଙ୍ଗର ଫୁଲ ଏବଂ କୀଟପତଙ୍ଗଙ୍କ ନିମନ୍ତେ ହ୍ୱାଇଟ୍ ଆଣ୍ଡ ଲାଇଟ୍ ହାଉସ୍ ନିର୍ମାଣ କରାଯାଇଛି। ସେହିପରି ଛୋଟ ଛୋଟ ପୋଖରୀ ମଧ୍ୟ ନିର୍ମାଣ କରାଯାଇଛି। ପ୍ରଜାପତି ବିଶେଷଜ୍ଞ ପିଟର କହିଛନ୍ତି, ବିକାଶ ଏବଂ ସୁନ୍ଦର ଗାର୍ଡେନ ନାମରେ ଆମେ କୀଟମାନଙ୍କ ବାସସ୍ଥାନକୁ ନଷ୍ଟ କରିଚାଲିଛୁ। ଏହି ପାର୍କ ମାଧ୍ୟମରେ ଆମେ କୀଟମାନଙ୍କ ମହତ୍ତ୍ୱ ବିଷୟରେ ଜାଣିପାରିବା। ଅନ୍ୟପକ୍ଷରେ ମୁଖ୍ୟ ବନ ସଂରକ୍ଷକ ସଞ୍ଜୀବ ଚତୁର୍ବେଦୀ କୁହନ୍ତି, ପଲିନେଟର ଉପରେ ସମଗ୍ର ପ୍ରକୃତି ନିର୍ଭରଶୀଳ। କୀଟନାଶକ ପ୍ରୟୋଗ କାରଣରୁ ଅନେକ ପ୍ରଜାତି ବିଲୁପ୍ତ ଅବସ୍ଥାରେ ରହିଛନ୍ତି। ଲୋକଙ୍କୁ ସଚେତନ କରିବା ଏହି ପାର୍କର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି।

# ପାଣି ପିଇ ଆଇସିୟୁରେ ଭର୍ତ୍ତି

**ଲଣ୍ଡନ:** ଅତ୍ୟଧିକ ପାଣି ପିଇବା ଜଣେ ଯୁବକଙ୍କୁ ମହଙ୍ଗା ପଡିଛି। ଇଂଲଣ୍ଡର ବ୍ରିଷ୍ଟଲ ସହରରେ ନିଜ ପରିବାର ସହ ରୁହନ୍ତି ଲ୍ୟୁକ ୱିଲିୟମସନ(୩୪)। ବ୍ରିଟେନରେ ପ୍ରଥମ ଲକଡାଉନ ସମୟରେ ସେ ନିଜକୁ କରୋନା ସଂକ୍ରମିତ ବୋଲି ଭାବିଥିଲେ। ଏହାପରେ ସେ ପିଉଥିବା ପାଣିର ମାତ୍ରାକୁ ଦୁଇଗୁଣ ବଢାଇ ଦେଇଥିଲେ। ସାଧାରଣ ମଣିଷ ଦିନରେ ୧ ରୁ ୨ ଲିଟର ପାଣି ପିଇବାକୁ ପରାମର୍ଶ ଦିଆଯାଉଛି। ହେଲେ ଲ୍ୟୁକ ପାଣିର ମାତ୍ରା ବଢାଇ ୪ ରୁ ୫ ଲିଟର କରିଦେଇଥିଲେ। ଅଧିକ ପାଣି ପିଇବା ଫଳରେ ତାଙ୍କ ଶରୀରରେ ସୋଡିୟମର ସ୍ତର କମ ହୋଇଯାଇଥିଲା। ଫଳରେ ସେ ଗୁରୁତର ହୋଇ ପଡିଥିଲେ। ପରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅତ୍ୟଧିକ ପାଣି ପିଇବା ଦ୍ୱାରା ତାଙ୍କ ଅବସ୍ଥା ଏପରି ହୋଇଥିବା ଡାକ୍ତର ପ୍ରକାଶ କରିଥିଲେ। କିଛିଦିନ ଭେଣ୍ଟିଲେଟରରେ ରହିବା ପରେ ସେ ଏବେ ସୁସ୍ଥ ରହିଥିବା ଜଣାପଡିଛି।



# ଆର୍‌ଏନ୍‌ଏ-ଡିଏନ୍‌ଏ ମିଳନରୁ ଜୀବନ ସୃଷ୍ଟି



**କାଲିଫର୍ନିଆ:** ପୃଥିବୀରେ କିଭଳି ଜୀବନ ସୃଷ୍ଟି ହେଲା ସେନେଇ ଗବେଷକମାନେ ବିଭିନ୍ନ ଗବେଷଣା ଜାରି ରଖିଛନ୍ତି। ଆମେରିକା କାଲିଫର୍ନିଆର ସ୍କ୍ରିପ୍ସ ରିସର୍ଚ୍ଚ ସଂସ୍ଥା ପକ୍ଷରୁ କୁହାଯାଇଛି ଯେ, ଆର୍‌ଏନ୍‌ଏ(ରାଇବୋନ୍ୟୁକ୍ଲିକ ଏସିଡ) ଏବଂ ଡିଏନ୍‌ଏ(ଡିଅକ୍ସି ରାଇବୋନ୍ୟୁକ୍ଲିକ ଏସିଡ)ର ମିଳନରୁ ପୃଥିବୀରେ ଜୀବନ ସୃଷ୍ଟି ହୋଇଛି। ସଂସ୍ଥାରେ କାର୍ଯ୍ୟ କରୁଥିବା ଭାରତୀୟ ବଂଶୋଦ୍ଭବ କେମିଷ୍ଟ ରାମନାରାୟଣ କୃଷ୍ଣମୂର୍ତ୍ତି ଏନେଇ ଦାବି କରିଛନ୍ତି। ଜୀବନ ସୃଷ୍ଟି ହେବା ପୂର୍ବରୁ ପୃଥିବୀରେ ଡାଇଥାୟୋଫସଫେଟ ନାମକ ଏକ ରାସାୟନିକ ପଦାର୍ଥ ଭରି ରହିଥିଲା। ପରବର୍ତ୍ତୀ ସମୟରେ ଭିନ୍ନ ଭିନ୍ନ ବିଘଟନ ପ୍ରକ୍ରିୟା ଦ୍ୱାରା ଆର୍‌ଏନଏ ଏବଂ ଡିଏନଏ ମିଳନ ହୋଇ ଜୀବନ ସୃଷ୍ଟି ହୋଇଥିବା କୃଷ୍ଣମୂର୍ତ୍ତି କହିଛନ୍ତି। ତାଙ୍କ ରିପୋର୍ଟ ବିଜ୍ଞାନ ପତ୍ରିକା ଏନ୍‌ଜେନ୍‌ୱାଣ୍ଡ୍‌ଟେମ୍ କେମାଇରେ ପ୍ରକାଶିତ ହୋଇଛି।

# ମସାଜ୍ କରନ୍ତି ସାପ



**କାଏରୋ:** ବିଭିନ୍ନ ପ୍ରକାର ମସାଜ ସମ୍ପର୍କରେ ଜଣାଅଛି। ତେବେ ପିଠି ଏବଂ ମୁହଁରେ ସାପକୁ ଛାଡ଼ି ମସାଜ କରିବା କଥା ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବେ। ମାତ୍ର ଇଜିପ୍ଟରେ ଏଭଳି ଏକ ସ୍ପା ରହିଛି ଯେଉଁଠି ସାପଙ୍କ ଦ୍ୱାରା ମସାଜ କରାଯାଇଥାଏ। ରାଜଧାନୀ କାଏରୋରେ ଏହି ସ୍ପା ରହିଛି। ଏଠାରେ ବିଷ ନ ଥିବା ସାପଙ୍କ ଦ୍ୱାରା ସାଧାରଣତଃ ମସାଜ କରାଯାଇଥାଏ। ମସାଜ କାର୍ଯ୍ୟରେ ଅଜଗରଠାରୁ ଆରମ୍ଭ କରି ଅନ୍ୟ ପ୍ରଜାତିର ପ୍ରାୟ ୨୮ ପ୍ରକାର ସାପ ବ୍ୟବହାର କରାଯାଇଥାଏ ବୋଲି ସ୍ପାର ମାଲିକ ସଫୱ୍ଟ ସେଡ଼ିକ କହିଛନ୍ତି। ଦୀର୍ଘ ୩୦ ମିନିଟ ଧରି ଏହି ମସାଜ କରାଯାଇଥାଏ। ଏହାଦ୍ୱାରା ଶରୀରକୁ ଆରାମ ମିଳିବା ସହିତ ବିଭିନ୍ନ ପ୍ରକାର ପିଠି ଯନ୍ତ୍ରଣା ଉପଶମ ହୋଇଥାଏ ବୋଲି ମାଲିକ କହିଛନ୍ତି। ଏବେ ସାପ ମସାଜର ୧ ମିନିଟ ୧୪ ସେକେଣ୍ଡର ଏକ ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ଏହି ଭିଡ଼ିଓକୁ ଗଣମାଧ୍ୟମ ସଂସ୍ଥା ରଏଟରର ଟୁଇଟର ହ୍ୟାଣ୍ଡେଲରେ ଅପଲୋଡ କରାଯାଇଛି।

# ଶୀତର ଶତ୍ରୁ ଆଇସ୍‌ମ୍ୟାନ୍

**ଫିନ୍‌ଲାଣ୍ଡ:** ଥଣ୍ଡା ଯାହାକୁ ଡରେ, ସେ ହେଉଛନ୍ତି ଫିନ୍‌ଲାଣ୍ଡର ୱିମ୍ ହୋଫ୍। ଶୀତର ଶତ୍ରୁ ଆଖ୍ୟା ପାଇଥିବା ଏଭଳି ବ୍ୟକ୍ତିତ୍ୱଙ୍କ କଥା ଜାଣିଲେ ଆପଣ ଆଶ୍ଚର୍ଯ୍ୟ ହେବେ। ମାଇନସ୍ ୩୫ ଡିଗ୍ରୀ ସେଲସିୟସ ତାପମାତ୍ରାରେ ଖାଲି ପାଦରେ, ବିନା ପୋଷାକରେ ବରଫର ମୋଟା ଆସ୍ତରଣରେ ୨୧ କିଲୋମିଟର ମାରାଥନ ଦୌଡ଼ି ବିଶ୍ୱ ରେକର୍ଡ କରି ଏବେ ଚର୍ଚ୍ଚାରେ ହୋଫ୍। ଏପରି ଶୀତରେ ୱିମ୍ ଗତ ବର୍ଷ ମାରାଥନ ଦୌଡ଼ି ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେଇଥିଲେ।

ରକ୍ତ ଶୁଖାଇଦେଲା ଭଳି ଶୀତରେ ୱିମ୍ ହୋଫ୍ ବରଫ ପାଣିରେ ମାଛ ପରି ପହଁରନ୍ତି ତ ଆଉ କେତେବେଳେ ବରଫ ଭର୍ତ୍ତି ଟବ୍‌ରେ ଘଣ୍ଟା ଘଣ୍ଟା ଧରି ବସି ରହନ୍ତି ଏବଂ କେବେ ୱିମ୍ ବରଫ ପାହାଡ଼ର ଶିଖରରେ ଚଢ଼ିଯାଆନ୍ତି। ଏଥିପାଇଁ ତାଙ୍କୁ ସାରା ଦୁଆରେ କିଏ କହେ ଆଇସ୍‌ମ୍ୟାନ, ହିମପୁତ୍ର ତ ଆଉ କିଏ ତାଙ୍କ ନାଁ ଦେଇଛନ୍ତି ବର୍ଫିଲା। ବରଫରେ ଦୌଡ଼ିବା ପୂର୍ବରୁ ଆଇସ୍‌ମ୍ୟାନ ବରଫ୍ ଉପରେ ବସି ପଦ୍ମାସନ କରିଥାନ୍ତି। ବିଶ୍ୱର ଥଣ୍ଡା ଦେଶଗୁଡ଼ିକ ମଧ୍ୟରୁ ଫିନ୍‌ଲାଣ୍ଡ ଅନ୍ୟତମ। ଏଠାରେ ବର୍ତ୍ତମାନ ତାପମାତ୍ରା ମାଇନସ୍ ୩୫ ଡିଗ୍ରୀ ସେଲ୍‌ସିୟସ୍। ଯେତେବେଳେ ଏହି ସ୍ଥାନରେ ଥଣ୍ଡା ପବନ ଦେହରେ କଣ୍ଟା ଭଳି ଫୋଡ଼ିହୁଏ, ବରଫର ଚାଦର ସବୁ ଗଛକୁ ଢାଙ୍କି ଦିଏ ସେହି ସମୟରେ ଆଇସ୍‌ମ୍ୟାନ୍ ଖାଲି ପାଦରେ ଘଣ୍ଟା ଘଣ୍ଟା ଧରି ଦୌଡ଼ିପାରନ୍ତି। ଫିନଲାଣ୍ଡଠାରେ ୫ ଘଣ୍ଟା ୨୫ ମିନିଟ୍‌ରେ ୨୧ କିଲୋମିଟର ଦୌଡ଼ି ୱିମ୍ ବିଶ୍ୱ ରେକର୍ଡ କରିଥିଲେ। ଏଥିପାଇଁ ୱିମ୍ କୌଣସି ଟ୍ରେନିଂ ନେଇ ନାହାନ୍ତି। ବିଜ୍ଞାନ ମୁତାବକ ଏଭଳି ଅବସ୍ଥାରେ ଦୌଡୁଥିବା ଲୋକଙ୍କ ମୃତ୍ୟୁ ହୋଇଯାଉଥିବା ବେଳେ ୱିମ୍ ଅତି ସହଜରେ ଏପରି କରିପାରୁଛନ୍ତି।



ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ
ଶ୍ରଦ୍ଧାଞ୍ଜଳି

ଂ ହୀରା ମହାରଣା
ବଇଁଚୁଆ, ବାଲିଅନ୍ତା
ଆବିର୍ଭାବ: ୨୨।୦୩।୧୯୨୩
ତିରୋଧାନ: ୨୦।୧୨।୨୦୨୦
ଆପଣଙ୍କ ଅମରଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁତ୍ର-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପରିବାର ଓ ବନ୍ଧୁବର୍ଗ
ଧ-୪୬୨୯୩

ଷୋଡ଼ଶ ବାର୍ଷିକ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଂ ନିରୋଜ କୁମାର ସାମଲ
ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର
ତିରୋଧାନ: ୩୧।୧୨।୨୦୦୪
କୁନିଆଁ, ତୁ ଯିବାର ଷୋହଳ ବର୍ଷ ବିତିଗଲା। ତଥାପି ବି ତୁ ଆମ ସହ ଅଛୁ। ତୋର ହସ ହସ ମୁହଁ ଏବେ ବି ଆମ ଆଖି ସାମ୍ନାରେ ନାଚୁଛି। ତୋର ସ୍ନେହ, ଶ୍ରଦ୍ଧା ଭୁଲି ହବନି। ଭଗବାନଙ୍କଠାରେ ପ୍ରାର୍ଥନା ତୁ ଭଲରେ ଥା, ତୋ ଅମରଆତ୍ମା ଶାନ୍ତି ପାଉ।
ଶୋକସନ୍ତପ୍ତ: ବୋଉ- ଲକ୍ଷ୍ମୀପ୍ରିୟା, ଭାଇ- ସରୋଜ, ମନୋଜ, ଭାଉଜ- ଅର୍ଚ୍ଚନା, ସୁଚରିତା, ପୁତୁରାଝିଆରୀ- ଅରବିନ୍ଦ, ଅଂଶୁମାନ, ଆକାଂକ୍ଷା, ଐଶ୍ୱର୍ଯ୍ୟା, ଭଉଣୀ- ଝରଣା, ମନସ୍ୱିତା, ପ୍ରଜ୍ଞା, ଭିଣୋଇ- ପ୍ରଶାନ୍ତ, ଅଶୋକ, ଜ୍ୟୋତି, ଭଣଜା-ଭାଣିଜୀ- ଅର୍ପଣ, ସ୍ୱାତୀ ଓ ଶ୍ରେଷ୍ଠା
ଧ-୧୯୪୦୯

ଦଶାହ ଉପଲକ୍ଷେ

ଂଭାଗୀରଥି ବାହିନୀପତି
ଗାନ୍ଧିନଗର ଛକ, ସରକାରୀ ମେଡିକାଲ ନିକଟ, ଜଟଣୀ
ଆବିର୍ଭାବ: ୦୬।୦୭।୧୯୩୫
ତିରୋଧାନ: ୨୨।୧୨।୨୦୨୦
ପିତା ସ୍ୱର୍ଗ ପିତା ଧର୍ମ ପିତା ହିଁ ପରମ ତପୋ
ପିତରି ପ୍ରୀତିମା ପନ୍ନେ ପ୍ରିୟନ୍ତେ ସର୍ବ ଦେବତା।
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା, ଆପଣଙ୍କ ଅମରଆତ୍ମାର ସଦ୍‌ଗତି ହେଉ।
ଶୋକସନ୍ତପ୍ତ:
ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ
ଧ-୧୯୪୧୮

ଦ୍ୱାଦଶ
ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତା ପ୍ରିୟଦର୍ଶନୀ ମିଶ୍ର (ଟୁଇଁ)
ଆବିର୍ଭାବ: ୧୭।୦୧।୨୦୦୧
ତିରୋଧାନ: ୩୧।୧୨।୨୦୦୮
ତୋର ଅମରଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ମାଆ, ନନା, ବୋଉ, ନାନୀ, ବନ୍ଧୁ ଓ ପରିବାରବର୍ଗ, ପୁରୀ
ଧ-୬୯୦୩୬

## ବଡ଼ ସୁଯୋଗକୁ ଅପେକ୍ଷା

ଆଉ ଜଣେ ନବାଗତ ନିଜ ନାମକୁ ଓଡ଼ିଆ ସିନେମାର ନବାଗତ ତାଲିକାରେ ସାମିଲ କରିବାକୁ ଯାଉଛନ୍ତି। ସେ ହେଲେ ଦେବାନନ୍ଦ। ଥିଏଟରରୁ ତାଙ୍କର ଆକ୍ଟିଂ କ୍ୟାରିଅର ଆରମ୍ଭ। ନିର୍ମିତ ହେବାକୁ ଯାଉଥିବା ନୂଆ ଓଡ଼ିଆ ସିନେମା 'ଗୁରୁଦେବ'ର ନାୟକ ସାଜିଛନ୍ତି ସେ। ନିଜ ସମ୍ପର୍କରେ ସେ କହନ୍ତି, ''ହର ସାର୍ (ହର ପଟ୍ଟନାୟକ) ହେଉଛନ୍ତି ମୋ ଆକ୍ଟିଂ ଗୁରୁ। ତାଙ୍କ ପାଖରୁ ମୁଁ ଅଭିନୟ ବିଷୟରେ ଅନେକ କିଛି ଶିଖିଛି। ଏହି ଫିଲ୍ମରେ ମୋତେ ଯେଉଁ ଭୂମିକାଟି


ଦେବାନନ୍ଦ

ମିଳିଛି ତାହା ମୋ ପାଇଁ ଏକ ଚ୍ୟାଲେଞ୍ଜ ଏବଂ ଏହାକୁ ତୁଲାଇବାକୁ ମୁଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନେଇଛି। ଅନ୍ୟପକ୍ଷରେ ଏକ ବଡ଼ ସୁଯୋଗ ମିଳିଲେ ତାହା ମୋ କ୍ୟାରିୟର ପାଇଁ ମାଇଲେଜ ସାବ୍ୟସ୍ତ ହେବ।'' ଅନ୍ୟପକ୍ଷରେ ଭାଇ-ଭାଇ ସମ୍ପର୍କକୁ ନେଇ ରଚିତ କାହାଣୀରେ କେବଳ ଆକ୍ସନ ନୁହେଁ, ଇମୋଶନ, ଫ୍ୟାମିଲି ଡ୍ରାମା ମଧ୍ୟ ରହିଛି। ତା'ସହ ଏହି ଫିଲ୍ମରୁ ଦର୍ଶକ ସ୍ପେଶାଲ ଚାର୍ମ ପାଇବେ ବୋଲି ଆଶା ରଖିଛନ୍ତି ଏହାର ପ୍ରଯୋଜକ ସତ୍ୟଜିତ ତ୍ରିପାଠୀ। ଏସ୍.ଡି. ଫିଲ୍ମସ ବ୍ୟାନରରେ ଏହାର ପ୍ରାରମ୍ଭିକ କାମ ଚାଲୁ ରହିଛି। ଏହାର ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି ସରୋଜ କାନ୍ତ। ସଂଳାପ ରଚନା କରିଛନ୍ତି ମନୋରଞ୍ଜନ ଦାସ। ଦେବାନନ୍ଦଙ୍କ ସହ ନାୟିକା ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି ପିୟାଲି। ଏହି ଫିଲ୍ମରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଉଛନ୍ତି ବିଭୂତି ଭୂଷଣ ଗଡ଼ନାୟକ।


ଆଲିୟା

## ସମୟ ହୋଇନାହିଁ

ମହେଶ ତନୟା ଆଲିୟା ଭଟ୍ଟ କେବେ ହାତକୁ ଦି' ହାତ ହେବେ। ରଣବୀର କପୁରଙ୍କ ସହ ତାଙ୍କ ସମ୍ପର୍କ ହୁଏତ କାହାକୁ ଅଛପା ନାହିଁ। କପୁର ପରିବାରର ବୋହୂ ସାଜି ସେ କେବେ ଯିବେ-ଏପରି ପ୍ରଶ୍ନର ଉତ୍ତର ଦେଇ ସେ ଏବେ କ'ଣ କହୁଛନ୍ତି ଜାଣନ୍ତି ? 'ମ୍ୟାରେଜ କରିବାକୁ ଏବେ ମୋର ସମୟ ହୋଇନାହିଁ। ମୁଁ କାହାକୁ ବାହା ହେବି, କେତେବେଳେ ବାହା ହେବି ତାହା ଠିକ୍ ସମୟରେ ଜଣାଇଦେବି। ବର୍ତ୍ତମାନ ମୁଁ ଗୋଟିଏ କଥାକୁ ଗୁରୁତ୍ୱ ଦେଉଛି। ତାହା ହେଲା ମୋ ଆକ୍ଟିଂ। ନିକଟରେ ମୋତେ ୨-୩ଟି ଅଫର ମିଳିଛି। ହେଲେ ଏ ନେଇ ମୁଁ କିଛି ଶେଷ ନିଷ୍ପତ୍ତି ନେଇନାହିଁ। ଏ ବିଷୟରେ ପ୍ରଥମେ ଭଲ ଭାବରେ ଚିନ୍ତା କରିବି, ତା'ପରେ ଯାହା ନିଷ୍ପତ୍ତି ନେବି। ମୁଁ ଜାଣିଛି ତରତର ହୋଇ ପାଦ ପକାଇଲେ କିଛି ଲାଭ ନାହିଁ। ଏଣୁତେଣୁ ଗୁଡ଼ାଏ ସିନେମାରେ ଅଭିନୟ କରିବା ଅପେକ୍ଷା ବଛା ବଛା ଭଲ ଫିଲ୍ମରେ ଆକ୍ଟିଂ କରିବାକୁ ମୁଁ ଚେଷ୍ଟା କରିବି ବୋଲି ସଫେଇ ଦେଇଛନ୍ତି ଆଲିୟା।' ତେବେ ବଡ଼ ପରଦାରେ ମିଛିମିଛିକା ବୋହୂ ସାଜିଥିବା ଆଲିୟା କେବେ ସତସତିକା ବୋହୂ ସାଜୁଛନ୍ତି ତାହା ଜାଣିବାକୁ କେବଳ ଅପେକ୍ଷା କରିବାକୁ ପଡ଼ିବ।

## ଦୋଛକିରେ ପ୍ରିୟଙ୍କା

ଏମିତି ସମୟ ଆସିଛି ଯେ ସେ କ'ଣ କରିବେ ଜାଣିପାରୁନାହାନ୍ତି। ଗତ କିଛି ବର୍ଷ ହେଲା ସେ ବଲିଉଡ୍‌ଠାରୁ ଦୂରେଇଯାଇ ହଲିଉଡ୍‌ରେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ହଁ, ସେ ହେଲେ ପ୍ରିୟଙ୍କା ଚୋପ୍ରା। ଏବେ ତାଙ୍କୁ ଏକାଥରେ କେତୋଟି ହଲିଉଡ୍ ଏବଂ ବଲିଉଡ୍ ଅଫର ମିଳିଛି। ହେଲେ ସେ କାହାକୁ ହଁ ଭରିବେ ଏବଂ କାହାକୁ ମନା କରିବେ ସେ ନେଇ ଅଡୁଆରେ ପଡ଼ିଯାଇଛନ୍ତି। ''ଯାହା ହେଲେ ମଧ୍ୟ ମୁଁ କେବେ ବଲିଉଡ୍‌କୁ ଭୁଲିପାରିବି ନାହିଁ। କାରଣ 'ବରଫି', 'ସାତ୍ ଖୁଣ ମାଫ୍', 'ବାଜିରାଓ ମସ୍ତାନି' ପରି ସିନେମା ମୋ କ୍ୟାରିୟରକୁ ବେଶ୍ ମାଇଲେଜ ଦେଇଛି। ତେଣୁ ଦେଖିଚାହିଁ ନିଷ୍ପତ୍ତି ନେବି'' ବୋଲି କହନ୍ତି ପ୍ରିୟଙ୍କା।



## ସମୟାନୁବର୍ତ୍ତୀ ରଣବୀର

ସତରେ ନାୟକ ହେବ ଏମିତି। ଦେଖୁନାହାନ୍ତି, ନିଜର କ୍ୟାରିୟରକୁ ଆଗେଇ ନେବାକୁ ସେ କେମିତି ନୂଆ ଯୋଜନା ପ୍ରସ୍ତୁତ କରିସାରିଲେଣି। ଆସନ୍ତାବର୍ଷକୁ ସେ ଗୋଟିଏ କଥାକୁ ସବୁଠାରୁ ଅଧିକ ଗୁରୁତ୍ୱ ଦେବେ। ତାହା ହେଲା ଟାଇମିଙ୍ଗ। ଅର୍ଥାତ୍ ଠିକ୍ ସମୟରେ ଶୁଟିଂ ସେଟ୍‌ରେ ପହଞ୍ଚିବେ ଏବଂ ନିଜର ଶଟ୍ କିପରି ଆଦୌ କଟ୍ ନ ହେବ ସେ ନେଇ ମଧ୍ୟ ସ୍ୱତନ୍ତ୍ର ନଜର ଦେବେ। ସେ ହେଲେ ରଣବୀର ସିଂ। ଏ ସମ୍ପର୍କରେ ସେ କହନ୍ତି, 'ନୂଆବର୍ଷରୁ ନୂଆ ଯୋଜନା ସହ ଆଗେଇବି। ବିଶେଷଭାବରେ ଏଣିକି ସମୟାନୁବର୍ତ୍ତିତା ଉପରେ ଗୁରୁତ୍ୱ ଦେବି। ତା'ସହ ଶୁଟିଂ ସମୟରେ ଯେମିତି ଅଧିକ କଟ୍ ନ ହୁଏ ତାହା ଉପରେ ମଧ୍ୟ ଦୃଷ୍ଟି ଦେବି। ମୋର ଡ୍ରିମ୍ ସିନେମା '୮୩' ରିଲିଜ ଅପେକ୍ଷାରେ ରହିଛି। କପିଳ ଦେବଙ୍କ ପରି ମହାନ କ୍ରିକେଟିୟରଙ୍କର ବାୟୋପିକ୍‌ରେ ଅଭିନୟ କରିବା ଛୋଟିଆ କଥା ନୁହେଁ। ମୋର ଆଶା ରହିଛି ଏହି ଫିଲ୍ମକୁ ଦର୍ଶକ ନିଶ୍ଚୟ ଗ୍ରହଣ କରିବେ।



# ନୂଆ ବର୍ଷ : ନୂଆ ଆଶା

ଚଳିତ ବର୍ଷର ପ୍ରଥମ ତିନି ମାସ ମଧ୍ୟରେ ମାତ୍ର ଚାରୋଟି ଚଳଚ୍ଚିତ୍ର ପରଦା ଉପରକୁ ଆସିଥିଲା। ମାର୍ଚ୍ଚ ଶେଷ ସପ୍ତାହରୁ କରୋନା ମହାମାରୀ ଯୋଗୁ ଚଳଚ୍ଚିତ୍ର ଜଗତ ପ୍ରଭାବିତ ହୋଇଥିଲା। କେବଳ ଯେ ସିନେମାଗୁଡ଼ିକର ଶୁଟିଂ ବନ୍ଦ ଥିଲା ତା' ନୁହେଁ, ପ୍ରେକ୍ଷାଳୟଗୁଡ଼ିକ ମଧ୍ୟ ବନ୍ଦ ରହିଥିଲା। ଏ ବର୍ଷ ପ୍ରାୟ ୨୫ରୁ ଅଧିକ ସିନେମା ରିଲିଜ ହେବାର ଯୋଜନା ଥିଲା। କିନ୍ତୁ ସବୁ ଆଶା ଆଶାରେ ହିଁ ରହିଯାଇଥିଲା। ଏବେ ଅପେକ୍ଷା ୨୦୨୧କୁ। ଯଦି ଆସନ୍ତାବର୍ଷ ପ୍ରାରମ୍ଭରୁ ପ୍ରେକ୍ଷାଳୟ ଖୋଲିବାକୁ ଅନୁମତି ମିଳେ ତେବେ କେତୋଟି ସିନେମା ମୁକ୍ତିଲାଭ କରିବ। ବର୍ତ୍ତମାନ କୋଭିଡ୍ ଅନ୍‌ଲକ୍ ଗାଇଡଲାଇନକୁ ଅନୁସରଣ କରି କେତେକ ସିନେମାର ଶୁଟିଂ, ଡବିଂ ଏବଂ ପୋଷ୍ଟ ପ୍ରଡକ୍ସନ କାମ ଆଗେଇ ଚାଲିଛି। ତା' ସହ ନୂଆ ସିନେମାର ମହୁରତ, ପ୍ରାରମ୍ଭିକ କାମ ମଧ୍ୟ ଚାଲୁ ରହିଛି। ଏ ବର୍ଷ ଆଚାର୍ଯ୍ୟ ଏଣ୍ଟରଟେନମେଣ୍ଟ ଓ ତଥ୍ୟ ରିୟଲ ଇଷ୍ଟେଟ ଆଣ୍ଡ ମିଡିଆ ବ୍ୟାନର ଏବଂ ପ୍ରଦୀପ୍ତ ପ୍ରକାଶ ଆଚାର୍ଯ୍ୟ-ନିରଞ୍ଜନ ନାୟକଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ବିଦ୍ୟାରାଣୀ'। ଏଥିରେ ବାବୁସାନଙ୍କୁ ଦର୍ଶକ ସିକ୍ସ ପ୍ୟାକ୍ ବଡ଼ିରେ ଦେଖିବାକୁ ପାଇବେ। ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ଜ୍ୟୋତି ଦାସ। ଏହାବ୍ୟତୀତ ରମେଶ ରାଉତଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେଉଛି 'ଅଟୋଗ୍ରାଫ ଏ ସାଇନ୍ ଅଫ୍ ଲଭ୍। ଏହାର ନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ଦୀପକ ଏବଂ ତାଙ୍କର ନାୟିକା ସାଜିଛନ୍ତି ନବାଗତା ସ୍ୱାତୀ। 'ଏହି ଫିଲ୍ମର କାହାଣୀରେ ଭିନ୍ନତା ରହିଛି ଏବଂ ତାହା ଦର୍ଶକଙ୍କ ମନକୁ ନିଶ୍ଚୟ ଛୁଇଁବ ବୋଲି ଆଶା ରହିଛି ବୋଲି କହନ୍ତି ଦୀପକ। ରୁଷିଆ ସୁନ୍ଦରୀ ଆଲେକଜାଣ୍ଡ୍ରା ସ୍କେଲସୁନୋଭା ଓଲିଉଡ୍‌ରେ ଏଣ୍ଟ୍ରି କରିଛନ୍ତି। ସିନେମାଟି ହେଲା 'ବାଏ ବାଏ ଦିଲ୍'। କୁନାଲ ପଟ୍ଟନାୟକ ଏହାର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି। ଫିଲ୍ମର ନାୟକ ଭୂମିକାରେ ଦେଖାଦେବେ ରାଜା। ରଣଜିତ ବାରିକଙ୍କ ନିର୍ଦ୍ଦେଶନାରେ ନୂଆ ଓଡ଼ିଆ ସିନେମା 'ତୁମେ ମୋ ଶଙ୍ଖା ତୁମେ ମୋ ସିନ୍ଦୂର' ଆସନ୍ତା ବର୍ଷ ରିଲିଜ ହେବାର ଯୋଜନା ରହିଛି। ଚିତ୍ରରେ ଅଭିଷେକ ରଥ-ମହିମା ଯୋଡ଼ିକୁ ଦେଖିବାକୁ ମିଳିବ। ଓଲିଉଡ୍‌ର ଆଗଧାଡ଼ିର ପ୍ରଯୋଜକ ରମେଶ ବାରିକ। ତାଙ୍କ ପ୍ରଯୋଜନାରେ ନିର୍ମିତ 'ଇନ୍ଦ୍ରଜାଲ' ମଧ୍ୟ ରିଲିଜ ଅପେକ୍ଷାରେ ରହିଛି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ପିନୁ ନାୟକ। ସମ୍ବିତ ଏବଂ ଦେବଯାନୀଙ୍କୁ ଏହାର ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ଆଉ ଜଣେ ନବାଗତା ଚଳିତ ବର୍ଷ ଓଡ଼ିଆ ସିନେମାରେ ପାଦ ଦେଇଛନ୍ତି। ସେ ହେଲେ ଖୁସି। ନିରଞ୍ଜନ ବେହେରାଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେଉଥିବା 'ହିରୋ ନଂ. ଜିରୋ'ରେ ତାଙ୍କର ନାୟକ ସାଜିଛନ୍ତି ଜ୍ୟୋତି ନାୟକ। ପ୍ରଶାନ୍ତ ଲେଙ୍କାଙ୍କ ନିର୍ଦ୍ଦେଶନା 'କିଏ ହେବ ମୋ ହିରୋଇ
ଅଭିନୟ କରୁଛନ୍ତି ଅସୀତ ଏବଂ ମହିମା।

ଓଡ଼ିଆ ଅପେରା ଜଗତରେ ହିଟ୍ ସାବ୍ୟସ୍ତ ହୋଇଥିଲା ଗୌରୀ ଗଣନାଟ୍ୟ ପରିବେଷିତ ନାଟକ 'ବାଜିବ ଲୋ ସାହାନାଇ'। ଏହାର ନିର୍ଦ୍ଦେଶକ ଆଶୁତୋଷ ମହାପାତ୍ର ଏହି ନାଟକକୁ ଫିଲ୍ମ ରୂପ ଦେଉଛନ୍ତି। ନିଜେ ଏହାର ନିର୍ଦ୍ଦେଶନା ଭାର ମଧ୍ୟ ସମ୍ଭାଳିଛନ୍ତି। ଉକ୍ତ ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ସମ୍ବିତ, ଅମ୍ଲାନ ଏବଂ ଝିଲିକ୍। ହିମାଂଶୁ ପରିଡ଼ା (ଚଣ୍ଡୀ)ଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ଦିଲ୍ ମୋର ମାନେନା' ଆସନ୍ତା ବର୍ଷ ପରଦା ଉପରକୁ ଆସିବାର ଯୋଜନା ରହିଛି। ଚିତ୍ରର ନାୟକ ସ୍ୱରାଜ ସାଜିଥିବା ବେଳେ ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ଶିବାନୀ। 'ଏହି ଫିଲ୍ମରୁ ଦର୍ଶକ ଡିଫରେଣ୍ଟ ଚାର୍ମ ପାଇବେ। କାହାଣୀ ସହ ସଙ୍ଗୀତ ଏବଂ ଉପସ୍ଥାପନାକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି ବୋଲି କହନ୍ତି ଏହାର ଅନ୍ୟତମ ପ୍ରଯୋଜିକା ଛବିତା ମାର୍ଥା।' ଅଭିନେତାରୁ ଏଥର ପ୍ରଯୋଜକ ସାଜିଛନ୍ତି ଦୀପକ। ହୋମ୍ ବ୍ୟାନର ତନୁଜା ସିନେ ପ୍ରଡକ୍ସନରେ ନିର୍ମିତ ହେଉଛି 'ପଲ୍ ପଲ୍ ତତେ ଚାହେଁ', ଯାହାର ନିର୍ଦ୍ଦେଶନା ଦେଉଛନ୍ତି ସୁଧାକର ବସନ୍ତ। ନିଜେ ଦୀପକ ଏହାର ନାୟକ ସାଜିଛନ୍ତି ଏବଂ ନାୟିକା ଭାବରେ ବ୍ରେକ୍ ମିଳିଛି ପ୍ରାଚୀ ଚୌଧୁରୀଙ୍କୁ। ଏହି ଫିଲ୍ମଗୁଡ଼ିକ ବ୍ୟତୀତ ରାକେଶ ସାମଲଙ୍କ ନିର୍ଦ୍ଦେଶନାରେ 'ରୋମିଓ ରାଜା' (ଅମ୍ଲାନ କୁମାର, ତମନ୍ନା), 'ଲଭ୍ ଫିଭର' (ନିର୍ଦ୍ଦେଶନା-ଚନ୍ଦନ ରାଜା, ଅଭିନୟରେ : ରାଜବୀର, ବନ୍ଦନା ପାରମାଣିକ), ଏବଂ କେ. ମୁରଲୀକ୍ରିଷ୍ଣାଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ବାଳୀ' (ସୂର୍ଯ୍ୟକାନ୍ତ, ମାମା) ଆସନ୍ତା ବର୍ଷ ରିଲିଜ ଅପେକ୍ଷାରେ ରହିଛି।


ଦୀପକ-ପ୍ରାଚୀ


ତମନ୍ନା

ସୂର୍ଯ୍ୟକାନ୍ତ-ମାମା

## ବଲିଉଡ ହାଲ୍‌ଚାଲ୍


ବାଣୀ କପୁର

➔ ବରୁଣ ଧାୱନ ଏବଂ ସାରା ଅଲ୍ଲୀ ଖାଁଙ୍କ ଅଭିନୀତ 'କୁଲି ନଂ. ୱାନ୍'କୁ ଭଲ ପ୍ରାରମ୍ଭିକ ରେସପନ୍ସ ମିଳିଛି।

➔ ବାଣୀ କପୁର ଏବେ ପଶୁପକ୍ଷୀଙ୍କ ସୁରକ୍ଷା ପାଇଁ ଅଣ୍ଟା ଭିଡିଛନ୍ତି।

➔ ବଡ଼ ପରଦାଠାରୁ କିଛି ବର୍ଷ ଦୂରେଇ ରହିବା ପରେ ପୁଣି ଥରେ କମ୍ ବ୍ୟାକ୍ କରୁଛନ୍ତି ଐଶ୍ୱର୍ଯ୍ୟା ରାୟବଚ୍ଚନ। ମଣିରତ୍ନମଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଯାଉଥିବା ଏକ ସିନେମାରେ ସେ ଅଭିନୟ କରିବେ।

➔ ମଲାଇକା ଆରୋରା ଏବେ ଇଟାଲୀରେ ଡେରା ପକାଇଛନ୍ତି। ସେଠାରେ ତାଙ୍କ ସହ ଅଛନ୍ତି ତାଙ୍କର ବୟଫ୍ରେଣ୍ଡ ଅର୍ଜୁନ କପୁର।

➔ ଦିଶା ପଟାନି ଏକ ହଳଦିଆ ରଙ୍ଗର ବିକିନି ପିନ୍ଧି ଫଟୋ ଉଠାଇବା ସହ ତାହାକୁ ନିଜ ସୋସିଆଲ ମିଡିଆରେ ଅପଲୋଡ୍ କରିଛନ୍ତି, ଯାହା ବେଶ୍ ଭାଇରାଲ୍ ହୋଇଛି।

➔ ନିର୍ଦ୍ଦେଶକ କବୀର ସିଂ ଏକ ନୂଆ ସିନେମାର ପ୍ରାରମ୍ଭିକ କାମରେ ବ୍ୟସ୍ତ ଅଛନ୍ତି। ଏହାର ନାୟିକା ଭାବରେ ସାରା ଅଲ୍ଲୀ ଖାଁ ଏବଂ ନାୟକ ଭୂମିକାରେ ରଣବୀର କପୁରଙ୍କୁ ସାଇନ୍ କରାଯିବାର ଯୋଜନା ରହିଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୭ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୩୧/୨୦୨୦ Bhubaneswar, Thursday, December 31/ 2020

# ଟାଇଗର୍ସର କ୍ରମାଗତ ଦ୍ୱିତୀୟ ବିଜୟ

**ଓଡ଼ିଶା ଟି୨୦ କ୍ରିକେଟ ଲିଗ୍**

ଭୁବନେଶ୍ୱର, ୩୦।୧୨(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଏମ୍‌ଜିଏମ୍ ଟି୨୦ କ୍ରିକେଟ ଲିଗ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଟାଇଗର୍ସ ୨୮ ରନରେ ଜାଗୁଆର୍ସକୁ ପରାସ୍ତ କରିଛି। ବୋଲରଙ୍କୁ ସୁହାଇଥିବା ପିଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଟାଇଗର୍ସ ୧୨୮ ରନ କରିଥିବାବେଳେ ଜାଗୁଆର୍ସ ଇନିଂସ ୧୦୦/୯ରେ ସୀମିତ ରହି ଯାଇଥିଲା। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ବିଜୟୀ ଦଳର ରାଜକିଶନ ପଟେଲ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଓଡ଼ିଶା ଚିତାସ୍‌ଠାରୁ ହାରି ଯାଇଥିବା ଟାଇଗର୍ସ ଏହାର ଦ୍ୱିତୀୟ ମ୍ୟାଚରେ ଲାୟନ୍ସକୁ ପରାସ୍ତ କରିଥିଲା। ଫଳରେ ୩ ମ୍ୟାଚରୁ ଦଳ ୨ ବିଜୟ ଓ ୧ ପରାଜୟ ସହ ୮ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ଜାଗୁଆର୍ସ ୩ଟି ଯାକ ମ୍ୟାଚ ହାରିସାରିଥିବାରୁ ପଏଣ୍ଟ ଖାତା ଖୋଲି ପାରିନାହିଁ।

ଟସ୍‌ଜିତି ଓଡ଼ିଶା ଜାଗୁଆର୍ସ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଟାଇଗର୍ସ ୩୬ରନରେ ୪ ଉଇକେଟ ହରାଇଥିଲେ ହେଁ ଅଧିନାୟକ ଦେବାଶିଷ ସାମନ୍ତରାୟଙ୍କ ୩୦ (୨୮ ବଲ, ୨ ଚୌକା) ଏବଂ ୭ ନମ୍ବର ବ୍ୟାଟ୍ସମ୍ୟାନ ରାଜକିଶନଙ୍କ ଅପରାଜିତ ଦ୍ରୁତ ୪୪(୩୪ ବଲ, ୪ ଚୌକା) ରନ ବଳରେ ସମ୍ମାନଜନକ ସ୍କୋର ଦିଗରେ ଅଗ୍ରସର ହୋଇଥିଲା। ତେବେ ଶେଷଭାଗ ବ୍ୟାଟିଂ ବିଫଳତା ଯୋଗୁ ଦଳ ୧୯.୪ ଓଭରରେ ୧୨୮ ରନକରି ଅଲଆଉଟ ହୋଇଯାଇଥିଲା। ବିପକ୍ଷ ଦଳର ରାହୁଲ ଚୌଧାରୀ ସର୍ବାଧିକ ୩ଟି, ମନୋଜ କାଶ୍ୟପ, ରଶ୍ମିରଞ୍ଜନ ସାହୁ ଓ ଲଗ୍ନଜିତ ସାମଲ ୨ଟି ଲେଖାଏ ଏବଂ ନିର୍ବିଶଙ୍କର ବାରିକ ଗୋଟିଏ ଉଇକେଟ ନେଇଥିଲେ। ଜାଗୁଆର୍ସ ପୂରା ୨୦ ଓଭର ଖେଳିଥିଲେ ହେଁ କ୍ରମାଗତ ବ୍ୟବଧାନରେ ଉଇକେଟ ପତନଜନିତ ଧିମା ବ୍ୟାଟିଂ ଯୋଗୁ ୯ ଉଇକେଟ ହରାଇ୧୦୦ ରନ କରିପାରିଥିଲା। ୮ ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ସ୍ପର୍ଶକରିପାରି ନ ଥିଲାବେଳେ କ୍ଷମାସାଗର ବଳ ସର୍ବାଧିକ ୩୦(୧୮ ବଲ, ୨ ଚୌକା, ୨ ଛକା) ଓ ଗିରିଜା ରାଉତ ୨୬(୪୧ ବଲ, ୧ ଚୌକା) ରନ କରିବାକୁ ସକ୍ଷମ ହୋଇଥିଲେ। ବିଜୟୀ ଦଳର ରାଜକିଶନ ସର୍ବାଧିକ ୩ଟି, ବି. ଶିବା ଓ ସଞ୍ଜୟ ଦାସ ୨ଟି ଲେଖାଏ ଏବଂ ଶେଖର ମାଝି ଓ ହର୍ଷିତ ରାଠୋଡ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ପୁରସ୍କାର ସହ ରାଜକିଶନ ପଟେଲ ।

# ଟିମ୍ କମ୍ବିନେଶନ ଉପରେ ନଜର

**ସିଡ୍‌ନୀ ଟେଷ୍ଟ**

ନୂଆଦିଲ୍ଲୀ,୩୦।୧୨(ପି.ଟି.)

୫ ବୋଲରଙ୍କୁ ନେଇ ଖେଳିବା ରଣନୀତି କାମ ଦେଲା ଓ ଭରତ ମେଲବୋର୍ନ ଟେଷ୍ଟ ଜିତିଲା। କିନ୍ତୁ ତୃତୀୟ ଟେଷ୍ଟ ପୂର୍ବରୁ ଅଜିଙ୍କ୍ୟ ରାହନେଙ୍କ ନେତୃତ୍ୱଧୀନ ଭାରତୀୟ ଦଳ ପାଇଁ ବ୍ୟାଟିଂ ବିଭାଗରେ ଓପନିଂ ସ୍ଥାନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତାରକା ଓପନର ରେହିତ ଶର୍ମା ଏବେ ଦଳରେ ଯୋଗ ଦେଇଛନ୍ତି।

ଦକ୍ଷିଣ ଆଫ୍ରିକା ବିପକ୍ଷ ଘରୋଇ ଟେଷ୍ଟ ସିରିଜରେ ରୋହିତ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ଗତ କେତେ ସପ୍ତାହ ହେବ ସେ କ୍ୱାରଣ୍ଟାଇନରେ ରହିଛନ୍ତି। ତାଙ୍କର କ୍ୱାରାଣ୍ଟାଇନ୍ ଶେଷ ହୋଇଛି ଓ ସେ ବୁଧବାର ଦଳରେ ଯୋଗଦେଇଛନ୍ତି। ଯୁବ ଓପନର ଶୁବମନ ଗିଲ୍ ଓପନର ଭାବେ ପରିପକ୍ୱତା ଦେଖାଇଛନ୍ତି ଓ ମେଲବୋର୍ନ ଟେଷ୍ଟ ବିଜୟରେ ନିଜର ଯୋଗଦାନ ପାଇଁ ପ୍ରଶଂସିତ ହୋଇଛନ୍ତି। ତେଣୁ ଶୁବମନ ଖେଳିବା ନିଶ୍ଚିତ ମନେହେଉଥିବ ବେଳେ ରୋହିତଙ୍କ ପାଇଁ ଅନ୍ୟତମ ଓପନର ମୟଙ୍କ ଅଗ୍ରୱାଲ କିମ୍ବା ମିଡିଲ ଅର୍ଡରରେ ହନୁମା ବିହାରୀଙ୍କୁ ବାଦ୍ ଦିଆଯିବର ସମ୍ଭାବନା ସୃଷ୍ଟି ହୋଇଛି।

ଚଳିତ ସିରିଜରେ ମୟଙ୍କ ଆଶାନୁରୂପ ପ୍ରଦର୍ଶନ କରିପାରିନାହାନ୍ତି। ସେ କେବଳ ଥରେ ମାତ୍ର ଦୁଇ ଅଙ୍କ ଛୁଇଁଛନ୍ତି। ୨୦୧୮ ଭଳି ତାଙ୍କର ଫର୍ମ ଥିବା ପରି ମନେ ହେଉନାହିଁ। ଚଳିତ ବର୍ଷ ପ୍ରାରମ୍ଭରେ ନ୍ୟୁଜିଲାଣ୍ଡ ଗସ୍ତରେ ଯାଇଥିଲେ ମଧ୍ୟ ରୋହିତ ଗସ୍ତ ଅଧାରୁ ବାଦ୍ ପଡିଥିଲେ। ସେ ନଭେମ୍ବର ୧୦ରେ ଆଇପିଏଲ୍ ଫାଇନାଲ ଖେଳି ତାଙ୍କ ଶେଷ ମ୍ୟାଚ ଖେଳିଥିଲେ। ସେ ମଧ୍ୟ ପୁଣି ଥରେ ଆହତ ହୋଇଛନ୍ତି। ତେଣୁ ସେ ପ୍ରତ୍ୟାବର୍ତ୍ତନ କରିବା ନେଇ ଚ୍ୟାଲେଞ୍ଜ ରହିଛି।

ରୋହିତଙ୍କୁ ଖେଳାଇବାକୁ ହେଲେ ମୟଙ୍କ କିମ୍ବା ବିହାରୀଙ୍କୁ ବାଦ୍‌ଦେବାକୁ ହେବ ବୋଲି ପୂର୍ବତନ ମୁଖ୍ୟ ଚୟନକର୍ତ୍ତା ଏମ୍‌ଏସ୍‌କେ ପ୍ରସାଦ କହିଛନ୍ତି। ଏବେ ରୋହିତଙ୍କର ମ୍ୟାଚ୍ ପ୍ରାକ୍ଟିସ୍ ନାହିଁ ଓ ସେ ଦୀର୍ଘଦିନ ପରେ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି। ତେଣୁ ସେ ଇନିଂସ ଓପନ କରିବେ କି ନା କହିବା କଷ୍ଟକର। ଯଦି ଖେଳନ୍ତି ତେବେ ସେ ଇନିଂସ ଓପନ କରିବେ କି ମିଡିଲ ଅର୍ଡରରେ ଖେଳିବେ ସେ ନେଇ ମଧ୍ୟ ପ୍ରଶ୍ନ ଉଠିବ ବୋଲି ପ୍ରସାଦ କହିଛନ୍ତି। ପୁଣି ଟିମ୍ ମ୍ୟାନେଜମେଣ୍ଟ କ'ଣ ଚାହୁଁଛି ତାହା ଉପରେ ରୋହିତ୍‌ଙ୍କ ଭୂମିକା ନିର୍ଭର କରିବ।

ପୂର୍ବତନ ମୁଖ୍ୟ ଚୟନକର୍ତ୍ତା ଦିଲୀପ ଭେଙ୍ଗସରକାର ଭିନ୍ନ ମତ ପୋଷଣ କରିଛନ୍ତି। ମୟଙ୍କ ଓ ବିହାରୀଙ୍କୁ ବାଦ୍ ଦେଇ ରୋହିତ ଓ ଲୋକେଶ ରାହୁଲଙ୍କୁ ଖେଳାଇବାକୁ ସେ ପରାମର୍ଶ ଦେଇଛନ୍ତି। ରାହୁଲ ଓପନିଂ କରିବେ ଓ ରୋହିତ ମିଡିଲ ଅର୍ଡରରେ ଖେଳିବା ଉଚିତ ବୋଲି ସେ ମତ ଦେଇଛନ୍ତି। ଶୁବମନ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ସେ ଜଣେ ପ୍ରତିଭସମ୍ପନ୍ନ ଖେଳାଳି। ଦ୍ୱିତୀୟ ଟେଷ୍ଟର ଦୁଇ ଇନିଂସରେ ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି। ତେଣୁ ମୟଙ୍କଙ୍କ ସ୍ଥାନରେ ରାହୁଲ ଓ ବିହାରୀଙ୍କ ସ୍ଥାନରେ ରୋହିତଙ୍କୁ ଖେଳାଯିବା ଉଚିତ ବୋଲି ଭେଙ୍ଗସରକାର କହିଛନ୍ତି। ରାହୁଲ ଜବରଦସ୍ତ ଫର୍ମରେ ରହିଛନ୍ତି ଓ ସେ ଅଷ୍ଟ୍ରେଲିଆରେ ମଧ୍ୟ ବେଶ୍ କିଛିଦିନ ରହିସାରିଛନ୍ତି। ମୟଙ୍କ ଭଲ ଖେଳାଳି ହୋଇଥିଲେ ମଧ୍ୟ ଏବେ ଆତ୍ମବିଶ୍ୱାସ ହରାଇଛନ୍ତି । ରୋହିତ ୪ କିମ୍ବା ୫ ନମ୍ବର ସ୍ଥାନରେ ଖେଳିବା ଉଚିତ। କାମଚଳା ଅଧିନାୟକ ରାହାନେ ଫର୍ମକୁ ଫେରିଛନ୍ତି ଓ ଭାରତ ଏବେ ନୂଆ ଦଳ ଭାବେ ଉଭା ହୋଇଛି ବୋଲି ସେ କହିଛନ୍ତି। ସିରିଜ ଏବେ ୧-୧ ସମାନ ସ୍ତରରେ ପହଞ୍ଚିଛି। ଫଳରେ ସିରିଜ ଆଗକୁ ମଜାଦାର ହେବ ବୋଲି ଆଶା କରାଯାଉଛି। ୨୦୧୮ ଭଳି ଭାରତ ସିରିଜ ଜିତିବାର ସମ୍ଭାବନ ସୃଷ୍ଟି କରିଛି।



ରୋହିତ ଶର୍ମା


ଲୋକେଶ ରାହୁଲ

# ମଧୁର ଓ ସନ୍ତୋଷଜନକ

ଭିଭିଏସ୍ ଲକ୍ଷ୍ମଣ

ଅଷ୍ଟ୍ରେଲିଆସ୍ଥିତ ନିଜର ଫେଭରାଇଟ ଗ୍ରାଉଣ୍ଡ ମେଲବୋର୍ନରେ ଭାରତର ବିଜୟ ଅତ୍ୟନ୍ତ ମଧୁର ଏବଂ ସନ୍ତୋଷଜନକ। ଆଡିଲେଡ୍‌ରେ ସର୍ବନିମ୍ନ ସ୍କୋର କରିବାପରେ ଭାରତ ସଙ୍କଟ ମଧ୍ୟ ଦେଇ ଗତି କରୁଥିଲା ଏବଂ ମନୋବଳ ହ୍ରାସ ପାଇଥିଲା। ପ୍ରଥମ ଟେଷ୍ଟରେ ୩୬ ରନରେ ଅଲ୍‌ଆଉଟ ପରେ ଦ୍ୱିତୀୟ ଟେଷ୍ଟରେ ଚିତ୍ତାକର୍ଷକ ବିଜୟ ପାଇଁ କୋଚ୍ ରବି ଶାସ୍ତ୍ରୀ ଏବଂ ସପୋର୍ଟ ଷ୍ଟାଫ୍‌ଙ୍କୁ ଶ୍ରେୟ ଦେବାକୁ ପଡ଼ିବ। ଟସ୍ ହାରିବାପରେ ଭାରତୀୟ ବୋଲରମାନେ ଅଷ୍ଟ୍ରେଲିଆକୁ ୧୯୫ରେ ଅଲ୍‌ଆଉଟ କରି ବିଜୟକୁ ଗୋଟିଏ ପାଦ ଆଗେଇ ନେଇଥିଲେ। ବିରାଟ କୋହଲିଙ୍କ ଅନୁପସ୍ଥିତିରେ ଦଳର ନେତୃତ୍ୱ ନେଉଥିବା ଅଜିଙ୍କ୍ୟ ରାହାନେ ନିଜ ପାଖରେ ଥିବା ସମ୍ବଳକୁ ଉପଯୁକ୍ତ ବିନିଯୋଗ କଲେ। ବୋଲରଙ୍କ ଯୋଜନା ଅନୁସାରେ ଫିଲ୍ଡିଂ ସଜାଇ ସଫଳତା ପାଇଲେ। ମାର୍ନସ ଲାବୁସ୍କାନଙ୍କୁ ମହମ୍ମଦ ସିରାଜ ଲେଗ୍ ଗଲିରେ କ୍ୟାଚ ଆଉଟ କରିବା ଏହାର ଏକ ଉଦାହରଣ। ଷ୍ଟିଭ୍ ସ୍ମିଥଙ୍କ ଉପରେ ଅତ୍ୟଧିକ ନିର୍ଭର କରୁଥିବାରୁ ଅଷ୍ଟ୍ରେଲିଆ ବ୍ୟାଟିଂରେ ବିଫଳ ହେଲା। ସାମ୍ପ୍ରତିକ ସମୟରେ ସ୍ମିଥ୍‌ଙ୍କ ପ୍ଲେଇଂ ଷ୍ଟାଇଲ୍‌କୁ ରବିଚନ୍ଦ୍ରନ ଅଶ୍ୱିନ ଠିକ୍‌ଭାବେ ପଢ଼ି ନେଇଥିବା ପରି ଜଣାପଡୁଛି। ଉଭୟ ଟେଷ୍ଟରେ ସେ ସ୍ମିଥଙ୍କୁ ଶ୍ରେଷ୍ଠ ପ୍ରଦର୍ଶନର ସୁଯୋଗ ଦେଇନାହାନ୍ତି। ବିଦେଶ ମାଟିରେ ଅଶ୍ୱିନଙ୍କର ଏହା ଶ୍ରେଷ୍ଠ ବୋଲିଂ ବୋଲି କୁହାଯାଇପାରିବ।

ଦୁଇ ଟେଷ୍ଟ ପଦାର୍ପଣକାରୀ ଶୁବମନ ଗିଲ୍ ଓ ସିରାଜ ଯେପରି ନିଜକୁ ପ୍ରୟୋଗ କଲେ ସେଥିରେ ମୁଁ ଅତ୍ୟନ୍ତ ପ୍ରୀତ। ଉଚ୍ଚସ୍ତରରେ ପ୍ରଦର୍ଶନର ଅଭିଜ୍ଞତା ନ ଥିବା ସତ୍ତ୍ୱେ ସେମାନେ ଚମତ୍କାର ଖେଳିଲେ। ଭାରତର ବେଞ୍ଚ୍‌ଷ୍ଟ୍ରେଞ୍ଚ ଦୃଢ଼ ଥିବା ମଧ୍ୟ ଏଥିରୁ ପ୍ରମାଣିତ ମିଳିଲା। ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ କୋହଲି, ସବୁଠାରୁ ଅଭିଜ୍ଞ ବୋଲର ମହମ୍ମଦ ସାମି, ଈଶାନ୍ତ ଶର୍ମା ଓ ରୋହିତ ଶର୍ମାଙ୍କ ଅନୁପସ୍ଥିତିରେ ମଧ୍ୟ ଭାରତ ସମ୍ପୂର୍ଣ୍ଣ ଅସମର୍ଥ ନୁହେଁ ବୋଲି ପ୍ରମାଣିତ ହେଲା। ମୟଙ୍କ ଅଗ୍ରୱାଲ ଓ ଚେତେଶ୍ୱର ପୂଜାରା ଉଭୟ ଇନିଂସରେ ବିଫଳ ହେବା ଏକମାତ୍ର ଚିନ୍ତାଭବେ ସାମ୍ନାକୁ ଆସିଛି। ମାତ୍ର ରାହାନେ ୨୦୧୪ ଲର୍ଡ୍ସଭଳି କ୍ୟାରିୟରର ଅନ୍ୟତମ ଶ୍ରେଷ୍ଠ ଇନିଂସ ଖେଳି ବିଜୟର ମୂଳଦୁଆ ପକାଇଥିଲେ। ସେ ଉଭୟ ଆକ୍ରମଣାତ୍ମକ ଏବଂ ଧୈର୍ଯ୍ୟର ପରିଚୟ ଦେଲେ, ଯାହାକି ବେଶ୍ ଫଳପ୍ରଦ ହେଲା। ତାଙ୍କ ଶତକ ଏବଂ ରବୀନ୍ଦ୍ର ଜାଡେଜା ଓ ରିଷଭ ପନ୍ତଙ୍କ ଉପଯୋଗୀ ଇନିଂସ ବଳରେ ଭାରତ ପ୍ରଥମଥରପାଇଁ ଚଳିତ ସିରିଜରେ ୩୦୦ରୁ ଊର୍ଦ୍ଧ୍ୱ ସ୍କୋର କଲା।

ଦ୍ୱିତୀୟ ଇନିଂସରେ ଅଷ୍ଟ୍ରେଲିଆର ପ୍ରଦର୍ଶନ ମୋତେ ନିରାଶ କରିଛି। ଆହତ ଯୋଗୁ ଭାରତର ଉମେଶ ଯାଦବ ବୋଲିଂ କରିପାରି ନ ଥିଲେ। ଏହା ସତ୍ତ୍ୱେ ଓଭରପିଛା ଏକଦା ୪ରୁ ଊର୍ଦ୍ଧ୍ୱ ହାରରେ ରନ ସଂଗ୍ରହ କରୁଥିବା ଅଷ୍ଟ୍ରେଲିଆ ଏହାର ଅଧା ହାରରେ ମଧ୍ୟ ସ୍କୋର କରିବାକୁ ସଂଘର୍ଷ କରିଥିଲା। ଭାରତୀୟ ବୋଲିଂ ଗ୍ରୁପ୍‌ର କ୍ୱାଲିଟି ପ୍ରଦର୍ଶନକୁ ଏହାର ଶ୍ରେୟ ଦେବାକୁ ପଡ଼ିବ। ଭାରତ ନିଜ ସଫଳତାରେ ଖୁସି ମନାଇବା ଉଚିତ। ତେବେ ବର୍ଡର-ଗାଭାସ୍କର ଟ୍ରଫିକୁ ଯେପରି ନିଜ ପାଖରେ ରଖି ପାରିବ ତା' ଉପରେ ମଧ୍ୟ ଧ୍ୟାନ ଦେବାକୁ ପଡ଼ିବ।

-(ଗେମ୍‌ପ୍ଲାନ)

SEAGRAM'S
ROYAL STAG
PACKAGED DRINKING WATER

# ଗୋଆ ଜିତିଲା

ଭାସ୍କୋଡାଗାମା, ୩୦।୧୨ (ପି.ଟି.): ଇଣ୍ଡିଆନ ସୁପର ଲିଗ୍(ଆଇଏସ୍‌ଏଲ୍)ରେ ବୁଧବାର ଖେଳାଯାଇଥିବା ମ୍ୟାଚରେ ଗୋଆ ୨-୧ ଗୋଲରେ ହାଇଦ୍ରାବାଦ ଏଫ୍‌ସିକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧ ସଂଘର୍ଷପୂର୍ଣ୍ଣ ରହିଥିଲା ଓ ଗୋଲ ସ୍କୋର ହୋଇପାରି ନ ଥିଲା। ଦ୍ୱିତୀୟାର୍ଦ୍ଧରେ ସ୍ପେନ୍ ଷ୍ଟ୍ରାଇକର ଆଡ୍ରିଆନା ସାଣ୍ଟାନା ୫୮ତମ ମିନିଟ୍‌ରେ ଗୋଲ ଦେଇ ହାଇଦ୍ରାବାଦକୁ ଅଗ୍ରଣୀ କରାଇଥିଲେ। ତେବେ ୮୭ତମ ମିନିଟ୍‌ରେ ଗୋଆର ଇଶାନ ପଣ୍ଡିତା ଗୋଲ ଦେଇ ମ୍ୟାଚକୁ ସମାନ ସ୍ତରକୁ ଆଣିଥିଲେ। ଇଞ୍ଜୁରି ଟାଇମ୍‌ର ପ୍ରଥମ ମିନିଟ୍‌ରେ ସ୍ପେନ୍ ଷ୍ଟ୍ରାଇକର ଆଇଗର ଅଙ୍ଗୁଲୋ ଗୋଲ ଦେଇ ଗୋଆକୁ ଅଗ୍ରଣୀ କରାଇବା ସହ ବିଜୟୀ କରାଇଥିଲେ। ଏଥିସହ ଗୋଆ ୯ଟି ମ୍ୟାଚ ଖେଳି ୪ ବିଜୟ, ୨ ଡ୍ର ଓ ୩ ପରାଜୟ ସହ ୧୪ ପଏଣ୍ଟ ପାଇ ତାଲିକାର ତୃତୀୟ ସ୍ଥାନରେ ରହିଛି।

# ଓଡ଼ିଶା ଲାୟନ୍ସ ୧୦ ଉଇକେଟରେ ବିଜୟୀ

ଭୁବନେଶ୍ୱର, ୩୦।୧୨ (କ୍ରୀଡ଼ା ପ୍ରତିନିଧି)

ଏମ୍‌ଜିଏମ୍ ଟି୨୦ କ୍ରିକେଟ ଲିଗ୍‌ର ବୁଧବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଓଡ଼ିଶା ଲାୟନ୍ସ ୧୦ ଉଇକେଟରେ ପୁମାସକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପୁମାସ ୨୦ ଓଭରରେ ୮ ଉଇକେଟ ହରାଇ ୧୦୧ ରନ କରିଥିଲା। ଦଳ ପକ୍ଷରୁ ପ୍ରତୀକ ଅନୁରାଗ ଦାସ ସର୍ବାଧିକ ୩୦ ଓ ସୌଭାଗ୍ୟ ମହାନ୍ତି ୨୫ ରନ କରିଥିଲେ। ପ୍ରତିପକ୍ଷ ଦଳର ଅଭିଷେକ ଗିରି ୩ଟି, ଦୀପକ ବେହେରା ୨ଟି ଏବଂ ରାକେଶ ପଟ୍ଟନାୟକ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ଲାୟନ୍ସ କୌଣସି ଉଇକେଟ ନ ହରାଇ ୧୪.୫ ଓଭରରେ ୧୦୩ ରନ ସଂଗ୍ରହ କରି ନେଇଥିଲା। ଦୁଇ ଓପନର ସ୍ୱସ୍ତିକ ସାମଲ ୪୫ ବଲ୍‌ରୁ ୫୬(୭ ଚୌକା, ୧ ଛକା) ଓ ଶୁଭ୍ରଜ୍ୟୋତି ମିଶ୍ର ୪୪ ବଲ୍‌ରୁ ୪୩(୭ ଚୌକା) ରନରେ ଅପରାଜିତ ରହି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ସ୍ୱସ୍ତିକ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଲାୟନ୍ସ ୩ ମ୍ୟାଚରୁ ପ୍ରଥମ ବିଜୟ ହାସଲ କରି ୪ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ପୁମାସ ୩ ମ୍ୟାଚରୁ ୨ୟ ପରାଜୟ ସହ ୪ ପଏଣ୍ଟରେ ଅପରିବର୍ତ୍ତିତ ରହିଛି।

# ରୋହିତ ଦଳରେ ଯୋଗଦେଲେ

**ମେଲବୋର୍ନ, ୩୦।୧୨(ପି.ଟି.):** ସିଡ୍‌ନୀରେ ଦୁଇ ସପ୍ତାହ କ୍ୱାରାଣ୍ଟାଇନ୍‌ରେ ରହିବାପରେ ତାରକା ବ୍ୟାଟ୍ସମ୍ୟାନ ରୋହିତ ଶର୍ମା ବୁଧବାର ଭାରତୀୟ ଦଳରେ ଯୋଗ ଦେଇଛନ୍ତି। ଦ୍ୱିତୀୟ ଟେଷ୍ଟରେ ବିଜୟୀ ହୋଇଥିବା ଭାରତୀୟ ଦଳର ବ୍ୟାଟିଂ ବିଭାଗ ଏହାଦ୍ୱାରା ଅଧିକ ଶକ୍ତିଶାଳୀ ହୋଇଛି। କ୍ୱାରାଣ୍ଟାଇନ୍ ଅବଧି କଟାଇଥିବାରୁ ରୋହିତଙ୍କ ସ୍ୱାସ୍ଥାବସ୍ଥା କିପରି ଅଛି ତାହାକୁ ମେଡିକାଲ ଟିମ୍ ପରୀକ୍ଷା କରିବାପରେ ତାଙ୍କୁ ତୃତୀୟ ଟେଷ୍ଟ ପାଇଁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯିବ କି ନାହିଁ ନିଷ୍ପତ୍ତି ନିଆଯିବ ବୋଲି କୋଚ୍ ରବି ଶାସ୍ତ୍ରୀ ପ୍ରକାଶ କରିଛନ୍ତି। ଗତ ଇଣ୍ଡିଆନ ପ୍ରିମିୟର ଲିଗ୍ ଅବସରରେ ରୋହିତ ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରିରେ ପୀଡ଼ିତ ହୋଇଥିଲେ। ସୁସ୍ଥ ହେବାପରେ ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀରେ ତାଙ୍କ ଫିଟ୍‌ନେସ ଟେଷ୍ଟ କରାଯାଇଥିଲା। ଫିଟ୍ ହେବାପରେ ସେ ଦଳସହ ଯୋଗଦେବାପାଇଁ ଯୋଗ୍ୟ ହୋଇଥିବା ଗତ ୧୧ ତାରିଖରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଘୋଷଣା କରାଯାଇଥିଲା। ସିଡ୍‌ନୀରେ ଶୁବମନ ଗିଲ୍‌ଙ୍କ ସହ ରୋହିତ ଇନିଂସ ଓପନ କରିବା ଉଚିତ ବୋଲି କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କର ମତ ଦେଇଛନ୍ତି। ତେବେ ରୋହିତଙ୍କୁ ସାମିଲ କ୍ଷେତ୍ରରେ କାହାକୁ ବାହାରେ ରହିବାକୁ ପଡ଼ିବ ତା' ଉପରେ ନଜର ରହିବ।

# ବର୍ନ୍ସ ବାଦ୍, ୱାର୍ନର, ପୁକୋଭସ୍କି ସାମିଲ

**ମେଲବୋର୍ନ, ୩୦।୧୨(ପି.ଟି.):** ଭାରତ ବିପକ୍ଷ ଟେଷ୍ଟ ସିରିଜର ଅବଶିଷ୍ଟ ୨ଟି ମ୍ୟାଚ ପାଇଁ ଅଷ୍ଟ୍ରେଲିଆ ଦଳରୁ ଓପନର ଜୋ ବର୍ନ୍ସ ବାଦ୍ ପଡ଼ିଛନ୍ତି। ଡେଭିଡ ୱାର୍ନର ଓ ୱିଲ୍ ପୁକୋଭସ୍କି ଦଳରେ ସାମିଲ ହୋଇଛନ୍ତି। ପ୍ରଥମ ଦୁଇ ଟେଷ୍ଟର ୪ ଇନିଂସରେ ବର୍ନ୍ସ ଗୋଟିଏ ମାତ୍ର ଅର୍ଦ୍ଧଶତକ ହାସଲ କରିଥିଲେ। ସେ ଯଥାକ୍ରମେ ୮, ୫୧, ୦ ଓ ୪ ରନ କରିଥିଲେ। ଅଷ୍ଟ୍ରେଲିଆ ଆଡିଲେଡ୍‌ରେ ବିଜୟୀ ହୋଇଥିଲେ ହେଁ ଭାରତ ମେଲବୋର୍ନରେ ଜିତିବାପରେ ସିରିଜ ୧-୧ ସ୍ଥିତିରେ ରହିଛି। ଉରୁସନ୍ଧିରେ ଆଘାତ ଯୋଗୁ ୱାର୍ନର ପୂର୍ବ ୨ ଟେଷ୍ଟରେ ଖେଳିପାରି ନ ଥିଲେ। ଏବେ ଫିଟ୍ ହୋଇଥିବାରୁ ସଂଘର୍ଷ କରୁଥିବା ବର୍ନ୍ସଙ୍କ ସ୍ଥାନରେ ତାଙ୍କୁ ସାମିଲ କରିବାରେ କୌଣସି ଅସୁବିଧା ହୋଇ ନ ଥିଲା। ବର୍ନ୍ସଙ୍କୁ ଦଳରୁ ରିଲିଜ୍ କରାଯାଇଛି। ଏବେ ସେ ଘରୋଇ କ୍ରିକେଟରେ ବ୍ରିସବେନ୍ ହିଟ୍ ପାଇଁ ଉପଲବ୍ଧ ହେବେ ବୋଲି ଜାତୀୟ ଚୟନକର୍ତ୍ତା ଟ୍ରେଭର ହନ୍ସ ପ୍ରକାଶ କରିଛନ୍ତି। ୱାର୍ନର, ପୁକୋଭସ୍କି ଏବଂ ସିଅନ ଆବୋଟ ଗୁରୁବାର ଦଳରେ ଯୋଗ ଦେବେ ବୋଲି ସେ ସୂଚନା ଦେଇଛନ୍ତି। ଆହତ ସମସ୍ୟାରୁ ଆବୋଟ ସମ୍ପୂର୍ଣ୍ଣ ମୁକୁଳିଛନ୍ତି। ଜାନୁୟାରୀ ୭ରୁ ତୃତୀୟ ଟେଷ୍ଟ ସିଡ୍‌ନୀରେ ଆରମ୍ଭ ହେବ। ଏହା ମଧ୍ୟରେ ଆହୁରି ୭ ଦିନ ସମୟ ଥିବାରୁ ୱାର୍ନର ଓ ଆବୋଟ ତୃତୀୟ ଟେଷ୍ଟ ପାଇଁ ଉପଲବ୍ଧ ହୋଇପାରିବେ ବୋଲି ହନ୍ସ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। କନକସନରେ ପୀଡ଼ିତ ହୋଇଥିବା ପୁକୋଭସ୍କି ଏବେ ପ୍ଲେଇଂ ପ୍ରୋଟୋକଲର ଶେଷ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ତାଙ୍କ ଦେହରେ କୌଣସି ଲକ୍ଷଣ ନାହିଁ। ତାଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖାଯାଇଛି। ତେଣୁ ସେ ମଧ୍ୟ ଚୟନପାଇଁ ଉପଲବ୍ଧ ହେବା ଆଶା ରହିଛି ବୋଲି ହନ୍ସ କହିଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ହାତୀ ଉପଦ୍ରବ, ଫସଲ ନଷ୍ଟ**

ବେଗୁନିଆ,(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏନେଇ ଚାଷୀମାନେ ବନ ବିଭାଗ ନିକଟରେ ଅଭିଯୋଗ କଲେ ମଧ୍ୟ ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ମଙ୍ଗଳବାର ରାତିରେ ଦୁଇଟି ଦନ୍ତାହାତୀ କଲରାଝର ଗ୍ରାମର ଚାଷୀ ଦଣ୍ଡପାଣି ପ୍ରଧାନଙ୍କ ବାରିରେ ପଶି ୫୦ରୁ ଊର୍ଦ୍ଧ୍ୱ ଧାନବିଡ଼ା ଖାଇବା ସହ ନଷ୍ଟ କରିଦେଇଛନ୍ତି। ପରେ ହାତୀଙ୍କୁ ଘଉଡ଼ାଇବା ପାଇଁ ଗ୍ରାମବାସୀ ଉଦ୍ୟମ କରିଥିଲେ। ନିଆଁହୁଳା ଦେଖି ହାତୀଦ୍ୱୟ ପଳାଇଥିଲେ।



## ସଂକ୍ଷେପରେ

### କମ୍ପାନୀ ଫାଟକ ଆଗରେ କର୍ମଚାରୀଙ୍କ ଧାରଣା



ଖୋର୍ଦ୍ଧା ଅଫିସ,୩୦।୧୨: ଖୋର୍ଦ୍ଧା ଶିଳ୍ପାଞ୍ଚଳ ସ୍ଥିତ ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଶତାଧିକ କର୍ମଚାରୀ ବିଭିନ୍ନ ଦାବି ନେଇ ବୁଧବାର କମ୍ପାନୀ ଫାଟକ ଆଗରେ ଧାରଣା ଦେଇଥିଲେ। ଏହି କମ୍ପାନୀ ଅଧୀନରେ ୪ଶହରୁ ଊର୍ଦ୍ଧ୍ୱ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ନେଇ ବାରମ୍ବାର ଦାବି ସତ୍ତ୍ୱେ କମ୍ପାନୀ କର୍ତ୍ତୃପକ୍ଷ କୌଣସି ଗୁରୁତ୍ୱ ଦେଉନାହାନ୍ତି। ଏହାର ପ୍ରତିବାଦରେ ସମସ୍ତ କର୍ମଚାରୀ କମ୍ପାନୀ ଆଗରେ ଧାରଣା ଦେଇଥିଲେ। ଶ୍ରମ ଆଇନ ଅନୁଯାୟୀ ୧୨ ଘଣ୍ଟା ପରିବର୍ତ୍ତେ ୮ଘଣ୍ଟା, ସମୟ ବ୍ୟବଧାନରେ ବୋନସ ଦିଆଯାଉ। ଅଧିକାଂଶ କର୍ମଚାରୀ ଦୀର୍ଘବର୍ଷ ଧରି ମାସିକ ୭ରୁ ୮ହଜାର ଟଙ୍କାରେ କାମ କରୁଛନ୍ତି। ସେମାନଙ୍କ ଦରମାରେ ବୃଦ୍ଧି କରାଯାଉ। ମାସିକ ସର୍ବନିମ୍ନ ମଜୁରି ୨୧ ହଜାର, ଇପିଏଫ୍ ଏବଂ ଇଏସ୍ଆଇ ସୁବିଧା ଦେବା ଲାଗି ଦାବି ହୋଇଛି।

# ଜମି ସ୍ୱତ୍ୱାଧିକାରୀ ପରିବର୍ତ୍ତନ ଦାବି

**ନରଣଗଡ଼ ଜମି ବିବାଦ ଓ ବଉଳମାଳି ପଥର ଲିଜ୍ ପ୍ରସଙ୍ଗ**

- ଜିଦରେ ଅଟଳ ଗ୍ରାମବାସୀ
- ୬ରେ ଜିଲା ପ୍ରଶାସନର ସହ ଆଲୋଚନା

ଖୋର୍ଦ୍ଧା ଅଫିସ,୩୦।୧୨

ଖୋର୍ଦ୍ଧା ବ୍ଲକ ନରଣଗଡ଼ ଶ୍ରୀମନ୍ଦିର ପ୍ରଶାସନ ଜମି ବିବାଦ ଏବଂ କୁଣ୍ଡକୁଣ୍ଡି(ବଉଳମାଳି) ପଥର ଖନନକୁ ନେଇ ଆନ୍ଦୋଳନ ତେଜିବାରେ ଲାଗିଛି। ବୁଧବାର ଭିଟାମାଟି ବଞ୍ଚାଅ ସଂଗ୍ରାମ ସମିତି ନେତୃତ୍ୱରେ ନରଣଗଡ଼, ତାପଙ୍ଗ ଓ ଧଉଳିମୁହଁ ପଞ୍ଚାୟତର ୧୫ ରାଜସ୍ୱ ଗ୍ରାମର ଶତାଧିକ ମହିଳା,ପୁରୁଷ ପଥରଖଣିରେ ଧାରଣା ଦେଇଥିଲେ। ଖବରପାଇ ଖୋର୍ଦ୍ଧା ତହସିଲଦାର ପଦ୍ମଚରଣ ସାହୁ, ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଜମିପଟ୍ଟାରେ ଉଲ୍ଲେଖ ଥିବା ଜମିଦାରଙ୍କ ନାମ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀ ମାର୍ଫତ୍ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଆଡମିନିଷ୍ଟ୍ରେଟର,ପୁରୀ ଖେୱାଟ ନଂ.୧ ପରିବର୍ତ୍ତେ ଓଡ଼ିଶା ସରକାର ଉଲ୍ଲେଖ ଲାଗି ଆନ୍ଦୋଳନକାରୀ ଦାବି କରିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ପଥର ଖଣି ଖନନକୁ ସୁଯୋଗ ଦିଆଯିବ ନାହିଁ ବୋଲି କହିଛନ୍ତି। ଜାନୁୟାରୀ ୬ରେ ଗ୍ରାମବାସୀଙ୍କ ଏକ ପ୍ରତିନିଧି ଏବଂ ଜିଲା ପ୍ରଶାସନ ମଧ୍ୟରେ ଆଲୋଚନା କରାଯିବ ବୋଲି ତହସିଲଦାର ସାହୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ପଥର ଖଣିରେ ଗ୍ରାମବାସୀ ଧାରଣା ଦେଇଛନ୍ତି।

ଏହି ଅବସରରେ ସମିତି ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଏଥିରେ ଉଲ୍ଲେଖ ରହିଛି ଯେ, ନରଣଗଡ଼ ପଞ୍ଚାୟତରେ ମହାପ୍ରଭୁ ଶ୍ରୀଜଗନ୍ନାଥ ବିଜେ ପୁରୀ ମାର୍ଫତ ଶ୍ରୀମନ୍ଦିର ପରିଚାଳନା କମିଟି ଆଡମିନିଷ୍ଟ୍ରେଟର, ପୁରୀ ନାମରେ ଶତାଧିକ ଏକର ଜମି ରହିଛି। ବଂଶାନୁକ୍ରମେ ଏହି ଜମି ଗ୍ରାମବାସୀଙ୍କ ଭୋଗ ଦଖଲରେ ରହିଛି। ଜମିଜମା ସ୍ୱତ୍ୱାଧିକାର ପରିବର୍ତ୍ତନ ଲାଗି ଗ୍ରାମବାସୀ ବାରମ୍ବାର ଜିଲା ପ୍ରଶାସନ ନିକଟରେ ଦାବି କରିଥିଲେ ମଧ୍ୟ ପଦକ୍ଷେପ ନିଆଯାଉନାହିଁ ବୋଲି ସମିତି ସଭାପତି ଗୋଦାବରୀଶ ମାନସିଂ କହିଛନ୍ତି। ଅନ୍ୟପଟେ ସ୍ୱତ୍ୱାଧିକାରୀ ଶ୍ରୀମନ୍ଦିର ପରିଚାଳନା କମିଟି, ପୁରୀ ଉଲ୍ଲେଖ ଥିବାରୁ ଜମି ଭୋଗ ଦଖଲରେ ଥାଇ ସୁଦ୍ଧା ଗ୍ରାମବାସୀଙ୍କ ଏହା କୌଣସି କାମରେ ଆସୁନାହିଁ। ନରଣଗଡ଼ଠାରେ ଶ୍ରୀମନ୍ଦିର ପ୍ରଶାସନର ବହୁ ମୂଲ୍ୟବାନ ପଥର ଖଣି କୁଣ୍ଡକୁଣ୍ଡି (ବଉଳମାଳି) ପାହାଡ଼ ରହିଛି। ବିନା ପରିବେଶ ମଞ୍ଜୁରୀରେ ଗ୍ରାମବାସୀଙ୍କ ଅଗୋଚରରେ ଶ୍ରୀଜଗନ୍ନାଥଙ୍କ ପଥରଖଣିକୁ ରାଜ୍ୟ ସରକାର ନିଜ ଅଧୀନକୁ ନେଇ ଓଡ଼ିଶା ଖଣି ନିଗମ(ଓଏମ୍‌ସି) ହାତକୁ ଟେକି ଦେଲେ। ଦୈନିକ ଲକ୍ଷାଧିକ ଟଙ୍କାର ପଥର ଏଠାରୁ ଚୋରାଚାଲାଣ ହେଉଛି। ଅନ୍ୟପଟେ ଦୀର୍ଘ ବର୍ଷ ଧରି ଗ୍ରାମବାସୀଙ୍କ ଦାବିକୁ ସରକାର ଅଣଦେଖା କରୁଛନ୍ତି। ବୁଧବାର ସମିତି ସଭାପତି ଗୋଦାବରିଶ ମାନସିଂ, ସମ୍ପାଦକ ରୁଦ୍ରଭାନୁ ନରେନ୍ଦ୍ର ସିଂ, ସରପଞ୍ଚ ବୈକୁଣ୍ଠନାଥ ମାର୍ଥା, ଭାସ୍କର ବେହେରା, ଆଶିଷ ପଟ୍ଟନାୟକ, ତପନ ଛୋଟରାୟ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ନିକଟମନ୍ଦିରରୁ ଏକ ବାଇକ ଶୋଭାଯାତ୍ରାରେ ବାହାରି ଓଏମସି ପଥର ଖଣି ପରିସରରେ ଧାରଣା ଦେଇଥିଲେ।

ପ୍ରକାଶ ଯେ, ଡିସେମ୍ବର ୧୭ରେ ମା' ଭଗବତୀ କଲ୍ୟାଣ ମଣ୍ଡପରେ ଜିଲା ପ୍ରଶାସନ, ଖଣି ନିଗମ, ଶ୍ରୀମନ୍ଦିର ପ୍ରଶାସନ କର୍ତ୍ତୃପକ୍ଷ ଏବଂ ଭିଟାମାଟି ବଞ୍ଚାଅ ସଂଗ୍ରାମ ସମିତି ମଧ୍ୟରେ ଏନେଇ ଆଲୋଚନା ହୋଇଥିଲା। ମାତ୍ର କୌଣସି ନିଷ୍କର୍ଷ ବାହାରିନଥିଲା। ରାଜ୍ୟ ସରକାରଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ଲାଗି ପ୍ରଶାସନ ପକ୍ଷରୁ ଦୁଇ ସପ୍ତାହ ସମୟ ନିଆଯାଇଥିଲା।

## ନିୟମ ଭାଙ୍ଗି ଦର୍ଶନ କଲେ ଶ୍ରଦ୍ଧାଳୁ



ଉଗ୍ରତାରାଙ୍କ ପୀଠରେ ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ କରୁଛନ୍ତି।

ନିରାକାରପୁର,୩୦।୧୨(ଡି.ଏନ୍.ଏ.)

କରୋନା ମହାମାରୀ ଲାଗି ରାଜ୍ୟ ସରକାର ଓ ପ୍ରଶାସନର ନିଷ୍ପତ୍ତିକ୍ରମେ ଖୋର୍ଦ୍ଧା ଜିଲାର ସମସ୍ତ ମନ୍ଦିର ଓ ଧାର୍ମିକ ଅନୁଷ୍ଠାନ ବନ୍ଦ ରହିଛି। କିନ୍ତୁ ଟାଙ୍ଗୀ ବ୍ଲକ ଅଧୀନ ମୂଳିଝର ଗଡ଼ଠାରେ ଥିବା ମା' ଉଗ୍ରତାରାଙ୍କ ପୀଠରେ ବୁଧବାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବା ସହ ମା'ଙ୍କୁ ଦର୍ଶନ କରୁଥିବା ଦେଖିବାକୁ ମିଳିଛି। ଏଠାରେ କୋଭିଡ୍ ଗାଇଡ୍‌ଲାଇନ ନିୟମକୁ ଉଲ୍ଲଂଘନ କରାଯାଉଛି। ମନ୍ଦିର ଆଗପଟ ବନ୍ଦ ରହିଥିବା ବେଳେ ଗଳା ରାସ୍ତା ଦେଇ ମନ୍ଦିର ଭିତରକୁ ପ୍ରବେଶ କରିବା ସହ ଲମ୍ବା ଲାଇନରେ ଶ୍ରଦ୍ଧାଳୁମାନେ ମା'ଙ୍କୁ ଦର୍ଶନ କରୁଛନ୍ତି। ସାମାଜିକ ଦୂରତ୍ୱ ରହୁ ନ ଥିବା ଦେଖିବାକୁ ମିଳିଛି। ଘଟଣାର ଅନୁସନ୍ଧାନ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି। ଅନ୍ୟପଟେ ଆସନ୍ତା ଜାନୁୟାରୀ ୩ରୁ ଖୋର୍ଦ୍ଧା ଜିଲାର ସମସ୍ତ ମନ୍ଦିର ଓ ଧାର୍ମିକ ଅନୁଷ୍ଠାନ ଖୋଲିବା ଲାଗି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

## ସରକାର ନିଷ୍ପତ୍ତିର ତର୍ଜମା କରନ୍ତୁ

ଖୋର୍ଦ୍ଧା ଅଫିସ,୩୦।୧୨

ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ୧୫ରୁ ୨୦ଜଣ ପିଲା ପଢୁଥିବା ବିଦ୍ୟାଳୟ ବନ୍ଦ ଲାଗି ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ଫଳରେ ୭୭୭୨ରୁ ଊର୍ଦ୍ଧ୍ୱ ବିଦ୍ୟାଳୟ ବନ୍ଦ ହେବ। ସରକାରଙ୍କ ଏହି ନିଷ୍ପତ୍ତିକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟାଳୟ ବନ୍ଦ ଘୋଷଣାର ପୁନର୍ବିଚାର କରନ୍ତୁ ବୋଲି ବୁଧବାର ପୂର୍ତ୍ତ ଡାକବଙ୍ଗଳାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡ଼ିଶା ଅଭିଭାବକ ମହାସଂଘ ଏହି ଦାବି କରିଛି। ସଂଘର ଜିଲା ଆବାହକ ଲଳିତ ମୋହନ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ରାଜ୍ୟ ଅଧ୍ୟକ୍ଷ ବାସୁଦେବ ଭଞ୍ଜ କହିଥିଲେ, ସରକାର ସରକାରୀ ବିଦ୍ୟାଳୟ ଭିତ୍ତିଭୂମି ସୁଦୃଢ଼ କରିବା ପରିବର୍ତ୍ତେ ସ୍କୁଲ ବନ୍ଦ ନିଷ୍ପତ୍ତିକୁ ଆମେ ବିରୋଧ କରୁଛୁ। ଘରୋଇ ସ୍କୁଲ ଉପରେ ସରକାରଙ୍କ କୌଣସି ନିୟନ୍ତ୍ରଣ ରହୁନାହିଁ। ସରକାରୀ ସ୍କୁଲ ବନ୍ଦ ନିଷ୍ପତ୍ତିକୁ ସ୍ଥଗିତ ରଖାଯାଉ। ରାଜ୍ୟରେ ଗଢ଼ି ଉଠିଥିବା ଘରୋଇ ସ୍କୁଲକୁ ବନ୍ଦ, ଜିଲାସ୍ତରୀୟ ବିଦ୍ୟାଳୟ ମିଶ୍ରଣ କମିଟି ପୁନର୍ଗଠନ କରାଯାଉ। ଶିକ୍ଷାବିତ, ରାଜନେତା, ଲୋକ ପ୍ରତିନିଧି, ବିଭିନ୍ନ ସଙ୍ଗଠନଙ୍କୁ ନେଇ ସ୍କୁଲ ବନ୍ଦ ନିଷ୍ପତ୍ତି ବିକଳ୍ପ ଚିନ୍ତନ କରାଯାଉ ବୋଲି ସଂଘ ଦାବି କରିଛି। ସଂଘର ରାଜ୍ୟ ସଭାପତି ଭଞ୍ଜଙ୍କ ନେତୃତ୍ୱରେ ଉପାଧ୍ୟକ୍ଷ ପ୍ରସନ୍ନ ବିଶୋଇ, ଯୋଗୀନାଥ ବାହୁବଳେନ୍ଦ୍ର ପ୍ରମୁଖ ଏକ କମିଟି ଜିଲାପାଳ ସନତ ମହାନ୍ତି ଓ ଜିଲା ଶିକ୍ଷାଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜିଲାରେ ଗଢ଼ି ଉଠିଥିବା ଘରୋଇ ସ୍କୁଲ ସମ୍ପର୍କରେ ସଂଘକୁ ଅବଗତ କରାଯିବ ବୋଲି ଶିକ୍ଷାଧିକାରୀ ପ୍ରତିଶ୍ରୁତି ଦେଇଥିବା ସଂଘ ଆବାହକ ମହାପାତ୍ର କହିଛନ୍ତି।

## କ୍ରିକେଟ: ଫାଇନାଲରେ ମଞ୍ଚେଶ୍ୱର

ବେଗୁନିଆ,୩୦।୧୨(ଡି.ଏନ୍.ଏ.): ବେଗୁନିଆ ବ୍ଲକ ଅଧୀନ କଣ୍ଟାବାଡ଼ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ନୀଳକଣ୍ଠ-ପଦ୍ମଚରଣ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚରେ ବୁଧବାର କାଇପଦର ଟିମ୍‌କୁ ୫ ଉଇକେଟରେ ହରାଇ ମଞ୍ଚେଶ୍ୱର ଟିମ୍ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି କାଇପଦର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୪୭ରନ ସଂଗ୍ରହ କରିଥିଲା। ଜବାବରେ ମଞ୍ଚେଶ୍ୱର ଟିମ୍ ୧୮.୪ ଓଭରରେ ୫ ଉଇକେଟ ହରାଇ ୧୪୮ରନ ସଂଗ୍ରହ କରିବା ସହ ବିଜୟୀ ହୋଇଥିଲା।

# ତିନିଦିନ ଦିଆଯିବ ପୋଲିଓ ବୁନ୍ଦା

ଖୋର୍ଦ୍ଧା ଅଫିସ,୩୦।୧୨

ପୋଲିଓ ପ୍ରତିଷେଧକ ଟିକାକରଣ ଲାଗି ଜିଲା ଟାସ୍କ ଫୋର୍ସ କମିଟି ବୈଠକ ବୁଧବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସନତ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଜିଲାରେ ଜାନୁୟାରୀ ୧୭,୧୮ ଓ ୧୯ରେ ଜନ୍ମଠାରୁ ୫ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯିବ। ଜିଲା ମୁଖ୍ୟଚିକିତ୍ସାଧିକାରୀ ଡା. ବିଶ୍ୱରଞ୍ଜନ ପତି କହିଥିଲେ, ବିଏମ୍‌ସିକୁ ବାଦ୍ ଦେଇ ଜିଲାରେ ୧,୨୮,୫୦୦ ଶିଶୁଙ୍କୁ ପଲ୍‌ସ ପୋଲିଓ ବୁନ୍ଦା ଦିଆଯିବ। ୬୦୦ଟି ପୋଲିଓ ବୁଥ କରାଯିବ। ବସ୍‌ଷ୍ଟାଣ୍ଡ, ରେଳଷ୍ଟେସନରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହାର ସୁପରିଚାଳନା ପାଇଁ ୪୦ ଟ୍ରାନ୍‌ଜିଟ ଟିମ୍ ଓ ୨୨ଟି ମୋବାଇଲ ଟିମ୍ ରହିବ। ପୋଲିଓ ବୁଥରେ ପିଲାଙ୍କୁ ଏହି ପ୍ରତିଷେଧକ ଦିଆଯିବ। କୌଣସି କାରଣରୁ ରହିଯାଇଥିବା ଶିଶୁଙ୍କୁ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ପୋଲିଓ ବୁନ୍ଦା ଦେବେ। ଏନେଇ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନତା କରାଯିବ ବୋଲି କହିଛନ୍ତି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଭୁବନେଶ୍ୱର ପ୍ରତିନିଧି ଡା. ସୁନୀଲ କୁମାର ଦାସ, ଅତିରିକ୍ତ ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ପ୍ରଦ୍ୟୁମ୍ନ ମିଶ୍ର, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଦ୍ୱାରିକାନାଥ ଶତପଥୀ, ଗୀତାଞ୍ଜଳି ଦାସଙ୍କ ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀମାନେ ଯୋଗଦେଇଥିଲେ। ଖୋର୍ଦ୍ଧା ଜିଲାରେ ସ୍ୱତନ୍ତ୍ର ଟିକାକରଣ ନଭେମ୍ବର ୨୦ରୁ ଆରମ୍ଭ ହୋଇଛି। ଏହା ଆସନ୍ତା ୨୦୨୧ ଫେବୃୟାରୀ ୨୦ପର୍ଯ୍ୟନ୍ତ ଜାରି ରହିବ। ଯେଉଁ ଶିଶୁମାନେ ଯକ୍ଷ୍ମା, ଡିପଥେରିଆ, ଟିଟାନସ, ମିଳିମିଳା, ରୁବେଲା ଏବଂ ପୋଲିଓ ପ୍ରତିଷେଧକ ଟିକା ନେଇନାହାନ୍ତି ସେମାନଙ୍କୁ ପ୍ରତିଷେଧକ ଟିକା ଦିଆଯାଇଛି ବୋଲି ସିଡିଏମ୍‌ଓ ପତି କହିଛନ୍ତି।




ବୈଠକରେ ଜିଲାପାଳ ସନତ ମହାନ୍ତି ଓ ଅନ୍ୟମାନେ।

### କୋଭିଡ୍ ଟିକାକରଣ ବୈଠକ

ଖୋର୍ଦ୍ଧା ଜିଲାରେ କୋଭିଡ୍-୧୯ ଟିକାକରଣ ପାଇଁ ଜିଲାପାଳ ସନତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ବୁଧବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀରେ ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଟିକାଦାନ କାର୍ଯ୍ୟକ୍ରମରେ ୭୫୫୬ଜଣ ସାମିଲ ହେବେ। ୩୪୨ ଭ୍ୟାକ୍ସିନେଟର ସୁପରଭାଇଜର ନିୟୋଜିତ ହେବେ। ଏଥିଲାଗି ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା କେନ୍ଦ୍ର କରାଯିବ। ଏଥିରେ ନିୟୋଜିତ ହେବାକୁ ଥିବା କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏହି ବୈଠକରେ ଡା.ସୁନୀଲ କୁମାର ଦାସ, ପିଡି ଡିଆରଡିଏ ଦିଗନ୍ତ ରାଉତରାୟ ପ୍ରମୁଖ ଅ ଉପସ୍ଥିତ ଥିଲେ।

## ମୂର୍ତ୍ତି ଚୋରି ଘଟଣାରେ ଅଭିଯୁକ୍ତଙ୍କ ଗିରଫ ଦାବି

ବାଣପୁର,୩୦।୧୨(ଡି.ଏନ୍.ଏ.): ବାଣପୁରର ଐତିହାସିକ ଦକ୍ଷେଶ୍ୱର ମନ୍ଦିରରୁ ୨୨ ଅଷ୍ଟଧାତୁ ମୂର୍ତ୍ତି ଚୋରିକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣାକୁ ୧୦ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଦୁର୍ବୃତ୍ତଙ୍କ ପତ୍ତା ପାଇପାରି ନାହିଁ। ମୂର୍ତ୍ତି ଚୋରିରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ଗିରଫ ଦାବି କରିଛି ଚିଲିକା ପ୍ରେସ୍ କ୍ଲବ। ବୁଧବାର କ୍ଲବ ସଭାପତି ପ୍ରକାଶ ପ୍ରଧାନଙ୍କ ନେତୃତ୍ୱରେ ନୃସିଂହ ପ୍ରସାଦ ମିଶ୍ର, ପୁରୁଷୋତ୍ତମ ମହାପାତ୍ର ପ୍ରମୁଖ ଏକ ଶୋଭାଯାତ୍ରାରେ ବାହାରି ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ଭୁବନେଶ୍ୱରରେ ହାଇକୋର୍ଟର ସର୍କିଟ ବେଞ୍ଚ ପ୍ରତିଷ୍ଠା ଦାବି

ଖୋର୍ଦ୍ଧା ଅଫିସ,୩୦।୧୨

ଗଣତାନ୍ତ୍ରିକ ବ୍ୟବସ୍ଥାରେ ଆଇନଜୀବୀଙ୍କ ପ୍ରମୁଖ ଭୂମିକା ରହିଛି। ଏହାକୁ ପେସାଭାବେ ନୁହଁ ବରଂ ସେବା ମନୋଭାବ ନେଇ କରନ୍ତୁ। ନିଜ ସ୍ୱାର୍ଥରୁ ଊର୍ଦ୍ଧ୍ୱକୁ ଉଠି ସମାଜ କଲ୍ୟାଣ ତଥା ସାଧାରଣ ଜନତା, ଗରିବ, ଅବହେଳିତ ଲୋକଙ୍କୁ ନ୍ୟାୟ ଦେବା ଲାଗି ଆଗେଇ ଆସିବା ଆବଶ୍ୟକ। ଫଳରେ ନ୍ୟାୟପାଳିକା ପ୍ରତି ସେମାନଙ୍କ ଆସ୍ଥା ଅତୁଟ ରହିପାରିବ ବୋଲି ବୁଧବାର ଜଟଣୀଠାରେ ଆୟୋଜିତ ୪୯ତମ ଅଲ୍ ଓଡ଼ିଶା ଆଇନଜୀବୀ ସମ୍ମିଳନୀରେ ମତପ୍ରକାଶ ପାଇଛି। ନିଖିଳ ଉତ୍କଳ ଆଇନଜୀବୀ ଆସୋସିଏଶନ ସଭାପତି ଜ୍ଞାନରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟ ଅତିଥି, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ଓଡ଼ିଶା ହ୍ୟୁମ୍ୟାନ ରାଇଟ୍‌ସ କମିଶନ ଅଧ୍ୟକ୍ଷ ଜଷ୍ଟିସ ବି.କେ ପଟେଲ, ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ପୂର୍ବତନ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ଆଇନଜୀବୀ ସହାୟତା ପାଣ୍ଠିକୁ ୫କୋଟିରୁ ୧୦କୋଟିକୁ ବୃଦ୍ଧି, ଭୁବନେଶ୍ୱରରେ ହାଇକୋର୍ଟର ସର୍କିଟ ବେଞ୍ଚ ପ୍ରତିଷ୍ଠା, ଆଇନଜୀବୀ ଏକାଡେମୀକୁ କାର୍ଯ୍ୟକାରିତା, ସ୍ୱାସ୍ଥ୍ୟବୀମା, ରାଜ୍ୟ ସରକାର ସମସ୍ତ ବାର୍‌କୁ ସୁଦୃଢ଼ୀକରଣ ବ୍ୟବସ୍ଥା ଲାଗି ଦାବି କରିଥିଲେ। ସମ୍ପାଦକ ବିଭୁରଞ୍ଜନ ତ୍ରିପାଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଇନଜୀବୀ ବୀରେନ୍ଦ୍ର କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଏହି ସମ୍ମିଳନୀରେ ରାଜ୍ୟର ସମସ୍ତ ଜିଲାର ଆଇନଜୀବୀମାନେ ଉପସ୍ଥିତ ଥିଲେ।

**ପେନ୍‌ସନ ପାଣ୍ଠି ନିୟାମକ ଏବଂ ଉନ୍ନୟନ କର୍ତ୍ତୃପକ୍ଷ**
ବି-୧୪/ଏ, ଛତ୍ରପତି ଶିବାଜୀ ଭବନ, କୁତବ୍ ଇନ୍‌ଷ୍ଟିଚ୍ୟୁଶନାଲ୍ ଏରିଆ, କତୱାରିଆ ସରାଇ, ନୂଆଦିଲ୍ଲୀ-୧୧୦୦୧୬
୨୫ ସେପ୍ଟେମ୍ବର ୨୦୨୦

**ସର୍ବସାଧାରଣ ବିଜ୍ଞପ୍ତି**

**ପିଏଫ୍‌ଆର୍‌ଡିଏ/ଏନ୍‌ପିଏସ୍ ନାମରେ ଠକାମିମୂଳକ ଅଫରଗୁଡ଼ିକ ବିରୋଧରେ ସତର୍କତା ସୂଚନା**

କେତେକ ଅନୈତିକ ସତ୍ତା ଏନ୍‌ପିଏସ୍/ପିଏଫ୍‌ଆର୍‌ଡିଏରେ ପଡ଼ିରହିଥିବା ବଡ଼ଅଙ୍କର ରାଶିକୁ ମୁକ୍ତ କରିବାର ପ୍ରତିଶ୍ରୁତି ଦେଇ ପିଏଫ୍‌ଆର୍‌ଡିଏ ନାମରେ ଫୋନ୍ କଲ୍ କରୁଥିବା ଏବଂ ଏଭଳି ଅଜଣା କଲର୍‌ମାନେ ଟଙ୍କାକୁ ମୁକ୍ତ କରିବା ପାଇଁ ବିଭିନ୍ନ ମିଥ୍ୟା ବାହାନା କରି ଜନସାଧାରଣଙ୍କଠାରୁ ଅର୍ଥ ଦାବି କରୁଥିବାର ଦୃଷ୍ଟିକୁ ଆସିଛି ।

ଏତଦ୍ୱାରା ସୂଚିତ କରିଦିଆଯାଉଛି ଯେ ପିଏଫ୍‌ଆର୍‌ଡିଏ ହେଉଛି ଏକ ବୈଧାନିକ ନିକାଶ, ଯାହା ଜାତୀୟ ପେନ୍‌ସନ ପ୍ରଣାଳୀ (ଏନ୍‌ପିଏସ୍)କୁ ଅନୁଶାସିତ କରିଥାଏ ଏବଂ ଏନ୍‌ପିଏସ୍/ପିଏଫ୍‌ଆର୍‌ଡିଏ ନାମରେ ନିରୀହ ନାଗରିକଙ୍କୁ ଠକିବାର ଚେଷ୍ଟା କରୁଥିବା ଏପରି ଅନୈତିକ ସତ୍ତାମାନଙ୍କ ଜାଲରେ ନ ପଡ଼ିବା ଲାଗି ଏତଦ୍ୱାରା ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଛି ।

*ଏନ୍‌ପିଏସ୍/ପିଏଫ୍‌ଆର୍‌ଡିଏଠାରୁ ପାଣ୍ଠିର ମୁକ୍ତି ପାଇଁ ଅର୍ଥରାଶି ଜମା କରିବା ପାଇଁ ପିଏଫ୍‌ଆର୍‌ଡିଏ କଦାପି ଜନସାଧାରଣଙ୍କୁ କଲ୍ କରି ଅନୁରୋଧ କରି ନ ଥାଏ । ଏପରି ଠକାମିମୂଳକ ଯୋଗାଯୋଗ ସମ୍ପର୍କରେ ତୁରନ୍ତ ପୋଲିସ ନିକଟରେ ସୂଚନା ଦାଖଲ କରାଯିବା ଉଚିତ।*

pfrda
davp 15102/11/0016/2021

**ଜନ୍ମଦିନର ହାର୍ଦ୍ଦିକ ଅଭିନନ୍ଦନ**



**ସରସ୍ୱତୀ ସିଙ୍ଗ**

ଆଜି ତୁମର ଜନ୍ମଦିନରେ ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ପାଖରେ ପ୍ରାର୍ଥନା ଯେ ତୁମର ଜୀବନ ସୁଖ, ଶାନ୍ତି, ଧନ-ସମୃଦ୍ଧିରେ ପରିପୂର୍ଣ୍ଣ ହେଉ, ତୁମର ମନୋକାମନା ପୂର୍ଣ୍ଣ ହେଉ।

ତୁମର ଶୁଭାକାଂକ୍ଷୀ:
ସମଶେର ସିଙ୍ଗ, କ୍ରିଷ୍ଣା ସିଙ୍ଗ, ସୁନା ସିଙ୍ଗ, ସୁରେନ୍ଦ୍ର ବିଶ୍ୱାଳ, ସୁକାନ୍ତି ବିଶ୍ୱାଳ

**ଏସ୍.ଇ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: (୧) ୪୨୫୩-ଜିଆର୍‌ସି-ସିଇ-ସି-।।-୫୯-୨୦୨୦, (୨) ୪୨୫୭-ଜିଆର୍‌ସି-ସିଇ-ସି-ଏସ୍‌ଓ-୬୨-୨୦୨୦ ତାରିଖ: ୩୦।୧୨।୨୦୨୦। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ଯନ୍ତ୍ରୀ (ସିଏନ୍)/।।, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍‌ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି । ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପ୍‌ଲୋଡ୍ କରାଯାଇଛି । ଟେଣ୍ଡର ଧାର୍ଯ୍ୟ ତାରିଖରେ ଇ-ଟେଣ୍ଡର ବିଜ୍ଞପ୍ତି ନଂ.୪୨୫୩-ଜିଆର୍‌ସି-ସିଇ-ସି-।।-୫୯-୨୦୨୦ ପାଇଁ ୧୨.୦୦ ଘଟିକା ଓ ଇ-ଟେଣ୍ଡର ବିଜ୍ଞପ୍ତି ନଂ. ୪୨୫୭-ଜିଆର୍‌ସି-ସିଇ-ଏସ୍‌ଓ-୬୨-୨୦୨୦ ପାଇଁ ୧୫.୦୦ ଘଟିକାରେ ବନ୍ଦ କରିଦିଆଯିବ । (୧) କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା: ଚକ୍ରଧରପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଅଧୀନରେ ରାଉରକେଲା-ଝାରସୁଗୁଡ଼ା ସେକ୍ସନ ମଧ୍ୟରେ ୩ୟ ଲାଇନ୍ ନିମନ୍ତେ କାର୍ଯ୍ୟ ପାଇଁ ପ୍ରି-କାଷ୍ଟ ଆର୍‌ସିସି ବକ୍ସର କାଷ୍ଟିଂ ଓ ପୁସିଂ ପାଇଁ ସୀମିତ ଉଚ୍ଚତାର ସବ୍‌ୱେ ନଂ. ୨୩୩ ଏବଂ କାଷ୍ଟ ଇନ୍ ସିଟୁ ଆର୍‌ସିସି ବକ୍ସର ନିର୍ମାଣ କାର୍ଯ୍ୟ ସମେତ ଅନ୍ୟାନ୍ୟ ବିବିଧ କାର୍ଯ୍ୟ ନିର୍ବାହ (୨) କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା: ରାଉରକେଲା-ବଣ୍ଡାମୁଣ୍ଡା ୪ର୍ଥ ଲାଇନ୍- ରାଉରକେଲା-ବଣ୍ଡାମୁଣ୍ଡା ଷ୍ଟେସନ ମଧ୍ୟରେ ଫର୍ମେସନରେ ମାଟିକାମର ନିର୍ବାହ, ଛୋଟ ସେତୁ ନିର୍ମାଣ, ପି.ୱେ ଲିଙ୍କିଙ୍ଗ୍ କାର୍ଯ୍ୟ, ପି.ୱେ ଫିଟିଂ ଯୋଗାଣ, ପି.ୱେ ସାମଗ୍ରୀର ପରିବହନ, ବାଲାଷ୍ଟ ଯୋଗାଣ, ସର୍ଭିସ ବିଲ୍‌ଡିଂ ଓ ଅନ୍ୟାନ୍ୟ ତତ୍‌ସମ୍ପର୍କିତ କାର୍ଯ୍ୟ। ଆନୁମାନିକ ମୂଲ୍ୟ: ₹୫.୯୮ କୋଟି (କ୍ର.ସଂ. ୧ ପାଇଁ) ଏବଂ ₹୨୯.୮୩ କୋଟି (କ୍ର.ସଂ. ୨ ପାଇଁ) । ଇଏମ୍‌ଡି: ₹୪,୪୮,୯୦୦/- (କ୍ର.ସଂ. ୧ ପାଇଁ) ଏବଂ ₹୧୬,୪୧,୫୦୦/- (କ୍ର.ସଂ. ୨ ପାଇଁ) । ସମାପ୍ତି ଅବଧି: ୬ ମାସ (କ୍ର.ସଂ. ୧ ପାଇଁ) ଏବଂ ୧୨ ମାସ (କ୍ର.ସଂ. ୨ ପାଇଁ)। ବନ୍ଦ ହେବା ତାରିଖ: ତା୨୧।୦୧।୨୦୨୧ରିଖ (କ୍ର.ସଂ. ୧ ପାଇଁ) ଏବଂ ତା୨୨।୦୧।୨୦୨୧ରିଖ (କ୍ର.ସଂ. ୨ ପାଇଁ)। ଟେଣ୍ଡରର ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ସ୍ୱତନ୍ତ୍ରତା ପାଇଁ ତଥା ସେମାନଙ୍କର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ନିମନ୍ତେ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-458)

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o- GENERAL MANAGER (ELECT.), EHT O&M CIRCLE, CUTTACK
Lifeline of Odisha No. CAD-998 CIN:U40102OR2004SGC007553

**OPEN TENDER CALL NOTICE NO-02/CTC/2020-21**

Tenders for Hiring of diesel run commercial registered light motor vehicle (9 seated Mahindra Bolero plus or equivalent) under the jurisdiction of EHT (O&M) Circle, Cuttack. For Detail specification/corrigendum please visit: www.optcl.co.in.

FIPR- 53/2020-21 OIPR-04011/11/0085/2021 Sd/-General Manager (EL)

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**SHREE LAXMI UDYAG**
Private Company ଦ୍ୱାରା ୭ଦିନ ମଧ୍ୟରେ ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 5% ପର୍ସନାଲ ଲୋନ, ବ୍ୟବସାୟ, କୃଷି, ଗୃହ, ଶିକ୍ଷା ଓ ସମ୍ପତ୍ତି ଇତ୍ୟାଦି ୧ଲକ୍ଷ ଟଙ୍କାରୁ ୧କୋଟି ପର୍ଯ୍ୟନ୍ତ।
M - 9836232487
W - 8902779180

**TCF FINANCE**
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଞ୍ଚଟି କାଗଜରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
6396732814

**NEA YEAR DHAMAKA**
**DHANLAXMI FINANCE**
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**GALLERY TOWER COMPANY**
ଦ୍ୱାରା ନିଜର ଖାଲି ଜମି / ଛାତ / କ୍ଷେତ / ପ୍ଲଟ୍ ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**OFFICE OF THE PANCHAYAT SAMITI, UMERKOTE**
**e-PROCUREMENT NOTICE**
Bid Identification No. 01/2020-2021

| | | |
|---|---|---|
| 01 | Name of the Work | Const. of Labour Room at Sunabeda PHC under Umerkote Panchayat Samiti |
| 02 | Nos. of Work | 01 |
| 03 | Amount put to Tender | Rs.25,21,295.00 |
| 04 | Period of Completion | 06 (Six) Months |
| 05 | Date of tender paper available | 01.01.2021 to 15.01.2021 (Tender paper to be downloaded from website www.nabarangpur.nic.in) |
| 06 | Last date of receipt tender paper | 16.01.2021 (During office hours) through Registered Post/Speed Post only. After 5.30 P.M. of 16.01.2021. No Potal, Registered/Speed Post will be received by the undersigned |
| 07 | Date of opening tender paper | 18.01.2021 (Time 11.00 A.M.) at Office Chamber of Block Dev. Officer, Umerkote |
| 08 | Details of terms & condition of the tender | Bids documents consisting of the schedule of quantities & the set of terms & conditions of contact & other necessary documents can be downloaded from the official website (www.nabarangpur.nic.in) |
| 09 | Name & address of the Officer Inviting Bid | Block Development Officer, Umerkote |
| 10 | Cost of tender documents | Rs.6000.00 (Rupees six thousand) only non-refundable shall be deposited in shape of Bank Draft in favour of Block Development Officer, Umerkote payable at State Bank of India, Umerkote. |
| 11 | Further details can be seen from the procurement portal | www.nabarangpur.nic.in |

Block Development Officer, Umerkote

**SEALED TENDER CALL NOTICE FOR SUPPLY OF APIS CERENE INDICA BEE BOXES**

No.2360/ DIC(K) Date 30.12.2020

Sealed tenders are invited in the prescribed format from reputed firm /Agencies for supply of Apis Cerena Indica Bee Boxes to the Bee Keeping Trainees in different Blocks of Keonjhar District as per specifications. The detail specifications along with terms and condition can be obtained from the office of GM, DIC, Keonjhar on payment of Rs. 10,000/ (Rupees Ten Thousand) only by DD/BC drawn in favour of the General Manager, DIC, Keonjhar which is non refundable. The details can be seen/ available in the NIC website www.kendujhar.nic.in. w.e.f 2nd January, 2021. The undersigned reserved the right to cancel any or all tender without assigning any reasons thereon.

| Date of commencement of tender | Last date & time of submission of tender | Date & time of opening tender paper |
|---|---|---|
| 31.12.2020 | 20.01.2021 at 5.00 P.M. | 21.01.2021 at 11.00 A.M. |

General Manager
DIC, Keonjhar

**ପୂର୍ବ ତଟ ରେଳପଥ**
**ଇଂଜିନିୟରିଂ କାର୍ଯ୍ୟ**

ଫାଇଲ ନଂ. DRM/Engg/KUR/20-21/E-Tender/49, ତା: 28.12.2020

1) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-HQ-KUR-247-2020, ତା: 18.12.2020

ବିବରଣୀ : 24 (ଚବିଶି) ମାସ ସମୟାବଧି ନିମନ୍ତେ ପୁରୀ ଠାରେ କୋଣାର୍କ ଅଧିକାରୀ ବିଶ୍ରାମ ଗୃହ (ନୂଆ) ଏବଂ ନୀଳାଚଳ ଅଧିକାରୀ ବିଶ୍ରାମ ଗୃହ(ପୁରୁଣା) ଏବଂ ହଲିଡ଼େ ହୋମ୍ (Holiday Home)ର ଦେଖାଶୁଣା ଏବଂ ସୁରକ୍ଷା, ଖାଦ୍ୟ ସରବରାହ (Catering) ସେବା ସହିତ ଉପଯୋଗିତା ସହ "ବିଶେଷ ସେବା" ବ୍ୟବସ୍ଥା ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 180.27 ଲକ୍ଷ, EMD (ଟଙ୍କାରେ) : ₹ 2,40,100/-, କାର୍ଯ୍ୟ ଶେଷ ହେବା ଅବଧି : 24 (ଚବିଶି) ମାସ ।

2) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-HQ-248-2020, ତା: 18.12.2020

ବିବରଣୀ : 24 (ଚବିଶି) ମାସ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ଠାରେ ସ୍ୱିମିଙ୍ଗ୍ ପୁଲ୍ (Swimming Pool) ର ରକ୍ଷଣାବେକ୍ଷଣ ଏବଂ ଅଧିକାରୀ ବିଶ୍ରାମ ଗୃହ, ଅଧସ୍ତନ ବିଶ୍ରାମ ଗୃହ, ଟ୍ରାଞ୍ଜିଟ୍ ବିଶ୍ରାମ ଗୃହରେ ହାଉସ୍‌କିପିଙ୍ଗ, ରୁମ ସେବା, ଝାଡୁମାରିବା ଏବଂ ପୋଛିବା (Sweeping & Dusting), ରୋଷେଇ ସେବା ତଥା ଘାସ ଗାଲିଚ (Lawn) ଇତ୍ୟାଦିର ରକ୍ଷଣାବେକ୍ଷଣ ସହିତ ଉପଯୋଗିତା ସହ "ବିଶେଷ ସେବା" ବ୍ୟବସ୍ଥା ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹98.70 ଲକ୍ଷ, EMD (ଟଙ୍କାରେ):₹1,97,400/-, କାର୍ଯ୍ୟ ଶେଷ ହେବା ଅବଧି : 24 (ଚବିଶି) ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) : ତା.11.01.2021 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-458/L/20-21

## ୨ପଥର ବୋଝେଇ ଗାଡ଼ି ଜବତ, ଜରିମାନା ଆଦାୟ

**କୋଣାର୍କ,(ଡି.ଏନ୍.ଏ.):** ରାମଚଣ୍ଡୀ ଥାନା ଅଧୀନ ବାଙ୍ଗର- ବରପଦା ଜେଲ ରୋଡ଼ରୁ ବେଆଇନ ପଥର ଆଣୁଥିବା ୨ଟି ଗାଡିକୁ ଗୋପ ତହସିଲ ପକ୍ଷରୁ ଜବତ କରାଯାଇ ୪୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ବୁଧବାର ଟାଙ୍ଗୀ-ଚାନ୍ଦିପୁର ଅଞ୍ଚଳରୁ ଏକ ଟ୍ରକ ଓ ମିନିଟ୍ରକ୍ ବେଆଇନ ପଥର ବୋଝେଇ କରି ଆସୁଥିଲା। ଗୋପ ତହସିଲଦାର ପ୍ରିୟାଂଶୁ ଚାନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁ ଟିମ ସହ ଜେଲ ରୋଡ଼୍ଠାରେ ୨ ଗାଡିକୁ ଜବତ କରି ଜରିମାନା ଆଦାୟ କରିଥିଲେ। କୋଣାର୍କ ଥାନା ପୋଲିସ ସହାୟତାରେ ସମ୍ପୃକ୍ତ ୨ ଡ୍ରାଇଭରଙ୍କୁ ଅଟକ ରଖାଯାଇଛି।

**ସଂକ୍ଷେପରେ**

### ବିଦେଶୀ ପକ୍ଷୀ ଶିକାର କରୁଛନ୍ତି ନାବାଳକ

**ବ୍ରହ୍ମଗିରି, ୩୦।୧୨(ଡି.ଏନ୍.ଏ.):** ଚିଲିକାରେ ନୌବିହାର ବେଳେ ବିଦେଶାଗତ ପକ୍ଷୀଙ୍କ କିଚିରି ମିଚିରି ଶବ୍ଦ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ହେଲେ ଏହି ପକ୍ଷୀମାନେ ଚିଲିକା ଓ ସ୍ଥାନୀୟ ଗ୍ରାମଗୁଡ଼ିକର ଜଳାଶୟରେ ଖାଦ୍ୟ ଅନ୍ୱେଷଣରେ ଆସି ଶିକାରୀଙ୍କ ଶିକାର ହେଉଛନ୍ତି। ବ୍ରହ୍ମଗିରି ଅଞ୍ଚଳର ନାବାଳକମାନେ ମଧ ପକ୍ଷୀ ଶିକାର କରୁଥିବା ଦେଖିବାକୁ ମିଳିଛି। ନାନା ବିଷ, ଫାସ ପକାଇ ଅବାଧରେ ପକ୍ଷୀ ଶିକାର କରୁଛନ୍ତି। ବୁଧବାର ଦୁଇଟି ନାବାଳକ ଶିକାରୀ ଦିନରେ ପକ୍ଷୀ ଶିକାର କରି ଯାଉଥିବା ଦେଖିବାକୁ ମିଳିଥିଲା। ସରକାର ପକ୍ଷୀ ଶିକାର ବିରୋଧରେ କଡ଼ାକଡ଼ି ନିୟମ ଲାଗୁ କରିଥିଲେ ମଧ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁ ଏହି ନୀରିହ ପକ୍ଷୀଗୁଡିକ ଅକାଳ ମୃତ୍ୟୁବରଣ କରୁଛନ୍ତି।

### ସମୁଦ୍ରରେ ବୁଡ଼ି ଯାଉଥିବା ଯୁବକ ଉଦ୍ଧାର

**ପୁରୀ ଅଫିସ,୩୦।୧୨:** ସମୁଦ୍ରରେ ବୁଡ଼ି ଯାଉଥିବା ଜଣେ ଯୁବକଙ୍କୁ ଅଗ୍ନିଶମ ବିଭାଗ ଉଦ୍ଧାର କରିଛି। ସମ୍ପୃକ୍ତ ଯୁବକଙ୍କ ଘର ଯାଜପୁର ଜିଲା ଅଷ୍ଟପ୍ରହରାଜପୁରର ସତ୍ୟପ୍ରକାଶ ମହାନ୍ତି ବୋଲି ସୂଚନା ମିଳିଛି। ବୁଧବାର ସତ୍ୟପ୍ରକାଶ ତାଙ୍କ ସାଙ୍ଗମାନଙ୍କ ସହ ପୁରୀ ବୁଲିବାକୁ ଆସିଥିଲେ। ସେମାନେ ସମୁଦ୍ରରେ ଗଧୋଉଥିବାବେଳେ ସତ୍ୟପ୍ରକାଶ ବୁଡ଼ି ଯାଇଥିଲେ। ତେବେ ଲାଇଫ ଗାର୍ଡ ଏ. ମାଧବ ରାଓ ଏହା ଦେଖି ସେଠାରେ ଥିବା ଲାଇଫ ଗାର୍ଡ ବାବୁଲା ବେହେରାଙ୍କୁ ଜଣାଇଥିଲେ। ବାବୁଲା ତୁରନ୍ତ ସତ୍ୟପ୍ରକାଶଙ୍କୁ ଉଦ୍ଧାର କରିଥିଲେ।

### ହ୍ୱାଇଟ ଇଗଲ, ରାଇଜିଂ ଷ୍ଟାର ବିଜୟୀ

**ଡେଲାଙ୍ଗ,୩୦।୧୨(ଡି.ଏନ୍.ଏ.):** କଲ୍ୟାଣପୁର ପଞ୍ଚାୟତ ପ୍ରିମିୟମ ଲିଗର ବୁଧବାର ପ୍ରଥମ ମ୍ୟାଚ ହ୍ୱାଇଟ ଇଗଲ ଓ ରୟାଲ ଟାଇଗର ମଧରେ ହୋଇଥିଲା। ହ୍ୱାଇଟ ଇଗଲ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୧୩୨ ରନ ସଂଗ୍ରହ କରିଥିଲା। ଜବାବରେ ରୟାଲ ଟାଇଗର ୧୦୬ ରନ କରି ହାରିଥିଲା। ୨ୟ ମ୍ୟାଚଟି ଡବଲ ଲାୟନ ଓ ରାଇଜିଂ ଷ୍ଟାର ମଧରେ ହୋଇଥିଲା। ଡବଲ ଲାୟନ ଟସ୍ ଜିତି ପ୍ରଥମେ ବ୍ୟାଟିଂ ୭୫ ରନ ସଂଗ୍ରହ କରିଥିଲା। ରାଇଜିଂ ଷ୍ଟାର ୭୮ ରନ କରି ଜିତିଥିଲା। ମ୍ୟାନ ଅଫ ଦି ମ୍ୟାଚ ଭାବେ କିଶୋର ସାହୁ ଓ ସୁବାସ ନାୟକ ବିବେଚିତ ହୋଇଥିଲେ। ଶରତ ପ୍ରଧାନ, ଅମର ପ୍ରଧାନ ଓ ଅମିୟ ନାୟକ ମ୍ୟାଚ ପରିଚାଳନା କରିଥିଲେ।

### ଗଣ୍ଡଗୋଳ, ଜଣେ ଗିରଫ

**ଡେଲାଙ୍ଗ,୩୦।୧୨(ଡି.ଏନ୍.ଏ.):** ଡେଲାଙ୍ଗ ଥାନା ଅନ୍ତର୍ଗତ ଗୁଆଚଉକା ଗ୍ରାମରେ ୨ ପରିବାର ମଧରେ ବାଡ ଦେବାକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟିଛି। ଏ ନେଇ ଉଭୟ ପକ୍ଷ ଡେଲାଙ୍ଗ ହାଟ ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ୨ଟି ପୃଥକ ମାମଲା ରୁଜୁ କରିଛି। ଗୋଟିଏ ପରିବାରର ଅଭିଯୋଗକୁ ଭିତ୍ତିକରି ପୋଲିସ ବୁଧବାର କାହ୍ନୁ ସାହାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# କାଗଜପତ୍ରରେ ଚିକିତ୍ସା, ରୋଗୀ ଛଟପଟ

**ପୁରୀ ଅଫିସ, ୩୦।୧୨**

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହେବାର ୪୮ଘଣ୍ଟା ପରେ ବି ଚିକିତ୍ସା ବିନା ଜଣେ ରୋଗୀଙ୍କୁ ଛଟପଟ ହେବାକୁ ପଡ଼ିଛି। ମଧୁମେହ ଓ ପେଟଜନିତ ସମସ୍ୟା କାରଣରୁ ଚିକିତ୍ସା ଲାଗି ପୁରୁଷ ଭେଷଜ ବିଭାଗର ୭୮ ନମ୍ବର ଶଯ୍ୟାରେ ଥିବା ଶଙ୍କର ସାହୁ ନିଜ ଦୁଃଖ ବଖାଣି ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ଓ ଅବ୍ୟବସ୍ଥାକୁ ପଦାରେ ପକାଇଛନ୍ତି। କେବଳ କାଗଜପତ୍ରରେ ଚିକିତ୍ସା ଚାଲିଥିବାବେଳେ ରୋଗୀ ହଇରାଣ ହେଉଛନ୍ତି ବୋଲି ସେ ସଙ୍ଗିନ ଅଭିଯୋଗ ଆଣିଛନ୍ତି।

ଶଙ୍କର ଅଭିଯୋଗ କରିଛନ୍ତି ଯେ, ସେ ଗତ ୨୮ ତାରିଖରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଡାକ୍ତର ଦେଖିବା ପରେ ତାଙ୍କର ସିଟି ସ୍କାନ୍, ଅଲଟ୍ରାସାଉଣ୍ଡ ଓ ଏକ୍ସ-ରେ ଆଦି ପରୀକ୍ଷା କରାଯାଇଥିଲା। ରିପୋର୍ଟ ଆସିବା ପୂର୍ବରୁ ମାତ୍ର ୧୨ଘଣ୍ଟା ମଧରେ ତାଙ୍କୁ ଘରକୁ ଯିବା ପାଇଁ ଡିସ୍‌ଚାର୍ଜ ଅର୍ଡର ଦିଆଯାଇଥିଲା। ଅର୍ଥାତ୍ କୌଣସି ପ୍ରକାର ପ୍ରାଥମିକ ଚିକିତ୍ସା କିମ୍ବା ରିପୋର୍ଟରେ ଥିବା ସମସ୍ୟାକୁ ତର୍ଜମା ନ କରି ତାଙ୍କୁ ଡିସ୍‌ଚାର୍ଜ ହେବାକୁ କୁହାଯାଇଥିଲା। ୫ଦିନ ଧରି ଝାଡ଼ା-ପରିସ୍ରା ବନ୍ଦ ଯୋଗୁ ତାଙ୍କ ଅବସ୍ଥା ସେତେବେଳେ ଅତି ଜଟିଳ ଥିଲା। ତେବେ ୨୯ ତାରିଖରେ ଅଲଟ୍ରାସାଉଣ୍ଡ ଓ ସିଟି ସ୍କାନ୍ ରିପୋର୍ଟ ଆସିବା ପରେ ମଧ କୌଣସି ଚିକିତ୍ସା କରାଯାଇ ନ ଥିଲା। ଏହାବ୍ୟତୀତ ରିପୋର୍ଟ ସମ୍ପର୍କରେ ତାଙ୍କୁ କିମ୍ବା ତାଙ୍କ ପରିବାର ଲୋକଙ୍କୁ ସୂଚନା ଦିଆଯାଇ ନ ଥିଲା। ବୁଧବାର ସକାଳ ସୁଦ୍ଧା ତାଙ୍କୁ ଇଞ୍ଜେକ୍ସନ କିମ୍ବା ଔଷଧ ଦିଆଯାଇ ନ ଥିବା ଜାଣି ଜଣେ ସମ୍ପର୍କୀୟ (ଯିଏ ସ୍ୱାସ୍ଥ୍ୟକର୍ମୀ) ସନ୍ଦେହ ପ୍ରକଟ କରିଥିଲେ। ସେ ଶଙ୍କରଙ୍କ ପ୍ରୋଗ୍ରେସ୍ ଫାଇଲ୍ ଦେଖିବାକୁ ଚାହିଁଥିଲେ। ପ୍ରୋଗ୍ରେସ୍ ଫାଇଲରେ ଉଲ୍ଲେଖ ଥିବା ତଥ୍ୟ ଅନୁଯାୟୀ, ଗତ ୨୮ତାରିଖ ସନ୍ଧ୍ୟାରୁ ଆବଶ୍ୟକତା ଅନୁସାରେ ଶଙ୍କରଙ୍କୁ ଆଣ୍ଟିବାୟୋଟିକ୍ ଇଞ୍ଜେକ୍ସନ୍ (ପିପରାସିଲିନ୍‌ଷ୍ଟାଜୋବାକ୍ଟମ୍ ୪.୫) ସହ ଅନ୍ୟ କେତୋଟି ଇଞ୍ଜେକ୍ସନ୍ ଦିଆଯାଉଥିଲା। କିନ୍ତୁ ପ୍ରକୃତ ପକ୍ଷେ ରୋଗୀ ଶରୀରରେ ଗୋଟିଏ ବି ସିରିଞ୍ଜର ଛୁଞ୍ଚି ଫୁଟି ନ ଥିବା ଶଙ୍କରଙ୍କ ସମ୍ପର୍କୀୟ ଅଭିଯୋଗ ଆଣିଛନ୍ତି। ଶଙ୍କରଙ୍କ ଡାକ୍ତରଖାନା କାଗଜପତ୍ରରେ ମିଥ୍ୟା ତଥ୍ୟ ରହିଥିଲା। ଏ ନେଇ ଶଙ୍କରଙ୍କ ସମ୍ପର୍କୀୟ ମାନସ ରଞ୍ଜନ ସାହୁ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କୁ ଭେଟିଥିଲେ ମଧ ସେମାନେ ଘଟଣାର ପ୍ରକୃତ ତଦନ୍ତ କରିବା ପରିବର୍ତ୍ତେ ନିଜ କର୍ମଚାରୀଙ୍କ ଭୁଲ୍ ଘୋଡ଼ାଇବାକୁ ପ୍ରୟାସ କରିଥିଲେ। ତେବେ ଏ ନେଇ ସିଡିଏମ୍‌ଓ ଡା. ସୁଜାତା ମିଶ୍ରଙ୍କୁ ପଚାରିବାରେ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି।



ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ଅଜୟ କୁମାର ପଣ୍ଡା(ଆୟୁଷ)ଙ୍କ ନାଗପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ ଅବସରରେ ଡାକ୍ତର ଓ ଅନ୍ୟମାନେ।

## ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଦେଖିଲେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

**ଗୋପ,୩୦।୧୨(ଡି.ଏନ୍.ଏ.)**

ସରକାର ସ୍ୱାସ୍ଥ୍ୟସେବା ପ୍ରତି ଅଧିକ ଗୁରୁତ୍ୱ ଦେଉଥିବାବେଳେ ବୁଧବାର ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ଅଜୟ କୁମାର ପଣ୍ଡା(ଆୟୁଷ) ଅଧିକାରୀଙ୍କ ସହ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ନାଗପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଦେଖିଥିଲେ। କିଛିଦିନ ଧରି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା କେତେକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମଚାରୀମାନେ ଠିକ୍ ଭାବେ ଆସୁ ନ ଥିବା ନେଇ ଅଭିଯୋଗ ହୋଇଥିଲା। ଏହା ଜାଣିବା ପରେ ବିଧାୟକ ତଥା ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏ ଅଭିଯୋଗ ସମ୍ପର୍କରେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ଏ ନେଇ ବୁଧବାର ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପଣ୍ଡାଙ୍କ ସମେତ ଡ. ଅସିତ୍ କୁମାର ମହାନ୍ତି, ଡ. ରାମକୃଷ୍ଣ ତ୍ରିପାଠୀ, ଡ. ଲଲାଟେନ୍ଦୁ ମିଶ୍ର, ଡ. ଅପରାଜିତା ପାଢୀ ପ୍ରମୁଖ ପ୍ରଥମେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଆଉ କେତେକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ତଦାରଖ କରିଥିଲେ। ସରକାରୀ ଔଷଧ ମିଳୁଛି କି ନାହିଁ, ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଖାଦ୍ୟ ଠିକ ଭାବରେ ଦିଆଯାଉଛି କି ନାହିଁ ସହ ଅନ୍ୟାନ୍ୟ ସରକାରୀ ଯୋଜନା କାର୍ଯ୍ୟକାରୀକୁ ନେଇ ପଚାରି ବୁଝିଥିଲେ। ନାଗପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ତ କାର୍ଯ୍ୟ ସୁଚାରୁରୂପେ ଚାଲିବା, ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନେ ଠିକ ଆସିବା ସହ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟକୁ ସନ୍ତୋଷ ପ୍ରକାଶ କରିଥିଲେ। ଏହି ଟିମରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶିବ ପ୍ରସାଦ ମଙ୍ଗରାଜ, ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ମହାପ୍ରଭୁଙ୍କ ଦର୍ଶନ କଲେ କର୍ମଜୀବୀ

**ପୁରୀ ଅଫିସ,୩୦।୧୨**

ପୁରୀ ସହରବାସୀଙ୍କ ୫ମ ଦିନର ଦର୍ଶନ ବୁଧବାର ଶେଷ ହୋଇଛି। ଭଡ଼ାଟିଆ ଓ କର୍ମଜୀବୀମାନେ ଦାରୁଦିଅଁଙ୍କ ଦର୍ଶନ କରିଛନ୍ତି। ପୂର୍ବାହ୍ନରେ ୨୩, ୨୪, ଅପରାହ୍ନରେ ୨୫, ୩୦, ୭ ଏବଂ ୨୭ ନମ୍ବର ୱାର୍ଡର ବାସିନ୍ଦା ଦର୍ଶନ କରିଥିଲେ। ବିଶେଷକରି ପୁରୀ ସହରର କଲେଜ୍ ଛାତ୍ରୀଛାତ୍ରଙ୍କ ଗହଳି ଲାଗିଥିଲା। ପୁରୀର ଏକ ଘରୋଇ ହସ୍ପିଟାଲରେ ସ୍ୱାସ୍ଥ୍ୟକର୍ମୀ ଭାବେ କାର୍ଯ୍ୟରତ ମାନସ ରଞ୍ଜନ ସାହୁଙ୍କୁ ବୁଧବାର ଦର୍ଶନ ସୁଯୋଗ ମିଳିଥିଲା। ସେ କହିଥିଲେ, ପୁରୀ ସହରରେ ରହିବା ପ୍ରାୟ ୫ରୁ ୭ ବର୍ଷ ହୋଇଗଲାଣି। ମାତ୍ର ପ୍ରଶାସନ ପ୍ରାଥମିକ ପର୍ଯ୍ୟାୟରେ ଆମଙ୍କୁ ଦର୍ଶନ ସୁଯୋଗ ଦେଇ ନ ଥିଲା। ଏଭଳି ନିଷ୍ପତ୍ତି କଷ୍ଟ ଦେଇଥିଲା। ମାତ୍ର ଏବେ ଅନୁମତି ପରେ ଖୁସିର ସୀମା ନାହିଁ। ପ୍ରାୟ ୯ ମାସ ପରେ ଦର୍ଶନ କରି ମନରେ ଶାନ୍ତି ଫେରିଲା। ଅନ୍ୟପକ୍ଷରେ ଶ୍ରୀମନ୍ଦିର ହୁଣ୍ଡି ଆୟ ବଢ଼ିଛି। ବୁଧବାର ସବୁଠୁ ଅଧିକ ଆୟ ହୋଇଛି। ହୁଣ୍ଡିରୁ ୨ ଲକ୍ଷ ୯୫ ହଜାର ୮୪୨ ଟଙ୍କା ସଂଗ୍ରହ କରାଯାଇଛି।

## ପିପିଡବ୍ଲ୍ୟୁଓର ସଚେତନତା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ନିମାପଡ଼ା,୩୦।୧୨(ଡି.ଏନ୍.ଏ.)**

ନିମାପଡ଼ା ପିଙ୍ଗଳାକ୍ଷୀ ପବ୍ଲିକ ୱେଲଫେୟାର ଅର୍ଗାନାଇଜେଶନ (ପିପିଡବ୍ଲ୍ୟୁଓ) ଏବଂ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ନିବାସ ତାଲିମ ଓ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ପିପିଡବ୍ଲ୍ୟୁଓ ସେବାସଦନଠାରେ ଏକ ସଚେତନ କାର୍ଯ୍ୟକ୍ରମ ଓ ଆଲୋଚନାଚକ୍ର ସମାରୋହ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଦିବ୍ୟାଙ୍ଗମାନଙ୍କ ସାମାଜିକ ସୁରକ୍ଷା, ଆଇନଗତ ସମସ୍ୟା, ଦିବ୍ୟାଙ୍ଗମାନଙ୍କୁ ମୁଖ୍ୟସୋତ୍ରରେ ସାମିଲ କରିବା ଦିଗରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଅତିଥି ଭାବେ ଓଲଟପୁରର ଏସ୍‌ଭି ନିରତାର ଉପନିର୍ଦ୍ଦେଶକ ଡା.କିଶୋରଚନ୍ଦ୍ର ମହାପାତ୍ର, ସସ୍ମିତା ସାମଲ, ଶିଶିରବାହିନୀ ପତି, ଅଭିପ୍ସା ବେହେରା, ପ୍ରେମାନନ୍ଦ ନୁଲା, ଦେବେନ୍ଦ୍ର ମହାରଣା, ମହମ୍ମଦ ଇମରନ ଅଲ୍ଲୀ, ଏସ୍‌ବିଆଇର ଅଭିଲାଷ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ପିପିଡବ୍ଲ୍ୟୁର ସଭାପତି ଗଗନବିହାରୀ ଦାସ, ପ୍ରଶାସନିକ ଅଧିକାରୀ ପଦ୍ମଲୋଚନ ମହାନ୍ତି, ଗଜେନ୍ଦ୍ର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମକୁ ସଂଯୋଜନା ଓ ପରିଚାଳନା କରିଥିଲେ। ଶେଷରେ କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରାୟ ୭୦ଜଣ ଦିବ୍ୟାଙ୍ଗଙ୍କୁ ସାର୍ଟିଫିକେଟ, ମାସ୍କ ପ୍ରଦାନ କରାଯାଇଥିଲା।

## ଶିଶୁ ଖାଦ୍ୟ, କିଟ୍ ଦୁର୍ନୀତିକୁ ନେଇ ହଙ୍ଗାମା

**କଣାସ,୩୦।୧୨(ସ୍ୱ.ପ୍ର.)**

କଣାସ ପଞ୍ଚାୟତ ସମିତିର ୭ମ ବୈଠକ ବୁଧବାର ସମିତି ସଭାଗୃହରେ ଅଧକ୍ଷ ସାଗର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ଆସିଥିବା କିଟ୍ ନିମ୍ନମାନର, ଛତୁଆ ଯୋଗାଣରେ ଦୁର୍ନୀତି ହୋଇଥିବା ନେଇ ତଥ୍ୟ କେତେଜଣ ଲୋକପ୍ରତିନିଧି ସୂଚନା ଅଧିକାର ଆଇନରେ ମାଗିଥିଲେ ମଧ ଦିଆଯାଇ ନ ଥିବା ସିରେଇ ସରପଞ୍ଚ ରାଜକିଶୋର ସାମନ୍ତରାୟ ଓ ଦେଇପୁର ସରପଞ୍ଚ ମାଧବ ବଳବନ୍ତରାୟ ଅଭିଯୋଗ କରିବାରୁ ହଙ୍ଗାମା ହୋଇଥିଲା। ବ୍ଲକ ଶିଶୁ ବିକାଶ ଅଧିକାରୀ ଏ.ଉଷାରାଣୀ ୭ଦିନ ମଧରେ ତଥ୍ୟ ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅନଲାଇନ୍‌ରେ ୨୪୭୮ଜଣ ବୃଦ୍ଧବୃଦ୍ଧା ଭତ୍ତା ପାଇଁ ଆବେଦନ କରିଥିବା ବେଳେ ୧୮୨୦ଜଣଙ୍କ ଭତ୍ତା ମଞ୍ଜୁର ପାଇଁ ପଠାଯାଇଥିବା ବ୍ଲକ ସମାଜ ମଙ୍ଗଳ ଅଧିକାରିଣୀ ଅନିତା ପଟ୍ଟନାୟକ କହିଥିଲେ। ବ୍ଲକରେ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟ ୩୦ଭାଗରୁ କମ୍ ହୋଇଥିବାରୁ ସହକାରୀ ଯନ୍ତ୍ରୀ ଚନ୍ଦ୍ରମଣି ଖଟେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସମିତି ପାଣ୍ଠିକୁ ଆସିଥିବା ୫୫ଲକ୍ଷ ଟଙ୍କା ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ବିନିଯୋଗ କରିବାକୁ ଆଲୋଚନା ହୋଇଥିଲା। ବୈଠକରେ ବିଧାୟକ ଉମାକାନ୍ତ ସାମନ୍ତରାୟ, ବିଡିଓ ଲୋଚନ ଦାସ, ତହସିଲଦାର ଲକ୍ଷ୍ମୀଧର ମହାରଣା, ଜିଲାପରିଷଦ ଉପାଧକ୍ଷ ଦୀପ୍ତିରାଣୀ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ନୀଳମଣି ବେହେରା, ସଭ୍ୟା ମିନତୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଚୋରି ଅଭିଯୋଗରେ ୨ ଗିରଫ

**ପୁରୀ ଅଫିସ, ୩୦।୧୨**

୫ଶହରୁ ଊର୍ଦ୍ଧ୍ୱ ଥର ଚୋରି କରିଥିବା ଜଣେ ଅଭିଯୁକ୍ତ ଓ ତାଙ୍କ ସହଯୋଗୀଙ୍କୁ ପୁରୀ ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ହେମନ୍ତ ଦାସ ଓ ତାଙ୍କ ସହଯୋଗୀ ସୁରେଶ ପାତ୍ର। ଉଭୟଙ୍କ ନିକଟରୁ ଏକ ସ୍ୱିଫ୍ଟ କାର୍ (ଓଡି ୧୩ ଏମ୍-୩୩୩୬), ବାଇକ (ଓଡି ୦-୫ପି ୫୬୬୭) ସମେତ ୩ ମୋବାଇଲ ଫୋନ୍, ଗୋଟିଏ ରୁପା ମୁଦି, ୪ଟି କଟର ଆଦି ଜବତ କରାଯାଇଛି। ସୂଚନା ଅନୁଯାୟୀ, ପୋଲିସ ଲାଇନସ୍ଥିତ ପ୍ରିୟତମା ଭୋଇ ଓ ପରୀକ୍ଷିତ ପ୍ରଧାନ ଗତ ୨୭ ତାରିଖରେ ଘରେ ନ ଥିଲେ। ଏଇ ସମୟରେ ଦୁର୍ବୃତ୍ତ ଘର ତାଲା ଭାଙ୍ଗି ସୁନା ଅଳଙ୍କାର ଓ ଟଙ୍କା ଚୋରି କରିଥିଲେ। କୁମ୍ଭାରପଡ଼ା ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରିଥିଲା। ଘର ପାଖରେ ଥିବା ସିସିଟିଭିର ଫୁଟେଜ୍ ଦେଖି ପୋଲିସ ହେମନ୍ତଙ୍କୁ ଗିରଫ କରିଥିଲା। ତାଙ୍କ ନାଁରେ ୧୦୮ଟି ମାମଲା ରହିଛି।

## ଚିଲିକାରେ ଭେସେଲ ଅଚଳ

**ବ୍ରହ୍ମଗିରି,୩୦।୧୨(ଡି.ଏନ୍.ଏ.)**

ଚିଲିକାରେ ବୁଧବାର ଭେସେଲର ଯାନ୍ତ୍ରିକ ତ୍ରୁଟି ଯୋଗୁ ପରିବହନ ସେବା ଠପ୍ ହୋଇପଡିଛି। ସାତପଡ଼ା ଓ ଜହ୍ନିକୁଦାକୁ ଗମନାଗମନ ପାଇଁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ତରଫରୁ ୨ଟି ଭେସେଲ ଦିଆଯାଇଛି। କିନ୍ତୁ ୨ଟିଯାକ ଭେସେଲ ବୁଧବାର ଅଚଳ ହୋଇପଡ଼ିଥିଲା। ଫଳରେ ଯାତ୍ରୀ ହଇରାଣ ହୋଇଥିଲେ।

## ମହିଳା ସଶକ୍ତୀକରଣ, ଶିଶୁଯତ୍ନ ପ୍ରତି ଗୁରୁତ୍ୱ

**ସାକ୍ଷୀଗୋପାଳ,୩୦।୧୨ (ଡି.ଏନ୍.ଏ.)**

**ପଞ୍ଚାୟତ ସମିତିର ୭ମ ଅଧିବେଶନ**

ସତ୍ୟବାଦୀ ପଞ୍ଚାୟତ ସମିତିର ୭ମ ଅଧିବେଶନ ବୁଧବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଆଜିର ଶିଶୁ ହେଉଛନ୍ତି ଆମର ଭବିଷ୍ୟତ। ସେମାନଙ୍କ ପାଇଁ ଥିବା ସମସ୍ତ ଯୋଜନା ସଫଳ ରୂପାୟନ ନିମନ୍ତେ ଭିତିଭୂମିର ବିକାଶ ଅପରିହାର୍ଯ୍ୟ ବୋଲି ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଧାୟକ ଉମାକାନ୍ତ ସାମନ୍ତରାୟ କହିଛନ୍ତି। ଏଣୁ ବ୍ଲକରେ ଥିବା ୧୬୫ଟି ଅଙ୍ଗନୱାଡି କେନ୍ଦ୍ରରୁ ୧୩୬ କେନ୍ଦ୍ରର ନୂତନ ଗୃହ ନିର୍ମାଣ ପାଇଁ ଅନୁଦାନ ମିଳିଥିବାରୁ ଏହା ଖୁବଶୀଘ୍ର କରିବାକୁ ବିଧାୟକ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ରାଜ୍ୟ ସରକାର ମହିଳା ସଶକ୍ତୀକରଣ ପାଇଁ ପ୍ରାଥମିକତା ଦେଉଥିବାରୁ ପ୍ରତି ପଞ୍ଚାୟତରେ ମହିଳା ମିଶନଶକ୍ତି ଗୃହନିର୍ମାଣ କରିବା ନେଇ ସେ ବୈଠକରେ ଗୁରୁତ୍ୱାରୋପ କରିଥିଲେ। ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା ପ୍ରଧାନଙ୍କ ଅଧକ୍ଷତାରେ ପୁରୀ ଏମ୍‌ପିଙ୍କ ପ୍ରତିନିଧି ବିଜନ ମହାପାତ୍ର, ବିଡିଓ କ୍ଷୀରୋଦ କୁମାର ବେହେରା, ଉପାଧକ୍ଷ ବିକ୍ରମ ଜେନା, ଜିଲା ପରିଷଦ ସଭ୍ୟ ପ୍ରହ୍ଲାଦ ଘଟୁଆରୀ, ସୌଭାଗ୍ୟ ରଞ୍ଜନ କର, ସହକାରୀ ଯନ୍ତ୍ରୀ ଭାସ୍କର ଶତପଥୀ, ସିଇଓ କମଳ ଆଚାର୍ଯ୍ୟ, ବ୍ଲକ କୃଷି ଅଧିକାରୀ କଲ୍ୟାଣ ରାୟ, ଉଦ୍ୟାନ ଅଧିକାରୀ ଦେବଦାସ ଦତ୍ତ, ବିଇଓ ଜିତେନ୍ଦ୍ର ନାୟକ, ସିଡିପିଓ ପ୍ରେମବାଳା ତ୍ରିପାଠୀ, ଡା.ବିଶ୍ୱଜିତ ମିଶ୍ର ପ୍ରମୁଖଙ୍କ ସମେତ ସରପଞ୍ଚ, ସମିତିସଭ୍ୟା ସଭ୍ୟ ଏବଂ ବିଭାଗୀୟ ଅଧିକାରୀ ବୈଠକରେ ଯୋଗଦେଇଥିଲେ। ୧୫ତମ ବିତ ଆୟୁକ୍ତଙ୍କ ଅନୁଦାନ ବ୍ୟୟ ଖସଡା ପ୍ରସ୍ତାବ, ରାସ୍ତାପାର୍ଶ୍ୱ ନାଳ ନିର୍ମାଣ ଓ ଆଲୋକକରଣ, ସ୍ୱଚ୍ଛ ପରିମଳ, କୃଷି, ଉଦ୍ୟାନକୃଷି, ଗୋଷ୍ଠୀଭିତ୍ତିକ ଉନ୍ନୟନ କାମ ତ୍ୱରାନ୍ୱିତ କରିବା ଦିଗରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଡିଓ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ବୈଠକରେ ବିଧାୟକ ଉମାକାନ୍ତ ସାମନ୍ତରାୟ ଓ ଅନ୍ୟମାନେ।

## ମହିଳା ମହାସଂଘ ସଭାପତି, ସମ୍ପାଦକଙ୍କୁ ହଟାଇବାକୁ ଦାବି


ଦାବିପତ୍ର ଦେବାକୁ ଆସିଥିବା ସଦସ୍ୟମାନେ।

**ନିମାପଡ଼ା,୩୦।୧୨(ଡି.ଏନ୍.ଏ.)**

ନିମାପଡ଼ା ବ୍ଲକ ସଲଙ୍ଗ ପଞ୍ଚାୟତର ମାତୃକୃପା ମିଶନ ଶକ୍ତି ମହାସଂଘର ଦୀର୍ଘଦିନ ଧରି ବିବାଦ ଲାଗିରହିଛି। ମହାସଂଘର ସଭାନେତ୍ରୀ, ସମ୍ପାଦିକା ବୈଠକ ନ ଡାକିବା, ସଂଘ ଗାଇଡ୍‌ଲାଇନକୁ ଅବମାନନା କରିବା, ମନମୁଖି କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ତେଣୁ ଉଭୟଙ୍କୁ ପଦବୀରୁ ହଟାଇବା ଦାବିରେ ମହାସଂଘର ପ୍ରାୟ ୩୦ଜଣ ସଭ୍ୟା ଓ କାର୍ଯ୍ୟକାରୀ କମିଟି ସଭ୍ୟା ବୁଧବାର ବ୍ଲକ କାର୍ଯ୍ୟାଳୟ ଘେରିଥିଲେ। ମହାସଂଘର ସଭ୍ୟମାନେ ଏ ସମ୍ପର୍କରେ ବିଡିଓ, ବିପିଏମ୍, ଡିପିଏମ୍, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ(ପିଡି)ଙ୍କୁ ଦାବିପତ୍ର ଦେବାସହ ଆଲୋଚନା କରିଥିଲେ। ଆସନ୍ତା ୧୫ଦିନ ମଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ସଦସ୍ୟାମାନେ ରାସ୍ତାକୁ ଓହ୍ଲାଇବେ ବୋଲି ମହାସଂଘର କାର୍ଯ୍ୟକାରୀ କମିଟି ସଭ୍ୟ ଲକ୍ଷ୍ମୀପ୍ରିୟା ବାରିକ, ରଞ୍ଜୁଲତା ବେହେରା, ସୁକୁମାରୀ ଭୋଇ, କୁନ୍ତଳା ସ୍ୱାଇଁ, ସୁଚିତ୍ରା ବାରିକ, କବିତା ସ୍ୱାଇଁ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ ବିଡିଓ ମନୋଜ କୁମାର ବେହେରା ଓ ବିପିଏମ୍ ମଧୁଛଳା ପ୍ରଧାନଙ୍କୁ ପଚାରିବାରେ କହିଛନ୍ତି, ମହାସଂଘର ବିବାଦ ଏବେ ରାଜ୍ୟ ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଛି। ଏହି ମାମଲାରେ ଆମେ ହସ୍ତକ୍ଷେପ କରିପାରିବୁ ନାହିଁ। କୋର୍ଟ ପିଡିଙ୍କୁ ନିର୍ଦ୍ଦେଶ ଦେଇଥିବାବେଳେ ସେ ହିଁ ଯାହା ନିଷ୍ପତ୍ତି ନେବେ ବୋଲି ବିଡିଓ ଓ ବିପିଏମ୍ କହିଛନ୍ତି। ଅନ୍ୟପକ୍ଷେ ମହିଳା ମହାସଂଘରେ ବିବାଦ ଲାଗିରହିଥିବାରୁ ଏବେ ଅଚଳାବସ୍ଥା ଲାଗିରହିଛି। ଫଳରେ ସଭ୍ୟାମାନେ ଆର୍ଥିକ ଅନଟନର ଶିକାର ହେଉଛନ୍ତି।

# ଧଳାଜହର କବଳରେ ପୁରୀ ସହର

**ପର୍ଯ୍ୟଟନ ସହର ପୁରୀ ଏବେ ଧଳାଜହର କବଳରେ। ବାଲେଶ୍ୱର ଓ ଖୋର୍ଦ୍ଧାରୁ ଏଠାକୁ ବ୍ରାଉନସୁଗାର ଆସୁଛି। ବିଶେଷକରି ଯୁବଗୋଷ୍ଠୀ ଓ ମହିଳା ଏହି କାରବାରରେ ଲିପ୍ତ ଥିବା ଜଣାପଡ଼ିଛି। ଜିଲାର ଗାଁ ଗହଳିକୁ ମଧ ଧଳା ଜହର କାରବାରର ଚେର ଲମ୍ବିଲାଣି। ଏହି କାରବାରର ନୂଆ ପେଣ୍ଠସ୍ଥଳୀ ଏବେ ବ୍ରହ୍ମଗିରି ପାଲଟିଛି। ପୋଲିସ କାଁ ଭାଁ ସ୍ଥାନରେ ଚଢ଼ାଉ କରି ବ୍ରାଉନସୁଗାର ଜବତ କରିବା ସହ ବେପାରୀଙ୍କୁ ଧରୁଥିଲେ ମଧ କାର୍ଯ୍ୟାନୁଷ୍ଠାନ ପର୍ଯ୍ୟାପ୍ତ ହେଉ ନ ଥିବା ସାଧାରଣରେ ଆଲୋଚନା ହେଉଛି।**

**ନୂଆ ପେଣ୍ଠସ୍ଥଳୀ ପାଲଟିଛି ବ୍ରହ୍ମଗିରି**

- ଟାଉନ୍ ଥାନା ନିକଟ ମାର୍କେଟ ଛକରେ ଜମୁଛି ବେପାର
- ସୂଚନାଦାତାଙ୍କୁ ପୁରସ୍କାର ଦେବ ପୋଲିସ

**ପୁରୀ ଅଫିସ, ୩୦।୧୨**

କୋଭିଡ୍ ଲକ୍‌ଡାଉନ୍ ପୂର୍ବରୁ ବାଲେଶ୍ୱର ଜିଲା ଜଳେଶ୍ୱରରୁ ପୁରୀକୁ ବ୍ରାଉନସୁଗାର ଆସୁଥିଲା। ଏବେ ଖୋର୍ଦ୍ଧାରୁ ବ୍ରାଉନସୁଗାର ଜୋରଦାର ଚାଲାଣ ହେଉଛି। କୋଭିଡ୍ ସମୟରେ ଏହି କାରବାର ଅଧିକ ହେଉଥିବା ଜଣାପଡ଼ିବା ପରେ ଗତ ମାସ ୭ ଓ ୯ ତାରିଖ ୨ଟି ଘଟଣାରେ କୁମ୍ଭାରପଡ଼ା ଥାନା ପୋଲିସ ମୋଟ ୯ଜଣଙ୍କୁ ଗିରଫ କରିବା ସହ ୫୩୦ ଗ୍ରାମ ବ୍ରାଉସୁଗାର ଜବତ କରିଥିଲା। ଗିରଫ ଅଭିଯୁକ୍ତଙ୍କ ମଧରେ ୨ଜଣ ମହିଳା ଥିଲେ। ଏବେ କେତେଜଣ ଅଭିଯୁକ୍ତ ଜାମିନରେ ଆସି ଖୋଲାରେ ବୁଲିଲେଣି। ଏମାନଙ୍କ ମଧରୁ ଅଧିକାଂଶ ଦେବୀଘାଟଠାରୁ ମଙ୍ଗଳାହାଟ ମଧରେ ରୁହନ୍ତି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପୁରୀ ସହରର ଜଗନ୍ନାଥ ବସ୍ତି, ନରେନ୍ଦ୍ର କୋଣ ଭୋଇସାହି, ଦେବୀଘାଟ, ବାଲିଘାଟ, ପେଣ୍ଠକଟା, ନରେନ୍ଦ୍ରକୋଣ ପରିବା ମାର୍କେଟ ଓ ଖୋଦ୍ ପୁରୀ ସହର ମଝିରେ ଥିବା ମାର୍କେଟ ଛକର ବିଭିନ୍ନ ଦୋକାନରେ ବ୍ରାଉନସୁଗାର ବିକ୍ରି ହେଉଛି। ଏପରି କି ପୁରୀ ଟାଉନ୍ ଥାନାଠାରୁ ୫୦ ମିଟର ଦୂରରେ ଥିବା ଏକ ପାନଦୋକାନରେ ବ୍ରାଉନସୁଗାର ପୁଡ଼ିଆ ବିକ୍ରି ହେଉଛି। ସେହିପରି ଜଗନ୍ନାଥ ବସ୍ତିରେ ବ୍ରାଉନସୁଗାର ପୁଡ଼ିଆ ପାଇଁ ଯୁବଗୋଷ୍ଠୀଙ୍କ ଗହଳି ଲାଗୁଛି। ମାତ୍ର ଏସବୁ ଘଟଣା ପୋଲିସ କିମ୍ବା ଅବକାରୀ ବିଭାଗ ନଜରରେ ପଡୁନାହିଁ। ପେଣ୍ଠକଟା ପେଟ୍ରୋଲ ପମ୍ପ ଗଳି ଓ ଚକ୍ରତୀର୍ଥ ରୋଡସ୍ଥିତ ପିଙ୍କ ହାଉସ୍ ଗଳିରେ ମଧ ଏହି ବେପାର ଚାଲିଛି। ଚକ୍ରତୀର୍ଥ ରୋଡରେ ଏକ ଚାଳିଆ ରହିଛି। ଦୀର୍ଘଦିନ ହେଲା ସେଠାରେ ଗଞ୍ଜେଇ ବିକ୍ରି ଓ ସେବନ ଚାଲୁଥିବାବେଳେ ଏବେ ବ୍ରାଉନସୁଗାର ବେପାର ଜମୁଛି। ପୁରୀରେ ନିଶା କାରବାର କୌଣସି ବଡ଼ ପେଣ୍ଠସ୍ଥଳୀରେ ହେଉନି। ବରଂ କେତେଜଣ ଯୁବକ ଓ ମହିଳା ପୋଲିସକୁ ଚକ୍‌ମା ଦେଇ ବୁଲିବୁଲି ଦିନକୁ ୩ରୁ ୪ଟି ପୁଡ଼ିଆ ବିକୁଛନ୍ତି। ପିକାରେଣ୍ଟୀ କଲୋନୀର ଜଣେ ଯୁବକ ପୁଡ଼ିଆ ପିଛା ୩୮୦ ଟଙ୍କାରେ ବ୍ରାଉନସୁଗାର କିଣି ୬ଶହ ଟଙ୍କାରେ ବିକ୍ରି କରୁଥିବା ଚର୍ଚ୍ଚା ହେଉଛି। ଏହି ତାଲିକାରେ ଜଣେ ଆଇନଜୀବୀଙ୍କ ପୁଅ ମଧ ସାମିଲ ଥିବା ଜଣାପଡ଼ିଛି। ସିଟି ଡିଏସ୍‌ପି କ୍ଷୀରସାଗର ନାୟକଙ୍କ କହିବା ଅନୁଯାୟୀ, ଗତ ୪ ମାସରେ ୩୫ ଜଣଙ୍କୁ ବ୍ରାଉନସୁଗାର ଲିଙ୍କରେ ଗିରଫ କରାଯାଇଛି। ଏମାନଙ୍କଠାରୁ ୭ଶହ ଗ୍ରାମ୍‌ର ବ୍ରାଉନସୁଗାର ଜବତ ହୋଇଛି। ତେବେ ବାସେଳୀସାହି ଓ କୁମ୍ଭାରପଡ଼ା ଥାନା ଅଞ୍ଚଳରେ ସର୍ବାଧିକ ବ୍ରାଉନସୁଗାର ଜବତ କରାଯାଇଛି। ସେହିଭଳି ୮ଶହ ଗ୍ରାମର ଅଫିମ ମଧ ଜବତ ହୋଇଛି। ପୋଲିସର ଏହି ତଥ୍ୟରୁ ପୁରୀ ସହରରେ ବ୍ରାଉନସୁଗାର ବେପାର କେତେ ସକ୍ରିୟ ତାହା ବେଶ୍ ସ୍ପଷ୍ଟ।

ଅନ୍ୟପକ୍ଷରେ ପୁରୀ ସହର ପରେ ଯଦି ବେପାର କେଉଁଠି ଜୋର ହେଉଛି ସେ ସ୍ଥାନ ହେଉଛି ବ୍ରହ୍ମଗିରି। ପୁରୀ ସହରରେ ବ୍ରାଉନସୁଗାର ସରିଗଲେ, ବେପାରୀମାନେ ବ୍ରହ୍ମଗିରି ସହ ସମ୍ପର୍କ କରି ପୁଡ଼ିଆ ଆଣୁଛନ୍ତି। ପେଟ୍ରୋଲପମ୍ପରୁ ସିନେମାହଲ ଛକ ମଧରେ ଏସବୁ କାରବାର ଚାଲିଛି। କୋଠସାହି, ଅଲରାପୁର, ରାୟବିଧାର ଅଞ୍ଚଳର କେତେଜଣ ବ୍ୟକ୍ତି ଗାଁ ଗାଁରେ ଏସବୁ ପହଞ୍ଚାଉଛନ୍ତି। ଦୁଇ ଯୁବକ ବାଇକରେ ସ୍ଥାନୀୟ ବଜାରରେ ପଇନ୍ତରା ମାରୁଛନ୍ତି। ତାଙ୍କ ପାଖକୁ ଲୋକେ ଆସି ପୁଡ଼ିଆ ନେଇ ଯାଉଛନ୍ତି। ଅଲାରପୁର ଅଞ୍ଚଳରୁ ଅନ୍ୟ ଅଞ୍ଚଳକୁ ବ୍ରାଉନସୁଗାର ପଠାଯାଉଥିବା ଶୁଣିବାକୁ ମିଳୁଛି। ବ୍ରହ୍ମଗିରି ଥାନା ଆଇଆଇସି ମନୋଜ କୁମାର ଶତପଥୀଙ୍କୁ ପଚାରିବାରେ କହିଛନ୍ତି, ନିକଟ ଅତୀତରେ ଦୁଇ ଅଭିଯୁକ୍ତଙ୍କୁ ବ୍ରାଉନସୁଗାର ଲିଙ୍କ୍‌ରେ କୋର୍ଟଚାଲାଣ କରିଛୁ। ଏ ସଂକ୍ରାନ୍ତରେ ତନାଘନା ଜାରି ରହିବ। ସେହିପରି ପୁରୀ ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି ଯେ, ବ୍ରାଉନ ସୁଗାର କାରବାରକୁ ଗୁରୁତ୍ୱର ସହ ନିଆଯାଉଛି। ଗତ ଦିନରେ ପୁରୀରେ ବ୍ରାଉନସୁଗାର ଲିଙ୍କରେ ଥିବା ଅନେକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଏବେ ବି ଖବର ପାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଓ ଅନୁସନ୍ଧାନ ଜାରି ରହିଛି। ଆଗାମୀ ଦିନରେ ଏହାକୁ ଆହୁରି ବ୍ୟାପକ କରାଯିବ। ସାଧାରଣ ଲୋକେ ପୋଲିସକୁ ଏହି ପ୍ରସଙ୍ଗରେ ସହଯୋଗ କରନ୍ତୁ। ଡ୍ରଗ୍ସ ଲିଙ୍କ ଥିବା ନେଇ ସୂଚନା ଦେଲେ ଜିଲା ପ୍ରଶାସନ ତରଫରୁ ପୁରସ୍କାର ରାଶି ମଧ ଦିଆଯିବ। ଏକ ନିଶାମୁକ୍ତ ପୁରୀ ପ୍ରୟାସରେ ଆମେ ସର୍ବଦା ରହିଛୁ ବୋଲି ସିଂ କହିଛନ୍ତି।